# ଧରିତ୍ରୀ
DHARITRI

ବାଲେଶ୍ୱର, ସୋମବାର, ଫେବୃୟାରୀ ୧୪/୨୦୨୨ (୧୬ ପୃଷ୍ଠା) | Balasore, Monday, February 14/2022 | ★★★★

୪୮ଶ ଭାଗ ୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଫିଲ୍ମ ଇଣ୍ଡଷ୍ଟ୍ରି ଛାଡିବାକୁ ଚାହୁଁଥିଲେ ରଶ୍ମିକା**

ଅଭିନେତ୍ରୀ ରଶ୍ମିକା ମନ୍ଦାନା ଏକଦା ଫିଲ୍ମ ଇଣ୍ଡଷ୍ଟ୍ରି ଛାଡ଼ିବାକୁ ଚାହୁଁଥିଲେ ବୋଲି ଏକ ସାକ୍ଷାତକାରରେ କହିଛନ୍ତି।

୧୪

୧୬

**ଅରିଫଙ୍କୁ ୪୫ତମ ସ୍ଥାନ**

ୱିଣ୍ଟର ଅଲିମ୍ପିକ୍ସରେ ଭାରତର ଏକମାତ୍ର ପ୍ରତିଯୋଗୀ ଅରିଫ ଖାନ୍ ଜିଆଣ୍ଟ ସ୍ଲାଲମ ଇଭେଣ୍ଟରେ ୪୫ତମ ସ୍ଥାନ ଅଧିକାର କରିଛନ୍ତି।



# କିଏ ସତ, କିଏ ମିଛ

**ତଥାଗତ ସତପଥୀ**

ଓଡ଼ିଶାରେ ବିଧାନ ପରିଷଦ ଗଠନ ପାଇଁ ରାଜ୍ୟ ବିଧାନସଭାରେ ୨୦୧୮ରେ ଏକ ସଂକଳ୍ପ ଗୃହୀତ ହୋଇଥିଲା। ଏହା ପରେ ତାହାକୁ ଲୋକ ସଭା ଓ ରାଜ୍ୟ ସଭାର ସେକ୍ରେଟାରି ଜେନେରାଲ, ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ସଚିବଙ୍କ ନିକଟକୁ ପଠାଯାଇଥିବା କୁହାଯାଉଛି। ନିୟମ ଅନୁଯାୟୀ, ଲୋକ ସଭା ଓ ରାଜ୍ୟ ସଭାରେ ଏହା ଗୃହୀତ ହେବା ପରେ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ଯିବାର ସାମ୍ବିଧାନିକ ବ୍ୟବସ୍ଥା ରହିଛି। ଦେଖିଲାବେଳକୁ ଓଡ଼ିଶାର ବିଧାନ ପରିଷଦ ଗଠନ ସଂକ୍ରାନ୍ତ ପ୍ରସ୍ତାବ ଏ ଯାଏ କେନ୍ଦ୍ର ନିକଟରେ ପହଞ୍ଚି ନାହିଁ ବୋଲି ଗତ ସପ୍ତାହରେ କେନ୍ଦ୍ର ଆଇନ ମନ୍ତ୍ରୀ କିରେନ୍ ରିଜିଜୁ କହିବା ପରେ 'କିଏ ସତ, କିଏ ମିଛ' କହୁଛନ୍ତି, ତାହାକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ଓଡ଼ିଶା ବିଧାନସଭା ବାଚସ୍ପତି ଓ ଶାସକ ଦଳର ନେତାମାନେ ପ୍ରସ୍ତାବ ପଠାଯାଇଛି ବୋଲି କହୁଥିଲେ ମଧ୍ୟ ଘଟଣା ରହସ୍ୟମୁକ୍ତ ହେଉନାହିଁ।

ଓଡ଼ିଶାର ପ୍ରସ୍ତାବିତ ବିଧାନ ପରିଷଦରେ ୪୯ ଜଣ ସଦସ୍ୟ ରହିବାର ବ୍ୟବସ୍ଥା କରାଯାଇଛି। ଯଦି ଦେଶର ଅନ୍ୟାନ୍ୟ ପ୍ରାନ୍ତର କଥା ଦେଖାଯାଏ, ଏବେ ଉତ୍ତରପ୍ରଦେଶ, ବିହାର, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ କର୍ନାଟକରେ ବିଧାନ ପରିଷଦ ରହିଛି। ପଶ୍ଚିମବଙ୍ଗ ଓ ଓଡ଼ିଶା ସମେତ ଆଉ କିଛି ରାଜ୍ୟ ଏଭଳି ପରିଷଦ ଗଠନ ଲାଗି କେନ୍ଦ୍ରକୁ ଚିଠି ଲେଖିଥିବା କୁହାଯାଉଛି। ଏମିତି ଦେଖିଲେ ପ୍ରଦେଶଗୁଡ଼ିକରେ ବିଧାନ ପରିଷଦର ଆବଶ୍ୟକତାକୁ ବହୁ ଦିଗରୁ ବିରୋଧ କରାଯାଉଛି। ଏପରି ବିଧାନ ପରିଷଦରେ ରାଜନୈତିକ ବ୍ୟକ୍ତିଙ୍କୁ ଥଇଥାନ କରାଯାଉଥିବାରୁ କରଦାତାଙ୍କ ଅର୍ଥ ଅପଚୟ ହେଉଛି ବୋଲି ବିତର୍କରେ ଭାଗ ନେଉଥିବା ବର୍ଗ ବାରମ୍ବାର ଯୁକ୍ତି ବାଢ଼ିଥାଆନ୍ତି। କୌତୂହଳର ବିଷୟ ହେଉଛି ଯେ, ଅବସରପ୍ରାପ୍ତ ବିଚାରପତି ଏବଂ ସରକାରୀ ଅଧିକାରୀ ଯେତେବେଳେ ମାନବ ଅଧିକାର କମିଶନ ଅଧ୍ୟକ୍ଷ, ରିଜର୍ଭ ବ୍ୟାଙ୍କର ଗଭର୍ନର, ସୂଚନା କମିଶନର, ଏନ୍‌ଜିଟିର ଚେୟାରମ୍ୟାନ୍ କିମ୍ବା ନିର୍ବାଚନ ଆୟୋଗର କମିଶନର ଭଳି ଅନେକ ପଦବୀରେ ପୁନଃ ନିଯୁକ୍ତି ପାଇଥାନ୍ତି, ସେତେବେଳେ କାହାରି ନାହି ଡିଏଁ ନାହିଁ। ଏହିସବୁ ଅବସରପ୍ରାପ୍ତ ବ୍ୟକ୍ତିମାନେ ସରକାରଙ୍କ ସମ୍ପୂର୍ଣ୍ଣ ଗୋଡ଼ାଣିଆ ହୋଇ ଦେଶର ପ୍ରବଳ କ୍ଷତି କରୁଥିବାର ଅନେକ ପ୍ରମାଣ ଦେଖିବାକୁ ମିଳେ। କିନ୍ତୁ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଶକ୍ତିଶାଳୀ କଲାବେଳେ ସମସ୍ତଙ୍କୁ ବାଧୁଥିବା ଭଳି ମନେହୁଏ। ଏଠାରେ ସେହି ଦିଗ ଆଡୁ ଦୃଷ୍ଟି ହଟାଇ ଯଦି ଓଡ଼ିଶା ବିଧାନ ପରିଷଦ ସଂକ୍ରାନ୍ତ ପ୍ରସ୍ତାବ ଉପରେ ନଜର ଦେବା, ତାହାହେଲେ ରିଜିଜୁ ଭୁଲ୍ କହୁଛନ୍ତି ନା ରାଜ୍ୟ ସରକାର ପ୍ରସ୍ତାବ ପଠାଇବାରେ ଅବହେଳା କରିଛନ୍ତି; ହୋଇଯାଇଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ସହଯୋଗୀ ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର-ରାଜ୍ୟ ସମ୍ପର୍କ ସର୍ବଦା ପ୍ରାଧାନ୍ୟ ଲାଭ କରିଥାଏ। ଓଡ଼ିଶାର ଲୋକ ପ୍ରତିନିଧିମାନେ କହୁଛନ୍ତି, ଆଇନ ମନ୍ତ୍ରଣାଳୟକୁ ଏ ସଂକ୍ରାନ୍ତ ପ୍ରସ୍ତାବ ପଠାଯାଇଛି। ଅନ୍ୟପକ୍ଷରେ କେନ୍ଦ୍ର ତାହାକୁ ଅସ୍ୱୀକାର କରୁଥିବାରୁ ଓଡ଼ିଶା ସରକାର ପ୍ରେରଣ କରିଥିବା କାଗଜପତ୍ର ଓ ଇ-ମେଲ୍‌ଗୁଡ଼ିକର ପ୍ରମାଣ ଦେବା ଦରକାର। ଅଥଚ ଏଠାକାର ଲୋକ ପ୍ରତିନିଧି ଆଉ ଗୋଟିଏ କାର୍ଯ୍ୟରେ ବ୍ୟସ୍ତ ଥିବା ଭଳି ମନେହେଉଛି। ଗତ ସପ୍ତାହରେ ଓଡ଼ିଶା ହାଇକୋର୍ଟର ଇଂଲିଶ୍ ବନାନ ପରିବର୍ତ୍ତନ ପ୍ରସ୍ତାବ ଉଠାଇଥିଲେ ବିଜେଡି ସାଂସଦ। ଯେହେତୁ ରାଜ୍ୟର ନାମ ଇଂଲିଶ ଅକ୍ଷରରେ Odisha ହୋଇଗଲାଣି, ତେଣୁ ଓଡ଼ିଶା ହାଇକୋର୍ଟର ଇଂଲିଶ ବନାନ Orissa ପରିବର୍ତ୍ତେ Odisha କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ଦେଖିବାକୁ ଗଲେ ରାଜ୍ୟବାସୀ ଓଡ଼ିଶା ହାଇକୋର୍ଟ ମୂଳରୁ କହି ଆସୁଛନ୍ତି। କାରଣ ଓଡ଼ିଆ ବନାନରେ ଓଡ଼ିଶାର ନାମ 'ଓରିଶା' ଲେଖାଯାଉ ନ ଥିଲା। ଏହି ଇଂଲିଶ୍ ବନାନ ପରିବର୍ତ୍ତନ କରିଦିଆଗଲେ ରାଜ୍ୟବାସୀଙ୍କୁ କେଉଁ ପ୍ରକାରର ନ୍ୟାୟ ସମ୍ବନ୍ଧୀୟ ସୁବିଧା ମିଳିବ, ତାହା ବୁଝିବା କଷ୍ଟକର। ଯଦି ଦେଖାଯାଏ ଦେଶର ଅନ୍ୟାନ୍ୟ ପ୍ରାନ୍ତର ଯେଉଁଠାରେ ରାଜ୍ୟ ଓ ମହାନଗରଗୁଡ଼ିକର ନାମ ପରିବର୍ତ୍ତନ କରାଯାଇଛି, ସେସବୁଠାରେ ହାଇକୋର୍ଟ ନାମକୁ ଅପରିବର୍ତ୍ତିତ ରଖାଯାଇଛି। ଉଦାହରଣ ସ୍ୱରୂପ, କାଲ୍‌କାଟା, ବମ୍ବେ ଓ ମାଡ୍ରାସ ହାଇକୋର୍ଟ ପୂର୍ବଭଳି ତାହାର ନାମ ବଜାୟ ରଖିଛନ୍ତି।

ଏ ଦେଶରେ ଐତିହ୍ୟ ଓ ଇତିହାସ ସହ ଜଡ଼ିତ ନାମ, ସ୍ଥାନ, କୀର୍ତ୍ତିସ୍ତମ୍ଭଗୁଡ଼ିକୁ ବଦଳାଇବାର ଗୋଟେ ବିକୃତ ମାନସିକତା କାହିଁକି କେତେକଙ୍କୁ ଘାରିଛି, ଆଲୋଚନା କଲେ ଆଶ୍ଚର୍ଯ୍ୟ ଲାଗେ। ପୁରୁଣା ସ୍ଥାନ ଓ ବସ୍ତୁ ସହିତ ଲୋକଙ୍କର ଗୋଟେ ଆବେଗ ଜଡ଼ିତ ଥାଏ। ଅବଶ୍ୟ ଅନେକ କୁହାଳିଆ ଓଡ଼ିଆ ଏବେ ହଠାତ୍ ରାଜ୍ୟର ନାମ ଇଂଲିଶ୍ ବନାନ ପରିବର୍ତ୍ତନ ଦ୍ୱାରା ବିହ୍ୱଳିତ ହୋଇଯାଇଛନ୍ତି। ଯେଉଁମାନେ ଆଇନ ପାଠ ପଢ଼ିଛନ୍ତି ସେମାନେ ତାଙ୍କର ବ୍ୟକ୍ତିଗତ ଅଭିଜ୍ଞତାକୁ ମନେ ପକାଇଲେ ହୃଦ୍‌ବୋଧ କରିବେ ଯେ, ଯେଉଁସବୁ ଗୁରୁତ୍ୱପୂର୍ଣ୍ଣ ରାୟ ପଢ଼ିବାର ସୁଯୋଗ ପାଇଥିବେ ମୁଖ୍ୟତଃ ଅନ୍ୟ ରାଜ୍ୟ ହାଇକୋର୍ଟର ହୋଇଥିବ। କ୍ୱଚିତ୍ ଐତିହାସିକ ରୂପରେ ଓଡ଼ିଶା ହାଇକୋର୍ଟର କୌଣସି ରାୟ ଆଇନ ପାଠ୍ୟପୁସ୍ତକରେ ଦେଖିବାକୁ ମିଳିଥାଏ। ଯେତେବେଳେ ଦେଶର ଅନ୍ୟସବୁ ଗୁରୁତ୍ୱପୂର୍ଣ୍ଣ ହାଇକୋର୍ଟ ସେମାନଙ୍କ ନାମ ପରିବର୍ତ୍ତନ କରିନାହାନ୍ତି, ସେଥିରେ ରାଜନେତାମାନଙ୍କର ହସ୍ତକ୍ଷେପ କରିବାର ଆବଶ୍ୟକତା ଉଠୁନାହିଁ। ଯଦି ହାଇକୋର୍ଟର ମୁଖ୍ୟ ବିଚାରପତି, ଅନ୍ୟାନ୍ୟ ବିଚାରପତି ଓ ରାଜ୍ୟର ଓକିଲ ସଂଘଗୁଡ଼ିକ ଏକତ୍ରିତ ହୋଇ ବନାନ ପରିବର୍ତ୍ତନ କରିବାକୁ ସଂକଳ୍ପ ନିଅନ୍ତି, ତେବେ ତାହା ଉପରେ ଆଲୋଚନା ଯଥାର୍ଥ ହୋଇପାରେ।

# ୬୦ ଲକ୍ଷ ନିଯୁକ୍ତି କେଉଁଠୁ ଆସିବ

## କେନ୍ଦ୍ରକୁ ବିରୋଧୀଙ୍କ ପ୍ରଶ୍ନ

**ନୂଆଦିଲ୍ଲୀ, ୧୩।୨**

୨୦୧୩-୧୪ରେ ଗୁଜରାଟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦ୍ରରେ କ୍ଷମତାସୀନ ହେଲେ ବର୍ଷକୁ ୨ କୋଟି ନିଯୁକ୍ତି ଦିଆଯିବ ବୋଲି ଭାଜପାର ନିର୍ବାଚନୀ ସଭାଗୁଡ଼ିକରେ ଘୋଷଣା କରିଚାଲିଥିଲେ। ୨୦୧୪ ମେ'ରେ ସରକାର ଗଠନ କରିବା ପରେ ମୋଦିଙ୍କ ନିଯୁକ୍ତି ପ୍ରତିଶ୍ରୁତିର ସଂଖ୍ୟା ହଠାତ୍ ୧ କୋଟିକୁ ଖସିଯାଇଥିଲା। ତେବେ ଆସନ୍ତା ୫ ବର୍ଷ ମଧ୍ୟରେ ସରକାର ୬୦ ଲକ୍ଷ ନିଯୁକ୍ତି ଦେବେ ବୋଲି ଗତ



ଫେବୃୟାରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଲୋକ ସଭାରେ ୨୦୨୨-୨୩ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ ବେଳେ ବକ୍ତବ୍ୟ ରଖିଥିଲେ। ସରକାର ନିଜ ପୂର୍ବ ପ୍ରତିଶ୍ରୁତି ପାଳନ ପାଇଁ ଅକ୍ଷମତା ପ୍ରକାଶ କରିଥିବା ନିଯୁକ୍ତି ସମ୍ପର୍କିତ ଏହି ନୂଆ ଦାବିରୁ ବୁଝାପଡୁଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟ ଅନୁସାରେ ୨୦୧୨ରେ କାମଧନ୍ଦା ନ ପାଇ ୧,୭୩୧ ଜଣ ଆତ୍ମହତ୍ୟା କରିଥିଲେ। ୨୦୨୦ରେ ବେରୋଜଗାର ଯୋଗୁ ହତାଶ ହୋଇ ଜୀବନ ହାରିଥିବା ଲୋକଙ୍କ ସଂଖ୍ୟା ଦୁଇଗୁଣରୁ ଅଧିକ ଅର୍ଥାତ୍ ୩,୫୪୮କୁ ବୃଦ୍ଧିପାଇଥିଲା। ଦେଶରେ ବେରୋଜଗାରୀ ହାର ୫ ଦଶନ୍ଧିରେ ସର୍ବୋଚ୍ଚ ସ୍ତରକୁ ଉଠିଥିବାବେଳେ କେନ୍ଦ୍ର ସରକାର ୬୦ ଲକ୍ଷ ନିଯୁକ୍ତି ସୁଯୋଗ କିପରି ସୃଷ୍ଟି କରିବେ ତାହା ହେଉଛି ବର୍ତ୍ତମାନ ସବୁଠୁ ବଡ଼ ପ୍ରଶ୍ନ।

ଗତ ଜାନୁୟାରୀ ୨୦ରେ ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଏମ୍‌ଆଇଇ) ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ୨୦୨୧ ଡିସେମ୍ବର ସୁଦ୍ଧା ଭାରତରେ ୫ କୋଟି ୩୦ ଲକ୍ଷ ବେରୋଜଗାରୀ ଥିଲେ। ସେମାନଙ୍କ ମଧ୍ୟରୁ ୭.୯% ଅର୍ଥାତ୍ ୩ କୋଟି ୫୦ ଲକ୍ଷ ନିଯୁକ୍ତି ଆଶାୟୀଙ୍କୁ ଚାକିରି ଅତି ଜରୁରୀ ଥିବା ସିଏମ୍‌ଆଇଇ ଦର୍ଶାଇଥିଲା। ଆଶାୟୀଙ୍କ ମଧ୍ୟରୁ ୨୩% ଅର୍ଥାତ୍ ୮୦ ଲକ୍ଷ ହେଉଛନ୍ତି ମହିଳା। ଏହି ପରିସଂଖ୍ୟାନ କର୍ମକ୍ଷେତ୍ରରେ ମହିଳାଙ୍କୁ ନିଯୁକ୍ତି ପ୍ରଦାନରେ ଉଦାସୀନତାର ଚିତ୍ରକୁ ସାମ୍ନାକୁ ଆଣିଛି। ତେବେ ବେକାରି ସମସ୍ୟା ପାଇଁ କେବଳ କୋଭିଡ୍ ମହାମାରୀଜନିତ ଲକ୍‌ଡାଉନ୍ ଉପରେ ଦୋଷ ଲଦି ଦିଆଯାଇପାରିବ ନାହିଁ। କାରଣ ୨୦୧୯ ମାର୍ଚ୍ଚରେ କରୋନା ଭୂତାଣୁ ଭାରତକୁ ମାଡ଼ିବା ପୂର୍ବରୁ ଦେଶରେ ଏହି ସମସ୍ୟା ଜଟିଳ ରୂପ ଧାରଣ କରିସାରିଥିଲା। ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ (ଏନ୍‌ଏସ୍‌ଏସ୍‌ଓ) ପକ୍ଷରୁ ୨୦୧୯ ମେ'ରେ ପ୍ରକାଶିତ ରିପୋର୍ଟ

☞ପୃଷ୍ଠା-୪




# ଆଜି ୩ ରାଜ୍ୟର ୧୬୫ ଆସନରେ ଭୋଟ

## ଗୋଆ ୪୦, ଉତ୍ତରାଖଣ୍ଡ ୭୦, ୟୁପିର ୫୫

**ପଣଜୀ/ଡେରାଡୁନ୍/ଲକ୍ଷ୍ନୌ,୧୩।୨**

ସୋମବାର ଗୋଆ ଓ ଉତ୍ତରାଖଣ୍ଡରେ ବିଧାନସଭା ନିର୍ବାଚନ ହେବ। ଏଥିସହ ଉତ୍ତର ପ୍ରଦେଶର ୫୫ ଆସନରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ କରାଯିବ। ବିରୋଧୀ କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ୩ ରାଜ୍ୟରେ କ୍ଷମତାସୀନ ଭାଜପା ସରକାରଙ୍କ ନୀତିକୁ ନେଇ ସମାଲୋଚନା କରୁଥିବାବେଳେ ଏହି ନିର୍ବାଚନକୁ ମୋଦି ସରକାରଙ୍କ ଲୋକପ୍ରିୟତାର ଅସଲ ଅଗ୍ନିପରୀକ୍ଷା ବୋଲି କୁହାଯାଉଛି।

ଗୋଆ ବିଧାନସଭାର ୪୦, ଉତ୍ତରାଖଣ୍ଡର ୭୦ ଏବଂ ୟୁପିର ୫୫ ଆସନରେ ସୋମବାର ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ହେବ। ଭୋଟରମାନେ ଗୋଆରେ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଓ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ସହ ୟୁପିର ଜେଲରେ ଥାଇ ନିର୍ବାଚନ ଲଢୁଥିବା ସମାଜବାଦୀ ପାର୍ଟି (ଏସ୍‌ପି) ନେତା ଆଜମ୍ ଖାନ୍‌ଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ। ଗୋଆରେ ୧୧ ଲକ୍ଷ ଭୋଟର ୩୦୧ ପ୍ରାର୍ଥୀଙ୍କ ମଧ୍ୟରୁ ନିଜ ନିଜ ପ୍ରତିନିଧି ବାଛିବେ। ଉତ୍ତରାଖଣ୍ଡରେ ମଇଦାନକୁ ଓହ୍ଲାଇଥିବା ୬୩୨ ପ୍ରାର୍ଥୀଙ୍କ ଭାଗ୍ୟ ୧୧,୬୯୭ ପୋଲିଂ ବୁଥ୍‌ରେ ସ୍ଥିର କରିବେ ୮୧ ଲକ୍ଷ ମତଦାତା। ୨୦୦୦ରେ ଉତ୍ତରାଖଣ୍ଡ ଗଠନ ହେବା ପରେ ଏହା ହେଉଛି ପଞ୍ଚମ ବିଧାନସଭା ନିର୍ବାଚନ। ଏଠାରେ ଧାମିଙ୍କ ସହ ତାଙ୍କ


ଯୋଗୀ ଆଦିତ୍ୟନାଥ


ପ୍ରମୋଦ ସାୱନ୍ତ


ପୁଷ୍କର ସିଂ ଧାମି

କ୍ୟାବିନେଟ ସହଯୋଗୀ ସତପାଲ ସିଂ ମହାରାଜ, ସୁବୋଧ ଉନିୟାଲ, ଅରବିନ୍ଦ ପାଣ୍ଡେ, ଧନ ସିଂ ରାୱତ୍‌ଙ୍କ ଭାଗ୍ୟ ମଧ୍ୟ ଇଭିଏମ୍‌ରେ ସିଲ୍ ହୋଇଯିବ। ସେହିପରି କଂଗ୍ରେସରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ହରିଶ ରାୱତ୍, ପିସିସି ସଭାପତି ଗଣେଶ ଗୋଡ଼ିୟାଲ ଏବଂ ବିରୋଧୀ ଦଳ ନେତା ପ୍ରୀତମ୍ ସିଂ ମଧ୍ୟ ମଇଦାନରେ ଅଛନ୍ତି।

ପାରମ୍ପରିକ ଭାବେ ଏହି ଦୁଇ ରାଜ୍ୟରେ କଂଗ୍ରେସ ଓ ଭାଜପା ପାଳିକରି ଶାସନ କରିଥାଆନ୍ତି। କିନ୍ତୁ ଏଥର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଏଏପି ନୂଆକରି ଭାଗ୍ୟ ପରୀକ୍ଷା ପାଇଁ ମଇଦାନରେ ଅବତୀର୍ଣ୍ଣ ହୋଇଛି। ସେହିପରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମଧ୍ୟ ପ୍ରଥମ ଥର ଗୋଆକୁ ବଳ କଷିବାକୁ ଯାଇଛି। ଏଠାରେ କଂଗ୍ରେସ ଏବଂ ଗୋଆ ଫରୱାର୍ଡ ପାର୍ଟି ମେଣ୍ଟ କରିଛନ୍ତି। ଗୋଆରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ପୁଅ ଉତ୍ପଳ ପାରିକର ସ୍ୱାଧୀନ ଭାବେ ଲଢୁଥିବାବେଳେ ଏଏପିର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଅମିତ୍ ପାଲେକରଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ହେଉଛି ଉତ୍ତର ପ୍ରଦେଶ, ଯେଉଁଠି ୫୫ ଆସନରେ ୫୮୬ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୟୁପିର ସାହରନପୁର, ବିଜ୍‌ନୋର, ମୋରଦାବାଦ, ସମ୍ଭଲ, ରାମପୁର, ଆମ୍‌ରୋହା, ବଦାୟୁଁ ବରେଲି ଏବଂ ଶାହଜାହାନପୁର ଜିଲାର ମତଦାତା ଆଗାମୀ ୫ ବର୍ଷ ପାଇଁ ନିଜ ଅଞ୍ଚଳର ପ୍ରତିନିଧି ବାଛିବେ। ୨୦୧୭ ନିର୍ବାଚନରେ ୟୁପିର ଏହି ୫୫ ଆସନରୁ ଭାଜପାକୁ ୩୮, ଏସ୍‌ପି ୧୫ ଏବଂ କଂଗ୍ରେସକୁ ୨ ଆସନରେ ସଫଳତା ମିଳିଥିଲା। ଏସ୍‌ପିର ୧୫ରୁ ୧୦ ଆସନରେ ଜିତିଥିବା ପ୍ରାର୍ଥୀ ହେଉଛନ୍ତି ମୁସଲମାନ।

# ପ୍ରଚାର ବେଳେ କେନ୍ଦୁଝର ରାଜାଙ୍କୁ ବିରୋଧ


ବିରୋଧ ପ୍ରଦର୍ଶନ କରୁଥିବା ବିଜେଡି ସମର୍ଥକ।

**କେନ୍ଦୁଝର,୧୩।୨(ସ୍ୱ.ପ୍ର.)**

କେନ୍ଦୁଝର ରାଜା ଧନଞ୍ଜୟ ଭଞ୍ଜଦେଓ ଏବଂ ରାଣୀ ସୁନନ୍ଦିନୀ ଭଞ୍ଜଦେଓ ରବିବାର ବାଂଶପାଳ ବ୍ଲକ ଦଅଁଳା ଗ୍ରାମକୁ ନିର୍ବାଚନ ପ୍ରଚାରରେ ଯାଇଥିବା ବେଳେ ସ୍ଥାନୀୟ ବିଜେଡି ସମର୍ଥକ ବିରୋଧ କରିବା ଚର୍ଚ୍ଚାର ବିଷୟ ହୋଇଛି। ଭାଜପା ପ୍ରାର୍ଥୀଙ୍କ ସହ ରାଣୀ ରାଜା ଉକ୍ତ ଗ୍ରାମରେ ପହଞ୍ଚିବା କ୍ଷଣି ବିରୋଧ ପ୍ରଦର୍ଶନ କରାଯାଇଥିଲା। ପୂର୍ବରୁ କେବେ ଆସୁନ, ଏବେ ନିର୍ବାଚନ ସମୟରେ ନିର୍ଦ୍ଦିଷ୍ଟ ଦଳର ପ୍ରଚାର କରିବାକୁ କାହିଁକି ଆସୁଛ ବୋଲି କହି ସ୍ଥାନୀୟ ଲୋକେ ସେମାନଙ୍କୁ ଗାଁରେ ପୂରାଇ ଦେଇ ନ ଥିଲେ। ଫଳରେ ସେମାନଙ୍କୁ ହଟହଟା ହେବାକୁ ପଡ଼ିଥିଲା। ରାଜା ରାଣୀ ହିସାବରେ ଆସିଲେ ଆମେ ସ୍ୱାଗତ କରିବୁ ବୋଲି କହିବା ସହ ଲୋକେ ନାରାବାଜି କରିଥିଲେ।

ଏ ନେଇ ସଦର ବିଧାୟକ ମୋହନ ମାଝିଙ୍କୁ ପଚାରିବାରୁ ବିଜେଡ଼ି କର୍ମୀମାନେ ଈର୍ଷାନ୍ୱିତ ହୋଇ ରାଣୀ ରାଜାଙ୍କୁ ବିରୋଧ କରିଥିଲେ। ଏ ନେଇ ସେ ଏସ୍‌ପିଙ୍କୁ ଜଣାଇଥିବା କହିଛନ୍ତି। ବିଜେଡି ରାଜ୍ୟ ଯୁବ ଉପସଭାପତି ସୌମ୍ୟ ଶଙ୍କର ଚକ୍ର କୁହନ୍ତି ଏଥିରେ ବିଜେଡିର କୌଣସି ସମ୍ପୃକ୍ତି ନାହିଁ। ଏହା ସ୍ଥାନୀୟ ଲୋକଙ୍କ ସ୍ୱତଃପ୍ରବୃତ୍ତ ପ୍ରତିକ୍ରିୟା ଥିଲା। ଶୁଆକାଟି ଫାଣ୍ଡି ଅଧିକାରୀ ସରୋଜ ମୁଦୁଲିଙ୍କୁ ପଚାରିବାରୁ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ବୋଲି କହିଛନ୍ତି।

# ବିଜେଡି ପ୍ରାର୍ଥୀଙ୍କ ଲାଗି ପ୍ରଚାର କଲେ ଅଭିନେତ୍ରୀ ବର୍ଷା


ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ପ୍ରଚାର କରୁଛନ୍ତି।

**ଭଦ୍ରକ ଅଫିସ, ୧୩।୨**

ଭଦ୍ରକ ଜିଲା ସଦର ବ୍ଲକରେ ଆସନ୍ତା ୧୬ ତାରିଖରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରାର୍ଥୀମାନଙ୍କ ପ୍ରଚାର ଜୋର୍‌ଦାର ଚାଲିଛି। ରବିବାର ଓଲିଉଡ୍ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ବିଜେଡି ପ୍ରାର୍ଥୀମାନଙ୍କ ପାଇଁ ନିର୍ବାଚନ ପ୍ରଚାର କରିଛନ୍ତି। ସେ ବ୍ରହ୍ମପୁର ପଞ୍ଚାୟତରେ ୨୮ ନଂ. ଜୋନ୍‌ର ବିଜେଡି ଜିଲା ପରିଷଦ ପ୍ରାର୍ଥୀ ପୂର୍ଣ୍ଣଶଶୀ ପାଣିଗ୍ରାହୀଙ୍କ ସହ ବିଭିନ୍ନ ସାହିକୁ ଖୋଲାଗାଡ଼ିରେ ଯାଇ ଭୋଟ୍ ପ୍ରଚାର କରିଛନ୍ତି। ରାଜ୍ୟ ସରକାର କିପରି ଗରିବ ଲୋକଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିଛନ୍ତି ସେ ବିଷୟରେ ଭୋଟରମାନଙ୍କୁ କହିଥିଲେ। ବିକାଶ ପାଇଁ ଆଗାମୀ ନିର୍ବାଚନରେ ବିଜେଡି ପ୍ରାର୍ଥୀମାନଙ୍କୁ ଭୋଟ୍ ଦେବା ଲାଗି ଭୋଟରଙ୍କୁ ଅନୁରୋଧ କରିଥିଲେ।

# ଏନ୍‌ଜିଓ ଜରିଆରେ ଅର୍ଥ କାରବାର କରୁଛି ଶାସକ ଦଳ

**ଭୁବନେଶ୍ୱର, ୧୩।୨(ବ୍ୟୁରୋ)**

## ନିର୍ବାଚନ କମିଶନଙ୍କୁ ଭେଟିଲା ଭାଜପା


ନିର୍ବାଚନ କମିଶନରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରୁଥିବା ଭାଜପା ନେତୃବୃନ୍ଦ।

ଏନ୍‌ଜିଓ (ବେସରକାରୀ ସଂସ୍ଥା)ଗୁଡ଼ିକ ପକ୍ଷଭୁକ୍ତ ହୋଇ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପାଇଁ ପ୍ରଚାର କରିବା ଆଇନ ବିରୋଧୀ ଏବଂ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ। ଶାସନ କ୍ଷମତାର ଅପବ୍ୟବହାର କରି ସରକାରୀ କର୍ମଚାରୀଙ୍କୁ ଦଳୀୟ ପ୍ରଚାରରେ ନିୟୋଜିତ କରୁଥିବା ଶାସକ ଦଳ ବର୍ତ୍ତମାନ ବିଭିନ୍ନ ଏନ୍‌ଜିଓ ଜରିଆରେ ଭୋଟରଙ୍କୁ ପ୍ରଭାବିତ କରୁଛନ୍ତି ବୋଲି ଭାଜପାର ଏକ ପ୍ରତିନିଧି ଦଳ ରବିବାର ନିର୍ବାଚନ କମିଶନଙ୍କୁ ଭେଟି ଅଭିଯୋଗ କରିଛି।

ଭାଜପା ଅଭିଯୋଗ ଅନୁଯାୟୀ, ନିର୍ବାଚନ ସମୟରେ କୌଣସି ପ୍ରକାରର ନିଯୁକ୍ତି ବିଜ୍ଞାପନ ପ୍ରକାଶ କରାଯିବା ଉପରେ ରୋକ ଥିବା ସତ୍ତ୍ୱେ ନିଯୁକ୍ତି ବିଜ୍ଞାପନ ପ୍ରକାଶ କରିବା ସମ୍ପୂର୍ଣ୍ଣ ଆଇନ ବିରୋଧୀ। ଏହାଦ୍ୱାରା ନିର୍ବାଚନ ଆଚରଣବିଧିର ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଏହାପରେ ମଧ୍ୟ ବିଜେଡି ବିଧାୟକ ଏବଂ ତାଙ୍କ ସମ୍ପର୍କୀୟମାନେ ଭୋଟରଙ୍କୁ ଅର୍ଥଲୋଭ ଦେଇ ପ୍ରଭାବିତ କରିବା ଅତ୍ୟନ୍ତ ଲଜ୍ଜାଜନକ ଓ ସୁସ୍ଥ ଗଣତନ୍ତ୍ର ପ୍ରତି କୁଠାରାଘାତ ସହ ସମାନ। କ୍ଷମତାକୁ ଜାବୁଡ଼ି ଧରିବା ପାଇଁ ଏଭଳି ଆଇନ ବିରୋଧୀ ଓ ଗଣତନ୍ତ୍ର ବିରୋଧୀ କାର୍ଯ୍ୟ କରି ଭୋଟରଙ୍କୁ ପ୍ରବଞ୍ଚନା କରିବା ଶାସକ ବିଜେଡିର ଅଭ୍ୟାସ ପାଲଟିଛି। ରାଜ୍ୟ ନିର୍ବାଚନ କମିଶନ ଶାସକ ବିଜେଡିର ଏଭଳି ଆଇନ ବିରୋଧୀ ଓ ଅଗଣତାନ୍ତ୍ରିକ କାର୍ଯ୍ୟ ଉପରେ ରୋକ ଲଗାଇବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି।

# ଭାଜପା ଜିଲା ପରିଷଦ ପ୍ରାର୍ଥୀଙ୍କ ନାଁରେ ମାମଲା

**କେନ୍ଦୁଝର/ହାଟଡ଼ିହୀ, ୧୩।୨(ସ୍ୱ.ପ୍ର./ଡି.ଏନ.ଏ.)**

## ପ୍ରାର୍ଥିପତ୍ରରେ ମିଥ୍ୟା ସତ୍ୟପାଠ

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ ୩୪ନଂ. ଜୋନ୍‌ରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଭାଜପା ଜିଲା ପରିଷଦ ପ୍ରାର୍ଥୀ ବିବେକାନନ୍ଦ ରାଉତଙ୍କ ବିରୋଧରେ ମିଥ୍ୟା ସତ୍ୟପାଠ ଦାଖଲ ନେଇ ଆନନ୍ଦପୁର ଥାନାରେ ମାମଲା ଦାଏର ହୋଇଛି। ଉପଖଣ୍ଡ ନିର୍ବାଚନ ଅଧିକାରୀ ତଥା ଆନନ୍ଦପୁର ଉପଜିଲାପାଳ ଗୋପୀନାଥ କୁଅଁରଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା(ନଂ.୩୨/୨୨) ରୁଜୁ କରିଛି।

ଅଭିଯୋଗ ଅନୁଯାୟୀ, ଗତ ୨୦୦୭ରେ ବିବେକାନନ୍ଦଙ୍କ ବିରୋଧରେ ସୋସୋ ଥାନାରେ ଏକ ଫୌଜଦାରୀ ମାମଲା(ନଂ.୪୯/୨୦୦୭) ରୁଜୁ ହୋଇଥିଲା। ଏଥିରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ମାତ୍ର ଚଳିତ ନିର୍ବାଚନରେ ପ୍ରାର୍ଥିପତ୍ର ଦାଖଲ ସମୟରେ ସେ ନିଜର ସତ୍ୟପାଠରେ ଉକ୍ତ ମାମଲାରେ ନିର୍ଦ୍ଦୋଷ ଥିବା ଦର୍ଶାଇଛନ୍ତି। ଯାହାକୁ ନେଇ ପ୍ରତିପକ୍ଷ ବିଜେଡି ଜିଲା ପରିଷଦ ପ୍ରାର୍ଥୀ ସୋମନାଥ ଦାସ ଆପତ୍ତି କରିଥିଲେ। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜାଣି ନିର୍ବାଚନ ଅଧିକାରୀ ବିବେକାନନ୍ଦଙ୍କ ବିରୋଧରେ ଥାନାରେ ଏତଲା ଦେଇଥିଲେ। ଏ ସଂକ୍ରାନ୍ତରେ ବିବେକାନନ୍ଦଙ୍କୁ ପଚାରିବାରୁ ଏହା ତାଙ୍କ ବିରୋଧରେ ଏକ ମିଥ୍ୟା ଅଭିଯୋଗ। ଉକ୍ତ ମାମଲାରେ ସେ ଜରିମାନା ଦେଇନାହାନ୍ତି କିମ୍ବା ଜେଲ୍ ଯାଇନାହାନ୍ତି ବୋଲି କହିଛନ୍ତି।

# ଭାଜପାରୁ ୫ ବହିଷ୍କୃତ

**ଭୁବନେଶ୍ୱର, ୧୩।୨(ବ୍ୟୁରୋ)**

ଭାଜପାର ଜିଲା ସଭାପତିମାନଙ୍କ ସୁପାରିସ ଏବଂ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ଦଳ ବିରୋଧୀ କାର୍ଯ୍ୟ ଲାଗି ଦଳରୁ କେତେଜଣଙ୍କୁ ବହିଷ୍କୃତ କରାଯାଇଛି। କିଛିଦିନ ତଳେ ଦଳ ତରଫରୁ ପୁରୀ ଜିଲାର କେତେଜଣ ଏବଂ ଅନ୍ୟ ଜିଲାର କାର୍ଯ୍ୟକର୍ତ୍ତାଙ୍କୁ ମଧ୍ୟ ଦଳୀୟ ଅନୁଶାସନ ଭଙ୍ଗ ଅଭିଯୋଗରେ ବହିଷ୍କୃତ କରାଯାଇଥିଲା। ରବିବାର ଦଳ ତରଫରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇ ଦଳୀୟ ଅନୁଶାସନ ଭଙ୍ଗ କାରଣରୁ ଭଦ୍ରକର ରାମଚନ୍ଦ୍ର ଦାସ, ଜୟରାମ ମୁଦୁଲି, ସୁବାସ ମୁଦୁଲି ଏବଂ ପ୍ରତାପ ଦାସଙ୍କୁ ଦଳରୁ ବହିଷ୍କୃତ କରାଯାଇଛି। ସେହିପରି ସମାନ ଅଭିଯୋଗ ଦର୍ଶାଇ ଗଞ୍ଜାମ ଜିଲା ଘୁମୁସୁରର ନିରଞ୍ଜନ ସ୍ୱାଇଁଙ୍କୁ ମଧ୍ୟ ଦଳ ବହିଷ୍କୃତ କରିଛି।

# ଦଳ ବିରୋଧୀ କାର୍ଯ୍ୟ: ବିଜେଡିର ୩ ନେତା ଦଳରୁ ବହିଷ୍କୃତ

**ବାଲେଶ୍ୱର ଅଫିସ,୧୩।୨:** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସମୟ ପାଖେଇ ଆସୁଥିବା ବେଳେ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡି ସଦର ବ୍ଲକ ସଭାପତି ବସନ୍ତ କୁମାର ପଣ୍ଡା ୩ଜଣ ଛାମୁଆ ନେତାଙ୍କୁ ବହିଷ୍କୃତ କରିଛନ୍ତି। ଏହାର ଏକ ନକଲ ବିଜେଡି ଜିଲା ସଭାପତି ରବୀନ୍ଦ୍ର କୁମାର ଜେନା, ଜିଲା ପର୍ଯ୍ୟବେକ୍ଷକ ପ୍ରତାପ କେଶରୀ ଦେବ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପ୍ରେରଣ କରାଯାଇଥିବା ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି। ବାଲେଶ୍ୱର ସଦର ବ୍ଲକ କଷାଫଳ ପଞ୍ଚାୟତର ବିଜୟ କୁମାର ଭୂୟାଁ ଓ ଅନୀତା ଭୂୟାଁ ଦୀର୍ଘଦିନ ଧରି ଦଳରେ କାର୍ଯ୍ୟ କରୁଥିଲେ ମଧ୍ୟ ଚଳିତ ପଞ୍ଚାୟତ ନିର୍ବାଚନରେ ଦଳ ଦ୍ୱାରା ମନୋନୀତ ପ୍ରାର୍ଥୀମାନଙ୍କ ବିରୋଧରେ କାର୍ଯ୍ୟ କରୁଥିବା ପ୍ରମାଣ ହୋଇଥିଲା। ଅନ୍ୟପକ୍ଷରେ ଦୁବଲାଗଡ଼ି ପଞ୍ଚାୟତର ଶୈଳବାଳା ଜେନା ମଧ୍ୟ ଦଳର ମନୋନୀତ ପ୍ରାର୍ଥୀଙ୍କ ବିରୋଧରେ କାର୍ଯ୍ୟ କରୁଥିବା ଦେଖାଦେଇଥିବାରୁ ଦଳ ପକ୍ଷରୁ ବହିଷ୍କୃତ ଭଳି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ୪୮ ଘଣ୍ଟା ପ୍ରଚାର କରିପାରିବେନି ପ୍ରମିଳା

**ଯାଜପୁର ଅଫିସ/ ବିଞ୍ଝାରପୁର(ଡି.ଏନ.ଏ.),୧୩।୨**

## ଭୋଟରଙ୍କ ଉପରେ ଚାପ ପକାଇବା ଘଟଣା

- କଟକଣା ଲଗାଇଲେ ରାଜ୍ୟ ନିର୍ବାଚନ କମିଶନ
- ୫୭ ଘଣ୍ଟାର ସୁଯୋଗ ଦିଆଯିବା ନେଇ ପ୍ରଶ୍ନ ଉଠାଇଲା ଭାଜପା


ବିଧାୟିକା ପ୍ରମିଳା ମଲ୍ଲିକ

ପ୍ରଚାର ବେଳେ ଭୋଟରଙ୍କ ଉପରେ ଚାପ ପକାଇ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି। ଏହା ପ୍ରମାଣିତ ହେବା ପରେ ରାଜ୍ୟ ନିର୍ବାଚନ କମିଶନ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ତଦନୁଯାୟୀ ସୋମବାର ପୂର୍ବାହ୍ନ ୧୦ଟାରୁ ୪୮ ଘଣ୍ଟା ପର୍ଯ୍ୟନ୍ତ ବିଧାୟିକା ମଲ୍ଲିକ ପ୍ରଚାର କରି ପାରିବେ ନାହିଁ। ଏହି ସମୟ ଅବଧି ମଧ୍ୟରେ ସେ ଟିଭି, ଖବରକାଗଜରେ କିମ୍ବା କୌଣସି ସର୍ବସାଧାରଣ ସ୍ଥାନରେ ସାକ୍ଷାତ୍‌କାର ଦେଇପାରିବେ ନାହିଁ। ରାଜ୍ୟର ଅନ୍ୟ କୌଣସି ସ୍ଥାନରେ ମଧ୍ୟ ପ୍ରଚାର କରିପାରିବେ ନାହିଁ ବୋଲି ନିର୍ବାଚନ କମିଶନ ନିର୍ଦ୍ଦେଶ ଜାରି କରିଛନ୍ତି। ଏହାକୁ ବିରୋଧୀ ଦଳ ନେତୃବୃନ୍ଦ ସ୍ୱାଗତ କରିଥିଲେ ମଧ୍ୟ ହାଲୁକା କାର୍ଯ୍ୟାନୁଷ୍ଠାନ ବୋଲି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେହିପରି କାର୍ଯ୍ୟାନୁଷ୍ଠାନ ଦିନେ ହେଲେ ବି ଶାସକ ବିଜେଡିର ଜଣେ ବରିଷ୍ଠ ନେତ୍ରୀଙ୍କ ଏଭଳି ଆଚରଣ ଗ୍ରହଣୀୟ ନୁହେଁ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। ଏହି କାର୍ଯ୍ୟାନୁଷ୍ଠାନ ଜିଲାର ବିଜେଡିର ଭାବମୂର୍ତ୍ତି ଉପରେ ପ୍ରଭାବ ପକାଇବ ବୋଲି ମଧ୍ୟ ଆଲୋଚନା ହେଉଛି।

ଆସନ୍ତା ୨୦ ତାରିଖରେ ବିଞ୍ଝାରପୁର ବ୍ଲକରେ ତୃତୀୟ ପର୍ଯ୍ୟାୟ ମତଦାନ ହେବ। ତେବେ ନିର୍ବାଚନ କମିଶନ ବିଧାୟିକାଙ୍କ ବିରୋଧରେ ଆସନ୍ତା ୧୬ରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ମତଦାନ ପର୍ଯ୍ୟନ୍ତ ଏହି କଟକଣା ଲାଗୁ କରିଛନ୍ତି। ତେଣୁ ବିଞ୍ଝାରପୁର ବ୍ଲକ ପାଇଁ ଏହି କଟକଣା କୌଣସି କାର୍ଯ୍ୟରେ ଲାଗିବ ନାହିଁ ବୋଲି କୁହାଯାଉଛି। ବିଞ୍ଝାରପୁର ବ୍ଲକ ସମେତ ଦଶରଥପୁର ବ୍ଲକର ୧୫ଟି ଗ୍ରାମ ପଞ୍ଚାୟତକୁ ନେଇ ସଂରକ୍ଷିତ ବିଞ୍ଝାରପୁର ବିଧାନସଭା ନିର୍ବାଚନମଣ୍ଡଳୀ ଗଠିତ। ୨୦୦୦ରୁ ଏଠାରେ ବିଜେଡି ବାଜିମାତ କରିଆସୁଛି। ତେବେ ୨୦୧୭ ପଞ୍ଚାୟତ ନିର୍ବାଚନରେ ଭାଜପା ଅପ୍ରତ୍ୟାଶିତ ଭାବେ ୪୩% ଭୋଟ ହାତେଇବା ସହ ୨୭ ନମ୍ବର ଜିଲା ପରିଷଦ ଜୋନରେ ବିଜୟୀ ହୋଇଥିଲା। ଏହି କାରଣରୁ ଚଳିତ ନିର୍ବାଚନରେ ବିଜେଡି ସାମାନ୍ୟ ବିଚଳିତ ରହିଥିବା ଦେଖାଯାଇଛି। କଳେବଳେ କୌଶଳେ ଭୋଟରଙ୍କୁ ନିଜ ସପକ୍ଷରେ ଭୋଟ ଦେବାକୁ ନେତାମାନେ ଲାଗି ପଡ଼ିଛନ୍ତି। ଏହିକ୍ରମରେ ବିଞ୍ଝାରପୁର ବ୍ଲକ ଅଳକୁଣ୍ଡ ପଞ୍ଚାୟତର ଅଳକୁଣ୍ଡ ଗ୍ରାମରେ ଗତ ୯ ତାରିଖରେ ବିଜେଡି ପକ୍ଷରୁ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟିକା ମଲ୍ଲିକ ଯୋଗଦେଇ ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଗଣେଶ ସାହୁଙ୍କୁ ମାଛ ଚିହ୍ନରେ ଓ ଜିଲା ପରିଷଦ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଆପଣମାନେ ଯଦି ଆଉ କାହାକୁ ଭୋଟ ଦେବେ, କିଏ କ'ଣ ନେଇଗଲା, ଇନ୍ଦିରା ଆବାସ ନ ହେଲା, ଗୁହାଳ ନ ହେଲା, ରାସ୍ତା ନ ହେଲା, ଚାଉଳ ନ ହେଲା ସେହି କଥା ମୋତେ ଆଉ କହିବେ ନାହିଁ ବୋଲି ସେ ସଭାରେ କହିଥିଲେ। ଏ ନେଇ ଅଭିଯୋଗ ହେବା ପରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଗତ ୧୧ ତାରିଖରେ ବିଧାୟିକା ମଲ୍ଲିକଙ୍କୁ ବିଡିଓଙ୍କ ଜରିଆରେ ଜବାବ ତଲବ ନୋଟିସ ଜାରି କରିଥିଲେ। କିନ୍ତୁ ବିଧାୟିକା କୌଣସି ଭୁଲ ହୋଇନାହିଁ ବୋଲି ବିଭିନ୍ନ ଗଣମାଧ୍ୟମରେ ମତାମତ ରଖିଥିଲେ। ରବିବାର ରାଜ୍ୟ ନିର୍ବାଚନ କମିଶନର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ବିଧାୟିକା ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ସ୍ପଷ୍ଟ ହୋଇଛି। ତଥାପି ତାଙ୍କୁ ନିଜ ନିର୍ବାଚନମଣ୍ଡଳୀରେ ପ୍ରଚାର କରିବା ପାଇଁ ୫୭ ଘଣ୍ଟା (୧୬ ତାରିଖ ପୂର୍ବାହ୍ନ ୧୦ଟାରୁ ୧୮ ତାରିଖ ସନ୍ଧ୍ୟା ୭ଟା ଯାଏ)ର ସୁଯୋଗ ରହିଛି, ଯାହାକୁ ନେଇ ଭାଜପା ପ୍ରଶ୍ନ ଉଠାଇଛି। ମାତ୍ର ୪୮ ଘଣ୍ଟା ପାଇଁ କାର୍ଯ୍ୟାନୁଷ୍ଠାନ ଶସ୍ତା ଭଳିଆ ଅନୁଭୂତ ହୋଇଛି ବୋଲି ଭାଜପା ଜିଲା ସଭାପତି ଗୌତମ ରାୟ କହିଛନ୍ତି। ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର କୁହନ୍ତି, ନିର୍ବାଚନ କମିଶନଙ୍କ ନିଷ୍ପତ୍ତି ଉପରେ କିଛି ମତାମତ ଦେଇ ହେବନାହିଁ।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୧,୧୬,୦୫,୩୪୨ | ୫୮,୩୧,୪୭୪ | ୩୩,୧୭,୯୧,୪୫୩ |
| ଭାରତ | ୪,୨୬,୩୧,୪୨୧ | ୫,୦୮,୬୬୫ | ୪,୧୫,୮୫,୭୧୧ |
| ଓଡ଼ିଶା | ୧୨,୭୭,୨୬୨ | ୮୮୮୪(+୫୩) | ୧୨,୫୫,୯୯୫ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ଚିକିତ୍ସାଧୀନ କଏଦୀଙ୍କ ମୃତ୍ୟୁ

**ଫୁଲବାଣୀ ଅଫିସ, ୧୩।୨:** କନ୍ଧମାଳ ଜିଲା କାରାଗାରରେ ଆଜୀବନ ସଜା ଭୋଗୁଥିବା ଜଣେ କଏଦୀଙ୍କର ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ସେ ହେଲେ ଦାରିଙ୍ଗବାଡି ଥାନା ଅନ୍ତର୍ଗତ କାରାମାହା ଗ୍ରାମର କାହ୍ନୁ ଚରଣ ପ୍ରଧାନ(୬୧) । ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଜେଲ ଅଧୀକ୍ଷକ ଶର୍ମିଷ୍ଠା ପୃଷ୍ଟିଙ୍କ ସୂଚନା ଅନୁସାରେ, ୨୦୧୬ ମସିହାରେ କାହ୍ନୁ ଏକ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ ଜେଲ ଭୋଗୁଥିଲେ। ୨୦୧୮ରେ ଜେଲ ଭିତରେ ଅନ୍ୟ ଜଣେ କଏଦୀଙ୍କୁ ମଧ ସେ ହତ୍ୟା କରିଥିଲେ । ଶୁକ୍ରବାର କାହ୍ନୁଚରଣ ଅସୁସ୍ଥ ହେବାରୁ ରାତି ୯ଟାରେ ମେଡିକାଲକୁ ନିଆଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ।

# ନକଲି ଭୋଟର ଧରାପଡ଼ିଲେ ଜେଲ

**ଭୁବନେଶ୍ୱର, ୧୩।୨(ବ୍ୟୁରୋ)**

### ସାବଧାନ କଲେ କମିଶନ

ରାଜ୍ୟରେ ୫ଟି ପର୍ଯ୍ୟାୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବାକୁ ଯାଉଥିବାବେଳେ ନକଲି ଭୋଟରଙ୍କୁ ନିର୍ବାଚନ କମିଶନ ସାବଧାନ କରାଇଛନ୍ତି। ଆସନ୍ତା ୧୬ ତାରିଖରେ ପ୍ରଥମ ପର୍ଯ୍ୟାୟ ଭୋଟ ଅନୁଷ୍ଠିତ ହେବ। ଏଥିଲାଗି କମିଶନଙ୍କ ପକ୍ଷରୁ ସବୁ ଜିଲାପାଳମାନଙ୍କୁ ଭୋଟଗ୍ରହଣ ଏବଂ ଭୋଟଗଣତି ଯେପରି ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହେବ ସେଥିଲାଗି ବାରମ୍ବାର ତାଗିଦ୍ କରାଯାଉଛି। ଯଦି ଭୋଟ ଗ୍ରହଣ ସମୟରେ କେହି ନକଲି ଭୋଟର ବୋଲି ଜଣାପଡ଼ନ୍ତି ତେବେ ସେହି ବ୍ୟକ୍ତିଙ୍କୁ ସଙ୍ଗେସଙ୍ଗେ ପୋଲିସ ଜିମାରେ ଦିଆଯିବ। ଅର୍ଥାତ୍ ପରିଚୟ ପତ୍ର ଭୁଲ୍ ଥିବା ଜଣାପଡ଼ିଲେ ଜେଲ ଦଣ୍ଡ ମିଳିବ। ପ୍ରଥମ ପର୍ଯ୍ୟାୟ ଭୋଟ୍‌କୁ ମାତ୍ର ୨ ଦିନ ଥିବାବେଳେ ଏହାପୂର୍ବରୁ ନିର୍ବାଚନ କମିଶନ ଭୋଟର୍‌ଙ୍କୁ ଏଥିଲାଗି ସତର୍କବାଣୀ ଶୁଣାଇଛନ୍ତି।

ରାଜ୍ୟ ନିର୍ବାଚନ କମିଶନ କହିଛନ୍ତି, ପଞ୍ଚାୟତ ନିର୍ବାଚନରେ ଭୋଟ ଦେବା ପାଇଁ ଭୋଟରଙ୍କ ନାଁ ଭୋଟର ତାଲିକାରେ ଥିବା ଆବଶ୍ୟକ। ତାଙ୍କ ପରିଚୟପତ୍ର ମଧ ଠିକ୍ ଥିବା ଦରକାର। ଯଦି ଭୋଟରଙ୍କ ଉପରେ ପୋଲିଂ ଏଜେଣ୍ଟଙ୍କର କୌଣସି ପ୍ରକାର ସନ୍ଦେହ ହୁଏ ତେବେ ସେ ଚ୍ୟାଲେଞ୍ଜ କରିପାରିବେ। ଏଥିପାଇଁ ପୋଲିଂ ଏଜେଣ୍ଟଙ୍କୁ ପ୍ରିଜାଇଡିଂ ଅଫିସରଙ୍କ ପାଖରେ ୨ ଟଙ୍କା ଦାଖଲ କରିବାକୁ ପଡିବ। ପରେ ପ୍ରିଜାଇଡିଂ ଅଫିସର ସ୍ପଟ ଉପରେ ଯାଞ୍ଚ କରିବେ। ଅଭିଯୋଗ ସତ୍ୟ ବୋଲି ପ୍ରମାଣିତ ହେଲେ ଉକ୍ତ ନକଲି ଭୋଟରଙ୍କୁ ପୋଲିସ ଜିମାରେ ଦିଆଯିବ। ପୋଲିଂ ଏଜେଣ୍ଟ ଦେଇଥିବା ୨ ଟଙ୍କା ଫି'କୁ ମଧ ଫେରାଇ ଦିଆଯିବ। ଅଭିଯୋଗ ମିଛ ପ୍ରମାଣିତ ହେଲେ ଉକ୍ତ ବ୍ୟକ୍ତି ଭୋଟ ଦେଇପାରିବେ ଏବଂ ପୋଲିଂ ଏଜେଣ୍ଟ ଦାଖଲ କରିଥିବା ୨ ଟଙ୍କା ବାଜ୍ୟାପ୍ତି ହେବ। ସେ ଆହୁରି କହିଛନ୍ତି, ଯଦି କୌଣସି ବ୍ୟକ୍ତିଙ୍କ ନାମରେ ଅନ୍ୟ ଜଣେ ଭୋଟ ଦେଇଥିବା ଜଣାପଡ଼େ, ସେଠାରେ ଉକ୍ତ ବ୍ୟକ୍ତିଙ୍କୁ କେବଳ ଟ୍ରେଣ୍ଡେଡ୍ (ଅନ୍ୟଜଣଙ୍କ ପାଇଁ ମତଦାନ) ଭୋଟ ପାଇଁ ଅନୁମତି ମିଳିବ। ମାତ୍ର ଉକ୍ତ ବାଲଟ ପେପରକୁ ଅଲଗା ରଖାଯିବ ଏବଂ ତାଙ୍କ ଭୋଟ୍‌କୁ କାଉଣ୍ଟ କରାଯିବ ନାହିଁ। ପରେ କୋର୍ଟ ନିର୍ଦ୍ଦେଶ ଆସିଲେ ଭୋଟର କାଉଣ୍ଟିଂ ହେବ। ଅନ୍ୟପଟେ ନିର୍ବାଚନ ପରିଚାଳନାରେ ଭାଗ ନେଇଥିବା ପୋଲିଂ ଅଫିସରମାନେ ଭୋଟ ଦେବା ଲାଗି ବ୍ୟବସ୍ଥା ନ ଥିବା ରାଜ୍ୟ ନିର୍ବାଚନ କମିଶନଙ୍କ ଅଧିକାରୀ କହିଛନ୍ତି।

## ଶୁଭ୍ରାଂଶୁଙ୍କୁ ୨୦ ଲକ୍ଷରେ ନେଲା ଚେନ୍ନାଇ ସୁପର କିଙ୍ଗ୍ସ




**ଭୁବନେଶ୍ୱର,(ସ୍ପୋର୍ଟ୍ସ ବ୍ୟୁରୋ)/କେନ୍ଦୁଝର,୧୩।୨(ଡି.ଏନ.ଏ.):** ଓଡ଼ିଶା କ୍ରିକେଟ ପ୍ରେମୀଙ୍କ ପାଇଁ ଏକ ଖୁସି ଖବର । ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୨ ପାଇଁ ଚାଲିଥିବା ଖେଳାଳି ନିଲାମିର ରବିବାର ଦ୍ୱିତୀୟ ଦିବସରେ ଓଡ଼ିଶା କ୍ରିକେଟର ଶୁଭ୍ରାଂଶୁ ସେନାପତିଙ୍କୁ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ୨୦ ଲକ୍ଷ ଟଙ୍କାରେ କ୍ରୟ କରିଛି। ଫଳରେ ବହୁଦିନ ବ୍ୟବଧାନରେ ଓଡ଼ିଶାର ଜଣେ ଖେଳାଳି ଆଇପିଏଲ୍‌ରେ ସ୍ଥାନ ପାଇଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ତାଙ୍କୁ ନିକଟରେ ଚଳିତବର୍ଷ ରଣଜୀ ଟ୍ରଫି ପାଇଁ ଓଡ଼ିଶା ଦଳର ଅଧିନାୟକ ଭାବେ ମନୋନୀତ କରିଛି। ଶୁଭ୍ରାଂଶୁ ନିକଟରେ ଅନୁଷ୍ଠିତ ବିଜୟ ହଜାରେ ଟ୍ରଫିରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ । ସେ ୫ଟି ମ୍ୟାଚରେ ୨୭୫ ରନ ସଂଗ୍ରହ କରିଥିଲେ। ତନ୍ମଧ୍ୟରେ ତାଙ୍କର ଦୁଇଟି ଆକର୍ଷଣୀୟ ଅର୍ଦ୍ଧଶତକ ଏବଂ ଟୁର୍ନାମେଣ୍ଟ ଫେଭରାଇଟ ଦଳ ଆନ୍ଧ୍ର ପ୍ରଦେଶ ବିପକ୍ଷରେ ମ୍ୟାଚ ବିଜୟୀ ୧୧୬ରନ ଅନ୍ୟତମ। ନିକଟରେ ସେ ଚେନ୍ନାଇ ସୁପର କିଙ୍ଗ୍ସ ଫ୍ରାଞ୍ଚାଇଜ୍‌ର ଟ୍ରାଏଲରେ ଭାଗ ନେଇଥିଲେ। ଏହି ଅବସରରେ ଓସିଏ ସଭାପତି ପଙ୍କଜଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଓ ଆସୋସିଏଶନର ଅନ୍ୟ କର୍ମକର୍ତ୍ତାଗଣ ଶୁଭ୍ରାଂଶୁଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଉତ୍ତରୋତ୍ତର ଶୁଭକାମନା କରିଛନ୍ତି।

ସୂଚନାଯୋଗ୍ୟ, ହଲଧର ଦାସ ପ୍ରଥମ କ୍ରିକେଟର ଭାବେ ଓଡ଼ିଶାରୁ ଆଇପିଏଲ୍ ପଦାର୍ପଣ କରିଥିଲେ। ଆଇପିଏଲ୍ ୨୦୦୮ ସଂସ୍କରଣରେ ସେ ଡେକାନ ଚାର୍ଜର୍ସ ତରଫରୁ ଖେଳିଥିଲେ। ଏହାର ୪ବର୍ଷ ପରେ ଏହି ଫ୍ରାଞ୍ଚାଇଜ୍ ଅଲରାଉଣ୍ଡର ବିପ୍ଳବ ସାମନ୍ତରାୟଙ୍କୁ କ୍ରୟ କରିଥିଲା। ଅନ୍ୟ ଜଣେ ଖେଳାଳି ନଟରାଜ ବେହେରା ଏକଦା ସ୍ଥାନୀୟ ଖେଳାଳି ହିସାବରେ କୋଲକାତା ନାଇଟ୍ ରାଇଡର୍ସ ତରଫରୁ ଡକରା ପାଇଥିଲେ ହେଁ ସୁଯୋଗ ପାଇ ନ ଥିଲେ। କେନ୍ଦୁଝର ସହରର ବଡ଼ହଳରେ ଶୁଭ୍ରାଂଶୁଙ୍କ ଘର। ତାଙ୍କ ବାପା ପ୍ରଦୀପ କୁମାର ସେନାପତି ଜଣେ ଶିକ୍ଷକ ହୋଇଥିବା ବେଳେ ମା' ଶୈଳବାଳା ଗୃହିଣୀ । ସାନ ଭାଇ ସୁଧାଂଶୁ ସେନାପତି ମଧ କ୍ରିକେଟ ଖେଳାଳି ଏବଂ ୧୯ ବର୍ଷରୁ କମ୍ ବର୍ଗରେ କ୍ୟାମ୍ପ ଖେଳିବାକୁ ସୁଯୋଗ ପାଇଛନ୍ତି। ବଡ଼ ଭାଇଙ୍କ ଭଳି ରାଜ୍ୟ ଓ ଦେଶ ପାଇଁ ଖେଳିବାକୁ ପ୍ରୟାସ ଜାରି ରଖିଛନ୍ତି। ବଡ଼ ଭଉଣୀ ସୀମା ସେନାପତି ଜଣେ ଶିକ୍ଷୟିତ୍ରୀ। ନିଜର ଉଦ୍ୟମ ଓ ପରିଶ୍ରମ ବଳରେ ଶୁଭ୍ରାଂଶୁ ଏହି ସ୍ଥାନରେ ପହଞ୍ଚି ପାରିଥିବା ତାଙ୍କ ବାପା କହିଛନ୍ତି।

# ଜେଲ ଗଲେ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ

**ଭୁବନେଶ୍ୱର,୧୩।୨(ବ୍ୟୁରୋ)**

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

- ସ୍ତ୍ରୀଙ୍କ ନାମରେ ମାମଲା ରୁଜୁ କଲା ଭିଜିଲାନ୍ସ
- ୭ ସ୍ଥାନରେ ଚଢ଼ାଉରୁ ମିଳିଥିଲା ବହୁ କୋଟିର ସମ୍ପତ୍ତି
- ହୋଇପାରେ ସରକାରୀ କାର୍ଯ୍ୟାନୁଷ୍ଠାନ



କୋଟିପତି ସରକାରୀ ଅଧିକାରୀ ତଥା ସୁନ୍ଦରଗଡ଼ର ଅତିରିକ୍ତ ଜିଲାପାଳ (ଏଡିଏମ୍) ବିଶ୍ୱଜିତ୍ ମହାପାତ୍ରଙ୍କୁ ଶେଷରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରବିବାର ଭିଜିଲାନ୍ସ ଗିରଫ କରିଛି। ପରେ ତାଙ୍କୁ ଭିଜିଲାନ୍ସର ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା। ତେବେ କୋର୍ଟ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି।

ଆସନ୍ତା ୨୮ ତାରିଖରେ ଚାକିରିରୁ ଅବସର ନେଇଥାନ୍ତେ ବିଶ୍ୱଜିତ୍। ତେବେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନେଇ ତାଙ୍କ ବିରୋଧରେ ଏକାଧିକ ଅଭିଯୋଗ ଥିବାରୁ ଭିଜିଲାନ୍ସ କୋର୍ଟର ସ୍ପେଶାଲ ଜଜ୍‌ଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ୭ଟି ଟିମ୍ ସୁନ୍ଦରଗଡ଼, ଖୋର୍ଦ୍ଧା ଓ ଜଗତ୍‌ସିଂହପୁର ଜିଲାର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ଯାଞ୍ଚବେଳେ ବିଶ୍ୱଜିତ୍ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ବହୁ କୋଟିର ସମ୍ପତ୍ତି ମିଳିଥିଲା। ଉକ୍ତ ସମ୍ପତ୍ତି ସଂକ୍ରାନ୍ତରେ ସେମାନେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭିଜିଲାନ୍ସ ଉଭୟଙ୍କ ନାମରେ ମାମଲା (ନଂ.୩/୨୨) ରୁଜୁ କରି ପଦକ୍ଷେପ ଗ୍ରହଣ କରିଛି।

ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର ନହରକଣ୍ଟାରେ ୮୯ ଲକ୍ଷ ଟଙ୍କାର ୨ ମହଲା କୋଠା, ରସୁଲଗଡ଼ରେ ଗୋଟିଏ ଫ୍ଲାଟ୍, ଭୁବନେଶ୍ୱର ଓ ଜଗତ୍‌ସିଂହପୁରରେ ୧୦ଟି ପ୍ଲଟ୍, ସ୍ତ୍ରୀଙ୍କ ନାମରେ ଭୁବନେଶ୍ୱର ବାଲିଅନ୍ତାରେ ଥିବା ସିମେଣ୍ଟ ଗୋଦାମ ଠାବ ହୋଇଛି। ଏଥିସହ ମ୍ୟୁଚୁଆଲ ଫଣ୍ଡ୍ ଓ ଏଫ୍‌ଡି ଆକାରରେ ପ୍ରାୟ ଅଢ଼େଇ କୋଟି ଟଙ୍କା ଜମା ରହିଛି। ଚଢ଼ାଉବେଳେ ଘରୁ ନଗଦ ୩ ଲକ୍ଷ ୫୨ ହଜାର ଟଙ୍କା ସହ ୪୭୦ ଗ୍ରାମର ସୁନା ଅଳଙ୍କାର ମଧ ମିଳିଛି। ଅନ୍ୟପକ୍ଷରେ ତାଙ୍କ ଘରୁ ଜବତ ହୋଇଥିବା କାଗଜପତ୍ରକୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ବ୍ୟାଙ୍କିଙ୍ଗ୍ କନସଲ୍‌ଟାଣ୍ଟ ଏବଂ ଫାଇନାନ୍‌ସିଆଲ ଉଇଂ ଯାଞ୍ଚ ଜାରି ରଖିଛନ୍ତି। ଏଥିସହ ଠାବ ହୋଇଥିବା ପ୍ଲଟ୍ ଓ କୋଠାର ପ୍ରକୃତ ମୂଲ୍ୟର ହିସାବ କରାଯାଉଛି। ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଅନେକ ସନ୍ଦେହଜନକ ଟ୍ରାଞ୍ଜାକ୍ସନ ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ହିସାବ ଜାରି ରହିଥିବାରୁ ଠାବ ହୋଇଥିବା ସମ୍ପତ୍ତି ଓ ଆୟ ବହିର୍ଭୂତ ସମ୍ପତ୍ତିର ପରିମାଣ ସମ୍ପର୍କରେ ଭିଜିଲାନ୍ସ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। କିନ୍ତୁ ବିଶ୍ୱସ୍ତ ସୂତ୍ର ଅନୁସାରେ, ବିଶ୍ୱଜିତ୍‌ଙ୍କ ସମ୍ପତ୍ତିର ମୋଟ ମୂଲ୍ୟ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ବିଶ୍ୱଜିତ୍ ଏତେ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି କିପରି ଠୁଳ କଲେ, ତାହା ସମସ୍ତଙ୍କୁ ଚକିତ କରିଛି। ସରକାରୀ କ୍ଷମତାର ଦୁରୁପଯୋଗ ହୋଇନାହିଁ ତ? ଯଦି ସେ ଏହା ବଳରେ କଳାଟଙ୍କା ଠୁଳ କରିଥିବା ସ୍ପଷ୍ଟ ହେବ, ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ବୋଲି କୁହାଯାଉଛି।

# ସଂକ୍ରମଣ ହାର ୧.୮୨%କୁ ଖସିଲା

**ଭୁବନେଶ୍ୱର, ୧୩।୨(ବ୍ୟୁରୋ)**

### ୪ମାସ ଶିଶୁ ସମେତ ୨୨ ମୃତ

ରାଜ୍ୟରେ ଦିନକୁ ଦିନ କରୋନା ସ୍ଥିତି ସୁଧୁରୁଛି। ଦୈନିକ ସଂକ୍ରମଣ ହାର ତଳକୁ ଖସିବାରେ ଲାଗିଛି। ଗତ ୨୪ ଘଣ୍ଟାରେ ୬୩,୦୩୭ ନମୁନା ପରୀକ୍ଷା କରାଯାଇଥିବାବେଳେ ୧,୧୪୮ଜଣ ପଜିଟିଭ୍ ବାହାରିଛନ୍ତି। ଫଳରେ ସଂକ୍ରମଣ ହାର ୧.୮୨%କୁ ଖସି ଆସିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ୧୫୩ଜଣ ଥିବାବେଳେ ସୁନ୍ଦରଗଡ଼ରୁ ୧୨୭ଜଣ ରହିଛନ୍ତି। ବାକିସବୁ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ଶହେ ତଳକୁ ରହିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୨,୭୭,୨୬୨ରେ ପହଞ୍ଚିଛି। ସେପଟେ ରାଜ୍ୟରେ ଜଣେ ୪ ମାସ ଶିଶୁକନ୍ୟାର କରୋନାରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ବିଭାଗର ସୂଚନାନୁସାରେ, ରାଜ୍ୟରେ ଆଉ ୨୨ଜଣଙ୍କ କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ବାଲେଶ୍ୱରରେ ସର୍ବାଧିକ ୮ଜଣ ରହିଛନ୍ତି। ସେହିଭଳି ସୁନ୍ଦରଗଡ଼ରେ ୪, ଗଞ୍ଜାମ ୩, ଖୋର୍ଦ୍ଧା ୨, ନବରଙ୍ଗପୁର, କେନ୍ଦୁଝର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ ଅନୁଗୋଳରୁ ଜଣେ ଲେଖାଏ ଆକ୍ରାନ୍ତ ଆଖି ବୁଜିଛନ୍ତି। ତେବେ ମୃତ ଶିଶୁକନ୍ୟାଙ୍କ ଘର ଗଞ୍ଜାମ ଜିଲାରେ ଓ ସେ ଅନ୍ୟ କୌଣସି ରୋଗରେ ପୀଡିତ ନ ଥିଲେ। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁସଂଖ୍ୟା ୮,୮୮୪କୁ ବୃଦ୍ଧି ପାଇଛି।

# ବାଇକ୍ ଦୁର୍ଘଟଣାରେ ୨ ମୃତ, ଜଣେ ଗୁରୁତର

**ମାଲକାନଗିରି, ୧୩।୨ (ଡି.ଏନ.ଏ.)**

ମାଲକାନଗିରି ଜିଲା ଜୟପୁର-ମାଲକାନଗିରି ମୁଖ୍ୟ ରାସ୍ତା ନାୟକଗୁଡାଠାରେ ରବିବାର ଅପରାହ୍ନରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇ ୨ଜଣଙ୍କ ମୃତ୍ୟୁ ହୋଇଛି। ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ରାମ କୁଡୁକୁ ଏବଂ ଗୌରବ ଭୂମିଆ। ଗୁରୁତର ଆହତଙ୍କୁ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରରୁ ଜଣାପଡିଛି, ମାଲକାନଗିରି ଥାନା ଅନ୍ତର୍ଗତ ମୁଦୁଲିଗୁଡା ଗ୍ରାମର ରାମ କୁଡୁକୁ ଏବଂ ଏମଭି-୯୩ ଗ୍ରାମର ନିଳକମଲ ସରକାର ଭୋଜି ଖାଇ ନିଜ ଗ୍ରାମକୁ ଫେରୁଥିବା ବେଳେ ନାୟକଗୁଡାଠାରେ ବିପରୀତ ଦିଗରୁ ଆସୁଥିବା ସମରଥଗୁଡା ଗ୍ରାମର ଗୌରବ ଭୂମିଆଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସମସ୍ତେ ଗୁରୁତର ଆହତ ହୋଇ ରାସ୍ତା ପାର୍ଶ୍ୱକୁ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ରାମ ଏବଂ ଗୌରବଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ନିଳକମଲଙ୍କୁ କୋରାପୁଟ ପଠାଇଥିଲେ। ଖବରପାଇ ଘଟଣା ସ୍ଥଳରେ ମାଲକାନଗିରି ଆଇଆଇସି ରିଗାନ କିଣ୍ଡ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା (୬୯/୨୨) ରୁଜୁ ହୋଇଥିବା ଆଇଆଇସି କିଣ୍ଡ କହିଛନ୍ତି।

# ଆଜି ଖୋଲିବ ପ୍ରଥମରୁ ସପ୍ତମ ଶ୍ରେଣୀ

**ଭୁବନେଶ୍ୱର, ୧୩।୨(ବ୍ୟୁରୋ)**

### ୨୮ରୁ ସ୍କୁଲ ଯିବେ ପିଲା

ସାରା ରାଜ୍ୟରେ ସୋମବାରଠାରୁ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲିବ। ହେଲେ ଏବେ ଛାତ୍ରୀଛାତ୍ରମାନେ ସ୍କୁଲ ଯିବେ ନାହିଁ। କେବଳ ଶିକ୍ଷକ ଓ କର୍ମଚାରୀ ସ୍କୁଲକୁ ଯାଇ ଶ୍ରେଣୀକକ୍ଷ, ପରିସର ସଫେଇ ସହ ଅନ୍ୟାନ୍ୟ କାର୍ଯ୍ୟ ତଦାରଖ କରିବେ। ତେବେ ଆସନ୍ତା ୨୮ ତାରିଖରୁ ପିଲାମାନେ ସ୍କୁଲ୍ ଯାଇ ଶ୍ରେଣୀ ଗୃହରେ ବସି ପାଠପଢ଼ିବେ।

କରୋନା ଯୋଗୁ ଦୀର୍ଘ ଦୁଇବର୍ଷ ହେବ ପ୍ରାଥମିକ ପିଲାମାନେ ସ୍କୁଲ ମାଟି ମାଡ଼ି ନାହାନ୍ତି। ଜାନୁୟାରୀ ୩ରୁ ସେମାନଙ୍କ ପାଇଁ ସ୍କୁଲ ଖୋଲିବାକୁ ସରକାର ନିଷ୍ପତ୍ତି ନେଇଥିଲେ। କିନ୍ତୁ କରୋନାର ତୃତୀୟ ଲହର ପ୍ରଭାବ ଯୋଗୁ ନିଷ୍ପତ୍ତିକୁ ସ୍ଥଗିତ ରଖାଯାଇଥିଲା। ଏଥିସହ ଏହା ପୂର୍ବରୁ ଚାଲିଥିବା ବାକି ସବୁ ଶ୍ରେଣୀ ପାଠପଢ଼ାକୁ ବି ବନ୍ଦ କରି ଦିଆଯାଇଥିଲା। ତେବେ ତୃତୀୟ ଲହର ପ୍ରଭାବ କମିବା ପରେ ସରକାର ଶିକ୍ଷାନୁଷ୍ଠାନ ଖୋଲିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି କ୍ରମରେ ଗତ ୭ ତାରିଖରୁ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲିବା ସହିତ କଲେଜ ଓ ବିଶ୍ୱବିଦ୍ୟାଳୟ ମଧ ଖୋଲିସାରିଛି। ସେହିଭଳି ୧୪ ତାରିଖରୁ ପ୍ରଥମରୁ ସପ୍ତମ ଶ୍ରେଣୀ ଖୋଲିବ ବୋଲି ମଧ ଘୋଷଣା ହୋଇଥିଲା। କିନ୍ତୁ ଦୀର୍ଘଦିନ ଧରି ସ୍କୁଲଗୁଡ଼ିକ ବନ୍ଦ ଥିବାରୁ ଏହାକୁ ସଫାସୁତୁରା କରିବା ପାଇଁ ସମୟ ଦରକାର। ସ୍କୁଲ ପରିସର ସ୍ୱଚ୍ଛ ଓ ମରାମତି ପାଇଁ ଜିଲାପାଳମାନେ ସମୟ ମାଗିଛନ୍ତି। ଏଥିସହିତ ଭୋଟ୍ ପାଇଁ ଶିକ୍ଷକ ଓ ସ୍କୁଲ କର୍ମଚାରୀଙ୍କ ନିର୍ବାଚନ ଡ୍ୟୁଟି ପଡ଼ିଛି। ସେମାନେ ପ୍ରଶିକ୍ଷଣ ନେବା ପାଇଁ ଯିବେ। ଅଧିକାଂଶ ସ୍କୁଲ୍‌ରେ ମଧ ବୁଥ୍ ହେବାକୁ ଯାଉଛି। ତେଣୁ ପିଲାଙ୍କ ଅଫ୍‌ଲାଇନ୍ କ୍ଲାସ୍ ଘୁଞ୍ଚାଇବାକୁ ଜିଲାପାଳମାନେ ଅନୁରୋଧ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀଗୃହ ପାଠପଢ଼ା ୨୮ରୁ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ଅନ୍‌ଲାଇନ୍ କ୍ଲାସ୍ ଜାରି ରହିବ ବୋଲି କୁହାଯାଇଛି।

# ଟ୍ରକ ପଛରେ ପିଟି ହେଲା ଭ୍ୟାନ, ୪ ମୃତ

**ଫୁଲବାଣୀ ଅଫିସ, ୧୩।୨**

- ଭୋଜିଖାଇ ଫେରିବା ବେଳେ ଦୁର୍ଘଟଣା
- ଝିଅ, ପୁଅଙ୍କୁ ହରାଇଲେ ମା'




କନ୍ଧମାଳ ଜିଲା ଫୁଲବାଣୀ ସଦର ଥାନା ଅନ୍ତର୍ଗତ ଫୁଲବାଣୀ-ବ୍ରହ୍ମପୁର ରାସ୍ତା ବଇଡ଼ା ଲାହାବାଡିଠାରେ ଶନିବାର ବିଳମ୍ବିତ ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଶନିବାର ମଧ ରାତିରେ ଭୋଜିଖାଇ ଫେରିବା ବେଳେ ଏକ ଟ୍ରକ ପଛରେ ମାରୁତି ଭ୍ୟାନ ପିଟି ହେବାରୁ ୪ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଅନ୍ୟ ୪ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ମୃତକମାନେ ହେଲେ ଗୁମାଗଡ ଗାଡିଶୁଗା ଗ୍ରାମର ରୋଜାଲିନ ଦିଗାଲ(୧୨), ଭଗିଆ ଦିଗାଲ(୧୦), ଡ୍ରାଇଭର ଶଙ୍କରାଖୋଲର ରବି ପ୍ରଧାନ ଓ ତାଙ୍କ ସାଙ୍ଗ ପୂର୍ଣ୍ଣଚନ୍ଦ୍ର ମିଶ୍ର (୪୨)। ରୋଜାଲିନ ଓ ଭଗିଆ ଦୁଇ ଭଉଣୀ ଭାଇ ବୋଲି ଜଣାପଡିଛି। ଗୁରୁତର ଆହତ ସୁଦେଷ୍ଣା ଦିଗାଲ(୧୦), ଜଜ୍ ଦିଗାଲ(୧୦) ଓ ରାକେଶ ଦିଗାଲ(୩୩)ଙ୍କୁ ଫୁଲବାଣୀ ମୁଖ୍ୟ ଡାକ୍ତରଖାନାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁଇ ପିଲାଙ୍କୁ ହରାଇ ମା' ଦିପିକାଙ୍କ ଆଖିରୁ ଲୁହ ଶୁଖୁନି।

ମିଳିଥିବା ସୂଚନା ଅନୁଯାୟୀ, ବାଡିଶୁଗା ଗ୍ରାମରୁ ୮ଜଣ ଏକ ମାରୁତି ଭ୍ୟାନରେ ତାଳପଡା ଗ୍ରାମକୁ ଜନ୍ମଦିନ ଭୋଜିରେ ଯୋଗଦେବାକୁ ଯାଇଥିଲେ। ଭୋଜି ଖାଇସାରି ସେମାନେ ରାତିରେ ଫେରୁଥିଲେ। ରାତିପ୍ରାୟ ୧୨ଟାରେ ଗାଡିଚାଳକ କୌଣସି କାରଣରୁ ଭାରସାମ୍ୟ ହରାଇବାରୁ ଭ୍ୟାନଟି ଆଗରେ ଯାଉଥିବା ଏକ ଟ୍ରକ ପଛରେ ପିଟି ହୋଇଥିଲା। ଫଳରେ ଭ୍ୟାନ ଚୂରମାର ହୋଇଯାଇଥିଲା। ସେ ସମୟରେ ଉକ୍ତ ରାସ୍ତାରେ ଯାଉଥିବା କେହି ବ୍ୟକ୍ତି ଦୁର୍ଘଟଣା ସମ୍ପର୍କରେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ କର୍ମଚାରୀ ପହଞ୍ଚି ମୃତାହତମାନଙ୍କୁ ଉଦ୍ଧାରକରି ଫୁଲବାଣୀ ମେଡିକାଲକୁ ଆଣିଥିଲେ। ଅଗ୍ନିଶମ ବାହିନୀ ସହାୟତାରେ ଗାଡିରେ ଥିବା ମୃତଦେହକୁ ପୋଲିସ ବାହାର କରିଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ଘଟଣାର ଅଧିକ ତଦନ୍ତ କରୁଛି।



**ଆଜିର ମନ୍ତବ୍ୟ**

"ବ୍ୟାଙ୍କ ଜାଲିଆତିରେ ସମ୍ପୃକ୍ତ ବ୍ୟବସାୟୀମାନଙ୍କ ପାଇଁ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର 'ଲୁଟ୍ ଆଣ୍ଡ୍ ଏସ୍କେପ୍' ଯୋଜନା ଚଳାଇଛନ୍ତି। **-ରଣଦୀପ୍ ସୁର୍ଜେୱାଲା, କଂଗ୍ରେସ ମୁଖ୍ୟ ମୁଖପାତ୍ର**


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ରାଣୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରଥମ ପର୍ଯ୍ୟାୟ ପାଇଁ ଆଜି ପ୍ରଚାର ଶେଷ

**ଭୁବନେଶ୍ୱର, ୧୩।୨(ବ୍ୟୁରୋ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସକାଶେ ଅବଗଣନା ଆରମ୍ଭ ହୋଇଯାଇଛି। ୨ ଦିନ ପରେ ଅର୍ଥାତ୍ ବୁଧବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ଜନସାଧାରଣ ସେମାନଙ୍କ ମତ ସାବ୍ୟସ୍ତ କରିବେ। ନିଜ ମନପସନ୍ଦ ପ୍ରାର୍ଥୀଙ୍କୁ ସେମାନେ ୫ ବର୍ଷ ପରେ ବାଛିବାର ଆଉ ଏକ ସୁଯୋଗ ପାଇଛନ୍ତି, ତେଣୁ ସେଥିପ୍ରତି ଏବେ ରାଜ୍ୟ ରାଜନୀତି ଉଠୁଚି ପଡୁଚି। ଏଥିଲାଗି ସମସ୍ତ ପ୍ରସ୍ତୁତି ମଧ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିସାରିଛି। ଆସନ୍ତା ୧୬ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୩୦ ଜିଲାର ୭୧ ବ୍ଲକ୍ ଅନ୍ତର୍ଗତ ୨୦୨ ଜିଲା ପରିଷଦ ଜୋନ୍‌ର ୧୬୬୯ ପଞ୍ଚାୟତରେ ନିର୍ବାଚନ ଅନୁଷ୍ଠିତ ହେବ। ମତଦାନର ୩୬ ଘଣ୍ଟା ପୂର୍ବରୁ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବାକୁ ଥିବା ଅଞ୍ଚଳ ଲାଗି ସୋମବାର ସନ୍ଧ୍ୟାରୁ ପ୍ରଚାର ବନ୍ଦ ହେବ। ବାହାରୁ ଯାଇ ଡେରା ପକାଇଥିବା ନେତାମାନେ ସେହି ଏରିଆ ଛାଡ଼ିବେ। ଗୋଟିଏ ନିର୍ବାଚନମଣ୍ଡଳୀ ମଧ୍ୟରେ ବାହାର ନିର୍ବାଚନମଣ୍ଡଳୀର ଭୋଟର କିମ୍ବା ନିର୍ବାଚନ ପ୍ରଚାର କାର୍ଯ୍ୟରେ ନିୟୋଜିତ ଥିବା ରାଜନୈତିକ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହିପାରିବେ ନାହିଁ ବୋଲି ନିର୍ବାଚନ କମିଶନ କହିସାରିଛନ୍ତି। ମତଦାନ ଲାଗି ସୋମବାରଠାରୁ ପୋଲିଂ ଅଧିକାରୀମାନେ ମଧ୍ୟ ମତଦାନ କେନ୍ଦ୍ର ଅଭିମୁଖେ ଗସ୍ତ କରିବେ। ପ୍ରଥମ ପର୍ଯ୍ୟାୟରେ ୧୧ ଜିଲା ଯଥା-

### ୧୧ ଜିଲାକୁ ଆଜି ଯିବେ ପୋଲିଂ ପାର୍ଟି

ବାଲେଶ୍ୱର, ଭଦ୍ରକ, ଖୋର୍ଦ୍ଧା, ନୟାଗଡ଼, ପୁରୀ, ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, ରାୟଗଡ଼ା ଓ କୋରାପୁଟକୁ ପୋଲିଂ ଅଧିକାରୀମାନେ ଗସ୍ତ କରିବେ। ମଙ୍ଗଳବାର ବାକି ୧୯ଟି ଜିଲାକୁ ଅଧିକାରୀମାନେ ଯିବେ।

ଅନ୍ୟପକ୍ଷରେ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ଅଞ୍ଚଳ ଲାଗି ଜୋରସୋରରେ ପ୍ରଚାର ଚାଲିଛି। ପ୍ରାର୍ଥୀମାନେ ଘରକୁ ଘର ବୁଲି ଭୋଟ୍ ଭିକ୍ଷା କରିବା ସହ ବିଭିନ୍ନ ପ୍ରତିଶ୍ରୁତି ଦେଉଛନ୍ତି। ଏହାସହ ବାଇକ୍ ରାଲି ଓ ଶୋଭାଯାତ୍ରା କରି ଭୋଟରଙ୍କ ନିକଟତର ହେବାକୁ ଚେଷ୍ଟା କରାଯାଉଛି। ପ୍ରଥମ ପର୍ଯ୍ୟାୟ ପ୍ରଚାରର ଶେଷ ସୁଯୋଗ ଥିବାରୁ ପ୍ରାର୍ଥୀମାନେ ଦିନରାତି ଏକ କରିଦେଇଛନ୍ତି। ସୂଚନାଯୋଗ୍ୟ, ୧୬ ତାରିଖରୁ ୫ଟି ପର୍ଯ୍ୟାୟରେ ଦିନେ ଛଡ଼ା ଦିନେ ପଞ୍ଚାୟତ ଭୋଟ୍ ଗ୍ରହଣ ହେବ। ଏଥିପାଇଁ ବୁଥ୍‌ଗୁଡ଼ିକୁ ପ୍ରସ୍ତୁତ ରଖାଯାଇଛି। କମିଶନଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ସମ୍ବେଦନଶୀଳ ବୁଥ୍‌ରେ ଅତିରିକ୍ତ ପୋଲିସ ମୁତୟନ କରାଯିବ। ୧୬ରେ ପ୍ରଥମ ପର୍ଯ୍ୟାୟରେ ୩୦ ଜିଲାର ୭୧ଟି ବ୍ଲକ୍ ଅନ୍ତର୍ଗତ ୨୦୨ ଜିଲା ପରିଷଦ ଆସନ, ୧୬୬୯ ସରପଞ୍ଚ ଓ ସମାନ ସଂଖ୍ୟକ ସମିତି ସଭ୍ୟ, ୨୨୩୭୯ଟି ୱାର୍ଡମେମ୍ବର ପଦବୀ ପାଇଁ ଭୋଟ୍ ଗ୍ରହଣ ଅନୁଷ୍ଠିତ ହେବ। ମୋଟ୍ ୬୭ ଲକ୍ଷ ୫୧ ହଜାର ୦୬୮ ଜଣ ଭୋଟର୍ ନିଜର ମତାଧିକାର ସାବ୍ୟସ୍ତ କରିବେ।

# ମୋଦି ସରକାରରେ ୫.୩୫ ଲକ୍ଷ କୋଟିର ବ୍ୟାଙ୍କ ଜାଲିଆତି: ରାହୁଲ

**ନୂଆଦିଲ୍ଲୀ, ୧୩।୨**

କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାଜପା ସରକାରରେ ଦେଶରେ ୫.୩୫ ଲକ୍ଷ କୋଟି ଟଙ୍କାର ବ୍ୟାଙ୍କ ଦୁର୍ନୀତି ହୋଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର ଅଭିଯୋଗ କରିଛନ୍ତି। ସ୍ୱାଧୀନତାର ୭୫ ବର୍ଷ ମଧ୍ୟରେ ଲୋକଙ୍କ ଟଙ୍କା ସହ ଏଭଳି ଜାଲିଆତି ହୋଇ ନ ଥିଲା। ଏବେ ଲୁଟ୍ ଓ ଡକାୟତିର ଦିନ ଚାଲିଥିଲାବେଳେ ମୋଦିଙ୍କ ବନ୍ଧୁମାନଙ୍କ ପାଇଁ ଏହା ଭଲ ଦିନ (ଅଚ୍ଛେ ଦିନ୍) ବୋଲି ରାହୁଲ ଟୁଇଟ୍ କରିଛନ୍ତି। ଗୁଜରାଟର ଏବିଜି ଶିପୟାର୍ଡ ୨୨,୮୪୨ କୋଟି ଟଙ୍କା ବ୍ୟାଙ୍କ ଋଣ ଜାଲିଆତି କରିଛି। ଏହା ଦେଶର ସବୁଠୁ ବଡ଼ ବ୍ୟାଙ୍କ ଠକେଇ। ମୋଦି ସରକାରରେ କ୍ଷମତାର ଉଚ୍ଚ ପଦବୀରେ ଥିବା ବ୍ୟକ୍ତିମାନେ ଏହି ଦୁର୍ନୀତି ସହ ସମ୍ପୃକ୍ତ ବୋଲି କଂଗ୍ରେସ ଅଭିଯୋଗ କରିଛି। ଏବିଜି ଶିପ୍‌ୟାର୍ଡର ବ୍ୟାଙ୍କ ଦୁର୍ନୀତି ଧରାପଡ଼ିବା ପରେ ଏତଲା ଦାଏର କରିବାକୁ ସରକାର କ'ଣ ପାଇଁ ୫ ବର୍ଷ ସମୟ ନେଲେ ବୋଲି ବିରୋଧୀ ଦଳ ପ୍ରଶ୍ନ କରିଛି। ଗତ ୭ ତାରିଖରେ ସିବିଆଇ ଏବିଜି ଶିପ୍‌ୟାର୍ଡ ଲିଃ, ଏହାର ପୂର୍ବତନ ଅଧ୍ୟକ୍ଷ ତଥା



ରାହୁଲ ଗାନ୍ଧୀ

ପରିଚାଳନା ନିର୍ଦ୍ଦେଶକ ଋଷି କମଲେଶ ଅଗ୍ରୱାଲ ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ କରିଛି। ବ୍ୟାଙ୍କ ଜାଲିଆତିରେ ସମ୍ପୃକ୍ତ ନୀରବ ମୋଦି, ମେହୁଲ ଚୋକ୍‌ସି, ଲଳିତ ମୋଦି, ବିଜୟ ମାଲ୍ୟା, ଜତିନ ମେହେଟ୍ଟା, ଚେତନ ଓ ନିତୀନ ସନ୍ଦେସରା ଓ ଅନ୍ୟମାନଙ୍କ ପାଇଁ ମୋଦି ସରକାର 'ଲୁଟ୍ ଆଣ୍ଡ୍ ଏସ୍କେପ୍' ଯୋଜନା ଚଳାଇଥିବା କଂଗ୍ରେସ ମୁଖ୍ୟ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା ଅଭିଯୋଗ କରିଛନ୍ତି। ଏହି ତାଲିକାର ଶେଷ ବ୍ୟକ୍ତି ଭାବେ ଅଗ୍ରୱାଲ୍ ଓ ଅନ୍ୟମାନେ

### ଉପା ସମୟରେ ଏବିଜି ଶିପ୍‌ୟାର୍ଡକୁ ଋଣ ଦିଆଯାଇଥିଲା: ଭାଜପା

ସାମିଲ ହୋଇଥିବା ସୁର୍ଜେୱାଲା କହିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ସମୟରେ ଏବିଜି ଶିପ୍‌ୟାର୍ଡକୁ ବ୍ୟାଙ୍କ ଋଣ ମଞ୍ଜୁର କରାଯାଇଥିବା ଭାଜପା କହିଛି। ମୋଦି ସରକାର ଏହି ଦୁର୍ନୀତିକୁ ଧରିପାରିଛି। ବ୍ୟାଙ୍କ ଠକେଇ ମାମଲାରେ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବା କୌଣସି ଅପରାଧ ମାମଲାରେ ଚୋର ପୋଲିସକୁ ଦାୟୀ କରିବା ଭଳି ବୋଲି ଭାଜପା ମୁଖପାତ୍ର ତଥା ରାଜ୍ୟ ସଭା ସଦସ୍ୟ ସୟେଦ ଜାଫର ଇସ୍‌ଲାମ କହିଛନ୍ତି। ଉକ୍ତ ଜାହାଜ ନିର୍ମାଣକାରୀ ସଂସ୍ଥାକୁ ୨୦୧୪ ପୂର୍ବରୁ ଋଣ ଦିଆଯାଇଥିଲା। ପୂର୍ବ ବ୍ୟବସ୍ଥା ଯୋଗୁ ଦେଶରେ ଅଣକାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ବୃଦ୍ଧି ପାଇଥିଲା ବୋଲି ସୟେଦ କହିଛନ୍ତି।

## ୪୪% କୋଭିଡ୍ ମୃତ୍ୟୁରେ ପ୍ରଭାବିତ ହୋଇଥିଲା ଫୁସ୍‌ଫୁସ୍

ମୁମ୍ବାଇ,୧୩।୨: କରୋନା ମହାମାରୀର ତୃତୀୟ ଲହର ବେଳେ ଜାନୁୟାରୀରେ ପ୍ରାଣ ହରାଇଥିବା ରୋଗୀଙ୍କ ମଧ୍ୟରୁ ପ୍ରାୟ ୪୪ ପ୍ରତିଶତଙ୍କ ଫୁସ୍‌ଫୁସ୍ କ୍ଷତିଗ୍ରସ୍ତ ହୋଇଥିଲା। ସେମାନଙ୍କଠାରେ ଗୁରୁତର ଶ୍ୱାସକ୍ରିୟା ସମସ୍ୟା ଓ ଅନ୍ୟାନ୍ୟ ଜଟିଳତା ଦେଖାଦେଇଥିଲା ବୋଲି ମହାରାଷ୍ଟ୍ର ସରକାରଙ୍କ କୋଭିଡ୍ ମୃତ୍ୟୁ ଅଡିଟ୍ କମିଟି ଅନୁଧ୍ୟାନରୁ ଜାଣିବାକୁ ପାଇଛି। ଜାନୁୟାରୀରେ କୋଭିଡ୍‌ରେ ପ୍ରାଣ ହରାଇଥିବା ୧,୦୫୨ ଜଣଙ୍କ ମଧ୍ୟରୁ ୪୫୯ ଜଣଙ୍କଠାରେ ଶ୍ୱାସକ୍ରିୟା ସମସ୍ୟା ଦେଖାଦେଇଥିଲା। ଓମିକ୍ରନ୍ ଭାରିଆଣ୍ଟ ଜନିତ ତୃତୀୟ ଲହର ଫେବୃୟାରୀ ଆରମ୍ଭରୁ ହ୍ରାସ ପାଇଚାଲିଛି। ଯେଉଁ ୪୫୯ ଜଣଙ୍କଠାରେ ଶ୍ୱାସକ୍ରିୟା ଜନିତ ସମସ୍ୟା ସୃଷ୍ଟି ହୋଇଥିଲା, ସେମାନେ ସମ୍ଭବତଃ ଡେଲ୍ଟା ଭାରିଆଣ୍ଟରେ ସଂକ୍ରମିତ ହୋଇଥିଲେ ବୋଲି ଡ. ଅବିନାଶ ସୁପେ କହିଛନ୍ତି। ଡେଲ୍ଟା ଫୁସ୍‌ଫୁସ୍‌କୁ ସଂକ୍ରମିତ କରୁଥିବାବେଳେ ଓମିକ୍ରନ୍ ଭାରିଆଣ୍ଟ କେବଳ ଗଳାକୁ ପ୍ରଭାବିତ କରୁଛି।

## ନାଗପୁରରୁ ମୁମ୍ବାଇ ବୁଲେଟ୍ ଟ୍ରେନ୍ ୩.୫ ଘଣ୍ଟାରେ ପହଞ୍ଚିବ

**ନାଗପୁର, ୧୩।୨**

ନାଗପୁରରୁ ମୁମ୍ବାଇ ମଧ୍ୟରେ ବୁଲେଟ ଟ୍ରେନ୍ ଚଳାଚଳ ପାଇଁ ଭାରତୀୟ ରେଲୱେ ପ୍ରସ୍ତାବ ରଖିଛି। ସମୃଦ୍ଧି ଏକ୍ସପ୍ରେସ୍ ପ୍ରସ୍ତୁତ ହୋଇଗଲେ ଏହି ଦୁଇ ସହର ମଧ୍ୟରେ ୭୬୬ କିଲୋମିଟର ଦୂରତା ଅତିକ୍ରମ କରିବାକୁ ମାତ୍ର ୩.୫ ଘଣ୍ଟା ସମୟ ଲାଗିବ। ଏବେ ସାଧାରଣ ଟ୍ରେନ୍‌ରେ ଏହି ଦୂରତା ଅତିକ୍ରମ ଲାଗି ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗୁଛି। ହାଇସ୍ପିଡ୍ କନେକ୍ଟିଭିଟି ପ୍ରକଳ୍ପର ଡେଭେଲପମେଣ୍ଟ



ପ୍ରୋଜେକ୍ଟ ରିପୋର୍ଟ ଫେବୃୟାରୀ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହୋଇଯିବ ବୋଲି ରେଳ ରାଷ୍ଟ୍ରମନ୍ତ୍ରୀ ରାଓସାହେବ ଡାନ୍‌ଭେ କହିଛନ୍ତି।

## ବିଧାୟକଙ୍କୁ ଗାଳିଗୁଲଜ, ୩ ଗିରଫ

**କଣାସ, ୧୩।୨(ସ୍ୱ.ପ୍ର.)**

ପୁରୀ ଜିଲା ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କୁ ଗାଳିଗୁଲଜ ଅଭିଯୋଗରେ ଗଡ଼ିଶାଗୋଦା ଥାନା ପୋଲିସ ରବିବାର ୩ ଜଣଙ୍କୁ ଗିରଫ କରିଛି। ତେବେ ଅଭିଯୁକ୍ତମାନଙ୍କ ପରିଚୟ ମିଳିପାରି ନାହିଁ। ସୂଚନା ମୁତାବକ, ଏହି ବ୍ଲକ ଅନ୍ତର୍ଗତ ବଣିକୁଦ ଗ୍ରାମରେ ରବିବାର ବିଧାୟକ ସାମନ୍ତରାୟ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଥିଲେ। ଏହି ସମୟରେ ବିରୋଧୀ ଦଳର କେତେଜଣ ବ୍ୟକ୍ତି ପହଞ୍ଚି ବିଧାୟକଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ଗଡ଼ିଶାଗୋଦା ଥାନାରେ ଅଭିଯୋଗ ପରେ ପୋଲିସ ୫ଜଣଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ପ୍ରଥମ ପୃଷ୍ଠାରୁ...

## ୬୦ ଲକ୍ଷ ନିଯୁକ୍ତି କେଉଁଠୁ...

ଅନୁସାରେ ୨୦୧୭-୧୮ ଆର୍ଥିକ ବର୍ଷରେ ଦେଶରେ ବେରୋଜଗାରୀ ହାର ୬.୧% ଥିଲା, ଯାହାକି ୪୫ ବର୍ଷରେ ସର୍ବାଧିକ। ୧୯୭୨-୭୩ ପରେ ଭାରତରେ ଏଭଳି ଅବସ୍ଥା କେବେ ସୃଷ୍ଟି ହୋଇ ନ ଥିଲା। ୨୦୧୬ ନଭେମ୍ବରରେ ମୋଦି ସରକାର ଦୁଇଟି ବଡ଼ ନୋଟ୍ (୫୦୦ ଓ ୧,୦୦୦ ଟଙ୍କିଆ)କୁ ହଠାତ୍ ଅଚଳ କରିଦେବା ଏବଂ ୨୦୧୭ ଜୁଲାଇରେ ସାମଗ୍ରୀ ଓ ସେବା କର (ଜିଏସ୍‌ଟି) ଲାଗୁ କରିବା ପରେ ବେରୋଜଗାରୀଙ୍କୁ ନେଇ ଏହା ଥିଲା ପ୍ରଥମ ବିସ୍ତୃତ ସମୀକ୍ଷା। ତେଣୁ ସେତେବେଳେ ଅର୍ଥନୀତିଜ୍ଞମାନେ ଏଥିପାଇଁ ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ଯୋଗୁ ସୃଷ୍ଟି ହୋଇଥିବା ଦେଶର ଆର୍ଥିକ ଦୁରବସ୍ଥାକୁ ଦାୟୀ କରିଥିଲେ।

୨୦୧୮ରେ ୧ କୋଟି ୧୦ ଲକ୍ଷ ଚାକିରିଆ ନିଯୁକ୍ତି ହରାଇଥିଲେ ବୋଲି ଆଗଧାଡ଼ିର ସ୍ୱାଧୀନ ବିଚାରମଞ୍ଚ ସିଏମ୍‌ଆଇଇ ପକ୍ଷରୁ ୨୦୧୯ ଜାନୁୟାରୀରେ ଦର୍ଶାଯାଇଥିଲା। କର୍ମ ସଂସ୍ଥାନ ନ ପାଇ ଲୋକେ ଆତ୍ମହତ୍ୟା କରୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ତାଙ୍କ କ୍ୟାବିନେଟ ସହଯୋଗୀ ଓ ଭାଜପା ନେତାମାନେ ପକୁଡ଼ି ବିକି ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଇତିମଧ୍ୟରେ କରୋନା ଯୋଗୁ ବିଭିନ୍ନ କଳକାରଖାନାରେ ତାଲା ଝୁଲିବାରୁ ବଡ଼ ବଡ଼ ସହରରୁ ପ୍ରବାସୀ ଶ୍ରମିକମାନେ ଗାଁମୁହାଁ ହୋଇଥିଲେ। ଚାଲି ଚାଲି, ସାଇକେଲରେ ଲୋକେ ଘରକୁ ଫେରୁଥିବାବେଳେ କିଏ କୋଭିଡ୍ କଟକଣା ଉଲ୍ଲଂଘନ ଅଭିଯୋଗରେ ଗିରଫ ହୋଇଥିଲେ ତ ପୁଣି କେହି ବାଟରେ ପ୍ରାଣ ହରାଇଥିଲେ। କରୋନା ଯୋଗୁ ବେକାର ହୋଇଥିବା ଓ ମୃତ୍ୟୁ ମୁଖରେ ପଡ଼ିଥିବା ଶ୍ରମଜୀବୀଙ୍କ ସଂଖ୍ୟା କେତେ ବୋଲି ପାର୍ଲାମେଣ୍ଟରେ ପ୍ରଶ୍ନ ହେବାରୁ ମୋଦି ସରକାର ହିସାବ ଦେଇପାରି ନ ଥିଲେ। ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ପଲିସି ସତ୍ତ୍ୱେ ୨୦୧୬-୧୭ରୁ ୨୦୨୦-୨୧ ମଧ୍ୟରେ ୪ ବର୍ଷ ଧରି ମାନୁଫାକ୍ଚରିଂ ସେକ୍ଟରରେ ନିଯୁକ୍ତି ପ୍ରାୟ ୫୦% ହ୍ରାସ ପାଇଥିବାବେଳେ ଗତ ବଜେଟରେ ସରକାର ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ବିଶେଷ କିଛି କରି ନ ଥିବା କୁହାଯାଉଛି। ଏପରି କି ଗ୍ରାମାଞ୍ଚଳର ଶ୍ରମିକଙ୍କୁ ୧୦୦ ଦିନର କାମ ଗ୍ୟାରେଣ୍ଟି ପାଇଁ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାର ଅମଳରେ ଆରମ୍ଭ କରାଯାଇଥିବା ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ପାଇଁ ମଧ୍ୟ ଏହି ବଜେଟରେ ବିତ୍ତୀୟ ଆବଣ୍ଟନକୁ ପୂର୍ବ ଆର୍ଥିକ ବର୍ଷ ବଜେଟ ପରିମାଣରୁ ବୃଦ୍ଧି କରାଯାଇ ନାହିଁ। ଶ୍ରମିକମାନେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ପୂର୍ବ ବକେୟା ବାବଦକୁ ୩,୩୫୮ କୋଟି ଟଙ୍କା ମଜୁରି ଏ ଯାଏ ପାଇ ନାହାନ୍ତି। ବିଶ୍ୱ କ୍ଷୁଧା ସୂଚକାଙ୍କରେ ୧୧୬ ଦେଶ ମଧ୍ୟରୁ ଭାରତର ସ୍ଥାନ ୧୦୧ରେ ରହିଛି। ଅତି ଗମ୍ଭୀର ସ୍ଥିତିକୁ ସାମ୍ନା କରୁଥିବା ୩୧ ରାଷ୍ଟ୍ର ମଧ୍ୟରୁ ଭାରତ ଅନ୍ୟତମ। ପାକିସ୍ତାନ (୯୨), ନେପାଳ ଓ ବାଂଲାଦେଶ (୭୬) ଭଳି ପଡ଼ୋଶୀ ଭାରତଠାରୁ ଭଲ ସ୍ଥିତିରେ ଥିବାବେଳେ ମୋଦି ସରକାରଙ୍କ 'ସବ୍‌କା ସାଥ ସବ୍‌କା ବିକାଶ' କେବଳ ନିର୍ବାଚନୀ ପ୍ରତିଶ୍ରୁତିରେ ସୀମିତ ବୋଲି ବିରୋଧୀ ଦଳଗୁଡ଼ିକ ରାଜ୍ୟ ସଭାରେ ସମାଲୋଚନା କରିଛନ୍ତି। ଏସବୁ ସତ୍ତ୍ୱେ ୧୪ଟି କ୍ଷେତ୍ରରେ ପ୍ରଡକ୍ସନ ଲିଙ୍କ୍‌ଡ ଇନ୍‌ସେଣ୍ଟିଭ୍ (ପିଏଲ୍‌ଆଇ) ୬୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ନିଜ ବଜେଟ ଅଭିଭାଷଣରେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହାକୁ ନେଇ ବଜେଟ ଉପସ୍ଥାପନର ପରଦିନ ଅର୍ଥାତ୍ ଫେବୃୟାରୀ ୨ରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଥିଲେ, ସମ୍ପ୍ରତି ୨ଟି ଭାରତ ରହିଛି। ଗୋଟିଏ ଅତି ଧନୀ ଓ ଅନ୍ୟଟି ହେଉଛି ଚାକିରି ଖୋଜୁଥିବା ଗରିବମାନଙ୍କର। ୧୦ ଜଣ ଧନୀଙ୍କ ପାଖରେ ଥିବା ସମ୍ପତ୍ତିର ମୂଲ୍ୟ ୪୦ କୋଟି ଭାରତୀୟଙ୍କ ମୋଟ ସମ୍ପତ୍ତିଠାରୁ ଅଧିକ। ବଡ଼ କମ୍ପାନୀଗୁଡ଼ିକ ଟେକ୍ନୋଲୋଜିର ସହାୟତା ନେଉଥିବାବେଳେ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଓ ଅସଙ୍ଗଠିତ କ୍ଷେତ୍ର ନୂଆ ନିଯୁକ୍ତି ଦେଉଥାଏ। ମୋଦି ସରକାରଙ୍କ ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ଏହି କ୍ଷେତ୍ରରୁ ଲକ୍ଷ ଲକ୍ଷ କୋଟି ଟଙ୍କା ଛଡ଼ାଇ ନେଇଛନ୍ତି। ୨୩ କୋଟି ଲୋକଙ୍କୁ ଦାରିଦ୍ର୍ୟ ଭିତରକୁ ଠେଲିଦେଇଛନ୍ତି। ଏହି ସ୍ଥଳେ ୬୦ ଲକ୍ଷ ନିଯୁକ୍ତି କେଉଁଠୁ ଆସିବ ବୋଲି ଲୋକ ସଭାରେ ୱାୟନାଡ୍ ଏମ୍‌ପି ପ୍ରଶ୍ନ କରିଥିଲେ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପଙ୍କ ବିଲ ବୋଲି ଚାଲି ନ ଥିଲି
କାଦୁଅ ଦେଖି ଚାଲିଲି
ଦଗା ଦିଆ ବୋଲି ଜାଣି ନ ଥିଲି
ରଙ୍ଗ ବଟୁଆ ରସିଲି।**

ମଣିଷ ବେଳେବେଳେ ଭଲକୁ ଆଶାରା କରି ଭେଲ ପାଇଥାଏ। ପରୋକ୍ଷରେ ଅନ୍ୟର ମଧୁର କଥାରେ ଭାସିଯାଇ କାର୍ଯ୍ୟ କରି ବସିଲେ ପରିଶେଷରେ ହୀନସ୍ତା ହେବା ହିଁ ସାର୍ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ପାଣି କେନ୍ଦୁରି
ତୋ ମନେ ମନେ ତୁ ଏକା ସୁନ୍ଦରୀ।**

ସାଧାରଣତଃ ସମସ୍ତେ ନିଜକୁ ଭଲ ବୋଲି ଦେଖେଇ ହୁଅନ୍ତି ବା କହି ହୁଅନ୍ତି। ତେବେ ସିଏ ହିଁ ପ୍ରକୃତରେ ଭଲ ବୋଲି ଗଣାହୋଇଥାଏ, ଯାହାକୁ ସମସ୍ତେ ଭଲ ବୋଲି ପ୍ରଶଂସା କରିଥାନ୍ତି। ନିଜ ମୁହଁରେ ନିଜର ପ୍ରଂଶସା କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ


## classifieds Everyday 0674-2580101, 2549302



### SALE

5BHK triplex 52,00,000/- finishing Hanspal (Bank finance available)- 8093465134, 9668194157 D-70996

**Gharabari boundary plot at Chatabar near State High Way from Pitapalli to Cuttack. 7008563697.** D-23130

ଭୁବନେଶ୍ୱର ସୁନ୍ଦରପଦା, କାଟେଣୀ, ପିତାପଲ୍ଲୀରେ ଘରବାଡ଼ି ପ୍ଲଟ୍ ୧୯,୫୦,୦୦୦/- କିଣି ଆଜି ଘର କରନ୍ତୁ - 9938016295. D-71791

**Bhubaneswar Vingarpur Oxford College** ଛକ ନିକଟରେ ମୁଖ୍ୟ ପିଚୁ ରାସ୍ତାକୁ ଲାଗି ସଙ୍ଗେସଙ୍ଗେ ଘର କଲାଭଳି ଘରବାଡ଼ି **plot** ବିକ୍ରିହେବ। **6370025920, 9937674302.** D-71793

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71944

ଭୁବନେଶ୍ୱର ଯାଆଁଳା **NH-5** ରୁ **400** ମିଟର ଦୂରତାରେ ପଟ୍ଟା, **boundary,** ଇଲେକ୍ଟ୍ରିସିଟି ସୁବିଧା ଥାଇ **immediate** ଘର କଲାଭଳି ପ୍ଲଟ୍ **15,60,000/-. 9437691481.** D-71783



Single rooms attached Toilet near Sisupalgarh College, Bhubaneswar. 9437764734, 8249374142. D-23132

Space available for Office, Service Centre, Godown, Shop at Lane-12, Bapuji nagar, Bhubaneswar. Contact-9437081583. D-70996

All modular 3BHK, 3Balcony, prime location behind Kalinga Stadium, Bhubaneswar for rent, # 7722848487. D-65928

Shop for rent-200sqft. BDA Colony, Chandrasekharpur, Bhubaneswar. Contact: 7978374127. D-23139



**Relax, Refresh your body, Mind at SAIKRUPA Spa with best therapies. 8984068077.** D-23068

Refreshing your mind and body with the best therapy, 7873794731. D-23024

Newly open full body massage ladies and gents. 8327740003. D-71859

### Ph.D. Award



Hyderabad Central University, Hyderabad ରୁ ଅର୍ଥନୀତିରେ ଗବେଷଣା ପାଇଁ ଶ୍ରୀ ଲିଙ୍ଗରାଜ ମଲ୍ଲିକଙ୍କୁ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। Professor and Dean, RV Ramana Murthyଙ୍କ ତତ୍ତ୍ୱାବଧାନରେ ତାଙ୍କ ଗବେଷଣାର ସନ୍ଦର୍ଭ "Macroeconomic Study of External Imbalance of India: Issues and Empirical Evidence", ଉଚ୍ଚପ୍ରଶଂସିତ ହୋଇଛି। Dr. Mallick କଟକ ଜିଲ୍ଲାର ନିଆଳି ବ୍ଲକ, ବିନିଶ୍ପୁର ଗ୍ରାମର ଏକ ସାଧାରଣ ପରିବାରର ପ୍ରଭାକର ମଲ୍ଲିକ ଓ ମନୋରମା ମଲ୍ଲିକଙ୍କ ସୁପୁତ୍ର ଅଟନ୍ତି। ସେ ବର୍ତ୍ତମାନ ହାଇଦ୍ରାବାଦସ୍ଥିତ ଭାରତ ସରକାରଙ୍କ Maulana Azad National Urdu Universityରେ Assistant Professor ଭାବେ କାର୍ଯ୍ୟରତ ଅଛନ୍ତି। ଏହି ସଫଳତାର ଶ୍ରେୟ ସେ ତାଙ୍କ ବାପା, ମା', ଭାଇ, ସମ୍ପର୍କୀୟ ତଥା ସାଙ୍ଗସାଥୀ ଓ ପୂର୍ବରୁ ଅଧ୍ୟୟନ କରୁଥିବା Pondicherry Central University, Nimapara Collegeର ସମସ୍ତ ଅର୍ଥନୀତିର ଅଧ୍ୟାପିକା, ଅଧ୍ୟାପକମାନଙ୍କୁ କୃତଜ୍ଞତା ଜ୍ଞାପନ ଜଣାଇଛନ୍ତି।

ଧ-୨୩୧୪୧


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ଆଜି ସ୍ୱକ୍ଷତ୍ରୀ ଚନ୍ଦ୍ରଙ୍କ ସୁପ୍ରଭାବରୁ କର୍ମକ୍ଷେତ୍ରରେ ନୈରାଶ୍ୟ ଦୂରେଇଯିବ ଓ ସମ୍ମାନ, ପ୍ରତିଷ୍ଠା ଲାଭ କରିବେ। ଆପଣଙ୍କ ଉପସ୍ଥିତ ବୁଦ୍ଧି ଓ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟକୁ ଆପଣାର କରିବାରେ ସାହାଯ୍ୟ କରିବ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**ବୃଷ**



କର୍ମକ୍ଷେତ୍ରରେ ବହୁବିଧ ସମସ୍ୟାରେ ଛନ୍ଦି ହୋଇ ମନୋବଳ ଭାଙ୍ଗିଲା ଭଳି ଅନୁଭବ କରିବେ। ଅନ୍ୟ ଉପରେ ବିରକ୍ତ ହେବା ଦ୍ୱାରା ସମସ୍ୟା କମିବା ବଦଳରେ ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ର ଭଲରେ ଚାଲିବ। ପରୋକ୍ଷ ଶତ୍ରୁତା ଦୈନିକ ଜୀବନଚର୍ଯ୍ୟାକୁ କେତେକାଂଶରେ ପ୍ରଭାବିତ କରିପାରେ।

**ମିଥୁନ**



ବିଭିନ୍ନ ଯୋଜନା କ୍ଷେତ୍ରରେ ପ୍ରତିକୂଳ ବାତାବରଣ ଯୋଗୁ ଉଦ୍ୟମ ସାକାର କରିପାରିବେ ନାହିଁ। ପରିବାର ଭିତରେ ସମ୍ପର୍କ ହାନି ଫଳରେ ଚିନ୍ତାପ୍ରକଟ କରିପାରନ୍ତି। ନିଜ ନିଜର କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ। ପରିବାରରେ ସଂଯମତାର ଅଭାବ ଓ ଧନହାନି ଦୁଶ୍ଚିନ୍ତାର କାରଣ ହୋଇପାରେ।

**କର୍କଟ**



ହାତକୁ ନେଇଥିବା କାମ ସୁରୁଖୁରୁରେ ହୋଇଯିବ। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ମାତ୍ର ସଭାସମିତିରେ ମତଭେଦଜନିତ ଆଲୋଚନା ଅମୀମାଂସିତ ରହିବ। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**ସିଂହ**



ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କ ସୁଚିନ୍ତିତ ମତାମତ ସମସ୍ୟା ସମାଧାନରେ ସାହାଯ୍ୟ କରିବ। ତଥାପି କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିପାରନ୍ତି। ଆଲୋଚନା କାଳରେ ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି। ସାହିତ୍ୟ, ସାମ୍ବାଦିକତା, ଏଜେନ୍‌ସିପ୍, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା**



ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଚହଲାଇ ଦେଇପାରେ। ପାରିବାରିକ କ୍ଷେତ୍ରରେ ଅର୍ଥ କିମ୍ବା ଅଳଙ୍କାର ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି।

**ତୁଳା**



ଆଜିର ପ୍ରତ୍ୟୁଷ ଯାତ୍ରା, ନୂତନ କର୍ମାରମ୍ଭ, ସରକାରୀ କାମ, ଚୁକ୍ତିପତ୍ର ସକାଶେ ଶୁଭଫଳ ପାଇବେ। କର୍ମକ୍ଷେତ୍ରରେ ସମସ୍ୟାର ସମାଧାନ କରି ଆନନ୍ଦ ଅନୁଭବ କରିପାରନ୍ତି। ଜଣେ ପଡ଼ୋଶୀଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। କେତେକ ପୁରୁଣା କଥାକୁ ଚିନ୍ତାକରି କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ବିଛା**



ପୂର୍ବରୁ ଯେମିତି ଆଶା କରୁଥିଲେ ତାହାର ବିପରୀତ ଫଳ ମନରେ ନୈରାଶ୍ୟ ସୃଷ୍ଟି କରିବ। ହାତକୁ ନେଇଥିବା କାମ ସମ୍ପନ୍ନ ସକାଶେ ପରିସ୍ଥିତିର ମୁକାବିଲା କରିବା ଠିକ୍ ହେବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ ଚର୍ଚ୍ଚା, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ।

**ଧନୁ**



ଅପ୍ରିୟ ସତ୍ୟ ପ୍ରକାଶ କରି ବନ୍ଧୁ ଗହଣରେ ବିବାଦୀୟ ହୋଇପାରନ୍ତି। ବହୁତଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବାରେ ସମୟ ବିନିଯୋଗ କରିପାରନ୍ତି। କୌଣସି ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ପଡୋଶୀଙ୍କ କଥାକୁ ଠିକ୍ ଭାବେ ବୁଝିବା କଷ୍ଟକର ହୋଇପାରେ।

**ମକର**



କର୍ମକ୍ଷେତ୍ରରେ କୌଣସି ଜିନିଷ ପାଇବାକୁ କେନ୍ଦ୍ର କରି ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ପରିବାରର ପରିସ୍ଥିତିକୁ ଦେଖି କରଜ କରି କାମ ତୁଲାଇ ନେବାକୁ ବାଧ୍ୟ ହେବେ। ବୃଦ୍ଧ ପିତା କିମ୍ବା ମାତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ଆଶ୍ୱସ୍ତି ଅନୁଭବ କରିବେ। ବାଣିଜ୍ୟ,ବ୍ୟବସାୟ,ପରିବହନ ଓ ନିର୍ମାଣ କ୍ଷେତ୍ରରେ ସୁଫଳ ପାଇବେ।

**କୁମ୍ଭ**



ସମସ୍ୟା ମଧ୍ୟରେ ସଂଘର୍ଷ କରି ଦୀର୍ଘ ଦିନର ଆଶାକୁ ପୂରଣ କରିବାରେ ସମର୍ଥ ହେବେ। ବନ୍ଧୁଙ୍କ ନିକଟରୁ ଅର୍ଥ ପାଇବା ସାଙ୍ଗକୁ ଅଧାପନ୍ତରିଆ କାର୍ଯ୍ୟଟିକୁ ପୂର୍ଣ୍ଣାଙ୍ଗ କରିପାରିବେ। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସିଲେ ଅଶାନ୍ତି କମିବା ବଦଳରେ ବଢ଼ିଯିବ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ନଚେତ୍ ହରାଇପାରନ୍ତି।

**ମୀନ**



କର୍ମ କ୍ଷେତ୍ରରୁ ଫେରିବା ବେଳକୁ ଘରର ଅଶାନ୍ତ ପରିବେଶ କେତେକାଂଶରେ ଶାନ୍ତ ପଡ଼ି ଯାଇଥିବ। ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ଆଦୌ ଦେଉ ନ ଥିବା ବ୍ୟକ୍ତିଙ୍କ ନିକଟରୁ ଅର୍ଥ ଆଦାୟରେ ସକ୍ଷମ ହେବେ। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି।

## ସଂକ୍ଷେପରେ

### ୪ ଘଣ୍ଟା ଚଢ଼ାଉ, ମିଳିଲା ୨୦ଖଣ୍ଡ କାଠ

ଖଇରା, ୧୩।୨(ଡି.ଏନ.ଏ.)-ଏସିଏଫ ସୁଶାନ୍ତ କୁମାର ଜେନାଙ୍କ ନେତୃତ୍ୱରେ ବନ ବିଭାଗର ଏକ ଟିମ୍ ରବିବାର ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନହଙ୍ଗ ଗ୍ରାମର ଶାନ୍ତି ଦାସଙ୍କ ଘରେ ଚଢ଼ାଉ କରି କିଛି ଝରକା ବନ୍ଧ ଓ ପଟା ଜବତ କରିବାକୁ ସମର୍ଥ ହୋଇଛି। ତେବେ ୪ଘଣ୍ଟାର ଚଢ଼ାଉ ପରେ ମାତ୍ର ୨୦ଖଣ୍ଡ ବନ୍ଧ ଓ ପଟା ଜବତ ହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେ ୨ବର୍ଷ ପୂର୍ବରୁ କାଠ ବ୍ୟବସାୟ ଛାଡିସାରିଥିବା ବେଳେ ହଠାତ ନିର୍ବାଚନ ସମୟରେ ଚଢ଼ାଉ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ପ୍ରାକ୍ତନ ସରପଞ୍ଚ ରବୀନ୍ଦ୍ର ନାୟକ କହିଛନ୍ତି। ଘର ତିଆରି ପାଇଁ ଏହି କାଠ ରଖାଯାଇଥିବା ଶାନ୍ତି ଦାସଙ୍କ ପରିବାର ଲୋକେ କହିଛନ୍ତି । ଏ ସମ୍ପର୍କରେ ଏସିଏଫ୍ ଜେନାଙ୍କୁ ପଚାରିବାରେ ସେ ଏଭଳି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ଫଟୋ-ଖଇରା ୨-ବନବିଭାଗ ତରଫରୁ ଚଢ଼ାଉ ଚାଲିଛି ।

### ବୋଲେରୋ ଧକ୍କାରେ ଯୁବକ ମୃତ

ପଦ୍ମପୁର, ୧୩।୨(ଡି.ଏନ.ଏ.)-ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ବ୍ରହ୍ମପୁର ଗ୍ରାମର ଡାକ୍ତର ସିଂ ନାମକ ଯୁବକଙ୍କର ଏକ ବୋଲେରୋ ଧକ୍କାରେ ରବିବାର ଅପରାହ୍ନରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସେ ପୂର୍ବାହ୍ନରେ ଦୋଲସାହି ସ୍ଥିତ ଶ୍ୱଶୁର ଘରକୁ ବାଇକ୍‌ରେ ଯାଇଥିଲେ। ସେଠାରୁ ଫେରି ଇଚ୍ଛାପୁର ଛକ ନିକଟରେ ବାଇକ୍ ରଖି ତାଙ୍କ ସାଙ୍ଗଙ୍କୁ ଅପେକ୍ଷା କରିଥିଲେ। ଏହି ସମୟରେ ଭଦ୍ରକ ଆଡୁ ଆସୁଥିବା ଉକ୍ତ ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ସାବରଙ୍ଗ ଥାନା ପୋଲିସ ପହଞ୍ଚି ବୋଲେରୋ ଡ୍ରାଇଭରଙ୍କୁ ଗିରଫ କରିବା ସହ ଗାଡ଼ିକୁ ଜବତ କରି ଥାନାକୁ ନେଇଛି। ଏନେଇ ଥାନାରେ ମାମଲା (ନଂ.୩୮/୨୨) ରୁଜୁ ହୋଇଛି।

### ବିଦେଶୀ ମଦ ଜବତ, ୩ ଗିରଫ

ଭଦ୍ରକ ଅଫିସ, ୧୩।୨-ଭଦ୍ରକ ଜିଲା ଅବକାରୀ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ରବିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ପାଟୁଳି, ସରସଦା, ରଣାଡିହ ଓ ଭଣ୍ଡାରିପୋଖରୀ ବଜାର ଏବଂ ଧାମନଗର ଥାନା ଅଧୀନ ବାରିକପୁର ବଜାର ଅଞ୍ଚଳରେ ଏହି ଟିମ୍ ଚଢ଼ାଉ କରି ୩୩.୬୬୦ ଲିଟର ବିଦେଶୀ ମଦ ଜବତ କରିଛି। ଏଥିସହ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଭଣ୍ଡାରିପୋଖରୀ ଥାନା ଅଧୀନ ପାଟୁଳି ଗ୍ରାମର ଦିଲୀପ ଜେନା, ସରସଦାର ଆନନ୍ଦ ଜେନା ଏବଂ ଧାମନଗର ଥାନା ଅନ୍ତର୍ଗତ ବରପଦୀ ଗ୍ରାମର ସତ୍ୟରଞ୍ଜନ ଦାସ। ଜବତ ହୋଇଥିବା ମଦର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏନେଇ ଧାମନଗର ଅବକାରୀ ଥାନା ପକ୍ଷରୁ ୩ଟି ମାମଲା ରୁଜୁ କରାଯାଇଛି।

### ଗୀତାଜ୍ଞାନ ମହାଯଜ୍ଞ



ବାସୁଦେବପୁର, ୧୩।୨(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ସ୍ଥିତ ଗୁଆଗଡ଼ିଆ ପଞ୍ଚାୟତରେ ଥିବା ଶ୍ରୀ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ମନ୍ଦିର ପରିସରରେ ଗୀତାଜ୍ଞାନ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଏହି ଯଜ୍ଞ ପାଇଁ ଚୈତନ୍ୟ ମହାପ୍ରଭୁଙ୍କ ମନ୍ଦିର ପରିସର ଉତ୍ସବ ମୁଖରିତ ହୋଇଥିଲା। ଏହି ଅବସରରେ ଗୀତାଜ୍ଞାନ ଯଜ୍ଞ କମିଟି ତରଫରୁ ଗୁଆଗଡ଼ିଆ ଗ୍ରାମର ଦୁଃଖିରାମ ବାରିକ, ଚିରୋଳ ଗ୍ରାମର ନାରାୟଣ ବାରିକ, ମିର୍ଜାପୁର ଗ୍ରାମର ସୁଦର୍ଶନ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟିର ସଭାପତି ମୁକ୍ତିକାନ୍ତ ପରିଡ଼ା, ସମ୍ପାଦକ କମଳାକାନ୍ତ ପଣ୍ଡୁଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅତିଥି ଭାବେ ଭଗବାନ ଚନ୍ଦ୍ର ମିଶ୍ର, ଗଜେନ୍ଦ୍ର ପ୍ରସାଦ ବାରିକ ଯୋଗ ଦେଇଥିଲେ। ପଣ୍ଡିତ ଭାବଗ୍ରାହୀ, ସତ୍ୟପ୍ରିୟ, ମନୋରଞ୍ଜନ ପାଢ଼ୀ, ସୁଧାଂଶୁ ଶେଖର ପଣ୍ଡା, ସନ୍ତୋଷ କୁମାର, କୃପାସିନ୍ଧୁ ଦାସ ପ୍ରମୁଖ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ଚୈତନ୍ୟ ମହାପ୍ରଭୁଙ୍କ ସେବକ ଜୀୟୁ ଅଧିକାରୀ ବୈକୁଣ୍ଠ ଦାସ, ବନମାଳୀ ଦାସ, ରାଜେଶ ଦାସ, ବାବାଜୀ ଦାସଙ୍କ ସମେତ ଗ୍ରାମବାସୀ ଓ ସମସ୍ତ ସେବକଙ୍କ ତତ୍ତ୍ୱାବଧାନ ଓ ସହଯୋଗରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା।

# କେନ୍ଦୁଝରର ବନଖଣ୍ଡରେ ବନ୍ୟପ୍ରାଣୀ ଅସୁରକ୍ଷିତ

କେନ୍ଦୁଝର, ୧୩।୨ (ସ୍ୱ.ପ୍ର.)



ଗଛ କଟା ଯୋଗୁ ନଷ୍ଟ ହୋଇଥିବା ବନ୍ୟପ୍ରାଣୀଙ୍କ ଆବାସସ୍ଥଳୀ।

କେନ୍ଦୁଝରର ବନଖଣ୍ଡରେ ବନ୍ୟପ୍ରାଣୀ ଅସୁରକ୍ଷିତ ହୋଇପଡିଛନ୍ତି। ଜଙ୍ଗଲରେ ଶିକାରୀ ସକ୍ରିୟ ରହୁଥିବାରୁ ବନ୍ୟଜନ୍ତୁଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜଙ୍ଗଲ ଭିତରେ ଶିକାରୀ ବନ୍ୟଜନ୍ତୁଙ୍କୁ ବିଭିନ୍ନ ଉପାୟରେ ହତ୍ୟା କରୁଥିବାବେଳେ ବହୁ କମ୍ ସଂଖ୍ୟାରେ ଶିକାରୀ ସହ ଶିକାରରେ ବ୍ୟବହୃତ ସାମଗ୍ରୀ ଏବଂ ହତିଆର ଜବତ ହେଉଛି।

କେନ୍ଦୁଝର ଜିଲାର ଥିବା ଜଙ୍ଗଲରେ ଜଙ୍ଗଲୀ ବାର୍‌ହା, କୁଟୁରା, ଝିଙ୍କ, ଭାଲୁ, ବଣକୁକୁଡା, ହାତୀ, ହରିଣ ଆଦି ବହୁମାତ୍ରାରେ ବସବାସ କରିଥାନ୍ତି। ଶିକାରୀମାନେ ଜଙ୍ଗଲ ଭିତରେ ଫାଶ ପକାଇ ବା ବିଦ୍ୟୁତ ତାର ବିଛାଇ ବନ୍ୟପ୍ରାଣୀ ଶିକାର କରୁଛନ୍ତି। ନିକଟରେ ବଡବିଲ ରେଞ୍ଜ ଅନ୍ତର୍ଗତ ଠାକୁରାଣୀ ସଂରକ୍ଷିତ ଜଙ୍ଗଲରେ ବିଦ୍ୟୁତ ତାର ବିଛାଇ ବାର୍‌ହା ହତ୍ୟା କରିବା ଜଣାପଡିବା ପରେ ବନ ବିଭାଗ ମୃତ ବାର୍‌ହା ସହ ୪ଜଣ ଶିକାରୀଙ୍କୁ ଗିରଫ କରିଛି। ଏଭଳି ବିଭିନ୍ନ ସମୟରେ ଶିକାରୀମାନେ ଶୀକାର କରୁଥିବା ବେଳେ କେତେକାଂଶରେ ବନ ବିଭାଗ ଧରିବାରେ ସଫଳ ହେଉଥିଲେ ହେଁ ଅନେକ ସମୟରେ ଧରପଗଡ଼ ହେଉନାହିଁ। ତାର ଟଣାଯାଉଥିବାରୁ ଜଙ୍ଗଲାଞ୍ଚଳକୁ ଯାଉଥିବା ବନବାସୀଙ୍କ ପାଇଁ ମଧ୍ୟ ବିପଦର କାରଣ ହୋଇଥାଏ । ଏଣୁ ସେମାନଙ୍କ ବିରୋଧରେ ହତ୍ୟା ଉଦ୍ୟମ ଭଳି ମାମଲା ରଜୁ କରିବା ଜରୁରୀ ବୋଲି ଆଇନଜୀବୀ ମାନେ ମତବ୍ୟକ୍ତ କରୁଛନ୍ତି। ବନ ବିଭାଗ ପଦକ୍ଷେପ ନେଇପାରିଲେ ହିଁ ବନ୍ୟ ପ୍ରାଣୀଙ୍କ ଜୀବନ ରକ୍ଷା କରାଯାଇପାରନ୍ତା ବୋଲି ପରିବେଶପ୍ରେମୀ ଡକ୍ଟର ବିମ୍ବାଧର ବେହେରା କହିଛନ୍ତି।

ସେହିପରି ଜଙ୍ଗଲାଞ୍ଚଳରେ ଖଣି ଚୋରାକାରବାର ଯୋଗୁ ବ୍ୟାପକ ରାଜସ୍ୱ କ୍ଷତି ସହ ପରିବେଶ ନଷ୍ଟ ହେଉଛି। ସେହିପରି କାଠ ପାଇଁ ବ୍ୟାପକ ଜଙ୍ଗଲ ନଷ୍ଟ କରାଯାଉଥିବାରୁ ବନ୍ୟପ୍ରାଣୀଙ୍କ ଆବସ ସ୍ଥଳୀ ନଷ୍ଟ ହେଉଛି। ବନ ବିଭାଗ ନିୟମିତ ପାଦଚଲା ପାଟ୍ରୋଲିଂ କରୁ ନ ଥିବାରୁ ଶିକାରୀ ତଥା ମାଫିଆ ସକ୍ରିୟ ହୋଇପଡିଛନ୍ତି। ବନ ବିଭାଗର ଖାମଖିଆଲି ମନୋଭାବ ଯୋଗୁଁ ଏପରି ଘଟଣା ବାରମ୍ବାର ଘଟୁଛି। ଅନେକ ସମୟରେ ଶିକାରୀ ହାତୀ ଦାନ୍ତ ପାଇଁ ହାତୀ ମଧ୍ୟ ଶିକାର କରୁଛନ୍ତି। ପାଟ୍ରୋଲିଂ କଡ଼ାକଡ଼ି ହେଉ ନ ଥିବାରୁ କେନ୍ଦୁଝର ଡିଭିଜନର ଚମ୍ପୁଆ, ବଡବିଲ, ସଦର, ତେଲକୋଇ, ପାଟଣା ଡେପୁଟି ଆଦି ରେଞ୍ଜରେ ବନ୍ୟଜନ୍ତୁ ଅବାଧ ଶିକାର ହେଉଥିବା ଅଭିଯୋଗ ହୋଇଛି। ସେହପରି ଅନେକ ଗୁରୁତ୍ୱପୂର୍ଣ୍ଣ ରେଞ୍ଜ୍‌ରେ ପଦବୀ ଖାଲି ପଡ଼ିଛି। ଏସମ୍ପର୍କରେ କେନ୍ଦୁଝର ଡିଏଫଓ ଧନରାଜ ଏଚ.ଡି କହିଛନ୍ତି, ବନ୍ୟଜନ୍ତୁ ଶିକାର ରୋକିବା ପାଇଁ ଧରପଗଡ ହେଉଛି। ସେହିପରି ଖାଲି ଥିବା ପଦବୀ ପୂରଣ ପାଇଁ ବିଭାଗକୁ ଲେଖାଯାଇଛି।

## ୩ କି.ମି. ଖଟିଆରେ ବୁହା ହେଲେ ଗର୍ଭବତୀ

ସଜନାଗଡ଼, ୧୩।୨(ଡି.ଏନ.ଏ.)

ଦୁର୍ଗମ ରାସ୍ତା ଯୋଗୁ ଜରୁରୀ ସମୟରେ ରୋଗୀମାନେ ଡାକ୍ତରଖାନାରେ ପହଞ୍ଚି ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଗର୍ଭବତୀମାନେ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ସିଆଡିମାଳ ପଞ୍ଚାୟତ ବାଙ୍କୀଶୋଳ ଗ୍ରାମରେ। ଗ୍ରାମର ତୁଫାନ ସିଂଙ୍କ ସ୍ତ୍ରୀ ବାସନ୍ତୀ ଦୁଇଦିନ ତଳେ ନିଜ ବାପଘର ସାନ୍ଦୁରିୟା ଗ୍ରାମକୁ ଆସିଥିଲେ। ରବିବାର ସନ୍ଧ୍ୟାରେ ତାଙ୍କର ଗର୍ଭଯନ୍ତ୍ରଣା ଆରମ୍ଭ ହୋଇଥିଲା। ଗର୍ଭଯନ୍ତ୍ରଣା ବଢ଼ିବା ସହିତ ଛଟପଟ ହେବାରୁ ପରିବାର ଓ ଗାଁ ଲୋକେ ତାଙ୍କୁ ମେଡିକାଲ ଆଣିବାକୁ ଏକ ଅଟୋକୁ ଡାକିଥିଲେ। କିନ୍ତୁ ରାସ୍ତା ପାହାଡିଆ ଓ ଶୋଚନୀୟ ହୋଇଥିବାରୁ ବୁଗାଲିବନ୍ଧଠାରେ ଅଟୋ ଅଟକିଯାଇଥିଲା। ଗାଁଠୁ ୩ କି.ମି. ପାହାଡିଆ ରାସ୍ତା ପାର୍ କରି ଖଟିଆରେ ବୋହିଆଣି ବୁଗାଲିବନ୍ଧ ପହଞ୍ଚାଇଥିଲେ। ପରେ ଅଟୋରେ ଆଣି ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ। ଗର୍ଭବତୀଙ୍କ ଅବସ୍ଥା ଶୋଚନୀୟ ହୋଇଥିବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରିଛନ୍ତି।

# ୨୮ ଗାଡ଼ିମାଲିକଙ୍କ ବିରୋଧରେ ଗିରଫ ପରୱାନା

**ନିର୍ବାଚନ କାର୍ଯ୍ୟରେ ଯୋଗ ନ ଦେବା ମହଙ୍ଗା ପଡ଼ିଲା**

ବାଲେଶ୍ୱର ଅଫିସ, ୧୩।୨

ଚଳିତ ପଞ୍ଚାୟତ ନିର୍ବାଚନ ପାଇଁ ବାଲେଶ୍ୱର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଗାଡ଼ି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଛି। ସ୍ଥାନୀୟ ରିଜର୍ଭ ପୋଲିସ ପରେଡ୍ ପଡ଼ିଆଠାରେ ଏହି କାର୍ଯ୍ୟ ଚାଲିଛି। ପୋଲିଂ ପାର୍ଟି ଓ ପୋଲିସର ବ୍ୟବହାର ପାଇଁ ଏହି ଗାଡ଼ିଗୁଡ଼ିକୁ ନିୟୋଜିତ କରାଯିବ। ତେବେ ଫେବୃୟାରୀ ୧୨ତାରିଖରେ ରିପୋର୍ଟ କରିବାକୁ ଥିବା କେତେଜଣ ଗାଡ଼ି ମାଲିକ ପ୍ରଶାସନିକ ଆଦେଶକୁ ଅମାନ୍ୟ କରି ଅନୁପସ୍ଥିତ ଅଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସେମାନଙ୍କ ବିରୋଧରେ ଲୋକ ପ୍ରତିନିଧିତ୍ୱ ଅଧିନିୟମ-୧୯୫୧ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ୨୮ଜଣ ଗାଡ଼ି ମାଲିକଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯାଇଛି।

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ପ୍ରାୟ ୧୩ଶହ ଗାଡ଼ି ଅଧିଗ୍ରହଣ ପାଇଁ ଲକ୍ଷ୍ୟ ରଖାଯାଇଛି। ଆସନ୍ତା ଫେବୃୟାରୀ ୧୪ତାରିଖ ସକାଳ ୭ଟା ସୁଦ୍ଧା ସେମାନଙ୍କୁ ଭୋଗରାଇ ଓ ଜଳେଶ୍ୱର ବିତରଣ କେନ୍ଦ୍ରରେ ରିପୋର୍ଟ କରିବାକୁ କୁହାଯାଇଛି। ସେହିପରି ଯେଉଁ ଗାଡ଼ିମାଲିକମାନେ ସେମାନଙ୍କ ଗାଡ଼ି ବେସରକାରୀ କାର୍ଯ୍ୟାଳୟ/କମ୍ପାନୀ ଅଥବା ଅନ୍ୟଆଡେ ନିୟୋଜିତ ଥିବା ଦର୍ଶାଇ ପଞ୍ଚାୟତ ନିର୍ବାଚନ କାର୍ଯ୍ୟରୁ ବାଦ୍ ଦେବା ପାଇଁ ଆବେଦନପତ୍ର ଦେଇଥିଲେ ସେମାନଙ୍କ ଆବେଦନକୁ ମଧ୍ୟ ଖାରଜ କରାଯାଇଛି। ସେମାନଙ୍କୁ ତୁରନ୍ତ ନିର୍ବାଚନ କାର୍ଯ୍ୟରେ ଯୋଗଦେବା ପାଇଁ କୁହାଯାଇଛି। ଯେଉଁମାନେ ଏହି ଆଦେଶକୁ ଅମାନ୍ୟ କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପଞ୍ଚାୟତ ନିର୍ବାଚନର ସମସ୍ତ ପ୍ରକ୍ରିୟାକୁ ସୁରୁଖୁରୁରେ ସମ୍ପାଦନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରାୟ ୨୫ଶହ ଗାଡି ଅଧିଗ୍ରହଣ କରାଯିବ। ତେବେ ଆବଶ୍ୟକତା ଅନୁଯାୟୀ ପର୍ଯ୍ୟାୟକ୍ରମେ ଗାଡ଼ି ଅଧିଗ୍ରହଣ ଜାରି ରହିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମିରଞ୍ଜିତ ଦଳବେହେରା ସୂଚନା ଦେଇଛନ୍ତି।

## ଗଡ଼ିଲା ସଚେତନତା ରଥ

କେନ୍ଦୁଝର, ୧୩।୨(ଡି.ଏନ.ଏ.)

ମହାମାରୀ କୋଭିଡ୍ ସଂକ୍ରମଣରୁ ସୁରକ୍ଷା ପାଇଁ କେନ୍ଦୁଝର ଜିଲାରେ ଟିକାକରଣ ନିମନ୍ତେ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଜିଲାପାଳ ଆଶିଷ ଠାକ୍‌ରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲା ପ୍ରଶାସନ ଓ ଆକ୍ସନ ଏଡ୍‌ର ମିଳିତ ସହଯୋଗରେ ଏହି ଅଭିଯାନ ଆରମ୍ଭ ହୋଇଛି। ଜିଲାରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି କୋଭିଡ୍ ଟେଷ୍ଟ ଓ ଟିକାକରଣକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଏହି ସଚେତନତା ଆରମ୍ଭ କରାଯାଇଛି। ଯେଉଁ ଅଞ୍ଚଳରେ କୋଭିଡ୍ ଟିକାକରଣ ହାର କମ୍ ରହିଛି ସେହି ସ୍ଥାନରେ ଉକ୍ତ ସଚେତନତା ରଥ ପରିକ୍ରମା କରି ଅଧିକ ସଚେତନତା ସୃଷ୍ଟି କରିବ। ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଜାତାରାଣୀ ମିଶ୍ର ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦୁଝର ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସଞ୍ଜୀବ କୁମାର ବାରିକ, ଜିଲା ସମାଜ କଲ୍ୟାଣ ଅଧିକାରୀ ଅନସୂୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କେନାଲ କଂକ୍ରିଟ ରାସ୍ତା ନିମ୍ନମାନର ଅଭିଯୋଗ

**ଭିଜିଲାନ୍ସ ତଦନ୍ତ ଦାବି କଲେ ଗ୍ରାମବାସୀ**



ଗ୍ରାମବାସୀ କେନାଲ କାମକୁ ବନ୍ଦ କରୁଛନ୍ତି ।

ଖଇରା, ୧୩।୨(ଡି.ଏନ.ଏ.)

ଭଦ୍ରକ କେନାଲ ଡିଭିଜନ ତଥା ଖଇରା ସବ୍‌ଡିଭିଜନ ଅନ୍ତର୍ଗତ ଗୋପାଳପୁର ମାଇନରର ଗର୍ସଙ୍ଗ ନିକଟରେ କେନାଲ ପାର୍ଶ୍ୱରେ ଚାଲିଥିବା କଂକ୍ରିଟ ରୋଡ କାମ ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିବା ସହ ସହକାରୀ ଯନ୍ତ୍ରୀଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି । ଠିକାଦାର ବଳପୂର୍ବକ ରାସ୍ତା ନିର୍ମାଣ କରିବା ପରେ ଶତାଧିକ ଗ୍ରାମବାସୀ ଶନିବାର ରାସ୍ତାକାମକୁ ବନ୍ଦ କରିଛନ୍ତି। ଏହି କାମର ଭିଜିଲାନ୍ସ ତଦନ୍ତ ପାଇଁ ଅଲେଖ ସେଠୀ, ଗୌରାଙ୍ଗ ସେଠୀ, ପଞ୍ଚାନନ ସ୍ୱାଇଁ, ବାବାଜୀ ସ୍ୱାଇଁ, ଶିବପ୍ରସାଦ ସେଠୀ, ହରିହର ସ୍ୱାଇଁ ଓ ଦୈତାରୀ ସେଠୀ ପ୍ରମୁଖ ଦାବି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଉକ୍ତ କେନାଲ ରାସ୍ତାରେ ଯାତାୟାତ ସୁବିଧା ନିମନ୍ତେ ୫ଶହ ମିଟର ପାଇଁ ଆନୁମାନିକ ୨୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ଅନ୍ୟୂନ ୭ଦିନ ତଳେ ରାସ୍ତାକାମ ଆରମ୍ଭ କରାଯାଇଥିବା ବେଳେ ଏହା ନିମ୍ନମାନର ହେଉଛି। ସମୟ ଅତିକ୍ରାନ୍ତ ହୋଇଯାଇଥିବା ସିମେଣ୍ଟ ଓ ନିମ୍ନମାନର ଚିପ୍ସ ବ୍ୟବହାର କରାଯାଉଥିବା ନେଇ ଗ୍ରାମବାସୀ କହିବା ସହ ଏହି ପୁରୁଣା ସିମେଣ୍ଟ ବ୍ୟାଗ ଦେଖାଇଛନ୍ତି । ଏବେ ସବ୍‌ଡିଭିଜନର ସହକାରୀ ଯନ୍ତ୍ରୀ ପଦବୀ ୧ବର୍ଷ ଧରି ଖାଲି ପଡିଥିବାରୁ ଦାୟିତ୍ୱରେ ଥିବା ମାର୍କୋଣା ଯନ୍ତ୍ରୀ ଓ କନିଷ୍ଠଯନ୍ତ୍ରୀ ଠିକ୍ ଭାବେ କାର୍ଯ୍ୟ ତଦାରଖ କରୁ ନ ଥିବା ଅଭିଯୋଗକାରୀମାନେ କହିଛନ୍ତି। ସେପଟେ ପ୍ରଥମେ ଆରମ୍ଭରୁ ୧ଶହ ମିଟର ରାସ୍ତା ୯ଫୁଟ ଓସାର କରୁଥିବା ବେଳେ ଗ୍ରାମବାସୀ ଆପତ୍ତି କରିବା ପରେ ବାକି ରାସ୍ତା ୧୨ଫୁଟ ଓସାର କରାଯାଉଛି। ପ୍ରଥମେ ହୋଇଥିବା ଶହେ ମିଟର କରିବାକୁ ବିଭାଗ ମନା କରୁଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଖଇରା ସବଡିଭିଜନ କନିଷ୍ଠଯନ୍ତ୍ରୀ ଦେବୀପ୍ରସାଦ ମହାନ୍ତିଙ୍କୁ ଯୋଗାଯୋଗ କରିବାରେ ଗ୍ରାମବାସୀଙ୍କ ଦାବି ଅନୁଯାୟୀ ୯ ଫୁଟ ବଦଳରେ ୧୨ ଫୁଟ କରାଯାଇଛି। ବାକି ଅଭିଯୋଗଗୁଡ଼ିକ ସମ୍ପର୍କରେ ସୋମବାର ସତ୍ୟାସତ୍ୟ ଅନୁସନ୍ଧାନ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

# ବିଜେଡି ପ୍ରଚାର ରଥରେ ସନାତନ ସାରଥି

**ଚମ୍ପୁଆ ନିର୍ବାଚନମଣ୍ଡଳୀ ୧୩, ୧୪ ଓ ୧୫ନଂ. ଜୋନ୍**

ଚମ୍ପୁଆ, ୧୩।୨(ଡି.ଏନ.ଏ.)



ନିର୍ବାଚନୀ ସଭାରେ ସନାତନ ମହାକୁଡ଼ ଓ ଅନ୍ୟମାନେ।

କେନ୍ଦୁଝର ଜିଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀର ୧୩, ୧୪ ଓ ୧୫ନଂ. ଜିଲା ପରିଷଦ ଜୋନ୍‌ରେ ନିର୍ବାଚନୀ ଉଷ୍ମତା ସରଗରମ ହେବାରେ ଲାଗିଛି। ବିଜେଡି ପ୍ରାର୍ଥୀଙ୍କ ପ୍ରଚାର ରଥରେ ସାରଥୀ ସାଜିଛନ୍ତି ପୂର୍ବତନ ବିଧାୟକ ସନାତନ ମହାକୁଡ଼। ୧୩ନଂ. ଜୋନ୍‌ରେ ଉଦୟ ନାଏକ, ୧୪ନଂ.ରେ ପ୍ରଦୀପ ପ୍ରଧାନ ଓ ୧୫ନଂ. ଜୋନ୍‌ରେ ରମଣୀ ନାଏକ ବିଜେଡି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନଙ୍କ ପାଇଁ ପ୍ରଚାରକୁ ଅଧିକ ଗତିଶୀଳ କରିବା ପାଇଁ ମଇଦାନକୁ ଓହ୍ଲାଇଛନ୍ତି ସନାତନ। ପୂର୍ବରୁ ବିଭିନ୍ନ ଜନହିତକର କାର୍ଯ୍ୟରେ ସଂଶ୍ଳିଷ୍ଟ ରହି ଚମ୍ପୁଆ ନିର୍ବାଚନ ମଣ୍ଡଳୀ ତଥା କେନ୍ଦୁଝର ଜିଲାରେ ସନାତନ ବେଶ ପରିଚିତ। ବିଧାୟକ ଥିବାବେଳେ ସ୍ୱାସ୍ଥ୍ୟସେବା, ପାନୀୟଜଳ ଯୋଗାଣ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କ୍ଷେତ୍ରରେ ପଦକ୍ଷେପ ନେଇ ସେ ଲୋକଙ୍କ ବିଶ୍ୱାସ ଭାଜନ ହୋଇପାରିଥିଲେ। ଲୋକ ସେବାକୁ ଆୟୁଧ କରି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର କାର୍ଯ୍ୟ ସମ୍ପର୍କରେ ଭୋଟରଙ୍କୁ ବୁଝାଇ ଚଳିତ ପଞ୍ଚାୟତ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ଭୋଟ୍ ଦେବା ପାଇଁ ସେ ଅନୁରୋଧ କରୁଛନ୍ତି। ଶନିବାର ୧୫ନଂ. ଜୋନ୍ ଅନ୍ତର୍ଗତ ଜାଳି ପଞ୍ଚାୟତର ବର୍ଦ୍ଧନା, ୧୪ନଂ. ଜୋନ୍‌ର କରଞ୍ଜିଆ ଓ ୧୩ନଂ. ଜୋନ୍‌ର କୋଦଗାଡ଼ିଆ ପଞ୍ଚାୟତର ମିରିଗିସିଙ୍ଗାଠାରେ ଅନୁଷ୍ଠିତ ନିର୍ବାଚନ ସଭାରେ ସନାତନ ଯୋଗଦେଇ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ। ଏହି ନିର୍ବାଚନୀ ସଭାରେ ୧୩, ୧୪ ଓ ୧୫ନଂ. ଜୋନର ବିଜେଡି ପ୍ରାର୍ଥୀଙ୍କ ସମେତ ଏନ୍ଏସି ସଭାପତି ଗିରିଜା ଶଙ୍କର ସାହୁ, ପୂର୍ବତନ ଜିଲାପରିଷଦ ସଭ୍ୟ ମାନସ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ୫୦ ୟୁନିଟ୍ ରକ୍ତ ସଂଗ୍ରହ

ବାଲେଶ୍ୱର ଅଫିସ, ୧୩।୨

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ ଆଖି ଆଗରେ ରଖି ରବିବାର ସ୍ୱେଚ୍ଛାସେବୀ ସଂଗଠନ 'ସଂକଳ୍ପ' ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସଙ୍ଗଠନର ପ୍ରତିଷ୍ଠାତା ସଦସ୍ୟ ସଲିମ୍ ରାଜାଙ୍କ ତତ୍ତ୍ୱାବଧାନରେ ମୋଟ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ ସଦସ୍ୟ ଆନନ୍ଦ ସକୁନିଆ, ଜ୍ୟୋତି ପ୍ରକାଶ ଦେ, ସରୋଜ ତରାଇ, ଶେଖ୍ ଖଳିଦ୍ ଏବଂ ବିଶ୍ୱଜିତ୍ ବେହେରା ପରିଚାଳନା କରିଥିଲେ। ପଞ୍ଚାୟତ ନିର୍ବାଚନ ସମୟରେ କ୍ୟାମ୍ପଗୁଡ଼ିକ ନ ହେବା ଯୋଗୁ ରକ୍ତଭଣ୍ଡାରରେ ରକ୍ତର ଅଭାବକୁ ଦେଖି ସଙ୍ଗଠନ ପକ୍ଷରୁ ଏହି ଶିବିର ଆୟୋଜିତ ହୋଇଥିଲା। ଶିବିରରେ ନିଗମ୍ ହସ୍ପିଟାଲର କର୍ମଚାରୀ, ଜିଲା ମୁଖ୍ୟ ଚିକିତ୍ସାଳୟର ସିକ୍ୟୁରିଟି ଗାର୍ଡ ଏବଂ ଅନ୍ୟମାନେ ରକ୍ତଦାନ କରିଥିଲେ। ସଙ୍ଗଠନର ଏହି ପ୍ରୟାସ ଆଗକୁ ମଧ୍ୟ ଜାରି ରହିବ ବୋଲି ରାଜା କହିଛନ୍ତି।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ନିର୍ଗମ ବିଭାଗ, ଭୁବନେଶ୍ୱର**

**ଶ୍ରମିକ ଯୋଗାଣ ନିମନ୍ତେ ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନୋଟ୍ ବାକ୍ସ, ମୁଦ୍ରା ବ୍ୟାଗ ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପ ପରିଚାଳନା ସମ୍ବନ୍ଧିତ ବିଭିନ୍ନ କାର୍ଯ୍ୟ ନିମନ୍ତେ ଶ୍ରମିକ ଉପଲବ୍ଧ କରାଇବା ପାଇଁ ଯୋଗ୍ୟ ଠିକାଦାରଙ୍କଠାରୁ ଦୁଇ ବିଡ୍ (ବୈଷୟିକ ଓ ମୂଲ୍ୟ) ପ୍ରଣାଳୀରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଅଛି ।
୨. ଟେଣ୍ଡର ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ଏବଂ ଅନ୍ୟ ଆବଶ୍ୟକ ସୂଚନା ବ୍ୟାଙ୍କର ୱେବ୍‌ସାଇଟ https://www.rbi.org.inରେ ଉପଲବ୍ଧ ଅଛି । ଅଧିକ ସ୍ପଷ୍ଟୀକରଣ ନିମନ୍ତେ ଇଚ୍ଛୁକ ଠିକାଦାରମାନେ ନିର୍ଗମ ବିଭାଗ, ଭୁବନେଶ୍ୱରକୁ ଯୋଗାଯୋଗ କରିପାରନ୍ତି । M/s MSTC Ltd.ର e-tendering portal https://www.mstcecommerce.com/eprochome/rbi ରେ ଟେଣ୍ଡର ଆବେଦନର ଶେଷ ତାରିଖ ୧୮।୦୩।୨୦୨୨ ଅପରାହ୍ନ ୦୨.୩୦ ଘଟିକା ପର୍ଯ୍ୟନ୍ତ ରହିବ ।

କ୍ଷେତ୍ରୀୟ ନିର୍ଦ୍ଦେଶକ

# ପ୍ରଭାବ ବିସ୍ତାର ପାଇଁ ନେତାଙ୍କ ପ୍ରତିଯୋଗିତା

- ଖଣି ଅଞ୍ଚଳରେ ଜୋର୍ ଧରିଲାଣି ପ୍ରଚାର
- ପ୍ରାର୍ଥୀଙ୍କ ଦକ୍ଷତାକୁ ପରଖୁଛନ୍ତି ଭୋଟର

ଯୋଡ଼ା, ୧୩।୨(ଡି.ଏନ.ଏ.)



ବିଜେଡି ପ୍ରାର୍ଥୀମାନେ ପ୍ରଚାର କରୁଛନ୍ତି।

ଖଣିଜ ସମ୍ପଦରେ ପରିପୂର୍ଣ୍ଣ କେନ୍ଦୁଝର ଜିଲା ଯୋଡ଼ା ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରଚାର ଜୋର ଧରିଛି। ଭୋଟରମାନେ ପ୍ରାର୍ଥୀଙ୍କ ଦକ୍ଷତାକୁ ପରଖୁଛନ୍ତି। ଖଣି ଅଞ୍ଚଳ ହୋଇଥିବାରୁ ଅଞ୍ଚଳର ବିକାଶ ଓ ଖଣିରେ ନିଯୁକ୍ତି ସମସ୍ୟା ସମ୍ପର୍କରେ କେଉଁ ପ୍ରାର୍ଥୀ ସ୍ୱର ଉଠାଇବାରେ ସମର୍ଥ ହେବେ ତାହାଙ୍କ ଉପରେ ଭୋଟରଙ୍କର ନଜର ରହିଛି। ନିର୍ବାଚନ ଲଢୁଥିବା ସମସ୍ତ ପ୍ରାର୍ଥୀଙ୍କ ଅତୀତର କାର୍ଯ୍ୟ ଦକ୍ଷତାକୁ ମଧ୍ୟ ଭୋଟର ତଉଲୁଛନ୍ତି। ଏହି ବ୍ଲକ ଅଧୀନ ୩ଟି ଜିଲା ପରିଷଦ ଜୋନ୍‌ରେ ୧୯ ଗ୍ରାମ ପଞ୍ଚାୟତ ରହିଛି। କୃଷି ଅପେକ୍ଷା ଖଣି ଉପରେ ଏଠାକାର ଲୋକେ ଅଧିକ ନିର୍ଭରଶୀଳ। ୨୦୨୦ରେ ଖଣି ନିଲାମ ପ୍ରକ୍ରିୟା ଆରମ୍ଭ ହେବା ପରେ ନୂତନ ଭାବେ ବହୁରାଷ୍ଟ୍ରୀୟ କମ୍ପାନୀମାନେ ଅଞ୍ଚଳର ବିଭିନ୍ନ ଖଣିକୁ ହାତେଇଛନ୍ତି। ଆଗାମୀ ଏକବର୍ଷ ମଧ୍ୟରେ ଯୋଡ଼ା ବ୍ଲକରେ ଥିବା ବହୁ ଖଣିରେ ଗ୍ରାମସଭା ଓ ଜନଶୁଣାଣି ଅନୁଷ୍ଠିତ ହେବ। ତେବେ ଖଣି ଚଳାଇବା ପାଇଁ ରାଜନୈତିକ ସମର୍ଥନର ଆବଶ୍ୟକତା ରହୁଥିବାରୁ ପ୍ରଭାବ ବିସ୍ତାର କରିବା ପାଇଁ ନେତାଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥାଏ। ଯାହାର ପ୍ରଭାବ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦେଖିବାକୁ ମିଳୁଛି ।

ଚଳିତ ପଞ୍ଚାୟତ ନିର୍ବାଚନରେ ଶାସକ ଦଳ ବିଜେଡି ଏହି ବ୍ଲକର ୨୬,୨୭ ଓ ୨୮ନଂ. ଜୋନରେ ଜିଲା ପରିଷଦ ପ୍ରାର୍ଥୀ ଦେଇଥିବା ବେଳେ ବିଜେଡି ସମର୍ଥିତ ପ୍ରାର୍ଥୀ ଭାବେ ୧୯ଟି ପଞ୍ଚାୟତରେ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜେଡି ସରକାରଙ୍କ ୨୨ ବର୍ଷ ଶାସନ କାଳରେ ଓଡ଼ିଶାର ପ୍ରଗତି ଏବଂ ସରକାରଙ୍କର ବିଭିନ୍ନ ଯୋଜନାରେ ଖଣି ଅଞ୍ଚଳର ଉନ୍ନତିକୁ ନେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ନିର୍ବାଚନ ପ୍ରଚାରରେ ବିଜେଡିର ଷ୍ଟାର ପ୍ରଚାରକ ସାଜିଛନ୍ତି। କେବଳ ଯୋଡ଼ା ବ୍ଲକ ନୁହଁ ସମଗ୍ର ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ପ୍ରଚାରକୁ ଜୋରଦାର କରିଛନ୍ତି। ସେହିପରି ପୂର୍ବତନ ବିଧାୟକ ସନାତନ ମହାକୁଡ଼ ଓ ଜିଲା ବିଜେଡି ଉପସଭାପତି କୁଶ ଆପଟ ମଧ୍ୟ ବିଜେଡି ସପକ୍ଷରେ ମଇଦାନକୁ ଓହ୍ଲାଇଛନ୍ତି। ଏହି ହେଭିୱେଟ ନେତାମାନଙ୍କୁ ମୁକାବିଲା କରିବା ପାଇଁ ବିରୋଧୀ ଭାଜପା, କଂଗ୍ରେସ, ଜେଏମ୍‌ଏମ୍, ବାମଦଳ ଅପ୍ରସ୍ତୁତ ହୋଇ ପଡ଼ିଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଭାଜପା ମଧ୍ୟ ୩ଟି ଜୋନରେ ପ୍ରାର୍ଥୀ ଦେଇଥିବା ବେଳେ କଂଗ୍ରେସ ଗୋଟିଏ ଜୋନରେ ପ୍ରାର୍ଥୀ ଦେବାରେ ସମର୍ଥ ହୋଇଛି।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ନିର୍ଗମ ବିଭାଗ, ଭୁବନେଶ୍ୱର**

**ନୋଟ୍ ବାକ୍ସ ଏବଂ ମୁଦ୍ରା ବ୍ୟାଗଗୁଡ଼ିକର ପରିବହନ ନିମନ୍ତେ ଯାନ ଯୋଗାଣ ପାଇଁ ଇ- ଟେଣ୍ଡର ଆମନ୍ତ୍ରଣ ସୂଚନା**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ସଡ଼କ ପଥରେ ଓଡ଼ିଶାରେ ନୋଟ୍ ବାକ୍ସ ଓ ମୁଦ୍ରା ବ୍ୟାଗ ପରିବହନ ନିମନ୍ତେ ଯାନ ଉପଲବ୍ଧ କରାଇବା ପାଇଁ ଯୋଗ୍ୟ ଠିକାଦାରଙ୍କଠାରୁ ଦୁଇ ବିଡ୍ (ବୈଷୟିକ ଓ ମୂଲ୍ୟ) ପ୍ରଣାଳୀରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଅଛି ।
୨. ଟେଣ୍ଡର ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ଏବଂ ଅନ୍ୟ ଆବଶ୍ୟକ ସୂଚନା ବ୍ୟାଙ୍କର ୱେବ୍‌ସାଇଟ https://www.rbi.org.inରେ ଉପଲବ୍ଧ ଅଛି । ଅଧିକ ସ୍ପଷ୍ଟୀକରଣ ନିମନ୍ତେ ଇଚ୍ଛୁକ ଠିକାଦାରମାନେ ନିର୍ଗମ ବିଭାଗ, ଭୁବନେଶ୍ୱରକୁ ଯୋଗାଯୋଗ କରିପାରନ୍ତି । M/s MSTC Ltd.ର e-tendering portal https://www.mstcecommerce.com/eprochome/rbi ରେ ଟେଣ୍ଡର ଆବେଦନର ଶେଷ ତାରିଖ ୧୮।୦୩।୨୦୨୨ ଅପରାହ୍ନ ୦୨.୩୦ ଘଟିକା ପର୍ଯ୍ୟନ୍ତ ରହିବ ।

କ୍ଷେତ୍ରୀୟ ନିର୍ଦ୍ଦେଶକ



“ଯାହା କିଛି ଘଟୁନା କାହିଁକି, ନିଶ୍ଚଳ ଓ ପ୍ରଶାନ୍ତ ରୁହ। ଏକ ବିଶୁଦ୍ଧ ଶାନ୍ତି ଏବଂ ଈଶ୍ୱରଙ୍କ କରୁଣା ଉପରେ ସଂପୂର୍ଣ୍ଣ ବିଶ୍ୱାସ ଓ ନିର୍ଭରଶୀଳତା ରଖ। ଯଦି ଏହା ରଖିପାର ତେବେ ନିଶ୍ଚିତ ଥାଅ ଯେ, ତୁମର କିଛି ଅନିଷ୍ଟ ଘଟିବ ନାହିଁ। **-ଶ୍ରୀମା**



# ଆଗାମୀ ତନ୍ତ୍ର



ସୁଧିରାଜ ରାଉତ

ମନୁଷ୍ୟ ସମାଜ ପ୍ରାରମ୍ଭରୁ ଏଯାଏ ନିଜର ଆବଶ୍ୟକତା ପାଇଁ ଅନେକ ଶାସନତନ୍ତ୍ର ଆବିଷ୍କାର କରିଛି, ପୁଣି ତାହାକୁ ଫିଙ୍ଗିଦେଇ ନୂଆ ଆବଶ୍ୟକତା ଅନୁରୂପ ନୂଆ ତନ୍ତ୍ର ଖୋଜି ବାହାରିଛି। ଆଜି ପୃଥିବୀରେ ମୌଳିକତଃ ଦୁଇଟି ଶାସନ ତନ୍ତ୍ର ମଣିଷ ଏବଂ ସମାଜର ପ୍ରଗତି ପାଇଁ ପଥ ହୋଇ ରହିଛି ଓ ଏଇ ଦୁଇ ତନ୍ତ୍ର ପ୍ରଗତିର ପଥ ଓଗାଳି ଠିଆ ହେବା ଭଳି ମନେହେଉଛି। ଗଣତନ୍ତ୍ର ଏବଂ ସମାଜବାଦ ଅନେକ ଦଶନ୍ଧି ହେଲା ଦୁଇ ପ୍ରକାଣ୍ଡ ଦ୍ୱୈତ ପ୍ରାୟେ ପରସ୍ପର ସହ ଲଢ଼ିବାରେ ଲାଗିଛନ୍ତି। ଯେଉଁ ଉତ୍ସାହ ନେଇ, ସ୍ୱପ୍ନ ନେଇ ଦୁହିଁଙ୍କର ଜନ୍ମ ହୋଇଥିଲା, ତାହା ଏବେ କେବଳ ମଉଳି ଯାଇନାହିଁ, ସମଗ୍ର ପୃଥିବୀକୁ ଏ ଦୁହେଁ ଦୁଇଭାଗରେ ବିଭକ୍ତ କରି ପରସ୍ପରକୁ ଗ୍ରାସିବା ପାଇଁ ଅହରହ ମାତିଛନ୍ତି। ଏବେ ମନେହେଉଛି ଏହି ଦୁହିଁଙ୍କୁ ଡେଇଁ ନୂଆ ଶାସନ ବ୍ୟବସ୍ଥା ଖୋଜିବାକୁ ସତେ ଅବା ସମୟ ଆମ ସଭିଙ୍କୁ ଆହ୍ୱାନ କରୁଛି । କିନ୍ତୁ ସମଗ୍ର ପୃଥିବୀର ସୃଜନମନସ୍କ, ବୁଦ୍ଧିଜୀବୀ ଏହି ଦୁଇ ବ୍ୟବସ୍ଥାର ସପକ୍ଷ ଅବା ବିପକ୍ଷରେ ଠିଆ ହୋଇ ପରସ୍ପରକୁ କାଦୁଅ ଫିଙ୍ଗିବାରେ ମାତିଛନ୍ତି। ଅପରପକ୍ଷରେ ଯେଉଁ ଭାରତବର୍ଷ ତା'ର ସର୍ବାଧିକ ନିଜର ଓ ବିଶ୍ୱର ଅଭିଜ୍ଞତାକୁ ନେଇ କିଛି ନୂତନ, ପ୍ରଶସ୍ତ, ପ୍ରଭାବଶାଳୀ, ନମନୀୟ ନୂତନ ତନ୍ତ୍ରଟିଏ ସ୍ୱାଧୀନ ଭାରତବର୍ଷ ପାଇଁ ନିର୍ମାଣ କରିଥା'ନ୍ତା, କିନ୍ତୁ ଆମ ଶେଷ ନେତୃତ୍ୱମାନେ କ୍ଷମତା କନ୍ଦଳରେ ମାତି ଏବଂ ଭାରତର ଆତ୍ମାରୁ ବିଚ୍ୟୁତ ହୋଇ, ପାଶ୍ଚାତ୍ୟ ପ୍ରଭାବରେ ଅତିଶୟ ପ୍ରଭାବିତ ହୋଇ ସେହି ଦିବ୍ୟ ସମ୍ଭାବନାଟିର ଅଙ୍କୁରୋଦ୍‌ଗମ କରିବା ପୂର୍ବରୁ ହିଁ ମାରିଦେଲେ । ଶ୍ରୀଅରବିନ୍ଦ କହନ୍ତି ''ଯେଉଁ ଶାସନ ବ୍ୟବସ୍ଥା ପାଶ୍ଚାତ୍ୟରେ ପଚି ଗନ୍ଧାଇଲାଣି ତାକୁ ଆମେ ବଡ଼ ଆଡ଼ମ୍ବରରେ ବରଣ କରୁଛୁ।''

ସ୍ୱଳ୍ପରେ ଏଇ ଦୁଇ ବ୍ୟବସ୍ଥାର ଅସଫଳତାକୁ ବୁଝିବା। ସମାଜବାଦ ଯେଉଁ ସୁନାମି ଓ ସମ୍ଭାବନା ନେଇ ଏ ପୃଥିବୀରେ ପ୍ରକଟହେଲା, ତାହା ପରବର୍ତ୍ତୀ ସମୟରେ ନିଜ ଲକ୍ଷ୍ୟ ଓ ପଥରୁ ବିଚ୍ୟୁତ ହେଲା, କ୍ଷମତା ଏବଂ ବିସ୍ତାର ଏହାର ସର୍ବମୂଳ ଲକ୍ଷ୍ୟ ହୋଇ ରହିଲା। ଏହାର ମୁଖ୍ୟ କାରଣ ମନୁଷ୍ୟ ଅନ୍ତଃଚେତନାକୁ ଏହା ଅସ୍ୱୀକାର କରିବା ସହ ଧର୍ମକୁ, ଅଧ୍ୟାତ୍ମକୁ ଅଫିମ ବୋଲି ଘୋଷଣା କଲା, ମନୋହର ଲୋହିଆଙ୍କ ଭାଷାରେ ''ଜଗତ ସତ୍ୟ, ବ୍ରହ୍ମ ମିଥ୍ୟା।'' ଭୌତିକ ହିଁ ଏକମାତ୍ର ସତ୍ୟ ଏବଂ ମନୁଷ୍ୟ ଜୀବନ ଏକ ରାସାୟନିକ ପିଣ୍ଡ, ଯାହା ଆବେଗ ଓ ଆବଶ୍ୟକତାର ଏକ ଗାଣିତିକ ସମୀକରଣ, ସେ ଏହାକୁ ଏହି ରୂପେ ସମଗ୍ର ଭାବେ ମାନିନେଲା। ମନୁଷ୍ୟ ଯେ ମହୁଫେଣାର ମହୁ ନୁହେଁ, ଉଇହୁଙ୍କାର ଉଇନୁହେଁ, ଏହାଠାରୁ ଆହୁରି ବହୁତ ଅଧିକ କିଛି ଏହାକୁ ସେ ଦେଖି ମଧ୍ୟ ଦେଖିବାକୁ ଅସ୍ୱୀକାର କଲା। ଗୋଟିଏ ଦଳ, ଗୋଟିଏ ମତ, ଗୋଟିଏ ପଥ... ଆଉ ସବୁ ଅଫିମ ଓ ଅସତ୍ୟ ଏହି ଦାନବୀୟ ପ୍ରବୃତ୍ତିକୁ ଯତ୍ନରେ ପାଳନ କରି ଗୁଡ଼ାଏ ଦାନବକୁ ତିଆରିବାରେ ଲାଗିଲା।

ଅପରପକ୍ଷରେ ଗଣତନ୍ତ୍ର ମହାଆଡ଼ମ୍ବରର ଏକ ଯାତ୍ରା, ଯାହା ଆମକୁ ଲକ୍ଷ୍ୟରୁ କେତେନା କେତେ କୋଷ ଦୂରରେ ଅଟକାଇ ରଖିଛି ଏବଂ ଲକ୍ଷ୍ୟରେ ପହଞ୍ଚିଯିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଚାଲିଛି । ଏହା ତାହାର ସର୍ବାଧିକ ଶକ୍ତିକୁ ଦେଶ ଓ ସମାଜର ପ୍ରଗତିଠାରୁ ନିଜ ଦଳର ବିଜୟ ଓ ବିସ୍ତାରରେ ଖର୍ଚ୍ଚ କରିବାରେ ଲାଗିଛି। ଅନେକ ଦଳରେ ଦେଶ ଓ ପ୍ରଦେଶକୁ ବିଭାଜିତ କରି କେତେନା କେତେ ବିଭ୍ରାନ୍ତି ଭିଆଇବାରେ ମାତିଛି। ନାଗରିକ ଉପରେ ଗୋଟିଏ ଦଳର ଛାପ ଓ ଚାପ ଲଦିଦେଇ ମଣିଷ ମଣିଷ ମଧ୍ୟରେ ମିଥ୍ୟା ଦୂରତାମାନ ଗଢ଼ିଚାଲିଛି। ରାଜଧାନୀରୁ ପଲ୍ଲୀଯାଏ, ନଗରରୁ ପ୍ରତି ଗ୍ରାମଯାଏ ମଣିଷକୁ, ଜାତିକୁ, ଧର୍ମକୁ ବିଭିନ୍ନ ରାଜନୈତିକ ଦଳରେ ବିଭାଜିତ କରାଇ ଲଢ଼ାଇ ଚାଲିଛି। ଦଳର ବିଜୟ ପାଇଁ ସବୁପ୍ରକାର ଅନୈତିକ ପଥ ଗ୍ରହଣ କରାହେଉଛି। ସତେ ଅବା ଲାଗୁଛି ଏହିସବୁ ବିଭ୍ରାନ୍ତି ଓ ମିଥ୍ୟା ହିଁ ଗଣତନ୍ତ୍ର । ଦଳ ନ ଥାଇ ଶାସନତନ୍ତ୍ର ସମ୍ଭବ କି? ହଁ ସମ୍ଭବ, ଶ୍ରୀଅରବିନ୍ଦ ଲେଖିଛନ୍ତି - ଦଳ ମୁକ୍ତ ଶାସନ ବ୍ୟବସ୍ଥା ହିଁ ଭବିଷ୍ୟତ।

ଗଣତନ୍ତ୍ର ଓ ସମାଜବାଦର ମୌଳିକ ଦାବିକୁ ଦୃଷ୍ଟିରେ ରଖି, ନିଜର ଓ ଇତିହାସର ଅଭିଜ୍ଞତାକୁ ନେଇ ଅବଶ୍ୟ ଭାରତବର୍ଷ ଏକ ନୂତନ ସୃଜନ ଶାସନତନ୍ତ୍ର ଗଢ଼ିପାରିଥାନ୍ତା, କିନ୍ତୁ ଏହାର ନିର୍ମାତାମାନେ ପାଶ୍ଚାତ୍ୟ ଦ୍ୱାରା ଏତେ ପ୍ରଭାବିତ ଥିଲେ ଯେ, ନିଜର ନିଷ୍ଠା, ସାଧୁତା, କର୍ତ୍ତବ୍ୟ ସତ୍ତ୍ୱେ, ସୃଜନ ଓ ସମ୍ଭାବନାଠାରୁ ଦୂରେଇଯାଇ ତଥ୍ୟକୁ ହିଁ ଆଧାରକରି ସମ୍ବିଧାନ ଗଢ଼ିଲେ। ସୃଜନକୁ ଫିଙ୍ଗିଦେଇ ବହୁ ଦେଶର ସମ୍ବିଧାନରୁ ତଥ୍ୟସବୁକୁ ସାଉଁଟି ଲେଖା ହେଲା ଆମ ସମ୍ବିଧାନ। ବିଭିନ୍ନ ଦେଶରୁ ପରିବାସବୁ ତୋଳି ଆଣିଲେ ସତ, କିନ୍ତୁ ଏହାକୁ ଭାରତ ଆତ୍ମାର ଅଗ୍ନିରେ ମୋଟେ ପାକ ନ କରି, ପରିବା ଆକାରରେ ରଖିଦେଲେ। ପରବର୍ତ୍ତୀ ସମୟରେ ସେହି ପରିବାକୁ ନେଇ ନିଜକୁ ସୁହାଇବା ଭଳି ବ୍ୟଞ୍ଜନ ସବୁ ଗଢ଼ାଗଲା, ପରିଣାମ ସ୍ୱରୂପ ଏଠି ବଞ୍ଚିଥିବା ଯାଏଁ ଜଣେ ପ୍ରଧାନମନ୍ତ୍ରୀ ରହିପାରିବ। ବଂଶବାଦ, ଧର୍ମ କନ୍ଦଳ, ଦଳ ପାଇଁ ବଳ... ସେବେଠୁ ଗଣତନ୍ତ୍ର ନାମରେ ଏହା ହିଁ ଏଠି ସର୍ବମୂଳ ହୋଇ ରହିଲା। ଭାରତବର୍ଷ ଯାହା ନିଜ ପାଇଁ ଏବଂ ବିଶ୍ୱ ସକାଶେ ନୂତନ ବ୍ୟବସ୍ଥା ଗଢ଼ିପାରିବାର ପୂର୍ଣ୍ଣ ସାମର୍ଥ୍ୟ ରଖିଥିଲା, ତାହା ବହୁ ଦୂରକୁ ଘୁଞ୍ଚିଗଲା ଏବଂ ପାଶ୍ଚାତ୍ୟକୁ ମୂଳରୁ ଚୂଳ ଯାଏଁ ଅନୁକରଣ କରି ସବୁଠୁ ସୃଜନ ଜାତି ନିଜ ପାଇଁ ସବୁଠୁ ସୃଜନ ରହିତ ସମ୍ବିଧାନ ନିର୍ମାଣ କଲା ।

ବର୍ତ୍ତମାନ ଆସ ଆମ ଆଉ ନୂଆ ତନ୍ତ୍ରଟିଏ ଖୋଜିବାର ପ୍ରୟାସ କରିବା । ଦଳ ମୁକ୍ତ ଗଣତନ୍ତ୍ର ଏବଂ ସମାଜବାଦର ମୌଳିକ ଦାବିକୁ ସମନ୍ୱୟ ଘଟାଇ କ'ଣ ଏକ ଶାସନତନ୍ତ୍ର ଗଢ଼ା ହୋଇପାରିବ ନାହିଁ? ଇତିହାସ ଏବଂ ରାଜନୀତିର ଛାତ୍ର ନ ହୋଇ, ଅନେକ ଥର ନିରୋଳାରେ ବସି ଭାରତର ଶାସନ ବ୍ୟବସ୍ଥା ନିମ୍ନରୂପେ ହୋଇଥିଲେ ଖୁବ୍ ଭଲ ହୋଇଥାନ୍ତା ଭାବିଛି– ପ୍ରଥମେ ପ୍ରଧାନମନ୍ତ୍ରୀଙ୍କ ଗଠନରୁ ଆରମ୍ଭ କରିବା। ଜଣେ ବ୍ୟକ୍ତି ସର୍ବାଧିକ ଆମେରିକା ରାଷ୍ଟ୍ରପତିଙ୍କ ଭଳି ଦୁଇଥର ହିଁ ଏହି ଦାୟିତ୍ୱରେ ରହିପାରିବେ । ଆମ ଦେଶର ରାଷ୍ଟ୍ରପତିଙ୍କ ନିର୍ବାଚନ ଭଳି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟ ଅବଧି ଶେଷ ହେବା ପୂର୍ବରୁ ଏବଂ ଏହି ସେବା ଦେବା ପାଇଁ ଆଶାୟୀ ବହୁ ବ୍ୟକ୍ତିଙ୍କ ମଧ୍ୟରୁ ଯେଉଁ ଦୁଇ ବ୍ୟକ୍ତି ସେହି ସମୟର ଏମ୍‌ପି, ଏମ୍‌ଏଲ୍‌ଏଙ୍କ ସର୍ବାଧିକ ଭୋଟ ପ୍ରାପ୍ତ କରିବେ, ପରବର୍ତ୍ତୀ ସମୟରେ ସେହି ଦୁଇଙ୍କ ମଧ୍ୟରୁ କିଏ ପ୍ରଧାନମନ୍ତ୍ରୀ ହେବେ ଜନସାଧାରଣଙ୍କ ଭୋଟ ତାହା ନିର୍ଣ୍ଣୟ କରିବ। ଏଠି କୌଣସି ଦଳ ରହିବ ନାହିଁ, ବ୍ୟକ୍ତି ହିଁ ସର୍ବମୂଳ ହୋଇ ରହିବ। ବର୍ତ୍ତମାନ ଏମ୍‌ପି, ଏମ୍‌ଏଲ୍‌ଏ କିଭଳି କୌଣସି ଦଳ ନ ଥାଇ ନିର୍ବାଚିତ ହୋଇପାରିବେ ବିଚାରକୁ ଆସିବା। ଯେଉଁ ଯେଉଁ ପ୍ରାର୍ଥୀମାନେ ଏହି ସେବା ଦେବା ପାଇଁ ଇଚ୍ଛୁକ, ଯଦି ସେମାନଙ୍କ ସଂଖ୍ୟା ଦୁଇରୁ ଅଧିକ ହେଉଛି, ତେବେ ସେ ଅଞ୍ଚଳର ସେ ସମୟରେ ସେବା ପ୍ରଦାନକାରି ସରପଞ୍ଚ, ସମିତି ସଭ୍ୟଙ୍କ ଭୋଟ ଯେଉଁ ଦୁଇ ପ୍ରାର୍ଥୀ ସର୍ବାଧିକ ପାଇବେ, ସେହି ଦୁଇଙ୍କ ମଧ୍ୟରୁ ସର୍ବସାଧାରଣ ଭୋଟ ଦେଇ ନିଜ ପସନ୍ଦ ପ୍ରାର୍ଥୀଙ୍କୁ ଚୟନ କରିବେ। ଏହାପରେ ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରୁ ଅନ୍ୟାନ୍ୟ ମନ୍ତ୍ରୀ ପଦ ପାଇଁ ପ୍ରଧାନମନ୍ତ୍ରୀ ନିଜ ପସନ୍ଦର ବ୍ୟକ୍ତି ଚୟନ କରିବେ ସତ, କିନ୍ତୁ ତାହା ୫୦% ମତରେ ଉଭୟ ସଦନରେ ପାରିତ ହେବାକୁ ପଡିବ। ଏହାଦ୍ୱାରା ସମଗ୍ର ଦେଶର ସାମର୍ଥ୍ୟବାନ୍ ମଣିଷମାନେ ମନ୍ତ୍ରୀ ହୋଇପାରିବେ ଏବଂ ପ୍ରଧାନମନ୍ତ୍ରୀ ନିଜ କ୍ଷମତାର ଦୁରୁପଯୋଗ କରିପାରିବେ ନାହିଁ। ହଁ, କେବଳ ସେହିମାନେ ପ୍ରଧାନମନ୍ତ୍ରୀ ପଦ ପାଇଁ ନିର୍ବାଚନ ଲଢ଼ିପାରିବେ, ଯେଉଁମାନେ ପୂର୍ବରୁ ଗୃହମନ୍ତ୍ରୀ, ବୈଦେଶିକ ମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ, ଅର୍ଥମନ୍ତ୍ରୀ ଏବଂ କେଉଁ ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଥିବା ସର୍ବନିମ୍ନ ଯୋଗ୍ୟତା ହୋଇ ରହିବ। ଦେଶରେ ପ୍ରଧାନମନ୍ତ୍ରୀଙ୍କ ଭଳି ରାଜ୍ୟମାନଙ୍କରେ ମୁଖ୍ୟମନ୍ତ୍ରୀ ସେହି ଭାବେ ନିର୍ବାଚିତ ହେବେ ଏବଂ ଦୁଇଥର ସର୍ବାଧିକ ସେ ଏ ପଦରେ ରହିପାରିବେ। ଦଳ ମୁକ୍ତ ହୋଇ ନିର୍ବାଚନ ସବୁ ଆଡ଼ମ୍ବରଶୂନ୍ୟ ହେବ। ବ୍ୟକ୍ତିର ବ୍ୟକ୍ତି, ତା'ର ସେବା ଭାବ, ତା'ର ଦକ୍ଷତା ହିଁ ସର୍ବସାଧାରଣଙ୍କ ପାଇଁ ସବୁକିଛି ହୋଇ ରହିବ। ବଂଶବାଦର ବିଷ ଆଉ ବଢ଼ିପାରିବ ନାହିଁ, ଅସାମାଜିକ ପ୍ରବୃତ୍ତିମାନେ ଫଳିପାରିବେ ନାହିଁ। ଦେଶର ପ୍ରଶାସନ ପ୍ରତି ଦଳ ଓ ନେତାଙ୍କ ଅନୈତିକ ଚାପ ରହିବ ନାହିଁ। ହଁ, ନୋଟାକୁ ମଧ୍ୟ ଶକ୍ତିଶାଳୀ କରାଯିବ, ଯଦି କୌଣସି ସ୍ଥାନରେ ପ୍ରାର୍ଥୀମାନଙ୍କ ଠାରୁ ସର୍ବାଧିକ ନୋଟାର ଭୋଟ ଅଧିକ ହେଲା, ସେ ସମସ୍ତ ପ୍ରାର୍ଥୀଙ୍କର ୧୦ ବର୍ଷ ପାଇଁ ଲଢ଼ିବା ଏବଂ ଭୋଟ ଦେବାର ଅଧିକାରକୁ ରଦ୍ଦ କରାଯିବ।

ଏହା କହିବା ପଛରେ ଉଦ୍ଦେଶ୍ୟ ନୁହେଁ ମୋର ବିଜ୍ଞତା ପ୍ରମାଣ କରିବା, ଏକମାତ୍ର ଉଦ୍ଦେଶ୍ୟ– ଦେଶର ଏବଂ ପୃଥିବୀର ନେତୃତ୍ୱ ଏବଂ ବିଦ୍ୱାନ୍‌ମାନେ ଚାହିଁଲେ ନିଶ୍ଚୟ ଦଳମୁକ୍ତ ଗଣତନ୍ତ୍ରଟିଏ ଗଢ଼ିପାରନ୍ତେ, ଯାହା ସମାଜବାଦର ମୌଳିକ ଦାବି ଏବଂ ଗଣତନ୍ତ୍ରର ନାଗରିକ ଅଧିକାରକୁ ଦୃଷ୍ଟିରେ ରଖି ଏକ ନୂତନ ତନ୍ତ୍ର ପୃଥିବୀକୁ ଓହ୍ଲାଇ ଆଣିପାରନ୍ତେ, ଯାହା ପୃଥିବୀ ଅନେକ ବର୍ଷରୁ ତୃଷାର୍ତ୍ତ ହୋଇ ଚାହିଁଛି।

**ଇନ୍ଦ୍ରାବତୀ, ନବରଙ୍ଗପୁର**
**ମୋ: ୯୪୩୭୬୪୧୪୧୩**

## ଆର୍ଦ୍ରା ନକ୍ଷତ୍ରର ଇତିବୃତ୍ତ



ରିତେଶ କୁମାର ଶିଶୁ

ମର୍ତ୍ତ୍ୟମଣ୍ଡଳେ ଦେହ ବହି, ଦେବତା ହେଲେ ହେଁ ମରଇ। ମୃତ୍ୟୁ ଏକ ଚିରନ୍ତନ ସତ୍ୟ। ହେଲେ ରାତି ଆକାଶରେ ଦୃଶ୍ୟମାନ ସୁନ୍ଦର ତାରାଗୁଡ଼ିକର ବି ମୃତ୍ୟୁ ହୁଏ। ଆମ ଶାସ୍ତ୍ରରେ ମୁନିଋଷିମାନେ ଅନେକ ନକ୍ଷତ୍ରଙ୍କର ଅବସ୍ଥିତି ଓ ଗତିବିଧି ଉପରେ ଲକ୍ଷ୍ୟ ରଖି ସେମାନଙ୍କର ନାମକରଣ ମଧ୍ୟ କରିଛନ୍ତି। ସେଥିମଧ୍ୟରୁ ଆର୍ଦ୍ରା ନକ୍ଷତ୍ର ଅନ୍ୟତମ, ଯାହାର ଇଂଲିଶ ନାମ ବିଟଲଗୁଜ୍ ଓ ବୈଜ୍ଞାନିକ ନାମ ଆଲ୍‌ଫା-ଓରିଓନିସ। ଏହା ରାତ୍ରି ଆକାଶରେ ଦଶମ ଉଜ୍ଜ୍ୱଳତମ ଓ ଏକ ଲୋହିତ ଦାନବ ଶ୍ରେଣୀର ନକ୍ଷତ୍ର। କାଳପୁରୁଷ (ଓରିଅନ) ମଣ୍ଡଳର କମରବନ୍ଧର ତିନୋଟି ତାରା ଏକ ସରଳ ରେଖାରେ ଦେଖାଯାଆନ୍ତି, ଏହି କମରବନ୍ଧର ବାମ ପଟ ତାରକାର ଠିକ୍ ଉପରକୁ ସବୁଠୁ ଉଜ୍ଜ୍ୱଳ ନକ୍ଷତ୍ରଟି ହେଉଛି ଆର୍ଦ୍ରା। ଏହା ଆମ ଆକାଶଗଙ୍ଗା ବା ମିଲ୍କିଓ୍ୱେ ଗାଲାକ୍ସିର ଏକ ଅତି ବିଶାଳ ନକ୍ଷତ୍ର, ଯାହା ଆମଠାରୁ ପ୍ରାୟ ୭୦୦ ଆଲୋକ ବର୍ଷ ଦୂରତାରେ ଅବସ୍ଥିତ। ସୂର୍ଯ୍ୟ ତୁଳନାରେ ଏହା ପ୍ରାୟ ୧୦୦୦ ଗୁଣ ବ୍ୟାସାର୍ଦ୍ଧରେ ବଡ଼, ୧୨୬୦୦୦ ଗୁଣ ଉଜ୍ଜ୍ୱଳ ଓ ବସ୍ତୁତ୍ୱରେ ୧୧ଗୁଣ ଅଧିକ ଘନ। ଏହି ନକ୍ଷତ୍ରଟି ଗତ କିଛି ଦିନ ହେବ ବୈଜ୍ଞାନିକ ଉତ୍କଣ୍ଠାର କାରଣ ହୋଇଛି। କାରଣ ଆର୍ଦ୍ରା ନକ୍ଷତ୍ର ଏହାର ଶେଷଦିନ ଗଣୁଛି ଏବଂ ଆଗାମୀ ଭବିଷ୍ୟତରେ ଯେକୌଣସି ସମୟରେ ଏହା ଏକ ବିରାଟ ବିସ୍ଫୋରଣ ବା ସୁପରନୋଭା ହୋଇ ମରଣକୁ ଆଦରି ନେବ। ବୈଜ୍ଞାନିକ ଅନୁଶୀଳନ ଅନୁଯାୟୀ ଏହି ତାରାଟି ଏବେ ଏକ ଅସନ୍ତୁଳିତ ଅବସ୍ଥାରେ ଅଛି। ଯେଉଁଥିପାଇଁ ଏହାର ଉଜ୍ଜ୍ୱଳତା ଅତିମାତ୍ରାରେ କମ୍ ବେଶି ହେଉଛି, ଯାହା ପୃଥିବୀପୃଷ୍ଠରୁ ଦୃଶ୍ୟମାନ ହେଉଛି। ଏହି ନକ୍ଷତ୍ରଟି ଯେବେ ସୁପରନୋଭା ହୋଇ ବିସ୍ଫୋରିତ ହେବ ଏହା ଆମ ରାତି ଆକାଶରେ ଜହ୍ନ ପରି ଉଜ୍ଜ୍ୱଳ ଦେଖାଯିବ ଓ ଦିନ ବେଳା ମଧ୍ୟ ଦୃଷ୍ଟିଗୋଚର ହେବ ବୋଲି ବୈଜ୍ଞାନିକମାନେ ଆକଳନ କରିଛନ୍ତି। ଏହି ମହାବିସ୍ଫୋରଣରୁ ଅନେକ ପ୍ରକାର ତେଜସ୍କ୍ରିୟ ରଶ୍ମି ମଧ୍ୟ ବିଚ୍ଛୁରିତ ହେବ, ଯେଉଁମାନଙ୍କ ମଧ୍ୟରୁ ଗାମା ରଶ୍ମି ବିକିରଣ ଅତ୍ୟନ୍ତ ଭୟଙ୍କର ଏବଂ ଏପରି ରଶ୍ମି ଯଦି ଆମ ପୃଥିବୀ ଆଡକୁ ମାଡ଼ିଆସେ ତେବେ ଏଠାରେ ଅତିବ ବିନାଶକାରୀ ପ୍ରଭାବ ପଡ଼ିପାରେ। କିନ୍ତୁ ଏପରି ସମ୍ଭାବନା ଅନେକ କମ୍ ବୋଲି ବୈଜ୍ଞାନିକମାନେ ଆକଳନ କରୁଛନ୍ତି।

ଏବେ ଆସନ୍ତୁ ନକ୍ଷତ୍ରମାନଙ୍କର ମରଣ ପ୍ରକ୍ରିୟା ଉପରେ କିଛି ଆଲୋକପାତ କରିବା। ବିଶ୍ୱ ବ୍ରହ୍ମାଣ୍ଡର ନକ୍ଷତ୍ରମଣ୍ଡଳ ବା ଗାଲାକ୍ସିଗୁଡ଼ିକରେ ମହାଜାଗତିକ ଧୂଳିକଣାରୁ ଅହରହ ନକ୍ଷତ୍ରମାନଙ୍କର ସୃଷ୍ଟି ଓ ବିନାଶ ହେଉଛି। ଆମ ଶରୀରର ଜୀବନ ପ୍ରକ୍ରିୟା ଭଳି ତାରକାମାନଙ୍କର ମଧ୍ୟ ବାଲ୍ୟ, ଯୌବନ, ବୃଦ୍ଧ ଓ ଶେଷରେ ମୃତ୍ୟୁ ଅବସ୍ଥା ଉପନୀତ ହୁଏ। ଆମେ ଯେପରି ଖାଦ୍ୟ ଖାଉଛେ ଏବଂ ହଜମ କରି ମଳତ୍ୟାଗ କରୁଛେ, ସେପରି ଏକ ପ୍ରକ୍ରିୟା ମଧ୍ୟ ନକ୍ଷତ୍ରମାନଙ୍କ କ୍ଷେତ୍ରରେ ହୋଇଥାଏ। ନାଭିକୀୟ ଜାରଣ ପ୍ରକ୍ରିୟାରେ ନକ୍ଷତ୍ରଗୁଡ଼ିକ ବାଲ୍ୟ ଅବସ୍ଥାରେ ସବୁଠାରୁ ହାଲୁକା ମୌଳିକ ପଦାର୍ଥ ହାଇଡ୍ରୋଜେନକୁ ଶକ୍ତିର ଉତ୍ସ ଭାବରେ ଗ୍ରହଣ କରି ତାହାଠାରୁ ସାମାନ୍ୟ ଓଜନିଆ ମୌଳିକ ପଦାର୍ଥ ହିଲିୟମ୍‌ରେ ପରିଣତ କରନ୍ତି ଓ ପରେ ହାଇଡ୍ରୋଜେନ ସରିଗଲେ ହିଲିୟମ୍‌କୁ ଗ୍ରହଣ କରି ଯୌବନାବସ୍ଥାରେ ତାହାଠାରୁ ଓଜନିଆ ମୌଳିକ ପଦାର୍ଥ କାର୍ବନରେ ପରିଣତ କରନ୍ତି ଏବଂ ଏହି ପ୍ରକ୍ରିୟାରେ ଜାରି ରହି ଯେତେବେଳେ ଅଧିକ ଭାରି ମୌଳିକ ପଦାର୍ଥ ଲୁହା ସୃଷ୍ଟି ହୁଏ ସେତେବେଳେ ତାରକାଟି ଆଉ ନାଭିକୀୟ ଜାରଣ କରି ନ ପାରି ବୃଦ୍ଧାବସ୍ଥାରେ ପରିଣତ ହୁଏ। ଅନ୍ୟ ଅର୍ଥରେ ନକ୍ଷତ୍ରଟି ଲୁହାକୁ ଆଉ ହଜମ କରିପାରେ ନାହିଁ। ଏହି ସମୟରେ ତାରକାର ନାଭିକୀୟ ଜାରଣ ଶକ୍ତି କମିଯାଏ। କିନ୍ତୁ ବସ୍ତୁତ୍ୱରେ ବୃଦ୍ଧି ହେତୁ ମାଧ୍ୟାକର୍ଷଣ ଶକ୍ତି ଅଧିକ ହୋଇଯାଏ। ଏଭଳି ପରିସ୍ଥିତିରେ ନକ୍ଷତ୍ରଟିର ଶକ୍ତି ଅସନ୍ତୁଳିତ ହୋଇ ପ୍ରଥମେ ଏହା ଅତ୍ୟଧିକ ମାଧ୍ୟାକର୍ଷଣ ଶକ୍ତି ପ୍ରଭାବରେ ଚାପିହୋଇ ସଂକୁଚିତ ହୋଇଯାଏ ଓ ପରେ ଅତ୍ୟଧିକ ଚାପ ଓ ତାପ ଯୋଗୁ ଏକ ଭୟଙ୍କର ବିସ୍ଫୋରଣ ବା ସୁପରନୋଭା ହୋଇ ତାରକାଟି ଫାଟିଯାଏ ଓ ତାରକାର ମୃତ୍ୟୁ ହୁଏ। କିନ୍ତୁ ସବୁ ତାରକା ସୁପରନୋଭାରେ ପରିଣତ ହୁଅନ୍ତି ନାହିଁ, କାରଣ ଆମ ସୂର୍ଯ୍ୟ ଭଳି ଛୋଟ ତାରାଗୁଡ଼ିକରେ କମ୍ ପରିମାଣର ମୌଳିକ ପଦାର୍ଥ ଓ ବସ୍ତୁତ୍ୱ ଥିବାରୁ ସେମାନଙ୍କର ଜାରଣ ପ୍ରକ୍ରିୟାରେ ଲୁହା ଭଳି ଭାରି ମୌଳିକ ପଦାର୍ଥ ସୃଷ୍ଟି ହେବାର ସମ୍ଭାବନା ବହୁତ କମ୍ ଥାଏ ଓ ସେମାନଙ୍କର ଶକ୍ତି ମଧ୍ୟ ଏତେ ଅଧିକ ନ ଥାଏ। ଏହି ପ୍ରକ୍ରିୟାରେ ନିକଟ ଭବିଷ୍ୟତରେ ଆର୍ଦ୍ରା ନକ୍ଷତ୍ରର ଅନ୍ତ ଘଟିବା ସହିତ ଆମ ଆକାଶରେ ଏକ ସୁନ୍ଦର ଦ୍ୱିତୀୟ ଜହ୍ନମାମୁ ସଦୃଶ ଏକ ସୁପରନୋଭା ବିସ୍ଫୋରଣ ଦେଖିବାର ଅବକାଶ ଆମେ କିମ୍ବା ଆମ ଆଗାମୀ ପିଢ଼ିକୁ ମିଳୁଛି ତାହା ସମୟ ହିଁ କହିବ।

**ଦଧିବାବନପୁର, କଟକ**
**ମୋ- ୮୦୧୮୮୩୪୭୩୪**

## ଏଇ ଭାରତରେ

ମାନସିକ ଅନଗ୍ରସର ସନ୍ତାନଟିଏ ଥିଲେ ତାହାର ଯତ୍ନ ନେବା କେତେ ଯେ କଷ୍ଟକର ସେକଥା ମା-ବାପା ହିଁ ଜାଣନ୍ତି। ଏମିତି ସନ୍ତାନଟିଏ ଥିଲା ସୁଲୋଚନା ଓ ନିରଜ ବିରୁଙ୍କର। ସେମାନେ ନିଜ ସନ୍ତାନ ସହ ଅନ୍ୟ ମାନସିକ ଅନଗ୍ରସରଙ୍କ ସ୍ଥିତି ଚିନ୍ତା କରି ଗଢ଼ିଛନ୍ତି ଏକ ଆଶ୍ରୟସ୍ଥଳୀ। ସେଠାରେ ସେମାନେ ୫୦୦ରୁ ଊର୍ଦ୍ଧ୍ୱ ଏଭଳି ବ୍ୟକ୍ତିଙ୍କୁ ରଖିଛନ୍ତି। ସେମାନଙ୍କର ଖାଇବା, ଚିକିତ୍ସା ସବୁର ଖର୍ଚ୍ଚ ବହନ କରୁଛନ୍ତି। ୭୦ ଦଶକରେ ଏହି ଦମ୍ପତି ସେମାନଙ୍କ ମାନସିକ ଅନଗ୍ରସର ପୁତ୍ର ସନ୍ତାନର ଚିକିତ୍ସା ତଥା ଲାଳନପାଳନରେ ବହୁ ସମସ୍ୟାର ସମ୍ମୁଖୀନ ହେବା ପରେ ଏପରି ଏକ ଆଶ୍ରୟସ୍ଥଳୀ ଖୋଲିବା ପାଇଁ ନିଷ୍ପତ୍ତି ନେଇଥିଲେ। ପୁଣେରେ ନିରଜଙ୍କର ଏକ ସ୍ପେୟାର ପାର୍ଟ୍ସ ଦୋକାନ ଥିଲା। ପ୍ରଥମେ ସେମାନେ ସେଠାରେ ତାଙ୍କ ପୁଅ ଓ ଅନ୍ୟ କେତେଜଣ ପିଲାଙ୍କୁ ନେଇ ରଖିଥିଲେ। ପରେ 'ବେରୁ ମତିମନ୍ଦ ପ୍ରତିଷ୍ଠାନ' ଗଠନ କରି ସେବାକୁ ସମ୍ପ୍ରସାରିତ କରିଥିଲେ। ତାହାକୁ ସେମାନେ ପୁଣେରୁ ମୁମ୍ବାଇ ନେଇଥିଲେ ଓ ସରକାର ତାଙ୍କୁ ଉକ୍ତ ପ୍ରତିଷ୍ଠାନ ପାଇଁ ୨.୫ ଏକର ଜମି ଲିଜ୍‌ରେ ପ୍ରଦାନ କରିଥିଲେ। ଧୀରେ ଧୀରେ ସେମାନଙ୍କ ଆଶ୍ରୟସ୍ଥଳୀରେ ମାନସିକ ବିକାରଗ୍ରସ୍ତ ପିଲା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଲା ଓ ଏବେ ସେଠାରେ ବିଭିନ୍ନ ବୟସ ବର୍ଗର ୫୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଅଛନ୍ତି। ସେମାନଙ୍କ ମଧ୍ୟରେ ଅନେକ ବୟସ୍କ ହୋଇଥିବା ବେଳେ କିଛି ଆରପାରିକୁ ଚାଲିଗଲେଣି। ଏହା ମଧ୍ୟରେ ପ୍ରତିଷ୍ଠାତା ନିରଜଙ୍କର ମଧ୍ୟ ଦେହାନ୍ତ ଘଟିଲାଣି। ତେବେ ସୁଲୋଚନା ଏବେ ଏହାର ମଙ୍ଗ ଧରିଛନ୍ତି। ସେଠାରେ ୨୦ ଜଣ କର୍ମଚାରୀଙ୍କୁ ନିଯୁକ୍ତ କରି ସେବା ଚଳାଉଛନ୍ତି। ଆର୍ଥିକ ଅନୁଦାନ ତଥା ସକ୍ଷମ ଅଭିଭାବକମାନଙ୍କ ଦେୟ ମାଧ୍ୟମରେ ଖର୍ଚ୍ଚ ଭରଣା କରୁଛନ୍ତି ସୁଲୋଚନା।

## ୨୫ ବର୍ଷ ତଳର ଧରିତ୍ରୀ

**୧୪ ଫେବୃୟାରୀ ୧୯୯୭**

- ଜାତିଆଣ ହିଂସାକାଣ୍ଡ ପାଇଁ ନିଜକୁ ଦାୟୀ କରି ମେଘାଳୟ ଘରୋଇ ବିଭାଗ ମନ୍ତ୍ରୀ ଜେ.ଏମ୍. ପାରିଆତ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।
- ସୟଦ ମକ୍‌ବୁଲ ଅଲ୍ଲୀ ଭାରତ ସରକାରଙ୍କ ସ୍ଥଳ ପରିବହନ ମନ୍ତ୍ରଣାଳୟ ଅଧୀନସ୍ଥ ଜାତୀୟ ସଡ଼କ ନିରାପତ୍ତା ପରିଷଦର ସଦସ୍ୟ ରୂପେ ମନୋନୀତ ହୋଇଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | | 3 | 9 | | |
| | 8 | | | | | | | |
| | 2 | 7 | | | 1 | | 5 | |
| 4 | | 5 | 6 | | | | | |
| 3 | | | | | | | | 9 |
| | | | 9 | | | | 7 | 8 |
| | 1 | 6 | 7 | | | | 3 | 5 |
| | | 9 | | | | | | |
| 7 | | | 4 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 1 | 3 | 9 | 5 | 6 | 8 | 4 |
| 3 | 5 | 8 | 2 | 6 | 4 | 9 | 1 | 7 |
| 9 | 4 | 6 | 1 | 7 | 8 | 2 | 3 | 5 |
| 7 | 8 | 9 | 5 | 4 | 2 | 3 | 6 | 1 |
| 5 | 3 | 2 | 8 | 1 | 6 | 4 | 7 | 9 |
| 1 | 6 | 4 | 9 | 3 | 7 | 8 | 5 | 2 |
| 8 | 2 | 3 | 7 | 5 | 9 | 1 | 4 | 6 |
| 6 | 1 | 7 | 4 | 2 | 3 | 5 | 9 | 8 |
| 4 | 9 | 5 | 6 | 8 | 1 | 7 | 2 | 3 |

ଗତକାଲିର ଉତ୍ତର

# ବିବାହ ବୟସ ଚିନ୍ତା



ଡ. ବାସନ୍ତୀ ମହାନ୍ତି

ପ୍ରାଚୀନ କାଳରୁ ଭାରତରେ ପ୍ରଚଳିତ ବିଭିନ୍ନ ପ୍ରଥା ପରମ୍ପରାର ଶିକାର ହେଉଥିବା କନ୍ୟାମାନେ ଯେଉଁ ଦୁର୍ଦ୍ଦଶା ଭୋଗ କରୁଥିଲେ, ତା'ର ନିରାକରଣ ପାଇଁ ଅନେକ ସାମାଜିକ ବିପ୍ଳବ ହୋଇଥିଲା। ବର୍ତ୍ତମାନର ଭୋଟସର୍ବସ୍ୱ ରାଜନୀତି ପରି ସେତେବେଳେ ମଧ୍ୟ ଇଂରେଜମାନେ ଭାରତୀୟ ଜନତାଙ୍କ ଅସନ୍ତୋଷର ଶିକାର ହେବା ଆଶଙ୍କାରେ ବାଲ୍ୟ ବିବାହ ସମସ୍ୟା ଉପରେ ବେଶି ଗୁରୁତ୍ୱ ଦେଉ ନ ଥିଲେ। ଭାରତୀୟ ବୁଦ୍ଧିଜୀବୀମାନଙ୍କ ଚାପରେ ଶେଷରେ ଇଂରେଜ ସରକାର ୧୯୨୯ରେ ବାଲ୍ୟ ବିବାହ ବିରୋଧୀ ବିଲ୍ ପାସ୍ କଲେ। ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ହରବିଳାସ ଶାରଦା। ସେଥିପାଇଁ ଏହି ଆଇନ ଶାରଦା ଆଇନ ୧୯୨୯ ନାମରେ ଖ୍ୟାତ। ଆଇନ ପ୍ରଣୟନର ୬ମାସ ପରେ ଅର୍ଥାତ୍ ୧୯୩୦ରୁ ଏହା କାର୍ଯ୍ୟକାରୀ ହୋଇଥିଲା। ସେତେବେଳେ ଝିଅମାନଙ୍କର ବିବାହ ପାଇଁ ନିର୍ଦ୍ଦିଷ୍ଟ ବୟସ ସୀମା ନ ଥିଲା। ଏପରି କି ଏକୋଇଶିଆ ଥାଳିରେ ରଖି କନ୍ୟାଦାନ କରିଦିଆଯିବାର ଦୃଷ୍ଟାନ୍ତ ମଧ୍ୟ ଥିଲା। ପରବର୍ତ୍ତୀ କାଳରେ ଏହି ପ୍ରଥାମାନ ନାନା ସାମାଜିକ ବିସଙ୍ଗତି ସୃଷ୍ଟି କରୁଥିଲା।

ଶାରଦା ଆଇନ ୧୯୨୯ ଫଳରେ କନ୍ୟାର ବିବାହ ବୟସ ସର୍ବନିମ୍ନ ୧୪ ଓ ପୁଅମାନଙ୍କର ବୟସ ୧୮ ରଖାଯାଇଥିଲା। କିନ୍ତୁ ଇଂରେଜମାନଙ୍କର ଆନ୍ତରିକତା ଅଭାବରୁ ଏହି ଆଇନ କାର୍ଯ୍ୟକାରୀ ହୋଇପାରୁ ନ ଥିଲା। ଭାରତର ସ୍ୱାଧୀନତା ସଂଗ୍ରାମରେ ବ୍ୟସ୍ତ ରହି ଭାରତୀୟମାନେ ମଧ୍ୟ ଏ ପ୍ରସଙ୍ଗ ପାଇଁ ସମୟ ଦେଇପାରିଲେ ନ ଥିଲେ। ଫଳରେ ଆଇନଟି କେବଳ କାଗଜପତ୍ରରେ ହିଁ ରହିଯାଇଥିଲା। ସ୍ୱାଧୀନତା ପରେ ୧୯୪୯ରେ ଜବାହରଲାଲ ନେହେରୁ ଏହି ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କଲେ ଓ କନ୍ୟାମାନଙ୍କର ବିବାହ ବୟସ ସୀମା ୧୪ରୁ ୧୫ ବର୍ଷକୁ ବୃଦ୍ଧି କଲେ। ଏହା ମଧ୍ୟ ବେଶି କିଛି ଫଳପ୍ରଦ ହେଲାନାହିଁ। ୧୯୭୮ରେ ଆଉଥରେ ଏହି ଆଇନରେ ସଂସ୍କାର ଅଣାଗଲା। ଏହି ନବ ପ୍ରବର୍ତ୍ତିତ ଆଇନରେ କନ୍ୟାମାନଙ୍କ ବୟସ ୧୮ ଓ ପୁଅମାନଙ୍କ ବୟସ ୨୧କୁ ବୃଦ୍ଧି କରାଗଲା। ଏହି ଆଇନ ଏ ପର୍ଯ୍ୟନ୍ତ ବଳବତ୍ତର ରହିଛି ଓ ଏହାକୁ ଯଥାସମ୍ଭବ କାର୍ଯ୍ୟକାରୀ କରିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ପ୍ରୟାସ କରାଯାଉଛି। ଏଥିପାଇଁ ସଚେତନତା କାର୍ଯ୍ୟକ୍ରମମାନ ହେଉଛି। ତଥାପି ଅସାମାଜିକ ଲୋକମାନେ ଏହାର ବାଧକ ସାଜୁଛନ୍ତି। ନାବାଳିକାମାନଙ୍କୁ ବିବାହ କରିଦେଉଥିବାରୁ ନିଜେ କନ୍ୟାମାନେ ମଧ୍ୟ ଲୁଚିକରି ବଣକୁ ଚାଲିଯାଉଛନ୍ତି ଅଥବା ଥାନାକୁ ଯାଇ ଅଭିଯୋଗ କରୁଛନ୍ତି। ସେମାନଙ୍କୁ ଉଦ୍ଧାର କରାଯାଇ ପୁଣି ପାଠପଢ଼ିବାକୁ ସୁଯୋଗ ଦେବାର ଏକାଧିକ ଦୃଷ୍ଟାନ୍ତ ରହିଛି। ଏଥିରୁ ସ୍ପଷ୍ଟ ଅନୁମିତ ଆଗପରି ଝିଅମାନେ ଆଉ ନିଜ ବିବାହ ସମ୍ପର୍କରେ ଅଭିଭାବକଙ୍କ ନିଷ୍ପତ୍ତିକୁ ମୁଣ୍ଡ ପାତି ସହି ନେଉନାହାନ୍ତି। ସେମାନେ ସ୍ୱାବଲମ୍ବୀ ହୋଇ ନିଜ ଇଚ୍ଛାରେ ବଞ୍ଚିବାକୁ ଚାହୁଁଛନ୍ତି। ପାଠପଢ଼ା, ଜୀବିକା ନିର୍ବାଚନ, ଜୀବନସାଥୀ ଚୟନ ଆଦି କ୍ଷେତ୍ରରେ ସେମାନେ ବେଶ୍ ରୁଚିଶୀଳ ମନେହେଉଛନ୍ତି। କେତେକ ଜିଲା ତ ସମ୍ପୂର୍ଣ୍ଣ ବାଲ୍ୟବିବାହ ମୁକ୍ତ ବୋଲି ସରକାରୀ ସ୍ତରରେ ଘୋଷଣା ହୋଇସାରିଲାଣି।

ବିଜ୍ଞାନ ଶାସ୍ତ୍ର ଅନୁସାରେ ୧୮ବର୍ଷ ବେଳକୁ ଝିଅଟି ଉଭୟ ମାନସିକ ଓ ଶାରୀରିକ ସ୍ତରରେ ପୂର୍ଣ୍ଣତା ପ୍ରାପ୍ତ ହୋଇଥାଏ। ଆମ ଦେଶରେ ଝିଅମାନେ ଶୀଘ୍ର ଯୌବନପ୍ରାପ୍ତ ହୋଇଥାଆନ୍ତି। ପୂର୍ବରୁ ୧୬ବର୍ଷ କନ୍ୟାମାନଙ୍କ ପାଇଁ ଏକ ଘଡିସନ୍ଧି ବୟସ ଥିଲା। ୧୬ବର୍ଷର ଝିଅ କହି ଅଭିଭାବକ ଓ ଆତ୍ମୀୟ ସ୍ୱଜନମାନେ ଖୁବ୍ ସ୍ପର୍ଶକାତର ହୋଇପଡୁଥିଲେ। ୧୬ ବର୍ଷର ଝିଅକୁ ଘରେ ହେଉ କି ବାହାରେ ଏକୁଟିଆ ଛଡାଯାଉ ନ ଥିଲା। ଯଥାଶୀଘ୍ର ବିବାହ ଦେଇ ମାତାପିତା ଆଶ୍ୱସ୍ତ ହେଉଥିଲେ। କହିବାକୁ ଗଲେ ଝିଅମାନଙ୍କୁ ବୋଝ ବୋଲି କୁହାଯାଉଥିଲା। ଯାହାକୁ ଅନୁଭବ କରି ତତ୍କାଳୀନ ସମାଜରେ ଝିଅମାନେ ବିବାହ ସମୟରେ ଅଭିମାନ କରି ବାପାଙ୍କ ପାଖରେ କାନ୍ଦି କାନ୍ଦି କହୁଥିଲେ– ବୋଝ ବୋଝ ବୋଲି ଉଚାଟ ହେଲ ହେ ବାପା, ବୋଝ ଓହ୍ଲାଇଣ ଉଶ୍ୱାସ ହେଲ ହେ ବାପା। କିନ୍ତୁ ଆଶ୍ୱସ୍ତିର କଥା, ଝିଅମାନେ ଆଉ ବୋଝ ହୋଇରହିଲେ ନାହିଁ କି ୧୬ବର୍ଷକୁ ଆଉ ସମ୍ବେଦନଶୀଳ ବୟସ ବୋଲି ଧରାଗଲା ନାହିଁ। ଝିଅମାନେ ପାଠ ପଢ଼ିଲେ। ସ୍କୁଲ କଲେଜକୁ ଏକା ଏକା ଗଲେ। ୧୬ବର୍ଷରେ ବିବାହ ଦେଉଥିବା ମାତାପିତା ଓ ବିବାହରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ଦଣ୍ଡବ୍ୟବସ୍ଥା ରହିଲା। ବିବାହ ବୟସ ୧୮ବର୍ଷ ହେଲା। ଏହାର ଅର୍ଥ ନୁହେଁ ଯେ ୧୮ବର୍ଷ ହେବାମାତ୍ରେ ସମସ୍ତେ ବିବାହ ହେବାକୁ ବାଧ୍ୟ। ଝିଅମାନଙ୍କର ମଧ୍ୟ ସ୍ୱାଧୀନତା ଅଛି, ସେମାନେ ଚାହିଁଲେ ପାଠପଢ଼ି ଚାକିରି କରିପାରିବେ। ଆମ ଦେଶର ସବୁଝିଅଙ୍କ ଭାଗ୍ୟରେ ଉଚ୍ଚଶିକ୍ଷା ଲାଭ ଓ ଚାକିରି ଜୁଟେ ନାହିଁ। ଯେଉଁମାନଙ୍କର ୧୮ବର୍ଷ ବେଳକୁ ଶିକ୍ଷା ସରିଯାଇଥାଏ ଓ ଚାକିରି କରିବାପାଇଁ ଆଗ୍ରହ ନ ଥାଏ ସେମାନଙ୍କ ପାଇଁ ୨୧ବର୍ଷ ବିବାହ ବୟସ ନିର୍ଦ୍ଧାରଣ କରିବା ନିଶ୍ଚୟ ସାମାଜିକ ସମସ୍ୟା ସୃଷ୍ଟି କରିବ।

ବିଳମ୍ବିତ ବିବାହ କୁମାରୀ ମାତୃତ୍ୱ ସମସ୍ୟା ସୃଷ୍ଟି କରିବ। ଆମ ସମାଜ କୁମାରୀ ମାତୃତ୍ୱକୁ ସ୍ୱୀକାର କରୁ ନ ଥିବାରୁ ଗର୍ଭନଷ୍ଟ କରିବାକୁ ଯୁବପିଢ଼ି ବାଧ୍ୟ ହୋଇଥାଏ। ତାହା ପୁଣି ଗୋପନରେ। ଅସ୍ୱାସ୍ଥ୍ୟକର ପରିବେଶ ଭିତରେ କେତେବେଳେ ଅଣତାଲିମପ୍ରାପ୍ତ ଧାଈମାନଙ୍କର ଜଡିବୁଟି ଦ୍ୱାରା, ଯାହା ଯୁବତୀମାନଙ୍କ ଜୀବନକୁ ବିପନ୍ନ କରିଥାଏ। ଗୋପନୀୟ ଗର୍ଭନଷ୍ଟ କରିବା ମଧ୍ୟ ଭାରତୀୟ ପିଙ୍ଗଳ କୋଡ୍‌ରେ ଅପରାଧ ରୂପେ ପରିଗଣିତ ହୁଏ।

ଆମ ଦେଶର ପ୍ରତ୍ୟେକ ପ୍ରଦେଶରେ ଜନଜାତି ଅଛନ୍ତି। ଜନଜାତିମାନଙ୍କ ମଧ୍ୟରେ ପ୍ରଚଳିତ ବିଭିନ୍ନ ବିବାହ ପଦ୍ଧତି ମଧ୍ୟରୁ ଉଦୁଲିଆ ବିବାହ ଅନ୍ୟତମ। ପୁଅ ଝିଅ ପରସ୍ପର ମନଦିଆନିଆ ହେଲେ କାହାକୁ ଅପେକ୍ଷା କରନ୍ତି ନାହିଁ। ସେମାନେ ଘରଛାଡ଼ି ପଳାନ୍ତି। ପରେ ଅଭିଭାବକମାନେ ସେମାନଙ୍କୁ ଖୋଜି ଲୋଡ଼ି ଆଣନ୍ତି। ଏବେ ସୁଦ୍ଧା ସେମାନଙ୍କ ମଧ୍ୟରେ ଏ ପ୍ରଥା ବଳବତ୍ତର ରହିଛି। ବିବାହ ବୟସ ୨୧ବର୍ଷ ବୃଦ୍ଧି ହେଲେ ଏହା ସମାଜରେ ଅନେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବ।

୧୮ ବର୍ଷ ବୟସରେ ଯଦି ଯୁବକ ବା ଯୁବତୀଟି ଭୋଟଦାନ କ୍ଷମତା ଅର୍ଜନ କରି ସରକାର ଗଠନରେ ସହାୟତା କରିପାରୁଛି, ତେବେ ପରିବାର କାହିଁକି ଗଠନ କରିପାରିବ ନାହିଁ? ଯଦି ବିବାହ ବୟସ ସମ୍ପର୍କିତ କିଛି ସଂସ୍କାର ଆବଶ୍ୟକ ହେଉଛି ତେବେ ଯୁବତୀ ଓ ଯୁବକଙ୍କ ବିବାହ ବୟସ ୧୮/୨୧ ପରିବର୍ତ୍ତେ ଦୁହିଁଙ୍କ ବୟସ ସମାନ ରଖାଯିବା କଥା ଚିନ୍ତା କରିବାର ସମୟ ଆସିଛି। ଏହାଦ୍ୱାରା ପାରିବାରିକ ହିଂସା ଅନେକ ପରିମାଣରେ ଊଣା ହୋଇଯିବ। ଜୀବନସାଥୀ ନିର୍ବାଚନରେ ଯୁବପିଢ଼ି ଆଉ କାହାର ହସ୍ତକ୍ଷେପ ଚାହୁଁ ନାହାନ୍ତି। ସମ୍ପର୍କ ସ୍ଥାପନ ପରେ ଦୀର୍ଘଦିନ ଅପେକ୍ଷା କରିବା ଦ୍ୱାରା ଅନେକ ଅବାଞ୍ଛିତ ସମସ୍ୟା ସୃଷ୍ଟି ହେବ। ଏସବୁରୁ ନିବର୍ତ୍ତିବା ପାଇଁ ବିବାହ ବୟସ ବୃଦ୍ଧିକରିବା ପ୍ରସ୍ତାବକୁ ଆଉ ଥରେ ଚିନ୍ତା କରିବା ଆବଶ୍ୟକ।

**ମୋ- ୯୪୩୭୦୩୩୦୭୪**

## ପାଠକ ଶ୍ରେଷ୍ଠ ବିଚାରକ

### 'ଦିନେ ନାହିଁ, କାଳେ ନାହିଁ...

ମହାଶୟ,

ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ମଣିପୁର ଓ ତ୍ରିପୁରା ବିଧାନସଭା ନିର୍ବାଚନରେ ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଏହି ସବୁ ରାଜ୍ୟକୁ ବାରମ୍ବାର ଗସ୍ତ କରି ହଜାର ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ମାଳ ମାଳ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ଏପରି କି, ଗତ ନଭେମ୍ବର ଓ ଡିସେମ୍ବର ଏହି ଦୁଇମାସରେ ପ୍ରଧାନମନ୍ତ୍ରୀ ଉତ୍ତର ପ୍ରଦେଶକୁ ୧୦ଥର ଗସ୍ତ କରିଛନ୍ତି ବୋଲି ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଅନୁରୂପ ଭାବେ ଓଡ଼ିଶାରେ ପଞ୍ଚାୟତ ନିର୍ବାଚନରେ ଜିତିବା ଲାଗି ମନ୍ତ୍ରୀମାନେ ବିଭିନ୍ନ ଜିଲା ଗସ୍ତକରି ହଜାର ହଜାର କୋଟି ଟଙ୍କା ଖର୍ଚ୍ଚରେ ମାଳ ମାଳ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି। ଏହାଛଡ଼ା, ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ପର୍ଯ୍ୟାପ୍ତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏବେ ସାଧାରଣରେ ଅନୁଭବ କରାଯାଉଛି ଯେ, କ୍ଷମତାସୀନ ହେବାର କିଛି ବର୍ଷ ଯାଏ ଆମ ରାଜନେତାମାନେ ଜନସାଧାରଣଙ୍କ ସମସ୍ୟା ସମାଧାନ ଦିଗରେ ଆଶାନୁରୂପ ତତ୍ପରତା ପ୍ରକାଶ ନ କରି ନିର୍ବାଚନ ଆସିଗଲେ ଏ ଦିଗରେ ମାତ୍ରାଧିକ ତତ୍ପରତା ପ୍ରକାଶ କରୁଛନ୍ତି। ଓଡ଼ିଶାରେ ଗୋଟିଏ ବହୁ ପ୍ରଚଳିତ ଲୋକକଥା ଅଛି– 'ଦିନେ ନାହିଁ, କାଳେ ନାହିଁ, ଗହ୍ମା ପୂନେଇକି ମାଇଁ ମାଇଁ' । ଏହି ଲୋକ କଥାଟି ସାମ୍ପ୍ରତିକ ଭାରତୀୟ ରାଜନେତାଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ କି?

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସେ ଆଖି କାଳିମାର ଉପମା ନାହିଁ
ପ୍ରଳୟ ବ୍ୟଥା ସମ ରହେ ସେ ଚାହିଁ
ତନୁର ତନ୍ମୟେ ସକଳ ନାଶି
ଅସୀମ ତମସାରେ ଉଠଇ ଭାସି
ଜୀବନେ ଯେତେ ମୋର କାଳିମା
ସହଜେ ପାରିହୁଏ ତା' ସୀମା
ସେ ଲାଗି ବେଦନାରୁ ବଳି ସେ ପ୍ରିୟ ଅତି
ଅସୀମ ତମସାରେ ଆସଇ ମୋର କତି
ନିବିଡ଼ତର କରି ମରମେ ଯାଏ ଡାକି
ଦୁଇଟି ଆଖି ସେ ତ ଦୁଇଟି କଳା ଆଖି!
-(ଦୁଇଟି କଳା ଆଖି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ



ହିଜାବ ପିନ୍ଧିଥିବା ଜଣେ ଝିଅ ଦିନେ ଭାରତର ପ୍ରଧାନମନ୍ତ୍ରୀ ହେବେ ବୋଲି ଲୋକ ସଭା ଏମ୍‌ପି ଅସାଦୁଦ୍ଦିନ ଓ୍ୱାଇସି କହିଛନ୍ତି। ହିଜାବ ପିନ୍ଧିଥିବା ମୁସଲମାନ ଛାତ୍ରୀଙ୍କୁ କର୍ଣ୍ଣାଟକର ଏକ କଲେଜରେ ପ୍ରବେଶ ଅନୁମତି ନ ମିଳିବାରୁ ଏହାକୁ ନେଇ ବିବାଦ ଦେଖାଦେଇଛି। ରବିବାର ଏକ ଭିଡିଓ ଟୁଇଟ୍ କରି ଏଆଇଏମ୍‌ଆଇଏମ୍ ମୁଖ୍ୟ କହିଛନ୍ତି, ହିଜାବ ପିନ୍ଧି ଛାତ୍ରୀ କଲେଜ ଯିବେ, ଜିଲାପାଳ, ମାଜିଷ୍ଟ୍ରେଟ, ଡାକ୍ତର ହେବେ। ହିଜାବ ପିନ୍ଧିଥିବା ଝିଅ ଦିନେ ପ୍ରଧାନମନ୍ତ୍ରୀ ହେବେ ବୋଲି ଓ୍ୱାଇସି କହିଛନ୍ତି।

# ୟୁକ୍ରେନ୍: ଶାନ୍ତି ଆଲୋଚନା ବିଫଳ



ରୁଷିଆର ଆକ୍ରମଣ ଯୋଜନା ବିରୋଧରେ ୟୁକ୍ରେନ୍‌ବାସୀଙ୍କ ପ୍ରତିବାଦ ଶୋଭାଯାତ୍ରା ।

**ମସ୍କୋ, ୧୩।୨**

ୟୁକ୍ରେନ ଓ ରୁଷିଆ ମଧ୍ୟରେ ଯୁଦ୍ଧ ସ୍ଥିତି ଟାଳିବାକୁ ଶନିବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କ ମଧ୍ୟରେ ୬୨ ମିନିଟ୍ ଧରି ହୋଇଥିବା ଆଲୋଚନା ଫଳପ୍ରଦ ହୋଇପାରିନାହିଁ। ବାଇଡେନ୍ ଯୁଦ୍ଧ ଏଡ଼ାଇବା ପାଇଁ ପୁଟିନ୍‌ଙ୍କୁ କହିବା ସହ ୟୁକ୍ରେନ ଉପରେ ଆକ୍ରମଣ କଲେ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି। ଏଥିସହ ୟୁକ୍ରେନ ପ୍ରସଙ୍ଗରେ କୂଟନୈତିକ ଆଲୋଚନା ପାଇଁ ଆମେରିକା ସର୍ବଦା ପ୍ରସ୍ତୁତ ବୋଲି ବାଇଡେନ୍ କହିଛନ୍ତି। ଏହି ଆଲୋଚନା ପରେ ରୁଷିଆ ଆମେରିକାକୁ କଡ଼ା ସମାଲୋଚନା କରିଛି। ଆମେରିକାର ପାଗଳାମି ଶୀର୍ଷରେ ପହଞ୍ଚିଛି ବୋଲି କ୍ରେମ୍‌ଲିନ୍‌ର ପ୍ରମୁଖ ବୈଦେଶିକ ନୀତି ପରାମର୍ଶଦାତା ୟୁରି ଉଶାକୋଭ୍ କହିଛନ୍ତି।

ଏକ କନ୍‌ଫରେନ୍ସରେ ଉଶାକୋଭ୍ କହିଛନ୍ତି, ବାଇଡେନ୍ ଏବଂ ପୁଟିନ୍‌ଙ୍କ ମଧ୍ୟରେ ସୋମବାର ଆଲୋଚନା ପାଇଁ ସ୍ଥିର ହୋଇଥିଲା। କିନ୍ତୁ ଆମେରିକା ଅପେକ୍ଷା କରି ନ ପାରି ଶନିବାର କଥାବାର୍ତ୍ତା ନିମନ୍ତେ ଅନୁରୋଧ କରିଥିଲା। ରୁଷିଆର ଆଭିମୁଖ୍ୟକୁ ନେଇ ଆମେରିକା ମିଥ୍ୟା ପ୍ରଚାର କରିବାରେ ଲାଗିଛି। ଏପରି କି ୟୁକ୍ରେନ ଉପରେ ରୁଷିଆ କେବେ ଆକ୍ରମଣ କରିବ ସେ ନେଇ ତାରିଖ ବି ବାହାର କରିସାରିଛି। ପାଶ୍ଚାତ୍ୟ ଦେଶଗୁଡ଼ିକ ୟୁକ୍ରେନକୁ ଅସ୍ତ୍ର କରିଛନ୍ତି। ୟୁକ୍ରେନରେ ବିବାଦର ଅନ୍ତ ଘଟାଇବା ପାଇଁ ହୋଇଥିବା ଚୁକ୍ତିକୁ ମଧ୍ୟ ପାଶ୍ଚାତ୍ୟ ଦେଶ ଉଲ୍ଲଂଘନ କରିଛନ୍ତି ବୋଲି ପୁଟିନ୍ ଅଭିଯୋଗ କରିଥିବା ଉଶାକୋଭ୍ କହିଛନ୍ତି। ତେବେ ବାଇଡେନ୍‌ଙ୍କ ଦୃଷ୍ଟିକୋଣକୁ ମସ୍କୋ ବିଚାର କରି ୱାଶିଂଟନ୍ ଏବଂ ନାଟୋ ପ୍ରସ୍ତାବର ଜବାବ ଦେବ ବୋଲି ଉଶାକୋଭ୍ ପ୍ରକାଶ କରିଛନ୍ତି।

- ଆମେରିକାକୁ ନିନ୍ଦା କଲା କ୍ରେମ୍‌ଲିନ
- କୂଟନୈତିକ ଆଲୋଚନା ପାଇଁ ପ୍ରସ୍ତୁତ: ବାଇଡେନ୍

## ଅଷ୍ଟ୍ରେଲିଆ ଦୂତାବାସ ଖାଲି କରିବାକୁ ନିର୍ଦ୍ଦେଶ

**ସିଡ୍‌ନୀ, ୧୩।୨:** ୟୁକ୍ରେନ ରାଜଧାନୀ କିଭ୍‌ରେ ଥିବା ଅଷ୍ଟ୍ରେଲିଆ ଦୂତାବାସରୁ ସମସ୍ତ କର୍ମଚାରୀଙ୍କୁ ଫେରିଆସିବାକୁ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ୍ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ୟୁକ୍ରେନରେ ଥିବା ସମସ୍ତ ଅଷ୍ଟ୍ରେଲିଆ ନାଗରିକଙ୍କୁ ମଧ୍ୟ ସେହି ସ୍ଥାନ ଛାଡ଼ିବାକୁ କହିଛନ୍ତି। ଶନିବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନଙ୍କ ମଧ୍ୟରେ ଫୋନ୍ ଯୋଗେ ଆଲୋଚନା ବିଫଳ ହେବା ପରେ ଅଷ୍ଟ୍ରେଲିଆ ଏହି ନିଷ୍ପତ୍ତି ନେଇଛି। ଏହାସହ କିଭ୍‌ଠାରୁ ପ୍ରାୟ ୫୪୦ କି.ମି ଦୂର ପୋଲାଣ୍ଡର ସହର ଲଭିଭ୍‌କୁ ଦୂତାବାସର ଅପରେଶନ ସ୍ଥାନାନ୍ତର କରାଯିବ ବୋଲି ମୋରିସନ୍ କହିଛନ୍ତି। ରୁଷିଆର ଏକଛତ୍ରବାଦୀ ଏବଂ ମନମୁଖି କାର୍ଯ୍ୟକୁ ସେ ନିନ୍ଦା କରିବା ସହ ଏହି ପ୍ରସଙ୍ଗରେ ଚାଇନା ନୀରବ ରହିବାକୁ ସମାଲୋଚନା କରିଛନ୍ତି।

## ସାଟେଲାଇଟ୍‌ରେ ଯୁଦ୍ଧ ପ୍ରସ୍ତୁତି ଚିତ୍ର

**ନୂଆଦିଲ୍ଲୀ, ୧୩।୨**

ୟୁକ୍ରେନକୁ ଘେରିବା ପାଇଁ ରୁଷିଆ ବେଲାରୁଷ୍, କ୍ରିମିଆ ଏବଂ ପଶ୍ଚିମ ରୁଷିଆ ସୀମାରେ ବ୍ୟାପକ ସୈନ୍ୟ ମୁତୟନ କରିଥିବା ସାଟେଲାଇଟ୍ ଚିତ୍ରରେ ଦେଖିବାକୁ ମିଳିଛି। ମାକ୍ସର ଦ୍ୱାରା ଏହି ଚିତ୍ର ସଂଗ୍ରହ କରାଯାଇଛି। କ୍ରିମିଆରେ ଓକ୍ଟ୍ୟାବ୍ରସ୍‌କୋୟେ ଏୟାର ଫିଲ୍ଡରେ ଗତ ୧୦ ତାରିଖରେ ବଡ଼ ସଂଖ୍ୟାରେ ସୈନ୍ୟ ମୁତୟନ ହୋଇଛି। ୫୫୦ରୁ ଅଧିକ ଟେଣ୍ଟ ଏବଂ ଶତାଧିକ ଯୁଦ୍ଧବାହନ ରହିଛି। ଡୋନୁଜ୍‌ଲାଭ୍ ହ୍ରଦ ନିକଟରେ ମଧ୍ୟ ରୁଷିଆର ସୈନିକ ଜଗିରହିଥିବାବେଳେ ନୁଭୋଜେନୋୟେ ନିକଟରେ ତାଲିମ କାର୍ଯ୍ୟକ୍ରମ ଚାଲିଥିବା ଦେଖାଯାଇଛି। କ୍ରିମିଆର ଉତ୍ତରପଶ୍ଚିମ ଉପକୂଳରେ ଥିବା ସ୍ଲାଭ୍‌ନେ ସହର ନିକଟରେ ରୁଷିଆ ସୈନ୍ୟ ପହଞ୍ଚିଛନ୍ତି। ସେହିପରି ବେଲାରୁଷ୍‌ରେ ଜ୍ୟାବ୍ରୋଭ୍‌କା ଏୟାରଫିଲ୍ଡଠାରେ ରୁଷିଆ ଯୁଦ୍ଧବାହନ, ହେଲିକପ୍ଟର ସହ ସୈନ୍ୟ ମୁତୟନ କରିଛି। ଏହି ସ୍ଥାନ ୟୁକ୍ରେନଠାରୁ ମାତ୍ର ୨୫ କିମି ଦୂରରେ ଅବସ୍ଥିତ। ସେହିପରି ୟୁକ୍ରେନ ସୀମାଠାରୁ ୪୫ କିମିରୁ କମ୍ ଦୂର ବେଲାରୁଷ୍‌ର ରେଚିଷ୍ଟା ସହରରେ ମଧ୍ୟ କ୍ରେମଲିନ୍ ପକ୍ଷରୁ ସୈନ୍ୟ ପଇଁତରା ମାରୁଛନ୍ତି। ପଶ୍ଚିମ ରୁଷିଆ ସୀମା ନିକଟରେ ବ୍ୟାପକ ସଂଖ୍ୟାରେ ସୈନ୍ୟ ମୁତୟନ ହୋଇଥିବା ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ହୋଇଛି।


ଓକ୍ଟ୍ୟାବ୍ରସ୍‌କୋୟେ ଏୟାର ଫିଲ୍ଡରେ ରୁଷିଆ ସୈନ୍ୟ ଓ ଯୁଦ୍ଧ ସରଞ୍ଜାମ।

## ଫ୍ରାଙ୍କ୍ ୱାଲ୍‌ଟର ଜର୍ମାନ ରାଷ୍ଟ୍ରପତି ଭାବେ ପୁନଃନିର୍ବାଚିତ



**ବର୍ଲିନ, ୧୩।୨**

ଜର୍ମାନୀ ରାଷ୍ଟ୍ରପତି ଫ୍ରାଙ୍କ୍-ୱାଲ୍‌ଟର ଷ୍ଟେଇନମେଇର ଏହି ପଦବୀକୁ ଆଉ ୫ ବର୍ଷ ପାଇଁ ପୁନଃ ନିର୍ବାଚିତ ହୋଇଛନ୍ତି। ରବିବାର ସ୍ୱତନ୍ତ୍ର ସଂସଦୀୟ ସଭାରେ ତାଙ୍କୁ ନିର୍ବାଚନ କରାଯାଇଛି। ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ତାଙ୍କୁ ସମର୍ଥନ କରିଥିଲେ। ପାର୍ଲାମେଣ୍ଟର ନିମ୍ନ ସଦନ ସଦସ୍ୟ ଏବଂ ୧୬ ରାଜ୍ୟର ପ୍ରତିନିଧିମାନେ ଫ୍ରାଙ୍କ୍‌ଙ୍କୁ ବିପୁଳ ଭୋଟ ବ୍ୟବଧାନରେ ଜିତାଇଛନ୍ତି। ସେ ବିଭାଜନ ନୀତିକୁ ବିରୋଧ କରିବେ ଏବଂ ଗଣତନ୍ତ୍ର ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି। ୨୦୧୭ରେ ପ୍ରଥମେ ରାଷ୍ଟ୍ରପତି ହେବା ପୂର୍ବରୁ ଫ୍ରାଙ୍କ୍ ଚାନ୍‌ସେଲର ଆଞ୍ଜେଲା ମର୍କେଲଙ୍କ ସରକାରରେ ବହିର୍ବ୍ୟାପାର ମନ୍ତ୍ରୀ ଥିଲେ।

## ୧୩ ବର୍ଷୀୟାଙ୍କ ଆଣ୍ଟାଇ-ବୁଲିଂ ଆପ୍ ପାଇଁ ୫୦ ଲକ୍ଷର ପୁଞ୍ଜିନିବେଶ ପ୍ରସ୍ତାବ


ଅନୁଷ୍କା ଜୋଲି

**ଗୁରୁଗ୍ରାମ, ୧୩।୨**

ଶିକ୍ଷାନୁଷ୍ଠାନରେ ବଦମାସି ରୋକିବା ପାଇଁ ଗୁରୁଗ୍ରାମ ପାଥ୍‌ୱେ ସ୍କୁଲର ୧୩ ବର୍ଷୀୟା ଛାତ୍ରୀ ଏକ ଆଣ୍ଟାଇ-ବୁଲିଂ ଆପ୍‌ର ବିକାଶ କରିଛନ୍ତି। ଏହି ଆପ୍ ପାଇଁ ୫୦ ଲକ୍ଷ ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି। ଶିକ୍ଷାନୁଷ୍ଠାନ, ସାମାଜିକ ସଂଗଠନ ଏବଂ ବିଶେଷଜ୍ଞମାନଙ୍କ ସହଯୋଗକ୍ରମେ ପ୍ରସ୍ତୁତ ହୋଇଥିବା ଆଣ୍ଟାଇ-ବୁଲିଂ ସ୍କ୍ୱାଡ୍ ୧୦୦ରୁ ଊର୍ଦ୍ଧ୍ୱ ସ୍କୁଲ୍ ଏବଂ ବିଶ୍ୱବିଦ୍ୟାଳୟର ୨,୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇଥିବା ୧୩ ବର୍ଷୀୟ ଅନୁଷ୍କା ଜୋଲି ତାଙ୍କ ଡିଜିଟାଲ ପ୍ଲାଟ୍‌ଫର୍ମ ସମ୍ପର୍କରେ କହିବା ବେଳେ ସୂଚନା ଦେଇଛନ୍ତି। ଅଷ୍ଟମ ଶ୍ରେଣୀରେ ପଢୁଥିବା ଜୋଲି ଏବେ କବଚ ନାମରେ ଏକ ମୋବାଇଲ ଆପ୍ଲିକେଶନ ଆଣିଛନ୍ତି। ଏହା ଛାତ୍ରଛାତ୍ର ଓ ଅଭିଭାବକମାନଙ୍କୁ ବଦମାସି ଘଟଣା ସମ୍ପର୍କରେ ନିଜ ନାମ ଗୋପନ ରଖି ରିପୋର୍ଟ କରିବାରେ ସହାୟକ ହେଉଛି। ଫଳରେ ଶିକ୍ଷାନୁଷ୍ଠାନ ଏବଂ କାଉନସେଲରମାନେ କୌଶଳର ସହିତ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ସୁଯୋଗ ପାଉଛନ୍ତି।

## ସଂକ୍ଷେପରେ

### ଏତଲାରେ ନାଁ ନ ଥିଲେ ମାମଲା ଖାରଜ ପାଇଁ ଆବେଦନ କରିହେବନି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୩।୨ (ପି.ଟି.):** ଏତଲାରେ ନାଁ ନ ଥିବା ବ୍ୟକ୍ତି କୌଣସି ଆପରାଧିକ ମାମଲାରେ ଅନ୍ୟ ଅଭିଯୁକ୍ତଙ୍କ ପାଇଁ ଆଇନଗତ ପ୍ରକ୍ରିୟା ଖାରଜ ଲାଗି ଆବେଦନ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଲକ୍ଷ୍ନୌର ହଜରତଗଞ୍ଜ ଥାନାରେ ୟୁପିପିସିଏଲ୍ ପ୍ରୋଭିଡେଣ୍ଟ ଫଣ୍ଡ ପୁଞ୍ଜିନିବେଶ ମାମଲାରେ ଏତଲା ଖାରଜ ଲାଗି ହୋଇଥିବା ଆବେଦନର ଶୁଣାଣି ବେଳେ ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଉକ୍ତ ମାମଲାର ତଦନ୍ତ ପ୍ରଥମେ ଉତ୍ତରପ୍ରଦେଶ ପୋଲିସ କରିଥିବାବେଳେ ପରେ ଏହା ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ଏତଲାରେ ଅଭିଯୁକ୍ତ ଭାବେ ନାଁ ଉଲ୍ଲେଖ ନ ଥିବା ବ୍ୟକ୍ତି ଉକ୍ତ ମାମଲାକୁ ଖାରଜ କରିବା ଲାଗି ଆବେଦନ କରିବାର ପ୍ରଶ୍ନ ଉଠୁନାହିଁ। ଏଭଳି ଅନୁମତି ଅନ୍ୟ ବ୍ୟକ୍ତିଙ୍କୁ ଦିଆଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

### ୨ ଅପହୃତ ଶ୍ରମିକଙ୍କୁ ମୁକ୍ତ କଲେ ଉଗ୍ରପନ୍ଥୀ

**ଇଟାନଗର, ୧୩।୨ (ଆଇଏଏନ୍‌ଏସ୍):** ଅରୁଣାଚଳପ୍ରଦେଶର ଲୋଙ୍ଗଡିଙ୍ଗ୍ ଜିଲାରୁ ଅପହରଣ କରାଯାଇଥିବା ୨ ଜଣ ନିର୍ମାଣ ଶ୍ରମିକଙ୍କୁ ୧୨ ଦିନ ପରେ ଉଗ୍ରପନ୍ଥୀମାନେ ମୁକ୍ତ କରିଦେଇଛନ୍ତି। ମ୍ୟାନ୍‌ମାରରେ ସକ୍ରିୟ ଥିବା ଏନ୍‌ଏସ୍‌ସିଏନ୍(କେ) ସଙ୍ଗଠନର ୟୁଙ୍ଗ୍ ଅଙ୍ଗ୍ ଗୋଷ୍ଠୀର ଉଗ୍ରପନ୍ଥୀମାନେ ଆସାମ ଓ ବିହାରର ଦୁଇ ଶ୍ରମିକଙ୍କୁ ଅପହରଣ କରିନେଇଥିଲେ। ଅପହୃତ ହିରେନ କୋଞ୍ଚ ଏବଂ ରାମାଶିଷ ମାହାତୋଙ୍କୁ ସେମାନେ ଶନିବାର ରାତିରେ ଭାରତ-ମ୍ୟାନ୍‌ମାର ସୀମାରେ ଛାଡ଼ିଦେଇଛନ୍ତି। ପୋଲିସ ସେମାନଙ୍କୁ ଉଦ୍ଧାର କରି ଫେରାଇ ଆଣିଥିବା ଏସ୍‌ପି ସୂଚନା ଦେଇଛନ୍ତି। ତାଙ୍କ କହିବା ଅନୁଯାୟୀ ଲୋଙ୍ଗଡିଙ୍ଗ୍ ଜିଲାର ପୁମାଓ-ଲାଙ୍ଗଖୋ ରାସ୍ତା ନିର୍ମାଣରେ ଏହି ଶ୍ରମିକମାନେ ନିୟୋଜିତ ଥିଲେ। ସେମାନେ ନିର୍ମାଣ ସ୍ଥଳ ନିକଟସ୍ଥ ଏକ କ୍ୟାମ୍ପରେ ରହୁଥିଲେ। ଜାନୁୟାରୀ ୩୧ରେ ଉଗ୍ରପନ୍ଥୀମାନେ ୨ ଶ୍ରମିକଙ୍କୁ ଅପହରଣ କରିନେଇଥିଲେ।

### ଚାକିରି ପାଇଁ ରାଜସ୍ଥାନ ଆସିଥିବା ଦିଲ୍ଲୀ ମହିଳାଙ୍କୁ ଗଣବଳାତ୍କାର

**ଚୁରୁ, ୧୩।୨:** ଚାକିରି ପାଇଁ ରାଜସ୍ଥାନର ଚୁରୁ ସହରକୁ ଆସିଥିବା ଦିଲ୍ଲୀର ଜଣେ ୨୫ ବର୍ଷୀୟା ଯୁବତୀଙ୍କୁ ୪ ଜଣ ଅଭିଯୁକ୍ତ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। କାମ ଯୋଗାଇଦେବାକୁ କହି ଅଭିଯୁକ୍ତ ଯୁବକମାନେ ତାଙ୍କୁ ଚୁରୁ ଡକାଇ ବଳାତ୍କାର କରିଥିବା ପୋଲିସ କହିଛି। ଅପରାଧ ଘଟାଇବା ପରେ ଅଭିଯୁକ୍ତମାନେ ଯୁବତୀଙ୍କୁ ହାତଗୋଡ଼ ବାନ୍ଧି ଛାତରୁ ତଳକୁ ଠେଲିଦେଇଥିଲେ। ତେବେ ଦଉଡ଼ି ଏକ ଖୁଣ୍ଟରେ ଲାଗିଯିବାରୁ ତାଙ୍କ ଜୀବନ ବଞ୍ଚିଯାଇଛି। ଏକ ସରକାରୀ ହସ୍ପିଟାଲରେ ଯୁବତୀଙ୍କ ଡାକ୍ତରୀ ମାଇନା କରାଯିବା ସହ ତାଙ୍କ ବୟାନ ଆଧାରରେ ପୋଲିସ ଅଭିଯୁକ୍ତମାନଙ୍କ ବିରୋଧରେ ଗଣବଳାତ୍କାର ମାମଲା ରୁଜୁ କରିଛି।

### ଗୁଜରାଟ ଉପକୂଳରୁ ୨ ହଜାର କୋଟିର ନିଶାଦ୍ରବ୍ୟ ଜବତ

**ଅହମଦାବାଦ, ୧୩।୨:** ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଏବଂ ନୌସେନା ପକ୍ଷରୁ ମିଳିତ ଅଭିଯାନ ବେଳେ ଗୁଜରାଟ ଉପକୂଳର ଏକ ଜାହାଜରୁ ୭୫୦ କିଲୋଗ୍ରାମରୁ ଊର୍ଦ୍ଧ୍ୱ ଡ୍ରଗ୍ସ ଜବତ ହୋଇଛି। ଜବତ ହୋଇଥିବା ଏହି ନିଷିଦ୍ଧ ନିଶାଦ୍ରବ୍ୟର ମୂଲ୍ୟ ଅନ୍ତର୍ଜାତୀୟ ବଜାରରେ ପ୍ରାୟ ୨,୦୦୦ କୋଟି ଟଙ୍କା ବୋଲି କୁହାଯାଉଛି। ମିଳିତ ଚଢ଼ାଉ ବେଳେ ୫୨୯ କିଲୋଗ୍ରାମ ଅତ୍ୟନ୍ତ ଉଚ୍ଚମାନର ଚରସ ଏବଂ ୨୩୪ କିଲୋଗ୍ରାମ କ୍ରିଷ୍ଟାଲ ମେଥାମଫେଟାମାଇନ୍ ଏବଂ କିଛି ହେରୋଇନ ଜବତ ହୋଇଛି। ସାମୁଦ୍ରିକ ପଥ ଦେଇ ବିପୁଳ ପରିମାଣର ଡ୍ରଗ୍ସ ଚୋରା କାରବାର ହେଉଥିବାବେଳେ ନୌସେନା ଗୋଇନ୍ଦା ବିଭାଗ ସୂଚନା ଆଧାରରେ ଏନ୍‌ସିବି ପକ୍ଷରୁ ମିଳିତ ଚଢ଼ାଉର ଆୟୋଜନ କରାଯାଇଥିଲା। ଚଢ଼ାଉ ବେଳେ କେତେଜଣ ଗିରଫ ହୋଇଛନ୍ତି, ସେମାନେ କେଉଁ ଦେଶର ନାଗରିକ ଏବଂ କେଉଁଠିକୁ ଏହି ନିଶାଦ୍ରବ୍ୟ ଯାଉଥିଲା, ସେ ସମ୍ପର୍କରେ ଏନ୍‌ସିବି ପକ୍ଷରୁ ସବିଶେଷ ସୂଚନା ଦିଆଯାଇନାହିଁ। ପୋରବନ୍ଦର-ଜାମନଗର ଉପକୂଳବର୍ତ୍ତୀ ସମୁଦ୍ରରୁ ଜବତ ହୋଇଥିବା ଜାହାଜର ମାଲିକ ବିଦେଶୀ ଓ କର୍ମଚାରୀମାନେ ମଧ୍ୟ ଅନ୍ୟ ଦେଶର ବୋଲି ଏନ୍‌ସିବି କହିଛି।

## ହିଜାବ ବିବାଦ: କର୍ଣ୍ଣାଟକରେ ଆଜିଠୁ ଖୋଲିବ ସ୍କୁଲ

**ହୁବଲି/ଉଡୁପି, ୧୩।୨**

କର୍ଣ୍ଣାଟକରେ ହିଜାବ ବିବାଦରୁ ବନ୍ଦ ରହିଥିବା ହାଇସ୍କୁଲଗୁଡ଼ିକ ସୋମବାରଠାରୁ ଖୋଲିବାକୁ ଯାଉଛି। ଶିକ୍ଷାନୁଷ୍ଠାନରେ ଶାନ୍ତି ଓ ସ୍ୱାଭାବିକ ଅବସ୍ଥା ଫେରିବ ବୋଲି ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ରବିବାର ଆଶାବ୍ୟକ୍ତ କରିଛନ୍ତି। ସ୍ଥିତି ଅନୁଧ୍ୟାନ ପରେ ପ୍ରି-ୟୁନିଭର୍ସିଟି ଓ ଡିଗ୍ରୀ କଲେଜ ଖୋଲିବା ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ସୋମବାରଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଖୋଲିବାକୁ ଯାଉଥିବାବେଳେ ସବୁ ଜିଲାର ଡେପୁଟି କମିଶନର, ଏସ୍‌ପି ଏବଂ ପବ୍ଲିକ୍ ଇନ୍‌ଷ୍ଟ୍ରକ୍ସନ ଉପନିର୍ଦ୍ଦେଶକଙ୍କୁ ଶାନ୍ତି ବୈଠକ ଆୟୋଜନ କରିବାକୁ କୁହାଯାଇଛି। ଏହି ବୈଠକରେ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ ଅଭିଭାବକମାନଙ୍କୁ ସାମିଲ କରାଯିବ।

ଅନ୍ୟପକ୍ଷରେ ହିଜାବ ବିବାଦର କେନ୍ଦ୍ରସ୍ଥଳ କୁହାଯାଉଥିବା ଉଡୁପି ଜିଲାରେ ସ୍କୁଲ୍ ଖୋଲିବା ପୂର୍ବରୁ ସେଠାରେ ସମସ୍ତ ହାଇସ୍କୁଲ୍‌ର ୨୦୦ ମିଟର ପରିଧି ମଧ୍ୟରେ ୧୪୪ ଧାରା ଜାରି କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ୧୪ ତାରିଖ ସକାଳ ୬ରୁ ୧୯ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୪୪ ଧାରା ଜାରି ରହିବ। ଉଡୁପିର ୩ ଏସ୍‌ଡିପିଓଙ୍କ ଅନୁରୋଧକ୍ରମେ ଏହି ନିଷେଧାଦେଶ ଜାରି କରାଯାଇଥିବା ଜିଲାପାଳ କୁର୍ମା ରାଓ କହିଛନ୍ତି। ସୂଚନାଯୋଗ୍ୟ, ହିଜାବ ବିବାଦ ପ୍ରଥମେ ଉଡୁପି ସହରରେ ଆରମ୍ଭ ହୋଇ କୁନ୍ଦପୁର ଓ ରାଜ୍ୟର ଅନ୍ୟ ଭାଗକୁ ବ୍ୟାପିଥିଲା। ୧୪୪ ଧାରା ଅନୁଯାୟୀ ଗୋଟିଏ ସ୍ଥାନରେ ୫ କିମ୍ବା ଅଧିକ ଲୋକ ଏକାଠି ହୋଇପାରିବେ ନାହିଁ, କୌଣସି ଉତ୍ତେଜନାପୂର୍ଣ୍ଣ ସ୍ଲୋଗାନ ଦିଆଯିବ ନାହିଁ ଏବଂ ବିକ୍ଷୋଭକୁ ଅନୁମତି ମିଳିବ ନାହିଁ।

ହିଜାବକୁ ନେଇ ପ୍ରଥମେ ୬ ଜଣ ଛାତ୍ରୀ ବିକ୍ଷୋଭ କରିଥିଲେ। କ୍ରମେ ଏହା କର୍ଣ୍ଣାଟକରେ ଏକ ବଡ଼ ସଙ୍କଟ ଭାବେ ଉଭା ହୋଇଛି ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରାଯିବାର ଧମକ ଦିଆଯାଉଛି। ପାର୍ଲାମେଣ୍ଟରେ ହିଜାବ ପ୍ରସଙ୍ଗ ଉଠାଯାଇଥିଲା। ଅନ୍ତର୍ଜାତୀୟ ସମୁଦାୟ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ଚିନ୍ତାବ୍ୟକ୍ତ କରୁଛନ୍ତି। ଡ୍ରେସ୍ କୋଡ୍‌କୁ ବାଧ୍ୟତାମୂଳକ କରିବା ମୁସଲମାନଙ୍କ ପ୍ରତି ଅତ୍ୟାଚାର ବୋଲି ଚତ୍ରଣ କରାଯାଉଥିବା କର୍ଣ୍ଣାଟକ ଶିକ୍ଷାମନ୍ତ୍ରୀ ବି.ସି. ନଗେଶ କହିଛନ୍ତି।



ଉଡୁପିରେ ୧୪୪ ଧାରା

## କୋରାନ ଚିରିବାରୁ ପିଟି ମାରିଦେଲେ

**ଇସ୍‌ଲାମାବାଦ, ୧୩।୨ (ପି.ଟି.)**

ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଜଣେ ମଧ୍ୟବୟସ୍କ ବ୍ୟକ୍ତିଙ୍କୁ ଧର୍ମଗ୍ରନ୍ଥ କୋରାନ ପୃଷ୍ଠା ଚିରିବା ଅଭିଯୋଗରେ ଉତ୍ତ୍ୟକ୍ତ ଲୋକେ ପିଟି ମାରିଦେଇଛନ୍ତି। ଶନିବାର ସନ୍ଧ୍ୟାରେ ଜଙ୍ଗଲ ଡେରା ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ଜଣେ ଲୋକ କୋରାନ ପୃଷ୍ଠା ଚିରିବା ସହ ପୋଡ଼ିଦେଇଥିବା ଘୋଷଣା କରାଯିବାରୁ ସନ୍ଧ୍ୟା ନମାଜ ପରେ ସ୍ଥାନୀୟ ଲୋକେ ଏକାଠି ହୋଇଥିଲେ। ଭିଡ଼ହିଂସା ପୂର୍ବରୁ ପୋଲିସ ଉକ୍ତ ଗ୍ରାମରେ ପହଞ୍ଚିଥିଲା। ତେବେ ଉତ୍ତ୍ୟକ୍ତ ଲୋକେ ପୋଲିସ ହାଜତରୁ ଅଭିଯୁକ୍ତଙ୍କୁ ଘୋଷାଡ଼ି ନେଇ ଏକ ଗଛରେ ଝୁଲାଇ ଦେଇଥିଲେ। ଏହା ପରେ ସେମାନେ ତାଙ୍କୁ ନିର୍ଯାତନା ଦେବା ସହ ପିଟି ମାରିଦେଇଥିଲେ। ଅଭିଯୁକ୍ତ ନିଜକୁ ନିର୍ଦ୍ଦୋଷ କହୁଥିଲେ ମଧ୍ୟ କେହି ତାଙ୍କ କଥା ଶୁଣି ନ ଥିଲେ। ପଞ୍ଜାବ ମୁଖ୍ୟମନ୍ତ୍ରୀ ଉସ୍‌ମାନ ବୁଜ୍‌ଦାର ପୋଲିସକୁ ରିପୋର୍ଟ ମାଗିବା ସହ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ୩୦୦ ଲୋକଙ୍କ ବିରୋଧରେ ଏତଲା ଦାଏର କରିବା ସହ ୬୨ ଜଣଙ୍କୁ ଗିରଫ କରିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି। ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ପାକିସ୍ତାନରେ ଇସ୍‌ଲାମ ଧର୍ମ ପ୍ରତି ଅପମାନ ହେଲେ ମୃତ୍ୟୁଦଣ୍ଡ ସମେତ ଅତି କଠୋର ଦଣ୍ଡବିଧାନ କରାଯାଇଥାଏ। ଦୁଇ ମାସ ତଳେ ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଶ୍ରୀଲଙ୍କାର ଜଣେ ବ୍ୟବସାୟୀଙ୍କୁ ଧର୍ମନିନ୍ଦା ଅଭିଯୋଗରେ ପିଟି ହତ୍ୟା କରିବା ସହ ମୃତଦେହକୁ ଜାଳିଦେଇଥିଲେ।

## 'ଶେଷ ପର୍ଯ୍ୟନ୍ତ ହଟିବୁ ନାହିଁ'

**ଅଟାୱା, ୧୩।୨**

କୋଭିଡ୍ ଟିକାକରଣ ବାଧ୍ୟତାମୂଳକ କରାଯିବା ଏବଂ କରୋନା କଟକଣା ବିରୋଧରେ କାନାଡାରେ ପ୍ରାୟ ୩ ସପ୍ତାହ ହେଲା ଆନ୍ଦୋଳନ ଜାରି ରହିଛି। 'ଫ୍ରିଡମ୍ କନ୍‌ଭେ' ନାମରେ ଏହି ଆନ୍ଦୋଳନରେ ବହୁ ସଂଖ୍ୟାରେ ଟ୍ରକର୍ସ ସେମାନଙ୍କ ଗାଡ଼ି ଧରି ସାମିଲ ହୋଇଛନ୍ତି। କାନାଡା ଏବଂ ଆମେରିକାକୁ ସଂଯୋଗ କରୁଥିବା ଏକ ପ୍ରମୁଖ ବ୍ରିଜ୍ ଆମ୍ବାସାଡରକୁ ଆନ୍ଦୋଳନକାରୀ ୬ ଦିନ ହେଲା ଅବରୋଧ କରି ରଖିଛନ୍ତି। ସେଠାରୁ ରାସ୍ତାରୋକୋ ହଟାଇବାକୁ ଶନିବାର କାନାଡାର ଏକ କୋର୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସେମାନେ ଜିଦ୍‌ରେ ଅଟଳ ରହିଛନ୍ତି। କୋଭିଡ୍ କଟକଣା ଯୋଗୁ ରୋଜଗାର ଯାଇଛି। ଦାରିଦ୍ର୍ୟତା ଯୋଗୁ ସମାଜରୁ ବିତାଡ଼ିତ ହେବା ସହ ଆଉ କିଛି ହରାଇବାକୁ ବାକି ନାହିଁ। ତେଣୁ ସମସ୍ୟା ନ ଶୁଣାଗଲେ ଜୀବନର ଶେଷ ପର୍ଯ୍ୟନ୍ତ ଆନ୍ଦୋଳନରୁ ହଟିବୁ ନାହିଁ ବୋଲି ଆନ୍ଦୋଳନରେ ସାମିଲ ହୋଇଥିବା କେତେଜଣ ଟ୍ରକ୍ ଚାଳକ କହିଛନ୍ତି।

ଅନ୍ୟପକ୍ଷରେ କାନାଡା ପୋଲିସର ହସ୍ତକ୍ଷେପ ପରେ ଆମେରିକା-କାନାଡା ସୀମା ନିକଟ ଉକ୍ତ ବ୍ୟସ୍ତବହୁଳ ବ୍ରିଜ୍‌ରେ ସ୍ଥିତି ସାମାନ୍ୟ ନିୟନ୍ତ୍ରଣକୁ ଆସିଥିଲେ ହେଁ ରାଜଧାନୀ ଅଟାୱା ସମେତ ଅନ୍ୟ ସହରରେ ଆନ୍ଦୋଳନ ଥମିବାର ନାଁ ଧରୁନି। ଅଟାୱାରେ ୪ ହଜାରରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀ ଜମା ହୋଇଛନ୍ତି। ରାସ୍ତା ଉପରେ ସେମାନେ ଉଚ୍ଚ ଭଲ୍ୟୁମ୍‌ରେ ଗୀତ ବଜାଇବା ସହ ବାଧ୍ୟତାମୂଳକ ଟିକାକରଣ ବିରୋଧୀ ନାରା ଦେଉଛନ୍ତି। ଶହ ଶହ ସଂଖ୍ୟାରେ ଟ୍ରକ୍ ସେଠାରେ ଛିଡ଼ା ହୋଇଛି। ପୋଲିସ ରାସ୍ତାରେ ବାରିକେଡ୍ ଲଗାଇ ଅଧିକ ଗାଡ଼ିକୁ ରାଜପଥକୁ ନ ଆସିବାକୁ ବ୍ୟବସ୍ଥା କରିଛି। ସମାନ ଧରଣର ଆନ୍ଦୋଳନ ଫ୍ରାନ୍ସ, ନ୍ୟୁଜିଲାଣ୍ଡ, ନେଦରଲାଣ୍ଡ୍‌ସରେ ମଧ୍ୟ ଦେଖିବାକୁ ମିଳିଛି। ପ୍ୟାରିସ୍‌ରେ ଏହି ଆନ୍ଦୋଳନକାରୀଙ୍କ ଉପରେ ପୋଲିସ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିବା ସହ ଶତାଧିକଙ୍କ ଉପରେ ଜରିମାନା ଲଗାଇଛି। ଏହାସହ ସେଠାରେ ବିକ୍ଷୋଭ ଉପରେ କଟକଣା ଲଗାଯାଇଛି। ଶନିବାର ସୁଦ୍ଧା ୩୩୭ ଜଣଙ୍କଠାରୁ ଜରିମାନା ଆଦାୟ ସହ ୫୪ ଜଣଙ୍କୁ ଗିରଫ କରାଯାଇଛି।




### କାନାଡାରେ ଥମୁନି ଟିକା ବିରୋଧୀ ଆନ୍ଦୋଳନ

## ୨୦୨୨ରେ ଇସ୍ରୋର ପ୍ରଥମ ମିଶନ

**ନୂଆଦିଲ୍ଲୀ, ୧୩।୨**

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ୨୦୨୨ର ପ୍ରଥମ ମିଶନ ସୋମବାର ଲଞ୍ଚ୍ କରିବ। ସକାଳ ୫ଟା ୫୯ରେ ଏହି ପୃଥିବୀ ନିରୀକ୍ଷଣ ସାଟେଲାଇଟ୍ ଇଓଏସ୍-୦୪କୁ ପିଏସ୍‌ଏଲ୍‌ଭି-ସି୫୨ ଜରିଆରେ ମହାକାଶକୁ ପ୍ରେରଣ କରାଯିବ। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସତୀଶ ଧାୱନ ସ୍ପେସ୍ ସେଣ୍ଟରର ପ୍ରଥମ ଲଞ୍ଚ୍ ପ୍ୟାଡ୍‌ରୁ ପିଏସ୍‌ଏଲ୍‌ଭି-ସି୫୨କୁ ଉତ୍‌କ୍ଷେପଣ କରାଯିବ। ଏହି ଉପଗ୍ରହକୁ ଆକାଶରେ ଭାରତର ଆଖି ବୋଲି କୁହାଯାଉଛି।

୧୭୧୦ କେଜିର ସାଟେଲାଇଟ୍ ଇଓଏସ୍-୦୪ ଏକ ରାଡାର ଇମେଜିଂ ସାଟେଲାଇଟ୍। ସମସ୍ତ ପ୍ରକାର ପାଣିପାଗରେ ଏହା ହାଇ କ୍ୱାଲିଟି ଫଟୋ ଉତ୍ତୋଳନ କରିପାରିବ, ଯାହା କି କୃଷି, ଜଙ୍ଗଲ ଓ ଚାରାରୋପଣ, ମୃତ୍ତିକାର ଆର୍ଦ୍ରତା, ଜଳ ସ୍ଥିତି ସମେତ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ବାବଦରେ ସୂଚନା ଦେବ। ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ଏହି ସାଟେଲାଇଟ୍ ବେଶ୍ ଉପଯୋଗୀ ହେବ। ଏହାର କାର୍ଯ୍ୟକାଳ ୫ ବର୍ଷ ରହିବ। ଏହି ମିଶନରେ ପିଏସ୍‌ଏଲ୍‌ଭି ଦୁଇଟି ଛୋଟ ଉପଗ୍ରହ ଇନ୍‌ସ୍ପାୟାରସାଟ୍-୧ ଏବଂ ଆଇଏନ୍‌ଏସ୍-୨ଟିଡି ମଧ୍ୟ ପରିବହନ କରିବ। ପିଏସ୍‌ଏଲ୍‌ଭି-ସି୫୨ ଏହି ଉପଗ୍ରହକୁ ସୂର୍ଯ୍ୟର ସିଙ୍କ୍ରୋନସ୍ ପୋଲାର ଅର୍ବିଟ୍‌ରେ ସ୍ଥାପନ କରିବ।

### ଆକାଶରେ ଭାରତର ଆଖି ହେବ ଇଓଏସ୍



## ପଶ୍ଚିମା ଝଡ଼: ୧୬ରୁ ବର୍ଷା

**ଭୁବନେଶ୍ୱର, ୧୩।୨(ବ୍ୟୁରୋ):** ଆସନ୍ତା ୧୫ ତାରିଖ ଯାଏ ରାଜ୍ୟର ପାଗ ମୁଖ୍ୟତଃ ଶୁଖିଲା ରହିବ। ତେବେ ପଶ୍ଚିମା ଝଡ଼ ପ୍ରଭାବରେ ୧୬ ତାରିଖରୁ ବର୍ଷା ହେବାର ସମ୍ଭାବନା ରହିଛି। ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ଜିଲାର କିଛି ସ୍ଥାନରେ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେପଟେ ସୋମବାରଠାରୁ ରାଜ୍ୟରେ ରାତିର ତାପମାତ୍ରା ବଢ଼ିବ। ୪୮ଘଣ୍ଟା ପରେ ତାପମାତ୍ରା ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ରବିବାର ଦାରିଙ୍ଗବାଡ଼ି ଓ ଫୁଲବାଣୀରେ ସର୍ବନିମ୍ନ ୭ ଡିଗ୍ରୀ ତାପମାତ୍ରା ରହିଥିଲା। ସେହିପରି ଝାରସୁଗୁଡ଼ାରେ ୯, ସୋନପୁର ୯, ଭବାନିପାଟଣା ୯.୪, କେନ୍ଦୁଝର ୧୦, ବଲାଙ୍ଗୀର ୧୦.୫, ଅନୁଗୋଳ ୧୦.୬, କୋରାପୁଟ ୧୧.୫, ବାରିପଦା ୧୧.୫, ସମ୍ବଲପୁର ୧୧.୮, ନୟାଗଡ଼ ୧୨, ହୀରାକୁଦ ୧୨.୨, ବାଲେଶ୍ୱର ୧୨.୭, ଟିଟିଲାଗଡ଼ ୧୩, ଭୁବନେଶ୍ୱର ୧୩.୪, ମାଲକାନଗିରି ୧୩.୫, ସୁନ୍ଦରଗଡ଼ ୧୩.୫, କଟକ ୧୩.୬, ବୌଦ୍ଧ ୧୪, ଚାନ୍ଦବାଲି ୧୪.୯, ପାରଳାମୁଣ୍ଡି ୧୫, ଗୋପାଳପୁର ୧୫.୪, ପାରାଦୀପ ୧୫.୬ ଓ ପୁରୀରେ ୧୬.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

# ସୋଲାର ହିଟରକୁ ମିଳିବ ମାନ୍ୟତା

ଢେଙ୍କାନାଳ ଅଫିସ୍, ୧୩।୨

ସୌରଶକ୍ତିରେ କାର୍ଯ୍ୟକ୍ଷମ ହେବ ହିଟର। ପାରମ୍ପରିକ ବୈଦ୍ୟୁତିକ ହିଟର ଭଳି ଏହାକୁ ମଧ୍ୟ ଦୈନନ୍ଦିନ ରୋଷେଇ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ। ହେଲେ ଏଥିଲାଗି ଉପଭୋକ୍ତାଙ୍କୁ ବୋହିବାକୁ ପଡ଼ିବନି ବିଦ୍ୟୁତ୍ ବିଲ୍ ବୋଝ କି ମାସକୁ ମାସ ଦେବାକୁ ପଡ଼ିବନି ମୋଟା ଅଙ୍କର ବିଜୁଳି ଦେୟ। ଥରେ କିଣିଦେଲେ ବର୍ଷ ବର୍ଷ ଧରି ବ୍ୟବହାର କରାଯାଇପାରିବ। ଢେଙ୍କାନାଳ ସଦର ବ୍ଲକ ନୂଆଗାଁର ୩୮ ବର୍ଷୀୟ ଯୁବ ମେକାନିକ୍ ସନ୍ତୋଷ ସ୍ୱାଇଁଙ୍କ ଦ୍ୱାରା ଉଦ୍ଭାବନ କରାଯାଇଥିବା ଏଭଳି ଏକ ଅଭିନବ ଜ୍ଞାନକୌଶଳକୁ ଏବେ ମିଳିବାକୁ ଯାଉଛି ମାନ୍ୟତା। କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ କାରିଗରି ଜ୍ଞାନକୌଶଳ ବିଭାଗ ପାଖରେ ସନ୍ତୋଷଙ୍କ ସୋଲାର ହିଟର ପେଟେଣ୍ଟ ପାଇବାକୁ ଅପେକ୍ଷା କରିଥିବା ବେଳେ ଏହାକୁ ଏକପ୍ରକାର ସବୁଜ ସଙ୍କେତ ମିଳିସାରିଥିବାବେଳେ କେବଳ



ସନ୍ତୋଷଙ୍କ ଦ୍ୱାରା ନିର୍ମିତ ସୋଲାର ହିଟର।

ଅପେକ୍ଷା ରହିଛି ବିଧିବଦ୍ଧ ଘୋଷଣାକୁ।

ପୃଥିବୀର ଆଗାମୀ ଭବିଷ୍ୟତ ସବୁଜ ଶକ୍ତି। ଜୀବାଶ୍ମ ଇନ୍ଧନ ଶେଷ ହୋଇଯିବା ପରେ ଅକ୍ଷୟ ଶକ୍ତି ଉପରେ ବଢ଼ିବ ନିର୍ଭରଶୀଳତା। ଏହାକୁ ନେଇ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିସାରିଲେଣି ବିକଶିତ ରାଷ୍ଟ୍ର। ଭାରତ ମଧ୍ୟ ଏହି ଦୌଡ଼ରେ ପଛରେ ପଡ଼ିନାହିଁ। ତେବେ ଓଡ଼ିଆ ପୁଅ ସନ୍ତୋଷଙ୍କ ଯୁଗାନ୍ତକାରୀ ଉଦ୍ଭାବନ ଅକ୍ଷୟ ଶକ୍ତିର ବ୍ୟାପକ ବ୍ୟବହାର ଲାଗି ବାଟ ଖୋଲିଛି। ସୌରଶକ୍ତିକୁ କିପରି ଘରୋଇ ଭାବେ ବିନିଯୋଗ କରାଯାଇପାରିବ, ସେ ନେଇ ୨୦୧୮ରୁ ଗବେଷଣା ଆରମ୍ଭ କରିଥିଲେ ସନ୍ତୋଷ। ପାଖାପାଖି ୨ବର୍ଷ ପରେ ୨୦୨୦ରେ ତାଙ୍କୁ ମିଳିଥିଲା ସଫଳତା। ଏହାପରେ ସେ ସୋଲାର ହିଟର ସମେତ ସୌରଶକ୍ତି ଚାଳିତ ଅନ୍ୟ ଉପକରଣ ନିର୍ମାଣ ଉପରେ ଅଧିକ ଫୋକସ୍ କରିଥିଲେ। ଏଥିଲାଗି ଗାଁ ଛାଡ଼ି ଭୁବନେଶ୍ୱରକୁ ଗବେଷଣାର କର୍ମଭୂମି କରିଛନ୍ତି ସନ୍ତୋଷ।


### ସଫଳ ହେଲା ସନ୍ତୋଷଙ୍କ ଉଦ୍ୟମ

ଏ ସଂକ୍ରାନ୍ତରେ ସନ୍ତୋଷ କୁହନ୍ତି, ସୋଲାର ହିଟରର ସଫଳ ବ୍ୟବହାର ପରେ ଏହାର ପାଟେଣ୍ଟ ଲାଗି ୩ବର୍ଷ ତଳେ ଆବେଦନ କରିଥିଲେ। କରୋନା ମହାମାରୀ କାରଣରୁ ଆବେଦନର ବିଚାର ବିଳମ୍ବିତ ହୋଇଥିଲା। ସୋଲାର ହିଟର ପାଇଁ ସେ ଏକମାତ୍ର ଆବେଦନକାରୀ ବୋଲି ନିକଟରେ ସ୍ପଷ୍ଟ ହୋଇଛି। ତେଣୁ ପାଟେଣ୍ଟ ମିଳିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ଏଭଳି ସୋଲାର ହିଟର ପ୍ରସ୍ତୁତ କରିବାରେ ୩୫ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବାବେଳେ ରିସର୍ଚ୍ଚରେ ଲକ୍ଷାଧିକ ଟଙ୍କା ବ୍ୟୟ କରିବାକୁ ପଡ଼ିଛି। ସରକାର ପ୍ରକଳ୍ପକୁ ହାତକୁ ନେଲେ ଏହି ଉପକରଣ ବିନାମୂଲ୍ୟରେ ଅଥବା ସ୍ୱଳ୍ପମୂଲ୍ୟରେ ଯୋଗାଣ ହୋଇପାରିବ ବୋଲି ସେ ଆଶାବାଦୀ ଅଛନ୍ତି।

### ଓଜୋନ କ୍ଷୟ ଚିନ୍ତାରୁ ବଡ଼ ଉପଲବ୍ଧି



ଢେଙ୍କାନାଳ ଗୋବିନ୍ଦପୁରସ୍ଥିତ ଓଡ଼ିଶା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ଓଆଇଇଟି)ରୁ ଇଲେକ୍ଟ୍ରିକାଲ ବିଭାଗରେ ଡିପ୍ଲୋମା କରିଥିବା ସନ୍ତୋଷ ପିଲାଟି ଦିନରୁ ପରିବେଶ ପ୍ରତି ଅଧିକ ଚିନ୍ତାଶୀଳ। ବିଶେଷକରି ଓଜନକ୍ଷୟ ଜନିତ ସମସ୍ୟାରୁ ପୃଥିବୀ ଉପରକୁ ମାଡ଼ି ଆସୁଥିବା ବିପଦ ତାଙ୍କ ମନକୁ ଭାରାକ୍ରାନ୍ତ କରିଥିଲା। ଏଥିରୁ ମୁକ୍ତି ପାଇବା ଲାଗି ସେ କୃତ୍ରିମ ଉପାୟରେ ଓଜୋନ ରନ୍ଧ୍ର ପୂରଣ କରିବା ଲାଗି ସ୍ଥିର କରିଥିଲେ। ଏଥିଲାଗି କିଛିଦିନ ଗବେଷଣା ମଧ୍ୟ କରିଥିଲେ। ହେଲେ ଭୂପୃଷ୍ଠରେ ମନୁଷ୍ୟକୃତ କାର୍ଯ୍ୟକଳାପରୁ ବାୟୁମଣ୍ଡଳରେ କାର୍ବନ ଡାଇଅକ୍ସାଇଡ, କାର୍ବନ୍ ମନୋକ୍ସାଇଡ୍, କ୍ଲୋରଫ୍ଲୋରୋ କାର୍ବନ ଭଳି ମାରାତ୍ମକ ଗ୍ୟାସ୍‌ର ପରିମାଣ ଅନବରତ ବୃଦ୍ଧି ପାଉଥିବାରୁ ତାଙ୍କ ଉଦ୍ୟମ ବିଶେଷ ଫଳପ୍ରଦ ହେବ ନାହିଁ ବୋଲି ବିଶେଷଜ୍ଞମାନେ କହିଥିଲେ। ଏହାପରେ ସେ ଭୂପୃଷ୍ଠରୁ ଏଭଳି ହାନିକାରକ ଗ୍ୟାସ୍ ପରିମାଣ ହ୍ରାସ କରିବା ଲାଗି ଆବଶ୍ୟକ ବିକଳ୍ପ ସମ୍ପର୍କରେ ଚିନ୍ତା କରିଥିଲେ। ୨୦୦୬ରେ ନିଜ ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ତତ୍କାଳୀନ ରାଷ୍ଟ୍ରପତି ଡ. ଏ.ପି.ଜେ. ଅବଦୁଲ କଲାମଙ୍କ ନିକଟକୁ ପତ୍ର ଲେଖିଥିଲେ। ସେହି ସମୟରେ ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ସଚିବ ଏହାର ପ୍ରତ୍ୟୁତ୍ତର ଦେଇଥିଲେ ଏବଂ କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ କାରିଗରି ଜ୍ଞାନକୌଶଳ ମନ୍ତ୍ରଣାଳୟର ଟେକ୍ନୋଲୋଜି ଡେଭଲପମେଣ୍ଟ ବୋର୍ଡକୁ ଆବଶ୍ୟକ ଆର୍ଥିକ ସହାୟତା ବିଷୟରେ ଜଣାଇବାକୁ ପତ୍ର ମାଧ୍ୟମରେ ଅବଗତ କରାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଯୋଗାଯୋଗ ଅଭାବରୁ ଏହା ସମ୍ଭବପର ହୋଇ ନ ଥିଲା। ଏହା ପରେ ବ୍ୟକ୍ତିଗତସ୍ତରରେ ସେ ସୋଲାର ହିଟର ପ୍ରକଳ୍ପ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ, ଯାହା ଦୀର୍ଘ ଗବେଷଣା ପରେ ସଫଳ ରୂପ ନେଇଛି। ସୋଲାର ପାୱାରର ବ୍ୟବହାର ଦ୍ୱାରା ଦୈନିକ ହାରାହାରି ୧୨ଘଣ୍ଟା ସମସ୍ତ ଘରୋଇ ଆବଶ୍ୟକତା ପୂରଣ ହୋଇପାରିବ। ପାରମ୍ପରିକ ବିଦ୍ୟୁତ୍ ଶକ୍ତି ଉପରୁ ଚାପ ହଟିବ। ଆଗାମୀ ଦିନରେ ସେ ବ୍ୟାଟେରିର ବିକଳ୍ପ ଭାବେ ଚାରିଚକିଆ ଗାଡ଼ି ସମେତ ଅନ୍ୟାନ୍ୟ ଉପକରଣ ନିର୍ମାଣ କରିବାକୁ ଯୋଜନା ରଖିଛନ୍ତି। ସରକାର ବ୍ୟାଟେରି ଚାଳିତ ଯାନ ବ୍ୟବହାରକୁ ଗୁରୁତ୍ୱ ଦେଉଥିବାବେଳେ ଆଗାମୀ ଦିନରେ ଏହା ମଧ୍ୟ ପ୍ରଦୂଷଣ ସମସ୍ୟାକୁ ନିମନ୍ତ୍ରଣ କରିବ। ତେଣୁ ସୋଲାର ଶକ୍ତିକୁ ବିକଳ୍ପ ଉତ୍ସ ଭାବେ ବ୍ୟବହାର କରିବା ବୁଦ୍ଧିମାନର କାମ ହେବ ବୋଲି ସନ୍ତୋଷ କହିଛନ୍ତି।



ଭାଲେଣ୍ଟାଇନ୍ସ ଡେ' ଉପଲକ୍ଷେ ରବିବାର ପୁରୀ ବେଳାଭୂମିରେ ଶିଳ୍ପୀ ନିକୁଞ୍ଜ କିଶୋର ନାୟକଙ୍କ ବାଲୁକାକଳା।

# ହୋଟେଲରେ ବୁକିଂ ଶେଷ, ବେଳାଭୂମିରେ ପ୍ରେମୀଯୁଗଳ

ପୁରୀ ଅଫିସ,୧୩।୨

ସୋମବାର ଭାଲେଣ୍ଟାଇନ୍ସ ଡେ। ପର୍ଯ୍ୟଟନ ସହର ପୁରୀରେ ଭାଲେଣ୍ଟାଇନ୍ସ ଡେ' ପାଳନ କରିବା ପାଇଁ ରବିବାରଠାରୁ ପ୍ରେମୀଯୁଗଳଙ୍କ ଭିଡ଼ ଜମିଲାଣି। ସମୁଦ୍ରକୂଳ ନିକଟସ୍ଥ ହୋଟେଲଗୁଡ଼ିକର ଅଧିକାଂଶ ରୁମ୍ ବୁକିଂ ହୋଇସାରିଲାଣି।

କେବଳ ଅବିବାହିତ ନୁହେଁ ଅନେକ ବିବାହିତ ଦମ୍ପତି ମଧ୍ୟ ଭାଲେଣ୍ଟାଇନ୍ସ ଡେ' ପାଳନ ସହ ନିଜ ପ୍ରେମକୁ ସ୍ମରଣୀୟ ରଖିବାକୁ ପୁରୀରେ ପହଞ୍ଚିଛନ୍ତି। ମହାପ୍ରଭୁଙ୍କ ଦର୍ଶନ ଓ ବେଳାଭୂମିରେ କିଛି ସମୟ ନିଜ ସହଧର୍ମିଣୀଙ୍କ ସହିତ ବିତାଇବାକୁ ଝାରସୁଗୁଡ଼ାରୁ ପୁରୀ ଆସିଥିବା ନବବିବାହିତ ସରୋଜ ବରାଳ କହିଛନ୍ତି। ସେହିପରି କାକଟପୁର ଅଞ୍ଚଳର ନବବିବାହିତ ନିରଞ୍ଜନ ମିଶ୍ର ସହଧର୍ମିଣୀଙ୍କ ସହ ଭାଲେଣ୍ଟାଇନ୍ସ ଡେ'ପାଳନ ପାଇଁ ଏଠାକୁ ଆସିଥିବା ପ୍ରକାଶ କରିଛନ୍ତି। ଏଠାକାର ବ୍ଲୁ ଫ୍ଲାଗ୍ ବିଚ୍ ମୋତେ ଖୁବ୍ ଭଲ ଲାଗେ, ତେଣୁ ଭାଲେଣ୍ଟାଇନ୍ସ ଡେ' ସ୍ମୃତିକୁ ମନେ ରଖିବା ପାଇଁ ଏଠାକୁ ଚାଲିଆସିଲୁ ବୋଲି କୋଲକାତାରୁ ନିଜ ପ୍ରେମିକଙ୍କ ସହ ଆସିଥିବା କଲେଜ ଛାତ୍ରୀ ଐଶ୍ୱର୍ଯ୍ୟା କହିଛନ୍ତି।

ପୁରୀର ହୋଟେଲଗୁଡ଼ିକରେ ରୁମ୍ ବୁକ୍ ହେବାରେ ଲାଗିଛି। ସମୁଦ୍ରକୂଳ ନିକଟସ୍ଥ ଏକ ଘରୋଇ ହୋଟେଲର ପରିଚାଳକ ସୁଧାଂଶୁ ସାହୁ କହିଛନ୍ତି, ହୋଟେଲରେ ଶହେଟି ରୁମ୍ ଥିବାବେଳେ ଅଧିକାଂଶ ବୁକିଂ ହୋଇସାରିଛି। ପ୍ରେମୀ ଯୁଗଳମାନେ ବହୁ ପୂର୍ବରୁ ଅନଲାଇନ୍ ମାଧ୍ୟମରେ ବୁକିଂ କରିଛନ୍ତି। ୫୪ଟି ରୁମ୍‌ରେ ରବିବାର ସୁଦ୍ଧା ଯାତ୍ରୀ ରହିସାରିଲେଣି। ଓୟୋ, ଗୋଆଇବିବୋ, ମେକ୍ ମାଇଁ ଟ୍ରିପ୍ ଭଳି ଆପ୍ ଜରିଆରେ ହୋଟେଲ ରୁମ୍ ବୁକ୍ ହୋଇଛି। ସେହିପରି ସହରରେ ଲାଲ୍ ଗୋଲାପ ଫୁଲର ବିକ୍ରି ସହ ଦାମ୍ ଦୁଇଗୁଣ ବଢ଼ିଛି। ଅନ୍ୟପକ୍ଷରେ ପ୍ରେମୀଯୁଗଳମାନେ ବେଳାଭୂମି ସୌନ୍ଦର୍ଯ୍ୟ ଉପଭୋଗ ସହ ସମୁଦ୍ର ସ୍ନାନର ମଜା ନେବେ। ସମୁଦ୍ର ସ୍ନାନ ବେଳେ କେହି ଭାସିଯିବାର ଆଶଙ୍କା ରହୁଛି। ତେଣୁ ଉଦ୍ଧାର ଲାଗି ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ପୂର୍ବରୁ ଭାଲେଣ୍ଟାଇନ୍ସ ଡେ'ରେ ସମୁଦ୍ର ସ୍ନାନ ବେଳେ କେତେଜଣ ଭାସିଯିବା ଭଳି ଘଟଣାର ନଜିର ରହିଛି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ସେକ୍ଟର ବେଳାଭୂମିରେ ଲାଇଫଗାର୍ଡମାନେ ନିୟୋଜିତ ହେବେ। ପୁରୀ ବଡଘର ନିକଟରେ ମଧ ନିରୀକ୍ଷକ ରହିବେ। ତାଙ୍କୁ ଲାଇଫଗାର୍ଡମାନଙ୍କ ସହ ଯୋଗଯୋଗରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଅଗ୍ନିଶମ ଅଧିକାରୀ ଧନଞ୍ଜୟ ମଲ୍ଲିକ କହିଛନ୍ତି। ତେବେ ପ୍ରେମ ଦିବସରେ କୌଣସି ପ୍ରକାର ଅପ୍ରୀତିକର କାର୍ଯ୍ୟକଳାପକୁ ରୋକିବା ପାଇଁ ପୁରୀ ପୋଲିସ ପ୍ରସ୍ତୁତ ରହିଛି ବୋଲି ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି। ଖୋଲା ଭାବେ ବିଚରଣ କରିବା ଓ ସମୟ ଅତିବାହିତ କରିବା ପ୍ରତ୍ୟେକ ବ୍ୟକ୍ତିଙ୍କ ଅଧିକାର। ଜଣେ ସାବାଳକ ଓ ସାବାଳିକାଙ୍କୁ ସମୟ ଅତିବାହିତ କରିବାରେ କେହି ରୋକିପାରିବେ ନାହିଁ। ସମାଜର ସମ୍ବେଦନଶୀଳତାକୁ ପ୍ରଭାବିତ କରୁ ନ ଥିବା କାର୍ଯ୍ୟକଳାପ ଉପରେ କେହି ରୋକ୍ ଲଗାଇ ପାରିବେ ନାହିଁ ବୋଲି ପାଢୀ ମତ ପ୍ରକାଶ କରିଛନ୍ତି।

# 'ସୁଯୋଗ ମିଳିଲେ ଓଡ଼ିଆ ଫିଲ୍ମରେ ଅଭିନୟ କରିବି'

### କଟକରେ ବଲିଉଡ୍ ଅଭିନେତା କିରନ କୁମାର

**କଟକ ଅଫିସ,୧୩।୨:** ଓଡ଼ିଶା ଆସିଛନ୍ତି ବଲିଉଡ୍ ଅଭିନେତା କିରନ୍ କୁମାର। ରବିବାର ଲାଇମ୍ ଲାଇଟ୍ ଆଡ୍ ଏଜେନ୍ସି ଏବଂ ଏସ୍‌ଏସ୍ ପିକ୍‌ଚର ହାଉସ ପକ୍ଷରୁ ସଞ୍ଜୀବନୀ ତେଲର ବିଜ୍ଞାପନ ଶୁଟିଂ ପାଇଁ ସେ କଟକ ଆସିଛନ୍ତି। ଏହି ଆଡ୍ ସଞ୍ଜୀବନୀ ତେଲ ବ୍ରାଣ୍ଡ ଆମ୍ବୁଗଣ୍ଡି ତୈଳ ଉପରେ ପର୍ଯ୍ୟବସିତ। ଏହାର ନିର୍ଦ୍ଦେଶନା ସର୍ବେଶ୍ୱର ସ୍ୱାଇଁ ଦେଇଥିବାବେଳେ କାହ୍ନା ପଟ୍ଟନାୟକ କ୍ରିଏଟିଭ ହେଡ୍ ଦାୟିତ୍ୱରେ ଥିଲେ । ଏ ସମ୍ପର୍କରେ କିରନ କହିଛନ୍ତି, ଓଡ଼ିଶା ଏକ ସୁନ୍ଦର ରାଜ୍ୟ । ପୂର୍ବରୁ ଓଡ଼ିଶା ଆସି ଜଗନ୍ନାଥଙ୍କ ଦର୍ଶନ କରିଥିଲି। ହେଲେ ଚଳିତଥର ସମୟ କମ୍ ଥିବାରୁ ଜଗନ୍ନାଥଙ୍କ ଦର୍ଶନ କରିପାରିନାହିଁ। ଆଉଥରେ ଆସିଲେ ନିଶ୍ଚିତ ଦର୍ଶନ କରିବି। ଏଥିସହ ଭବିଷ୍ୟତରେ ଯଦି ସୁଯୋଗ ମିଳେ ତା'ହେଲେ ଓଡ଼ିଆ ଫିଲ୍ମରେ ନିଶ୍ଚିତ ଅଭିନୟ କରିବି ବୋଲି ସେ କହିଛନ୍ତି।


କିରନ୍ କୁମାର

# ୫ ନକଲି ମାଓବାଦୀ ଗିରଫ

ରାୟଗଡ଼ା ଅଫିସ, ୧୩।୨

ମାଓବାଦୀ ବ୍ୟାନର ଲଗାଇବା ଓ ଗାଡ଼ି ପୋଡ଼ିବା ଅଭିଯୋଗରେ ୫ ନକଲି ମାଓବାଦୀଙ୍କୁ ରାୟଗଡ଼ା ଜିଲା କଲ୍ୟାଣସିଂହପୁର ପୋଲିସ ଗିରଫ କରିଛି। ସେମାନେ ହେଲେ ଶେଷଖାଲ ଗ୍ରାମର ଗୋପାଳ ମଣ୍ଡାୟା ସାହୁ(୩୪), କଞ୍ଚାମମାଣ୍ଡି ଗ୍ରାମର ବଳି ମାଝି (୪୨), ସୀମାଞ୍ଚଳ ମାଝି(୫୦), ରମାଗୁଡ଼ା ଗ୍ରାମର ସନ୍ତୋଷ ରାୟ (୩୩) ଓ ଦୁଡୁକାବାହାଲ ଗ୍ରାମର ଜୟନ୍ତ ନାୟକ ଓରଫ ବାପି (୩୧)। ପୂର୍ବରୁ ଅଭିଯୁକ୍ତମାନଙ୍କ ନାମରେ ଅନେକ ଅଭିଯୋଗ ରହିଛି ବୋଲି କଲ୍ୟାଣସିଂହପୁର ଥାନାଧିକାରୀ ସୁକ୍‌ମା ହାଂସ୍‌ଦା ସୂଚନା ଦେଇଛନ୍ତି।

### ଗାଡ଼ି ପୋଡ଼ିବା ସହ ମାଓବାଦୀ ପୋଷ୍ଟର ଲଗାଇଥିଲେ ଅଭିଯୁକ୍ତ

ସୂଚନାନୁଯାୟୀ, ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ବୁଡାଗୁଡାରେ ରାସ୍ତା କାମ ଚାଲିଥିଲା। ମାଓବାଦୀମାନେ ଜାନୁୟାରୀ ୨୧ ବିଳମ୍ବିତ ରାତିରେ ଏକ ଟ୍ରକ୍‌ରେ ନିଆଁ ଲଗାଇବା ସହ ୩ଟି ସ୍ଥାନରେ ମାଓବାଦୀ ବ୍ୟାନର ମାରିଥିଲେ। କଲ୍ୟାଣସିଂହପୁର ପୋଲିସ, ରାୟଗଡ଼ା ଏସ୍‌ଡିପିଓ ଦେବଜ୍ୟୋତି ଦାସ ଏହାର ତଦନ୍ତ କରୁଥିଲେ। ଏହି ଘଟଣାରେ ମାଓବାଦୀଙ୍କ ସମ୍ପୃକ୍ତି ଥିବା ଜାଣି ପୋଲିସ ସେମାନଙ୍କୁ ଗିରଫ କରି ପଚରାଉଚରା କରିବା ସହ କୋର୍ଟଚାଲାଣ କରିଛି। ଏହି ଘଟଣାରେ ଆଉ କେତେଜଣ ସାମିଲ ଅଛନ୍ତି। ସେମାନଙ୍କୁ ଅତିଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।


ଖବରଦାତା ସମ୍ମିଳନୀରେ ଗିରଫ ନକଲି ମାଓବାଦୀଙ୍କ ବିଷୟରେ ସୂଚନା ଦିଆଯାଉଛି।

# ପରିତ୍ୟକ୍ତ ଖାତରୁ ହାତୀଛୁଆ ଉଦ୍ଧାର

ଭବାନୀପାଟଣା/ରୁପ୍ରାରୋଡ଼, ୧୩।୨(ସ୍ୱ.ପ୍ର./ଡି.ଏନ୍.ଏ.)

କଳାହାଣ୍ଡି ଜିଲାରେ ହାତୀଙ୍କ ସୁରକ୍ଷାକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଗତ ୯ ତାରିଖରେ ଉତ୍ତର ବନଖଣ୍ଡ ଅନ୍ତର୍ଗତ ନର୍ଲା ରେଞ୍ଜର କମେଗା ବିଟ ଜାମପଡା–ଖୈରମାଲ ରାସ୍ତାର ଏକ ପଡିଆରେ ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୋଟିଏ ମାଈହାତୀର ମୃତ୍ୟୁ ଘଟିଥିଲା। ଏହାର ୩ ଦିନ ପରେ ସେହି ରେଞ୍ଜ ଅଧୀନ ବାଗପୁର ଗାଁର ପାଣିଟାଙ୍କି ନିକଟରେ ଏକ ଦନ୍ତାହାତୀର ମୃତ୍ୟୁ ଘଟିଥିଲା। ରବିବାର ପୁଣି ଥରେ ନର୍ଲା ରେଞ୍ଜ ଅନ୍ତର୍ଗତ ବାବେନାଳ ଜଙ୍ଗଲ ନିକଟ ଏକ ପରିତ୍ୟକ୍ତ ଖାତରେ ହାତୀ ଶାବକ ପଡିଥିବା ଗ୍ରାମବାସୀ ଦେଖିଥିଲେ। ହାତୀଛୁଆ ସେଠାରୁ ବାହାରିବା ପାଇଁ ଛଟପଟ ହେବା ଦେଖି ଗ୍ରାମବାସୀ ପ୍ରଥମେ ଉଦ୍ଧାର କରିବା ପାଇଁ ଉଦ୍ୟମ କରିଥିଲେ। ପରେ ବନବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀମାନେ ଆସି ୩ ଘଣ୍ଟାର ଅପରେଶନ ପରେ ଜେସିବି ସାହାଯ୍ୟରେ ହାତୀକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ହାତୀର ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା ପରେ ଜଙ୍ଗଲରେ ହାତୀକୁ ଛାଡି ଦିଆଯାଇ ଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।


ହାତୀଛୁଆକୁ ବାହାର କରାଯାଉଛି।

# ଢିଙ୍କିଆରେ ଶାନ୍ତି ଆଲୋଚନା

- ଗ୍ରାମବାସୀଙ୍କ ସହ ଗାଁ ବୁଲିଲେ ଜିଲାପାଳ, ଏସ୍‌ପି
- ଅତୀତର ଘଟଣା ଭୁଲି ଭାଇଚାରା ବଜାୟ୍ ରଖିବାକୁ ଆହ୍ୱାନ
- ନିଷ୍ପତ୍ତି ନେବାରେ ବାଧକ ସାଜିଲା ଆଦର୍ଶ ନିର୍ବାଚନ ଆଚରଣବିଧି

କୁଜଙ୍ଗ,୧୩।୨(ଡି.ଏନ୍.ଏ)

ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଗାଁରେ ଜିଲା ପ୍ରଶାସନ, ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ରବିବାର ବୈଠକ ଅନୁଷ୍ଠିତ ହୋଇଛି। ଢିଙ୍କିଆରେ ଲାଗି ରହିଥିବା ଅଶାନ୍ତ ବାତାବରଣ କିପରି ଦୂର ହେବ ସେନେଇ ଜିଲା ପ୍ରଶାସନ ଓ ଗ୍ରାମର ନେତୃମଣ୍ଡଳୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏରସମା ବିଡିଓ କୈଳାସ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ତେବେ ପଞ୍ଚାୟତ ନିର୍ବାଚନ ପାଇଁ ଆଦର୍ଶ ଆଚରଣବିଧି ଲାଗୁ ହୋଇଥିବାରୁ ପ୍ରଶାସନ ପକ୍ଷରୁ କୌଣସି ନିଷ୍ପତ୍ତି ନିଆଯାଇ ନ ଥିଲା। ଗ୍ରାମବାସୀଙ୍କ ପକ୍ଷରୁ ଶନିବାର ଜିଲା ପ୍ରଶାସନକୁ ଗାଁକୁ ଆସିବାକୁ ଆମନ୍ତ୍ରଣ କରାଯାଇଥିଲା। ଏହାକୁ ରକ୍ଷା କରି ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟୱାରି ଓ ଏସ୍‌ପି ଅଖିଳେଶ୍ୱର ସିଂ ରବିବାର ଅପରାହ୍ନ ୪ଟା ବେଳେ ଢିଙ୍କିଆ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ


ଜିଲାପାଳ ଓ ଏସ୍‌ପି ଢିଙ୍କିଆ ଗାଁ ପରିଦର୍ଶନ କରୁଛନ୍ତି।

ପହଞ୍ଚିଥିଲେ। ସେଠାରେ ଗ୍ରାମବାସୀ ଉଭୟଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଜିଲାପାଳ କିଛି କହି ନ ଥିବା ବେଳେ, ଏସ୍‌ପି ଅତୀତର ଘଟଣାକୁ ଭୁଲି ପରସ୍ପର ମଧ୍ୟରେ ଶାନ୍ତି ଓ ଭାଇଚାରା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ପଞ୍ଚାୟତ ନିର୍ବାଚନ ପରେ ଉନ୍ନୟନମୂଳକ କାର୍ଯ୍ୟ ଓ ଅନ୍ୟାନ୍ୟ ଦାବିଗୁଡ଼ିକ ଉପରେ ଆଲୋଚନା ହେବ ବୋଲି ସେ କହିଥିଲେ। ଏହା ଶୁଣିବା ପରେ ଗ୍ରାମବାସୀ ଦୁଃଖ ପ୍ରକାଶ କରିବାରୁ ଏସ୍‌ପି କହିଥିଲେ, ଆପଣମାନଙ୍କ ଅନୁରୋଧ ରକ୍ଷାକରି ଆସିଛୁ। ପୁନର୍ବାର ୨୮ ତାରିଖରେ ଏସମ୍ପର୍କରେ ଆଲୋଚନା କରାଯିବ ବୋଲି କହିଥିଲେ। ପରେ ଜିଲାପାଳ ଓ ଏସ୍‌ପି ଗ୍ରାମବାସୀଙ୍କ ଗହଣରେ ଢିଙ୍କିଆ ଗ୍ରାମ ବୁଲିବା ସହ ମା' ଫୁଲଖାଇ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ। ଏଥିସହ ସେମାନେ ସ୍ଥାନୀୟ ଡାକ୍ତରଖାନା ପରିଦର୍ଶନ କରିଥିଲେ। ଏହି ସମୟରେ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ସଂଘର୍ଷ ଘଟଣାରେ ଗିରଫ ହୋଇଥିବା ନିମାଇଁ ମଲ୍ଲିକଙ୍କୁ ଜେଲ୍‌ରୁ ଛାଡ଼ିବା ପାଇଁ ପୁଅ ଧନଞ୍ଜୟ ଅନୁରୋଧ କରିଥିଲେ। ଖୁବ୍‌ଶୀଘ୍ର ନିମାଇଁଙ୍କୁ ଛଡାଯିବ ବୋଲି ଏସ୍‌ପି ସିଂ ପ୍ରତିଶ୍ରୁତି ଦେଇଥିଲେ। ଡାକ୍ତରଖାନା ପରିଦର୍ଶନ ସମୟରେ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ନ ଥିବାରୁ ଚିକିତ୍ସାରେ ବାଧକ ସାଜିଛି ବୋଲି ଗାଁର ମୁରବି ନିର୍ଭୟ ସାମନ୍ତରାୟ କହିଥିଲେ। ଏହି ସମସ୍ୟା ଖୁବ୍‌ଶୀଘ୍ର ଦୂରହେବ ବୋଲି ଜିଲାପାଳ ପଟୱାରି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ନିମାଇଁ ଚରଣ ସେଠୀ, ଏରସମାର ଅତିରିକ୍ତ ତହସିଲଦାର ଅଞ୍ଜନ ମହାନ୍ତି, ବିଡିଓ କୈଳାସ ଚନ୍ଦ୍ର ବେହେରା ଓ ଅଭୟଚାନ୍ଦପୁର ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ବିରୋଧ କରି ଗତ ଜାନୁୟାରୀ ୧୪ରେ ପୋଲିସ ଓ ଢିଙ୍କିଆ ଗାଁ ଲୋକଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏନେଇ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ଗ୍ରାମବାସୀ ନିର୍ଭୟରେ ବାହାରକୁ ଯାଇପାରୁ ନ ଥିବା ବେଳେ ପୋଲିସ ପ୍ରଶାସନ ମଧ ସହଜରେ ଗ୍ରାମକୁ ପଶିପାରୁ ନ ଥିଲେ। ହେଲେ ଠିକ୍ ମାସକ ପରେ ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ଶାନ୍ତି ଆଲୋଚନା ଅନୁଷ୍ଠିତ ହୋଇଛି।

## ସଂକ୍ଷେପରେ

### ପଶ୍ଚିମବାର୍ଡ଼ରେ ଏମ୍ପିଙ୍କ ମାରାଥନ ପ୍ରଚାର



ଜଳେଶ୍ୱର,୧୩।୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ପଶ୍ଚିମବାର୍ଡ଼ ପଞ୍ଚାୟତ ଜଳେଶ୍ୱର ବ୍ଲକର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇଥିବା ବେଳେ ଏବେ ୪ଜଣ ଲେଖାଏଁ ପ୍ରାର୍ଥୀ ସରପଞ୍ଚ ଓ ସମିତିସଭ୍ୟ ଭାବେ ନିର୍ବାଚନ ଲଢୁଛନ୍ତି। ବାଲେଶ୍ୱର ଏମ୍ପି ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ସେଠାକୁ ପ୍ରଚାରରେ ଯାଇଥିବା ବେଳେ ଅନୁଷ୍ଠିତ ନିର୍ବାଚନ ସଭାରେ ଯୋଗ ଦେଇଥିଲେ। ସଭାରେ ପ୍ରଦୀପ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ଏମ୍ପି ଷଡ଼ଙ୍ଗୀ ୟାସ୍ ପରେ ପ୍ରଧାନମନ୍ତ୍ରୀ ବାଲେଶ୍ୱର ଜିଲାର ଲୋକଙ୍କ ପ୍ରତି ସମବେଦନା ଜଣାଇ ୯୧ହଜାର ଆବାସ ଯୋଜନା ମଞ୍ଜୁର କରିଛନ୍ତି। ଅଦ୍ୟାବଧି ତାର କାର୍ଯ୍ୟାଦେଶ କୌଣସି ବ୍ଲକରେ ଦିଆ ଯାଇ ନ ଥିବାରୁ ଏହା ଗରିବଙ୍କ ପ୍ରତି ଉପହାସ ବୋଲି କହିଥିଲେ। ଜଳେଶ୍ୱର ପୌରପରିଷଦର ପୂର୍ବତନ ଅଧକ୍ଷ ପ୍ରବୀର କୁମାର ପ୍ରଧାନ ଯୋଗଦେଇ ଭାଜପାର ଆଭିମୁଖ୍ୟ ବର୍ଣ୍ଣନା କରିବା ସହିତ ଜଳେଶ୍ୱର ବ୍ଲକ ଚଳିତ ନିର୍ବାଚନ ପରେ ପଞ୍ଚାୟତ ସମିତି ଦଖଲ କରିବାର ସମ୍ଭାବନା ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ଅରୁଣ ବେଜ, ରାଜ୍ୟ ପ୍ରଭାରୀ ସୁମତି ଦେ, ଜିଲା ସମ୍ପାଦିକା ସାବିତ୍ରୀ ଜେନା, ୧୦ନଂ. ଜୋନ୍ର ପ୍ରଭାରୀ ଆଦିତ୍ୟ ନାରାୟଣ ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ।

### ସାମାଜିକ କର୍ମୀଙ୍କ ଅକାଳ ବିୟୋଗ

ଜଳେଶ୍ୱର, ୧୩।୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଆମ୍ବଲିଅଠା ଗାଁର ସାମାଜିକ କର୍ମୀ ସୌଭାଗ୍ୟ ନାରାୟଣ ସେନାପତି(୨୩)ଙ୍କ ଅକାଳ ବିୟୋଗ ଘଟିଛି। ଶନିବାର ସନ୍ଧ୍ୟାରେ ସେ ହଠାତ୍ ଅସୁସ୍ଥ ହୋଇ ସଂଜ୍ଞାହୀନ ହୋଇପଡିବାରୁ ତାଙ୍କୁ ଚିକିତ୍ସା ଲାଗି ଜଳେଶ୍ୱର ଜିକେଭଞ୍ଜ ଡାକ୍ତରଖାନାକୁ ଅଣାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ରବିବାର ଶବ ବ୍ୟବଚ୍ଛେଦ ପରେ ଦ୍ୱିପ୍ରହରରେ ଗାଁକୁ ଅଣାଯାଇଥିଲା । ତାଙ୍କ ମରଶରୀର ଗାଁରେ ପହଞ୍ଚିବା ପରେ ଶୋଭାଯାତ୍ରାରେ ନିଆଯାଇଥିଲା। ସୌଭାଗ୍ୟଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଷ୍ଟାର କ୍ଲବ ଓ ଗୋପବନ୍ଧୁ କ୍ଲବରେ ସଦସ୍ୟ ଥିବାରୁ ସମସ୍ତ ସଦସ୍ୟ ଉପସ୍ଥିତ ହୋଇ ଅଶ୍ରୁଳ ବିଦାୟ ଦେଇଥିଲେ।

# ୧୨ନଂ. ଜୋନ୍ ଉପରେ ନଜର

■ଖୁଣ୍ଟା ବ୍ଲକରେ ଭାଜପା-ବିଜେଡି ଲଢ଼େଇ

■ବିଧାୟକ ଓ ପ୍ରାକ୍ତନ ଜିଲା ପରିଷଦ ଅଧକ୍ଷାଙ୍କ ପାଇଁ ସମ୍ମାନର ପ୍ରଶ୍ନ

ବାରିପଦା ଅଫିସ,୧୩।୨

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ ୧୨ ଓ ୧୩ନଂ. ଜିଲା ପରିଷଦ ଜୋନ୍ ହାତେଇବା ପାଇଁ ଭାଜପା ଓ ବିଜେଡି ପ୍ରାର୍ଥୀ ଜୋରସୋରରେ ଲାଗି ପଡ଼ିଛନ୍ତି। ୧୪ଟି ପଞ୍ଚାୟତକୁ ନେଇ ଗଠିତ ହୋଇଥିବା ଏହି ଦୁଇ ଜୋନ୍ ବାରିପଦା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ରହିଛି। ବର୍ତ୍ତମାନର ବିଧାୟକ ପ୍ରକାଶ ସୋରେନ ଓ ପ୍ରାକ୍ତନ ଜିଲାପରିଷଦ ଅଧକ୍ଷା ସୁଜାତା ମୁର୍ମୁ ଆସନ ଦୁଇଟିକୁ ଅକ୍ତିଆର କରିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଛନ୍ତି। ବିଗତ ୨ଟି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୧୨ନଂ. ଜୋନ୍ରୁ ବିଜୟୀ ପ୍ରାର୍ଥୀ ଅଧକ୍ଷ ଆସନରେ ବସି ଆସୁଛନ୍ତି। ତେଣୁ ଏହି ଉଭୟ ଦଳ ଫୋକସ୍ରେ ରଖି ପ୍ରଚାର ଜୋରଦାର କରିଛନ୍ତି। ୨୦୧୨ରେ ବିଜେଡି ଟିକେଟରେ ପ୍ରକାଶ ସୋରେନ ଓ ୨୦୧୭ରେ ଭାଜପା ପ୍ରାର୍ଥିନୀ ସୁଜାତା ମୁର୍ମୁ ଉକ୍ତ ଜୋନରୁ ବିଜୟୀ ହୋଇ ଜିଲା ପରିଷଦ ଅଧକ୍ଷ ଆସନ ଅଳଙ୍କୃତ କରିଥିଲେ। ପରେ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇ ପ୍ରକାଶ ବିଧାୟକ ହୋଇଛନ୍ତି। ଭାଜପା ହାତରୁ ଉଭୟ ଆସନ ଛଡ଼ାଇ ଆଣିବା ପାଇଁ ବିଜେଡିର ତୁଙ୍ଗ ନେତୃବୃନ୍ଦ ଜୋରଦାର ରଣନୀତି ଚଳାଇଛନ୍ତି। ଜିଲା ପର୍ଯ୍ୟବେକ୍ଷକ ତଥା ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ରଣନୀତିକୁ ନେଇ ବିଜେଡିର ପ୍ରାର୍ଥୀମାନେ ପ୍ରଚାର ମଇଦାନରେ ଭୋଟରଙ୍କ ନିକଟତର ହେବାରେ ଲାଗିଛନ୍ତି। ଆସନ୍ତା ୧୬ରେ ଏହି ଜୋନରେ ନିର୍ବାଚନ ଅନୁଷ୍ଠିତ ହେବ।

ବାସିପିଠା, ଭୋଳାଗଡ଼ିଆ, ବଡ଼ପଥରା, ବାଙ୍ଗରା, ଡେଙ୍ଗାମ, ଡୁକୁରା, ଲକ୍ଷ୍ମଣସାହି ଓ ସପନଚୁଆ ପଞ୍ଚାୟତକୁ ନେଇ ୧୨ନଂ. ଜିଲା ପରିଷଦ ଜୋନ୍ ଗଠିତ। ଏହି ଆସନଟି ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ୪ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ହୃଦାନନ୍ଦ ମୁର୍ମୁଙ୍କୁ ବିଜେଡ଼ି ପ୍ରାର୍ଥୀ କରିଥିବା ବେଳେ ଭାଜପା ପକ୍ଷରୁ ସଞ୍ଜୟ କୁମାର ମୁର୍ମୁ, ଜେଏମ୍ଏମ୍ର ମହେନ୍ଦ୍ର ସୋରେନ ଓ କଂଗ୍ରେସ ପକ୍ଷରୁ ଜୁଗୁ ମାଝି ନିର୍ବାଚନ ଲଢୁଛନ୍ତି। ଗତ ୨୦୧୭ ନିର୍ବାଚନରେ ଏହି ଆସନଟିରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିଲେ।

ସେହପରି ୧୩ନଂ. ଜିଲା ପରିଷଦ ଜୋନ୍ଟି ବୃନ୍ଦାବନଚନ୍ଦ୍ରପୁର, ବଡ଼ଫେଣୀ, ବାହାନଡ଼ା, ଧାନଘେରା, ଗଡ଼ିଗାଁ ଓ କରକଚିଆ ଆଦି ୬ଟି ପଞ୍ଚାୟତକୁ ନେଇ ଗଠିତ। ୨୦୧୭ ନିର୍ବାଚନରେ ଏହି ଆସନରୁ ମଧ୍ୟ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିଲେ। ଚଳିତ ଥର ଆସନଟି ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। କଂଗ୍ରେସ ପ୍ରାର୍ଥିନୀ ମାୟା ଟୁଡୁଙ୍କ ନାମାଙ୍କନ ପତ୍ର ନାକଚ ହୋଇଯିବା ପରେ ରଣାଙ୍ଗନରେ ୩ଜଣ ପ୍ରାର୍ଥୀ ରହିଛନ୍ତି। ମିଶନ ଶକ୍ତି ଓ ମା' ସଂଘର ସଦସ୍ୟା ସୁନୀତି ମାରାଣ୍ଡିଙ୍କୁ ବିଜେଡି ପ୍ରାର୍ଥୀ କରିଥିବା ବେଳେ ଭାଜପାରୁ ଆନନ୍ଦୀ ହେମ୍ବ୍ରମ ଓ ଜେଏମ୍ଏମ୍ରୁ ସରସ୍ୱତୀ ମୁର୍ମୁ ନିର୍ବାଚନ ଲଢୁଛନ୍ତି। ବ୍ଲକରେ ଅନେକ ସମସ୍ୟା ରହିଥିବା ବେଳେ ବିଶେଷତଃ ଗମନାଗମନ, ପାନୀୟଜଳ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟାଗୁଡ଼ିକ ସମାଧାନ କରିବା ଦିଗରେ ପ୍ରାର୍ଥୀମାନେ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ଏହି ୨ଟି ଜୋନ୍ରେ ବିଜେଡି ଓ ଭାଜପା ମଧ୍ୟରେ ଦ୍ୱିମୁଖି ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ବେଳେ ଭୋଟରମାନେ କାହା ପଟକୁ ଢ଼ଳୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ପ୍ରଚାର ମଙ୍ଗ ଧରିଲେ ପିସିସି ରାଜ୍ୟ ସାଧାରଣ ସମ୍ପାଦକ



୨୦ ନଂ. ଜୋନ୍ରେ ପିସିସି ସାଧାରଣ ସମ୍ପାଦକ ଅଶୋକ କୁମାର ଦାଶ ପ୍ରଚାର କରୁଛନ୍ତି।

ବାସୁଦେବପୁର,୧୩।୨(ଡି.ଏନ.ଏ.)

ପଞ୍ଚାୟତ ନିର୍ବାଚନ ପାଇଁ ଭଦ୍ରକ ଜିଲା ବାସୁଦେବପୁର ବ୍ଲକରେ ରାଜନୈତିକ ବାତାବରଣ ଦିନକୁ ଦିନ ସରଗରମ ହେଉଥିବା ବେଳେ ଗାଁ ଗହଳିରେ ପ୍ରଚାର ଜୋର୍ ଧରିଛି। ଏହି ବ୍ଲକରେ ୫ଟି ଜିଲା ପରିଷଦ ଜୋନ୍ ଥିବାବେଳେ କଂଗ୍ରେସ ସମସ୍ତ ଜୋନ୍ରେ ପ୍ରାର୍ଥୀ ଦେଇଛି। ୧୭ ନଂ. ଜୋନ୍ରେ ଅନ୍ନପୂର୍ଣ୍ଣା ବାରିକ, ୧୮ ନଂ. ଜୋନ୍ରେ ବୁଧିରାମ ସେଠୀ, ୧୯ ନଂ. ଜୋନ୍ରେ ନମିତା ନାୟକ, ୨୦ ନଂ. ଜୋନ୍ରେ ଗୌରହରି ଜେନା ଓ ୨୧ ନଂ. ଜୋନ୍ରେ କବିତା ବାରିକ ପ୍ରାର୍ଥୀ ହୋଇଛନ୍ତି। ଏହି ୫ ପ୍ରାର୍ଥୀଙ୍କ ସମେତ ବିଭିନ୍ନ ପଞ୍ଚାୟତରେ ଦଳ ସମର୍ଥିତ ସରପଞ୍ଚ, ସମିତିସଭ୍ୟ ଏବଂ ୱାର୍ଡସଭ୍ୟଙ୍କ ପାଇଁ ପ୍ରଚାର ମଙ୍ଗ ଧରିଛନ୍ତି ବାସୁଦେବପୁର କଂଗ୍ରେସ ନେତା ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ଦାଶ। ବାସୁଦେବପୁର ନିର୍ବାଚନମଣ୍ଡଳୀରେ ଜଣେ ସ୍ୱଚ୍ଛ ଓ ସଚ୍ଚୋଟ ତଥା ଟାଣୁଆ କଂଗ୍ରେସ ନେତା ଭାବେ ପରିଚିତ ଅଶୋକ ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାରକୁ ଜୋର୍ଦାର କରିଛନ୍ତି। ଏଥର ନିର୍ବାଚନରେ ୫ ଜିଲା ପରିଷଦ ପ୍ରାର୍ଥୀ ସମ୍ପୂର୍ଣ୍ଣ ନୂଆ ମୁହଁ ଥିବାବେଳେ ଅଶୋକଙ୍କ ସହ ମିଶି ଘର ଘର ବୁଲି ଭୋଟରଙ୍କୁ ଭେଟୁଛନ୍ତି।

# ଇରମର ସର୍ବାଙ୍ଗୀନ ଉନ୍ନତି ଉପରେ ଗୁରୁତ୍ୱ



ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ପ୍ରାର୍ଥୀମାନେ ଶହୀଦ ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

ବାସୁଦେବପୁର, ୧୩।୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ୧୯ ନଂ. ଜିଲା ପରିଷଦ ଜୋନ୍ ଅନ୍ତର୍ଗତ ଇରମ ପଞ୍ଚାୟତରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଦଳୀୟ ପ୍ରାର୍ଥୀଙ୍କ ପାଇଁ ରବିବାର ବିଭିନ୍ନ ୱାର୍ଡରେ ନିର୍ବାଚନୀ ସଭା ଓ ରାଲି କରିଛନ୍ତି। ଜିଲା ପରିଷଦ ପ୍ରାର୍ଥୀ ଯଦୁନାଥ ନାୟକ, ଇରମ ସରପଞ୍ଚ ପ୍ରାର୍ଥିନୀ କବିତା ନାୟକ ଓ ସମିତିସଭ୍ୟ ପ୍ରାର୍ଥିନୀ ପାର୍ବତୀ ବେଜ ଏବଂ ବିଭିନ୍ନ ୱାର୍ଡସଭ୍ୟଙ୍କ ଲାଗି ସେ ଭୋଟ୍ ଭିକ୍ଷା କରିଛନ୍ତି।

ଇରମ ପଞ୍ଚାୟତର ମହାନ୍ତିସାହି ବସ୍ତିରେ ଅନୁଷ୍ଠିତ ଏକ ପଥପ୍ରାନ୍ତ ସଭାରେ ବିଧାୟକ ରାଉତରାୟ ଯୋଗଦେଇ କହିଥିଲେ, ରକ୍ତତୀର୍ଥ ଇରମ ହେଉଛି ଦେଶର ଗର୍ବ ଓ ଗୌରବ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତ ଭାବେ ବିବେଚନା କରାଯାଇ ଭିତ୍ତିଭୂମିର ବିକାଶ କରାଯାଇଛି। ଆଗାମୀ ଦିନରେ ମଧ୍ୟ ଇରମ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ସର୍ବାଧିକ ଗୁରୁତ୍ୱ ଦିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇବାକୁ ସେ ଭୋଟରଙ୍କୁ ନିବେଦନ କରିଥିଲେ। ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ନିର୍ବାଚନୀ ସଭାରେ ଜିଲା ପରିଷଦ, ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀ ପ୍ରମୁଖ ମତ ରଖିଥିଲେ। ଏହି ଅବସରରେ ବିଧାୟକଙ୍କ ସହ ଜିଲା ପରିଷଦ, ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀ ଓ ଦଳୀୟ କର୍ମକର୍ତ୍ତାମାନେ ଶହୀଦ ପୀଠରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଛୁଟି ଘୋଷଣା

ବାଲେଶ୍ୱର ଅଫିସ,୧୩।୨

ବାଲେଶ୍ୱର ଜିଲାରେ ପଞ୍ଚାୟତ ନିର୍ବାଚନ ମତଦାନ ୫ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଭୋଟ୍ ଗ୍ରହଣ ଦିନକୁ ସମ୍ପୃକ୍ତ ବ୍ଲକ ଅଞ୍ଚଳରେ ସାର୍ବଜନୀନ ଛୁଟି ଦିବସ ଭାବେ ଘୋଷଣା କରାଯାଇଛି। ସେହିଦିନ ଉକ୍ତ ବ୍ଲକର ସମସ୍ତ ସରକାରୀ, ଅର୍ଦ୍ଧ ସରକାରୀ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କାର୍ଯ୍ୟାଳୟଗୁଡ଼ିକ ବନ୍ଦ ରହିବ। ରାଜ୍ୟ ନିର୍ବାଚନ କମିଶନ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାରଙ୍କ ପତ୍ର ମୂଳେ କ୍ଷମତାପ୍ରାପ୍ତ ଅଧିକାରୀ ଭାବେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏହି ଘୋଷଣା କରିଛନ୍ତି। ଫେବୃୟାରୀ ୧୬ରେ ଭୋଗରାଇ ଓ ଜଳେଶ୍ୱର ବ୍ଲକ, ଫେବୃୟାରୀ ୧୮ରେ ବାଲିଆପାଳ ଓ ବସ୍ତା ବ୍ଲକ, ଫେବୃୟାରୀ ୨୦ରେ ସୋର, ସିମୁଳିଆ ଓ ଖଇରା ବ୍ଲକ, ଫେବୃୟାରୀ ୨୨ରେ ଔପଦା, ବାହାନଗା ଓ ନୀଳଗିରି ବ୍ଲକ ଏବଂ ଫେବୃୟାରୀ ୨୪ରେ ରେମୁଣା ଓ ବାଲେଶ୍ୱର ସଦର ବ୍ଲକରେ ଛୁଟି ଘୋଷଣା କରାଯାଇଛି ।

# ମଇଦାନରେ ଅଣସଂଗଠିତ ଶ୍ରମିକ କଂଗ୍ରେସ ରାଜ୍ୟ ଅଧକ୍ଷ



ଅଣସଙ୍ଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସର କାର୍ଯ୍ୟକର୍ତ୍ତାଙ୍କ ନିର୍ବାଚନୀ ପ୍ରଚାର।

ବାଲେଶ୍ୱର ଅଫିସ, ୧୩।୨

ବାଲେଶ୍ୱର ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ କଂଗ୍ରେସ ଦଳ ପକ୍ଷରୁ ବିଭିନ୍ନ ଜୋନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କଂଗ୍ରେସ ସମର୍ଥିତ ଜିଲା ପରିଷଦ ପ୍ରାର୍ଥୀ, ସମିତିସଭ୍ୟ ଓ ସରପଞ୍ଚଙ୍କ ନିମନ୍ତେ ଜିଲାର ବିଭିନ୍ନ ବ୍ଲକରେ ଥିବା ଅଣ ସଂଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସର କାର୍ଯ୍ୟକର୍ତ୍ତା ପ୍ରଚାର ଆରମ୍ଭ କରିଛନ୍ତି। ଅଣସଂଗଠିତ ଶ୍ରମିକ କର୍ମଚାରୀ କଂଗ୍ରେସର ରାଜ୍ୟ ଅଧକ୍ଷ ବିଦ୍ୟାଧର ମହାନ୍ତି, ଜିଲା ଅଧକ୍ଷ ବିକାଶ କୁମାର ଦାସ, ରାଜ୍ୟ ଉପାଧକ୍ଷା ଜ୍ୟୋତ୍ସ୍ନା ସେନାପତି, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ପରମାନନ୍ଦ ସେଠୀ, ଜିଲା କମିଟି ସମ୍ପାଦକ ଜୀବନବଲ୍ଲଭ ବାରିକ, ସଂଯୋଜକ ମହମ୍ମଦ ୟୁନିସ ପ୍ରମୁଖ ରେମୁଣା, ସଦର ବ୍ଲକର ବିଭିନ୍ନ ଜୋନ ଓ ପଞ୍ଚାୟତରେ ଘର ଘର ବୁଲିବା ସହ ପଥପ୍ରାନ୍ତ ସଭା ମାଧ୍ୟମରେ ଭାଜପା ଓ ବିଜେଡି ସରକାରଙ୍କର ବିଫଳତା ସମ୍ପର୍କରେ ଭୋଟରଙ୍କୁ ସଚେତନ କରିଥିଲେ। ମହାମାରୀ କରୋନାରେ ଗରିବ ମଧ୍ୟବିତ୍ତ ପରିବାରମାନଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରିବା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି, ପ୍ରକୃତ ହିତାଧିକାରୀ ଇନ୍ଦିରା ଆବାସରୁ ବଞ୍ଚିତ ହେବା, ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା କରାଇବା ନାମରେ ଲାଞ୍ଚ ନେଇ ତାଲିକାରେ ଅନ୍ତର୍ଭୁକ୍ତ କରାଇବା, ଗାଁ ଗାଁରେ ପିଇବା ପାଣି ସଙ୍କଟ ସହିତ ଟାଟା ପାୱାର ବିଦ୍ୟୁତ ଗ୍ରାହକଙ୍କ ଉପରେ ଜୁଲମ ଘଟଣାକୁ ନେଇ ରାଜ୍ୟ ଅଧକ୍ଷ ମହାନ୍ତି ପଥପ୍ରାନ୍ତ ସଭା ଓ ପ୍ରଚାର ମାଧ୍ୟମରେ ଭୋଟରମାନଙ୍କୁ କଂଗ୍ରେସ ସପକ୍ଷରେ ଭୋଟ ଦେଲେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ସଫଳତା ସାଧାରଣଜନତା ପାଇପାରିବେ ବୋଲି ନିବେଦନ କରିଥିଲେ।

# ଡିଜିଟାଲ ପ୍ରଚାରରେ ଦୁର୍ନୀତି ବିରୋଧରେ ସ୍ୱର

ଭଦ୍ରକ ଅଫିସ, ୧୩।୨

ଭଦ୍ରକ ଜିଲା ବନ୍ତ ବ୍ଲକ ବଡ଼ବର୍ଚ୍ଚକୟାଁ ପଞ୍ଚାୟତରେ ଜଣେ ଉଚ୍ଚଶିକ୍ଷିତା ସରପଞ୍ଚ ପ୍ରାର୍ଥିନୀଙ୍କ ରାଜନୈତିକ ରଣନୀତିକୁ ନେଇ ସାଧାରଣରେ ବେଶ୍ ଚର୍ଚ୍ଚା ଚାଲିଛି। ସରପଞ୍ଚ ପ୍ରାର୍ଥିନୀ ସଂଯୁକ୍ତା ମଲ୍ଲିକ ନିର୍ବାଚନ ଜିତିବା ପାଇଁ ଦୁର୍ନୀତି ବିରୋଧୀ ଡିଜିଟାଲ ପ୍ରଚାରକୁ ଅସ୍ତ୍ର କରିଛନ୍ତି। ୨୦୧୭ରେ ନୂତନ ଭାବେ ଗଠିତ ଏହି ପଞ୍ଚାୟତର ଗତ ୫ ବର୍ଷର ଟିକିନିଖି ହିସାବକୁ ଲୋକଙ୍କ ସାମ୍ନାରେ ଉପସ୍ଥାପନ କରି ଦୁର୍ନୀତି ବିରୋଧରେ ସ୍ୱର ଉଠାଇଛନ୍ତି। ରାଜନୈତିକ ମହଲରେ ଏହା ହଟଚମଟ ସୃଷ୍ଟି କରିଛି। ମତଦାନକୁ ଆଉ ଦୁଇଦିନ ବାକି ଥିବାବେଳେ ନିଜ ଇସ୍ତାହାରରେ ପଞ୍ଚାୟତ କିପରି ଚଳାଇବେ ତାହାକୁ ନେଇ ପ୍ରଚାରପତ୍ର ଏବଂ ନିଜର ଇସ୍ତାହାରକୁ ଘରେ ଘରେ ବାଣ୍ଟୁଥିବା ଦେଖିବାକୁ ମିଳିଛି।

ନିଜ ଇସ୍ତାହାରରେ ପ୍ରତି ମାସ ଜଣେ ୱାର୍ଡମେମ୍ବରଙ୍କୁ ପୂରା ପଞ୍ଚାୟତ ଦାୟିତ୍ୱ ତୁଲାଇବାକୁ ପଞ୍ଚାୟତରେ ବସାଇବା ଓ ନିଜର ଦରମାକୁ ପ୍ରତି ମାସ ଜଣେ ୱାର୍ଡମେମ୍ବରକୁ ଦେଇ ସବୁ ଗ୍ରାମର ଲୋକଙ୍କୁ ଶାସନ ବ୍ୟବସ୍ଥା ସହ ଓତଃପ୍ରୋତ ଭାବେ ଯୋଡ଼ି ରଖିବାକୁ ପ୍ରୟାସ ଚଳାଇଛନ୍ତି। ଯାହାକି ସାରା ଜିଲାରେ ନୂଆ ବୋଲି ଚର୍ଚ୍ଚା ହେଉଛି। ଏପଟେ ଅନ୍ୟ ଦୁଇଜଣ ପ୍ରାର୍ଥୀ ରାଜନୀତିରେ ପୁରୁଖା। ସଂଯୁକ୍ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ବର୍ତ୍ତମାନର ସରପଞ୍ଚଙ୍କ ସ୍ତ୍ରୀ ମିନତି ଜେନା। ସେପଟେ ଅବିଭକ୍ତ କାଦବରାଙ୍ଗ ପଞ୍ଚାୟତର ତିନିଥର ସରପଞ୍ଚ ହୋଇଥିବା ସୁରେନ୍ଦ୍ର ନାଥ ଜେନା ଗତ ନିର୍ବାଚନରେ ୩ ଖଣ୍ଡ ଭୋଟରେ ହାରିବା ପରେ ଚଳିତ ନିର୍ବାଚନରେ ନିଜ ବୋହୂ ପୁଷ୍ପାଞ୍ଜଳି ସ୍ୱାଇଁଙ୍କୁ ପ୍ରାର୍ଥୀ କରିଛନ୍ତି। ଯିଏ ବି ଜିତିବେ, କିନ୍ତୁ ସେଥିପାଇଁ ସଂଯୁକ୍ତା ନିର୍ଣ୍ଣାୟକ ଭୂମିକା ନେବେ ବୋଲି ଚର୍ଚ୍ଚା ଜୋର୍ ଧରିଛି।

# ନିର୍ବାଚନ ପୂର୍ବରୁ ପୋଲିସର ଫ୍ଲାଗ୍ମାର୍ଚ୍ଚ

ବାଙ୍ଗିରିପୋଷି,୧୩।୨ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଞ୍ଚଳରେ ୨୪ଟି ଭୋଟ୍ କେନ୍ଦ୍ର ମଧ୍ୟରୁ ୬୦ଟି ସମ୍ବେଦନଶୀଳ ରହିଛି। ଏହି ପରିପ୍ରେକ୍ଷୀରେ ନିର୍ବାଚନ ପୂର୍ବରୁ ରବିବାର ପୋଲିସ ପକ୍ଷରୁ ଫ୍ଲାଗ୍ମାର୍ଚ୍ଚ କରାଯାଇଛି। ବାଙ୍ଗିରିପୋଷି ଥାନାଧିକାରୀ ବିକ୍ରମ କେଶରୀ ଜେନାଙ୍କ ନେତୃତ୍ୱରେ ସମସ୍ତ ସବ୍ ଇନ୍ସପେକ୍ଟର, ସହକାରୀ ସବ୍ ଇନ୍ସପେକ୍ଟର, କନଷ୍ଟେବଲ, ଏପିଆର୍ ବାହିନୀ ଏବଂ ଗୃହରକ୍ଷୀମାନେ ବ୍ଲକର ଆନ୍ଦୋଳା, ଯୋକା, ବୁଢ଼ୀଖମାରୀ ଏବଂ ସୋରିଶପାଳରେ ଫ୍ଲାଗ୍ମାର୍ଚ୍ଚ କରିଥିଲେ। ଶାନ୍ତିଶୃଙ୍ଖଳାର ସହ ମତଦାନ ପାଇଁ ସେମାନେ ଭୋଟରମାନଙ୍କୁ ବୁଝାଇଥିଲେ।

# ରାଜେଶଙ୍କ ପାଇଁ ପ୍ରଚାର କଲେ ରାଜ୍ୟନେତା



ସିକନ୍ଦର ଅଲ୍ଲୀଙ୍କ ଉପସ୍ଥିତିରେ ମୁସ୍ଲିମ ବସ୍ତିରେ ପଥପ୍ରାନ୍ତ ସଭା।

ଖଇରା, ୧୩।୨(ଡି.ଏନ.ଏ.)

ଖଇରା ବ୍ଲକର ୫ନଂ. ଜୋନରେ ଭାଜପା ଜିଲା ପରିଷଦ ପ୍ରାର୍ଥୀ ରାଜେଶ ମହାକୁଡ ପ୍ରଚାରରେ ପୂରା ଦମ୍ ଲଗାଇ ଦେଇଥିବା ବେଳେ ତାଙ୍କ ପାଇଁ ପ୍ରଚାରକୁ ଓହ୍ଲାଇଛନ୍ତି ରାଜ୍ୟ ଭାଜପା ଯୁବ ମୋର୍ଚ୍ଚାର ସଂଖ୍ୟାଲଘୁ ସଭାପତି ସିକନ୍ଦର ଅଲ୍ଲୀ। ଶୁକ୍ରବାର ସେ ମାଖନପୁର ଓ ଡଗରପଡା ପଞ୍ଚାୟତର ବିଭିନ୍ନ ୱାର୍ଡ ବୁଲି ଭୋଟଭିକ୍ଷା କରିଥିଲେ । ଏହି ଅବସରରେ ଆୟୋଜିତ ପଥପ୍ରାନ୍ତ ସଭାରେ ଯୋଗଦେଇ ମୋଦୀଙ୍କର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରି ବାସ୍ତବ ବିକାଶ ପାଇଁ ଭାଜପାକୁ ଭୋଟ ଦେବାକୁ ନିବେଦନ କରିଥିଲେ । ଅଲ୍ଲୀଙ୍କ ସହ କଟକ ନଗର ଭାଜପା ସମ୍ପାଦକ ବିଶ୍ୱ ରଞ୍ଜନ ମିଶ୍ର, ମଣ୍ଡଳ ସଭାପତି ମହେଶ୍ୱର ନାଥ, ପ୍ରଭାରୀ ଅଜୟ ବେହେରା ପ୍ରମୁଖ ସାମିଲ ଥିଲେ।

# ଭାଜପା ଗଡ଼ ହାତେଇବାକୁ ବିଜେଡିର କସରତ

## ଫୋକସରେ ୧୧ ନଂ. ଜୋନ୍



ପୁଷ୍ପାଞ୍ଜଳି ସାମଲ।



ଊର୍ମିଳା ବିଶ୍ୱାଳ।



ବାସନ୍ତୀଲତା ବେହେରା।

ଧାମନଗର, ୧୩।୨ (ଡି.ଏନ.ଏ)

ପଞ୍ଚାୟତ ନିର୍ବାଚନ ପାଇଁ ଭଦ୍ରକ ଜିଲା ଧାମନଗର ନିର୍ବାଚନମଣ୍ଡଳୀର ୪ ଜିଲା ପରିଷଦ ଜୋନ୍ରେ ଭାଜପା ଓ ବିଜେଡି ମଧ୍ୟରେ ଚାଲିଛି ଜୋର୍ଦାର ଟକ୍କର। ସେଥିମଧ୍ୟରୁ ୧୧ ନଂ. ଦୋବଲ ଜିଲା ପରିଷଦ ଜୋନ୍ ଫୋକ୍ସରେ ରହିଛି। ବିଗତ ପଞ୍ଚାୟତ ନିର୍ବାଚନରେ ଏହି ଜୋନ୍ରୁ ଭାଜପା ପ୍ରାର୍ଥୀ ଲଗାତାର ବିଜୟୀ ହୋଇ ଗଡ଼ ସୃଷ୍ଟି କରିଥିବା ବେଳେ ଦଳ ବିଜୟଧାରା ବଜାୟ ରଖିବା ପାଇଁ କସରତ ଜାରି ରଖିଛି। ଭାଜପା ପ୍ରାର୍ଥୀ ଭାବେ ପୁଷ୍ପାଞ୍ଜଳି ସାମଲ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେ ରାଜନୀତିରେ ପ୍ରଥମ କରି ପାଦ ଥାପିଥିଲେ ମଧ୍ୟ ତାଙ୍କ ସ୍ୱାମୀ ସୁବ୍ରତ ଖଡ଼ିପଦା ପଞ୍ଚାୟତର ସମିତିସଭ୍ୟ ଥିଲେ। ସେ ଜଣେ ଉଦୀୟମାନ ଯୁବକ ଓ ସଙ୍ଗଠକ ଭାବେ ବେଶ୍ ପରିଚିତ। ବ୍ୟାବସାୟିକ ପରିବାର ହୋଇଥିବାରୁ ପ୍ରତି ପଞ୍ଚାୟତରେ କିଛି ସମର୍ଥକ ମଧ୍ୟ ରହିଛନ୍ତି। ତେବେ ସ୍ୱଚ୍ଛ ଭାବମୂର୍ତ୍ତି ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ପାଥେୟ କରି ନିର୍ବାଚନ ବୈତରଣୀ ପାର ହେବା ପାଇଁ ପୁଷ୍ପାଞ୍ଜଳି ଆଶା ବାନ୍ଧିଛନ୍ତି।

ଅପରପକ୍ଷେ ତାଙ୍କୁ କଡ଼ା ଟକ୍କର ଦେବାକୁ ପୂର୍ବତନ ସମିତିସଭ୍ୟ ପ୍ରତାପ ସାମଲଙ୍କ ସ୍ତ୍ରୀ ତଥା ପୂର୍ବତନ ବ୍ଲକ ଉପାଧକ୍ଷ ଊର୍ମିଳା ବିଶ୍ୱାଳଙ୍କୁ ବିଜେଡି ପ୍ରାର୍ଥୀ କରିଛି। ପ୍ରତାପ ଦଳର ଜଣେ ଆଗଧାଡ଼ିର ନେତା। ରାଜନୀତିରେ ଗୋଟି ଚାଳନାରେ ସେ ବେଶ୍ ଧୁରନ୍ଧର। ପ୍ରତାପଙ୍କ ଦବ୍ଦବା ଅଧିକାଂଶ ପଞ୍ଚାୟତରେ ମଧ୍ୟ ରହିଛି। ସେହିପରି କଂଗ୍ରେସ ଏହି ଜୋନ୍ରୁ ବାସନ୍ତୀଲତା ବେହେରାଙ୍କୁ ପ୍ରାର୍ଥୀ କରିଛି। ଦଳର ଦୁର୍ବଳ ନେତୃତ୍ୱ ଯୋଗୁ ପ୍ରଚାରରେ ବହୁ ପଛରେ ରହିଥିବା ବେଳେ ବିଜେଡି ଏଠାରୁ ବିଜୟୀ ହୋଇ ଭାଜପାର ପରମ୍ପରା ବିଜୟଧାରା ଭାଙ୍ଗିବାକୁ ଗୋଟି ଚାଳନା ଆରମ୍ଭ କରିଥିବା ଚର୍ଚ୍ଚା ହେଉଛି।

ଗତ ପଞ୍ଚାୟତ ନିର୍ବାଚନରେ ମଧ୍ୟ ଏହି ଜୋନ୍ ଭଦ୍ରକ ଜିଲାରେ ବେଶ୍ ଚର୍ଚ୍ଚାରେ ଥିଲା। ୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜେଡିରୁ ପୂର୍ବତନ ଜିଲା ପରିଷଦ ଅଧକ୍ଷ ତଥା ବର୍ତ୍ତମାନର ଜିଲା ସଭାପତି ଜଗନ୍ନାଥ ସ୍ୱାଇଁଙ୍କୁ ବିଜେଡି ପ୍ରାର୍ଥୀ କରି ପରାଜିତ ହୋଇଥିଲା। ୧୧ ନଂ. ଦୋବଲ ଜିଲା ପରିଷଦ ଜୋନ୍ ଭାଜପାର ଗଡ଼ ଭାବେ ଥିବା ସ୍ଥିତିକୁ ବଜାୟ ରଖିବା ପାଇଁ ବିଧାୟକ ତଥା ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ଅଣ୍ଟା ଭିଡ଼ିଥିବା ବେଳେ ବିଜେଡି ହାତେଇବା ଲାଗି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ନିର୍ବାଚନ ମଣ୍ଡଳୀରେ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ କର୍ମୀମାନଙ୍କୁ ନେଇ ବିଚାର ବିମର୍ଷ କରୁଛନ୍ତି। ତେବେ ଏହି ଜୋନ୍ ଉପରେ ସମସ୍ତଙ୍କ ନଜର ରହିଛି।

**ମାର୍ଚ୍ଚ ମଧ୍ୟରେ ଏଲ୍ଆଇସି ଆଇପିଓ**
ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି) ର ଆଇପିଓ ସମ୍ପର୍କରେ କେନ୍ଦ୍ର ସରକାର ଆଉ ଏକ ପଦକ୍ଷେପ ଗ୍ରହଣ କରିଛନ୍ତି। କ୍ୟାପିଟାଲ ମାର୍କେଟ ରେଗୁଲେଟର ସେବୀଙ୍କ ସହ ସରକାର ରବିବାର ଏକ ପ୍ରାରମ୍ଭିକ ସର୍ବସାଧାରଣ ଅଫର(ଆଇପିଓ) ମାଧ୍ୟମରେ ବୀମା ବେହେମଥ ଏଲ୍ଆଇସିର ୫% ଅଂଶଧନ ବିକ୍ରୟ ପାଇଁ ପେପର ଦାଖଲ କରିଛନ୍ତି। ଏହା ମାର୍ଚ୍ଚ ମଧ୍ୟରେ ଡି-ଷ୍ଟ୍ରିଟ (ଶେୟାର ବଜାର)କୁ ଆସିବ ବୋଲି ଜଣାପଡିଛି। ଏହାର ଶେୟାର ପ୍ରାୟ ୫% ଇକ୍ୱିଟି ଗ୍ରହଣ କରୁଛି ବୋଲି ନିବେଶ ଏବଂ ପବ୍ଲିକ୍ ଆସେଟ୍ ମ୍ୟାନେଜମେଣ୍ଟ ବିଭାଗ (ଡିପିଏମ୍) ସଚିବ ତୁହିନ୍ କାନ୍ତ ପାଣ୍ଡେ ଏ ନେଇ ଏକ ଟୁଇଟ୍ କରିଛନ୍ତି।

## ସଂକ୍ଷେପରେ

### ହ୍ରାସ ପାଇଲା ଖାଇବା ତେଲ ଶୁଳ୍କ

**ଭୁବନେଶ୍ୱର,୧୩।୨:** ତୈଳ ଦର ବୃଦ୍ଧି ସରକାରଙ୍କ ପାଇଁ ଏକ ପ୍ରକାରର ଅଡୁଆ ସୃଷ୍ଟି କରୁଛି। ଏହି ଅଡୁଆକୁ ଚଢ଼ା ଦରରେ ବିକ୍ରି ହେଉଥିବା ଖାଇବା ତେଲ ମଧ୍ୟ ଆଉ ଟିକେ ବଢ଼ାଇ ଦେଉଥିଲା। ଫଳରେ ସରକାର ବହୁ ବିଚାର ବିମର୍ଶ କରିବା ପରେ ଖାଇବା ତେଲ ଉପରୁ ଶୁଳ୍କ ହ୍ରାସ କରିବା ନେଇ ଘୋଷଣା କରିଛନ୍ତି। ଏହି କ୍ରମରେ ସରକାର ଅଶୋଧିତ ପାମ ଅଏଲ ଉପରେ କଷ୍ଟମ ଡ୍ୟୁଟି ୫.୫% ହ୍ରାସ କରିଛନ୍ତି। ସରକାରଙ୍କ ଏଭଳି ନିଷ୍ପତ୍ତି ଫଳରେ ଖାଇବା ତେଲ ମୂଲ୍ୟ ହ୍ରାସ ହେବା ସହ ଖାଉଟିଙ୍କୁ କିଛି ପରିମାଣରେ ଆଶ୍ୱସ୍ତି ମିଳିବ। ଏକ ସରକାରୀ ବିଜ୍ଞପ୍ତି ଅନୁସାରେ ଅଶୋଧିତ ପାମ ତେଲ ଉପରେ ୫% କୃଷି ଭିତ୍ତିଭୂମି ବିକାଶ ସେସ୍ ଆଦାୟ କରାଯିବ। ଏହା ବର୍ତ୍ତମାନ ଯାଏ ୭.୫ ପ୍ରତିଶତ ରହିଥିଲା। ଏହି ହ୍ରାସ ସହ ଅଶୋଧିତ ପାମ ଅଏଲ ଉପରେ ପ୍ରଭାବୀ ସୀମା ଶୁଳ୍କ ୮.୨୫%ରୁ ହ୍ରାସ ହୋଇ ୫.୫%କୁ ଖସି ଆସିଛି। ଏହା ପୂର୍ବରୁ କେନ୍ଦ୍ର ସରକାର ୨୦୨୧ ଅକ୍ଟୋବର ମାସରେ ଖାଇବା ତେଲର ଆମଦାନୀ ଶୁଳ୍କ ହ୍ରାସ କରିଥିଲେ।

### ବଢ଼ୁଛି ସୁନା ଚାହିଦା

**ଭୁବନେଶ୍ୱର,୧୩।୨:** ଆମେରିକା ସମେତ ସାରା ବିଶ୍ୱରେ ମୁଦ୍ରାସ୍ଫୀତି ହାର ବଢ଼ିବା ପରେ ସୁନାର ଦାମ୍ ମଧ୍ୟ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମସିଏକ୍ସ)ରେ ସୁନାର ଦାମ୍ ପ୍ରାୟ ୫୦ ହଜାର ହୋଇଛି। ତେବେ ଆଗକୁ ବିବାହ ଋତୁ ଥିବାରୁ ଏହା ଆହୁରି ଅଧିକ ବଢ଼ିପାରେ ବୋଲି ଆକଳନ ମଧ କରାଯାଉଛି। କମୋଡିଟି ଏକ୍ସପର୍ଟ ଏବଂ କେଡିଆ ଆଡ୍‌ଭାଇଜରି ନିର୍ଦ୍ଦେଶକଙ୍କ କହିବା ମୁତାବକ ଦରଦାମ୍ ଯେତେ ମହଙ୍ଗା ହେବ ସେତେ ପରିମାଣରେ ସୁନାର ଦାମ୍ ବଢ଼ିବ। ଅନ୍ତଃରାଷ୍ଟ୍ରୀୟ ବଜାରରେ ସୁନାର ଦାମ୍ ୧,୮୫୨ ଡଲାର ରହିଛି; ଯାହା କି ଏବେ ସୁଦ୍ଧା ସବୁଠାରୁ ଅଧିକ, ଖୁବ୍‌ଶୀଘ୍ର ଏହା ୧,୮୬୫ ଡଲାର ଛୁଇଁବ ବୋଲି ଆଶଙ୍କା କରାଯାଉଛି। ସୁନା ମୂଲ୍ୟ ଉପରେ ମୁଦ୍ରାସ୍ଫୀତିର ସିଧାସଳଖ ପ୍ରଭାବ ପଡ଼ିଥାଏ। ଏହି ଧାରା ଯଦି ଆଗାମୀ ବିବାହ ଋତୁରେ ରୁହେ ତା'ହେଲେ ସବୁ ବର୍ଗର ଲୋକ ପ୍ରଭାବିତ ସାଙ୍ଗକୁ ଅତିରିକ୍ତ ଆର୍ଥିକ ବୋଝ ବହନ କରିବେ ବୋଲି କୁହାଯାଇଛି।

# ଖୁବ୍‌ଶୀଘ୍ର ୫ଜି ସ୍ପେକ୍ଟ୍ରମ୍ ନିଲାମ

**ନୂଆଦିଲ୍ଲୀ,୧୩।୨**

**୪ଜି ଠାରୁ ୧୦ଗୁଣ ଅଧିକ ପ୍ରଭାବୀ**




କେନ୍ଦ୍ର ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ସ୍କିଲ ଇଣ୍ଡିଆ' କାର୍ଯ୍ୟକ୍ରମକୁ ସୁଦୂର ପ୍ରସାରୀ କରିବା ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି। ସେହିଭଳି ସରକାର ଶିକ୍ଷାଠାରୁ ସ୍ୱାସ୍ଥ୍ୟ ଏପରି କି ପ୍ରତି ଅଞ୍ଚଳରେ ଟେଲି ଯୋଗାଯୋଗକୁ ଗୁରୁତ୍ୱର ସହ ବିଚାର କରୁଛନ୍ତି। ଫଳରେ ବହୁ ପ୍ରତୀକ୍ଷିତ ୫ଜି ସ୍ପେକ୍ଟ୍ରମ୍ ନିଲାମକୁ ଖୁବ୍‌ଶୀଘ୍ର ଆରମ୍ଭ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଚଳିତବର୍ଷ ମେ' ମଧ୍ୟରେ ସ୍ପେକ୍ଟ୍ରମ ନିଲାମ ଅନୁଷ୍ଠିତ ହେବ। ଯଦି ଟେଲିକମ୍ ରେଗୁଲେଟୋରୀ ଅଥରିଟି ଅଫ୍ ଇଣ୍ଡିଆ (ଟ୍ରାଇ) ମାର୍ଚ୍ଚ ସୁଦ୍ଧା ବିକ୍ରୟ ପ୍ରକ୍ରିୟା ସହିତ ଆବଶ୍ୟକ ନିୟମାବଳୀ ଉପରେ ସୁପାରିସ କରିବେ ତା' ହେଲେ ଏହାର ପ୍ରକ୍ରିୟା ଆରମ୍ଭ ହେବ ବୋଲି ଟେଲିକମ୍ ବିଭାଗର ଜଣେ ବରିଷ୍ଠ ଅଧିକାରୀ ମତବ୍ୟକ୍ତ କରିଛନ୍ତି।

ସେହିଭଳି ନିକଟରେ ଟେଲିକମ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ କହିଥିଲେ ଯେ, ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ୫ଜି ନିଲାମ ପାଇଁ ଆବଶ୍ୟକ ପଦକ୍ଷେପ ସହ ସୁପାରିସ ମଧ ଦାଖଲ କରାଯିବ। ସେହିପରି ଟେଲିକମ୍ ବିଭାଗ (ଡିଓଟି) ମଧ୍ୟ ଏକକାଳୀନ ଅନ୍ୟାନ୍ୟ ପ୍ରକ୍ରିୟାକୁ ନିଲାମ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ।

ଅପରପକ୍ଷରେ ଟେଲିକମ୍ ସଚିବ କେ. ରାଜାରାମନ୍ ଏକ ଜାତୀୟ ଗଣମାଧ୍ୟମକୁ ବିବୃତି ଦେଇ କହିଛନ୍ତି, ଚଳିତବର୍ଷ ମାର୍ଚ୍ଚ ଶେଷସୁଦ୍ଧା ସେମାନେ ଏହାର ସୁପାରିସ ପଠାଇବେ ବୋଲି ଟ୍ରାଇ ପକ୍ଷରୁ ସୂଚନା ମିଳିଛି। ଏହା ପୂର୍ବରୁ ସ୍ପେକ୍ଟ୍ରମ୍ ନିଲାମରେ ଟ୍ରାଇରୁ ସୁପାରିସ ପାଇବା ପରେ ନିଲାମରେ ବିଡିଂ ରାଉଣ୍ଡ ଆରମ୍ଭ କରିବାକୁ ସରକାର ୬୦ରୁ ୧୨୦ ଦିନ ସମୟ ନେଇଛନ୍ତି। ଟ୍ରାଇରୁ ସୁପାରିସ ପାଇବା ଦିନଠାରୁ ନିଲାମ ଆରମ୍ଭ କରିବାକୁ ଦୁଇ ମାସ ସମୟ ଲାଗିବ ବୋଲି ରାଜାରାମନ୍ ମତବ୍ୟକ୍ତ କରିଛନ୍ତି।

ଡିଓଟିର ସୂଚନା ଅନୁଯାୟୀ ୫ଜି ଡାଉନଲୋଡ୍ ସ୍ପିଡ୍ ୪ଜି ସେବା ଅପେକ୍ଷା ୧୦ ଗୁଣ ଅଧିକ ଦ୍ରୁତଗତିରେ ପହଞ୍ଚାଇବ ବୋଲି ଆଶା କରାଯାଉଛି। ଟ୍ରାଇ ଶିଳ୍ପ ଏବଂ ଅନ୍ୟାନ୍ୟ ହିତାଧିକାରୀଙ୍କ ସହିତ ପରାମର୍ଶ କରିଲା ପରେ ଡିଓଟିକୁ ସୁପାରିସ କରିଥାଏ। ସାମ୍ପ୍ରତିକ ଅଭ୍ୟାସ ଅନୁଯାୟୀ, ଡିଓଟିରେ ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ ସଂସ୍ଥା, ଡିଜିଟାଲ୍ ଯୋଗାଯୋଗ ଆୟୋଗ (ପୂର୍ବରୁ ଟେଲିକମ୍ କମିଶନ) ଟ୍ରାଇ ସୁପାରିସ ଉପରେ ନିଷ୍ପତ୍ତି ନେଇଥାଏ ଏବଂ ତା'ପରେ ଚୂଡ଼ାନ୍ତ ଅନୁମୋଦନ ପାଇଁ କ୍ୟାବିନେଟ୍ ନିକଟକୁ ଯାଇଥାଏ।

# ସୋନାଲିକାର ରପ୍ତାନି ଅଭିବୃଦ୍ଧି ୬୦%

**ନୂଆଦିଲ୍ଲୀ,୧୩।୨**


ରମଣ ମିତ୍ତଲ

ଭାରତରେ ଅଗ୍ରଣୀ ଟ୍ରାକ୍ଟର କମ୍ପାନୀ ଭାବେ ମାନ୍ୟତା ହାସଲ କରିଥିବା ସୋନାଲିକା ବିଦେଶରେ ମଧ ନିଜ ସ୍ଥିତି ମଜଭୁତ କରିପାରିଛି। କମ୍ପାନୀ ବର୍ତ୍ତମାନ ସୁଦ୍ଧା ୧୩୦ଟି ଦେଶରେ ନିଜର କାରବାର ଜାରି ରଖିଛି। ଚଳିତ ବର୍ଷ ଜାନୁୟାରୀ ଶେଷ ସୁଦ୍ଧା କମ୍ପାନୀ ମୋଟ ୨୮,୭୨୨ ଟ୍ରାକ୍ଟର ରପ୍ତାନି କରିଛି। ଗତ ଏହି ସମୟ ମଧ୍ୟରେ କମ୍ପାନୀ ମୋଟ ୧୭,୯୩୮ଟି ଟ୍ରାକ୍ଟର ରପ୍ତାନି କରିଥିଲା। ଏହି ଅନୁସାରେ କମ୍ପାନୀ ରପ୍ତାନିରେ ଚଳିତବର୍ଷ ୬୦.୧% ଅଭିବୃଦ୍ଧି ଘଟିଛି। ସେହିଭଳି ୨୦୨୨ ଜାନୁୟାରୀରେ କମ୍ପାନି ୩୦୨୨ଟି ଟ୍ରାକ୍ଟର ରପ୍ତାନି କରି ୫୦.୮% ଅଭିବୃଦ୍ଧି ହାସଲ କରିଛି। ଏ ସମ୍ପର୍କରେ ସୋନାଲିକାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ରମଣ ମିତ୍ତଲ କହିଛନ୍ତି, କମ୍ପାନି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ନିର୍ମାଣ କରୁଥିବା ଟ୍ରାକ୍ଟର ପ୍ରତି ଭାରତ ଏବଂ ଅନ୍ତର୍ଜାତୀୟ ବଜାରର ଗ୍ରାହକଙ୍କ ଆସ୍ଥା ରହିଛି। ବିଶେଷ କରି କମ୍ପାନୀର ସମସ୍ତ ଉତ୍ପାଦ କୃଷକ ଓ କୃଷି ସହ ଜଡିତ ଲୋକଙ୍କ ପସନ୍ଦ ପାଲଟିଥିବାରୁ ସେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଅନେକ ଗୁରୁତ୍ୱପୂର୍ଣ୍ଣ ବଜାରରେ ମଧ କମ୍ପାନି ବର୍ତ୍ତମାନ ସ୍ଥିତିରେ ଶ୍ରେଷ୍ଠ ୨ ବ୍ରାଣ୍ଡ୍ ମଧ୍ୟରେ ରହିଛି ବୋଲି ମିତ୍ତଲ ମତବ୍ୟକ୍ତ କରିଛନ୍ତି।

# ଟ୍ରିମ୍‌ସରେ କୋଭିଡ୍ ସମ୍ପର୍କିତ ଜାତୀୟ କର୍ମଶାଳା

**କଟକ,୧୩।୨**




ଟାଙ୍ଗୀସ୍ଥିତ ଟ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟରେ 'ବୈଷୟିକ ଶିକ୍ଷା କ୍ଷେତ୍ରରେ କୋଭିଡ୍ ପ୍ରଭାବ-ଏକ ଆହ୍ୱାନ ଓ ସୁଯୋଗ' ଶୀର୍ଷକ ୨ଦିନିଆ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟିଇ) ଦ୍ୱାରା ପ୍ରାୟୋଜିତ ଏହି କର୍ମଶାଳାରେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା, ଗବେଷକମାନେ ଅଂଶ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ଟ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ନିମନ୍ତ୍ରିତ ଅତିଥିଙ୍କୁ ସ୍ୱାଗତ କରି କର୍ମଶାଳାର ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ। ଉଦ୍‌ଘାଟନୀ ଅଧିବେଶନର ମୁଖ୍ୟ ଅତିଥି ଭାବେ ଆଇଆଇଟି, ଭୁବନେଶ୍ୱର (ଅରଗୁଳ, ଜଟଣୀ)ର ନିର୍ଦ୍ଦେଶକ ପ୍ରଫେସର ଡ. ରତ୍ନମ୍ ଭି. ରାଜାକୁମାର କହିଥିଲେ, କୋଭିଡ୍ ଆମକୁ ଅନେକ କିଛି ଶିକ୍ଷା ଦେଇଛି। ସେହିଭଳି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ୟିୟୁସିଏଲ୍ ୟୁନିଭର୍ସିଟି ଅଫ୍ ଲଣ୍ଡନର ଉପ କୁଳପତି ପ୍ରଫେସର ଡ. ଦିଲୀପ ମହାପାତ୍ର କହିଥିଲେ, କୋଭିଡ୍ ପରିସ୍ଥିତି ବିଶ୍ୱବାସୀଙ୍କ ପାଇଁ ଦୁଶ୍ଚିନ୍ତା ଓ ବିଷାଦର କାରଣ ପାଲଟିଥିଲା। ଅପରପକ୍ଷରେ ବିଭିନ୍ନ ଶିକ୍ଷାନୁଷ୍ଠାନର ବିଶିଷ୍ଟ ଶିକ୍ଷାବିତ୍ ଡ. ସରଣଜିତ୍ ସିଂ, ଡ. ଶରତ କୁମାର ସାହୁ, ଡ. ପ୍ରଦ୍ୟୁତ୍ କୁମାର ସାହୁ, ଡ. ହେମନ୍ତ କୁମାର ପଣ୍ଡା, ଡ. ସୁପ୍ରତିମ ଗୁପ୍ତା ପ୍ରମୁଖ କୋଭିଡ୍-୧୯ ଭଳି ଆହ୍ୱାନକୁ ମୁକାବିଲା କରିବା ଲାଗି ଦୃଢ଼ ଇଚ୍ଛାଶକ୍ତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନୁଷ୍ଠାନର ଏକାଡେମିକ୍ ନିର୍ଦ୍ଦେଶକ ଡ. କପିଳେଶ୍ୱର ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅପରପକ୍ଷରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ନୟନରଞ୍ଜନ ସାମଲ କର୍ମଶାଳାର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କର୍ମଶାଳାର ଆବାହକ ତଥା ଇଏନ୍‌ଟିସି ବିଭାଗୀୟ ମୁଖ୍ୟ ଡ. ଜୀବନାନନ୍ଦ ମେହେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପିକା ଡ. ଲୀନା ପଟ୍ଟନାୟକ ଓ ଡ. କ୍ରିଷ୍ଣାପ୍ରଦା ଦାଶ, ପ୍ରାଧ୍ୟାପିକା ଅମ୍ରିତା ସିଂ, ପ୍ରାଧ୍ୟାପିକା ଶ୍ରାବଣୀ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାଧ୍ୟାପକ ଡ. ସଚ୍ଚିଦାନନ୍ଦ ସାମଲ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିବରଣୀ ପୁସ୍ତିକା ଉନ୍ମୋଚିତ ହୋଇଥିଲା।

# ପ୍ୟାକେଜ୍ ପାଇଁ ପ୍ରସ୍ତାବ ଦେଲା ହାରୋ

**ଭୁବନେଶ୍ୱର,୧୩।୨:** କୋଭିଡ୍ ମହାମାରୀରେ ପର୍ଯ୍ୟଟନ ଏବଂ ହୋଟେଲ୍ ବା ଆତିଥେୟତା ଇଣ୍ଡଷ୍ଟ୍ରୀ ସର୍ବାଧିକ କ୍ଷତି ହୋଇଥିବା କୁହାଯାଉଛି। ୨୦୨୦ରୁ ମହାମାରୀର ତିନୋଟି ଲହର ସହିତ ଲକ୍‌ଡାଉନ୍ ଆଉ ଶଟ୍‌ଡାଉନ୍ ଯୋଗୁ ଉକ୍ତ ଶିଳ୍ପକୁ ବିଶେଷ ପ୍ରଭାବିତ କରିଛି। ଶିଳ୍ପର ସୁରକ୍ଷା ଓ ପୁନରୁଦ୍ଧାର ପାଇଁ ସରକାର ଆର୍ଥିକ ସହାୟତା ଯୋଗାଇ ଦିଅନ୍ତୁ। ଏ ନେଇ ନିକଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ହୋଟେଲ୍ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ ଓଡ଼ିଶା (ହାରୋ) ପକ୍ଷରୁ ପତ୍ର ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରାଯାଇଛି। ନିକଟରେ ଅର୍ଥମନ୍ତ୍ରୀ ସୀତାରାମନ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିଛନ୍ତି। ଏଥିରେ ହୋଟେଲ୍ ଇଣ୍ଡଷ୍ଟ୍ରୀ ପାଇଁ ଇସିଏଲଜିଏସ୍ ଋଣ ଭାବେ ଅତିରିକ୍ତ ୫୦ ହଜାର କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ସେହିଭଳି ମହାମାରୀ ଏବଂ ଲକ୍‌ଡାଉନ ସମୟରେ ଆରବିଆଇ ଋଣ ପରିଶୋଧକାରୀଙ୍କୁ ମୋରାଟୋରିୟମ ସୁବିଧା ଦେଇଥିଲା।

# ଉତ୍କଳ ଜୁଏଲେରୀ ପକ୍ଷରୁ ଅଳଙ୍କାର ପ୍ରଦର୍ଶନ

**କଟକ,୧୩।୨**

**ପ୍ରେମ ସପ୍ତାହ ଓ ବିବାହ ଋତୁ ପାଇଁ ସ୍ୱତନ୍ତ୍ର ଡିଜାଇନ**




ଚଳିତବର୍ଷର ଉଭୟ ବିବାହ ଋତୁ ଓ ପ୍ରେମ (ଭାଲେଣ୍ଟାଇନ) ସପ୍ତାହ ଅବସରରେ କଟକର ସର୍ବ ପୁରାତନ ଅଳଙ୍କାର ପ୍ରତିଷ୍ଠାନ ଉତ୍କଳ ଜୁଏଲେରୀ ମାର୍ଟ ପକ୍ଷରୁ ଭିନ୍ନ ଭିନ୍ନ ଡିଜାଇନ୍‌ର ଅଳଙ୍କାର ସମ୍ଭାର ପ୍ରଦର୍ଶନ କରାଯାଉଛି। ବିଶେଷ କରି ରିଙ୍ଗ (ମୁଦି), ଚେନ (ହାର), ଲଭ ବ୍ୟାଣ୍ଡ, ହାର୍ଟ ଲକେଟ, ସାଧାରଣ ଲକେଟ ଭଳି ଅନେକଗୁଡିଏ ନୂତନ ଉତ୍ପାଦ ଓ ଡିଜାଇନ୍‌ର ପ୍ରଦର୍ଶନ ସାଙ୍ଗକୁ ବିକ୍ରୟ ମଧ କରାଯାଉଛି। ଏହି ଡିଜାଇନଗୁଡିକ ଅତ୍ୟନ୍ତ ମନୋଲୋଭା ସାଙ୍ଗକୁ ଗୁଣାତ୍ମକ ଏବଂ ସୁନ୍ଦର କଳାକୃତି ଓ କାରିଗରିରେ ପ୍ରସ୍ତୁତ କରାଯାଇଛି। ଏହି ସବୁ ନୂତନ ଡିଜାଇନ ଯୁବବର୍ଗଙ୍କୁ ବେଶ୍ ଆକୃଷ୍ଟ କରିବା ସହ ପସନ୍ଦ ଆସିବ ବୋଲି ମାର୍ଟ ପକ୍ଷରୁ କୁହାଯାଇଛି। ପ୍ରେମ ସପ୍ତାହ ପାଇଁ ଗତ କିଛିଦିନ ହେବ ଉଭୟ ଯୁବ ଓ ମଧ୍ୟମ ବୟସ୍କଙ୍କ ଗହଳି ଲାଗିରହିଛି। ଏହାର ଚାହିଦା ମଧ ଭଲ ରହିଛି, ପ୍ରେମ ସପ୍ତାହ ସହିତ ବିବାହ ଋତୁରେ ମଧ ଏହାର ଚାହିଦା ଭଲ ରହିବ ବୋଲି ଉତ୍କଳ ଜୁଏଲେରୀ ମାର୍ଟର ପରିଚାଳନା ନିର୍ଦ୍ଦେଶକ ମେହୁଲ ମେହେଟ୍ଟା ଆଶା କରିଛନ୍ତି। ସୁଲଭ ମୂଲ୍ୟ ସହ ସୁନ୍ଦର କଳାକୃତି ଏବଂ ଅନ୍ୟାନ୍ୟ କାରିଗରି କୌଶଳରେ ବିକଶିତ ହୋଇଥିବା ଉପରୋକ୍ତ ଡିଜାଇନଗୁଡ଼ିକ ବେଶ୍ ଆକର୍ଷଣୀୟ ହୋଇଛି। ଏହି ସମସ୍ତ କଲେକ୍ସନଗୁଡ଼ିକ ପ୍ରାୟ ୬ ହଜାର ଟଙ୍କାରୁ ଆରମ୍ଭ ହୋଇଛି।

## ରାଜ୍ୟ ଖବର

### କଟକଣାରେ ଉଚ୍ଚ ଶିକ୍ଷାନୁଷ୍ଠାନ ଖୋଲିବାକୁ ୟୁଜିସିର ପରାମର୍ଶ

**ଭୁବନେଶ୍ୱର, ୧୩।୨(ବ୍ୟୁରୋ):** କରୋନା କଟକଣାରେ ବିଶ୍ୱବିଦ୍ୟାଳୟ ଓ କଲେଜ ଖୋଲିବାକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପରାମର୍ଶ ଦେଇଛି। ଏନେଇ ସମସ୍ତ ବିଶ୍ୱବିଦ୍ୟାଳୟ ଓ କଲେଜ କର୍ତ୍ତୃପକ୍ଷଙ୍କୁ ଚିଠି କରିଛି ୟୁଜିସି। ସେହିଭଳି ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏକାଡେମିକ୍ କାର୍ଯ୍ୟକଳାପ ଉପରେ ନଜର ରଖିବା ସହ ସମୟାନୁସାରେ ଏକାଡେମିକ୍ କ୍ୟାଲେଣ୍ଡର ଓ ପରୀକ୍ଷା ସମ୍ବନ୍ଧୀୟ ଉପଯୁକ୍ତ ନିର୍ଦ୍ଦେଶନାମା ୟୁଜିସି ଜାରି କରିଛି। କରୋନା କଟକଣାକୁ ସବୁ ସମୟରେ ବିଶ୍ୱବିଦ୍ୟାଳୟ, କଲେଜ ଓ ଅନ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନର ସମସ୍ତ ସ୍ଥାନରେ ନିଶ୍ଚିତ ଭାବରେ ପାଳନ କରିବାକୁ ଅନୁରୋଧ କରାଯାଇଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ନିର୍ଦ୍ଦେଶାବଳୀ ଅନୁସାରେ ଅଫ୍‌ଲାଇନ୍, ଅନ୍‌ଲାଇନ ମୋଡ୍‌ରେ କ୍ଲାସ୍ ଏବଂ ପରୀକ୍ଷା ପରିଚାଳନା କରନ୍ତୁ ବୋଲି ୟୁଜିସି ପକ୍ଷରୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ତୃତୀୟ ଲହର ଆସିବା ପରେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ କରିଦିଆଯାଇଥିଲା। ତେବେ କରୋନା ସଂକ୍ରମଣ କମିବା ପରେ ଶିକ୍ଷାନୁଷ୍ଠାନ ଖୋଲିଛି। ହେଲେ ଶିକ୍ଷାନୁଷ୍ଠାନରେ ଯେପରି ସଂକ୍ରମଣ ନ ବ୍ୟାପିବ ସେଥିପାଇଁ ୟୁଜିସି ଓ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି।

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ଗୋପ,୧୩।୨(ଡି.ଏନ୍.ଏ.):** ଗୋପ ଥାନା କୋରୁଆଳ ପାଞ୍ଚେଣା ଗ୍ରାମରେ ରବିବାର ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ବିଦ୍ୟା ବିକ୍ରମ ବିଶ୍ୱାଳ(୨୮)। ବିକ୍ରମ ମଧ୍ୟାହ୍ନରେ ଗାଧେଇବା ପରେ ଘରକୁ ଆସିଥିଲେ। ଫ୍ୟାନ ଲଗାଇବା ବେଳେ ଅସବାଧାନତା ଯୋଗୁ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭିଣୋଇ ପ୍ରକାଶ ବେହୁରାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ବଉଲାଙ୍ଗ ସରପଞ୍ଚ କମଳାକାନ୍ତ କୁଅଁର ଦାବି କରିଛନ୍ତି।

# 'ଅସାବଧାନ ଗଣତି ସମ୍ପୂର୍ଣ୍ଣ ନିର୍ବାଚନ ଫଳ ଭୁଲ୍ କରିବ'

**ଭୁବନେଶ୍ୱର, ୧୩।୨(ବ୍ୟୁରୋ)**

**ସବୁ ଜିଲାପାଳ, ନିର୍ବାଚନ ଅଧିକାରୀଙ୍କୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ**

ନିର୍ବାଚନ ପ୍ରକ୍ରିୟାରେ ଭୋଟଗଣନା ମୁଖ୍ୟ କାର୍ଯ୍ୟ, ତେଣୁ ଅସାବଧାନ ଭୋଟଗଣତି ଯୋଗୁ ସମ୍ପୂର୍ଣ୍ଣ ନିର୍ବାଚନ ଫଳାଫଳ ଭୁଲ୍ ହୋଇପାରେ। ସେଥିପାଇଁ ନିର୍ବାଚନ ଅଧିକାରୀଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ। ଭୋଟଗଣତି କେନ୍ଦ୍ର ଉପରେ ନିର୍ବାଚନ ଅଧିକାରୀମାନେ ତୀକ୍ଷ୍ଣ ଦୃଷ୍ଟି ଦେବା ସହ ଭୋଟଗଣତି କେନ୍ଦ୍ର ମଧ୍ୟରେ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ଯତ୍ନବାନ ହେବା ଉଚିତ। ନିର୍ବାଚନ ଅଧିକାରୀଙ୍କୁ ଅତ୍ୟନ୍ତ ସତର୍କତାର ସହ କାର୍ଯ୍ୟ ସମ୍ପାଦନ କରିବାକୁ ପଡ଼ିବ ବୋଲି ରାଜ୍ୟ ନିର୍ବାଚନ କମିଶନ କହିଛନ୍ତି। ଜିଲା ନିର୍ବାଚନ ଅଧିକାରୀ ହିସାବରେ ଜିଲାପାଳମାନେ ବ୍ୟକ୍ତିଗତ ଭାବେ ଭୋଟଗଣତି କେନ୍ଦ୍ର ନିର୍ଣ୍ଣୟଠାରୁ ଗଣନା ପ୍ରକ୍ରିୟା ଓ ଫଳାଫଳ ଘୋଷଣା ହେବା ପର୍ଯ୍ୟନ୍ତ ସବୁ କାର୍ଯ୍ୟର ତଦାରଖ କରିବା ଦରକାର। ଏଥିଲାଗି ରାଜ୍ୟ ନିର୍ବାଚନ କମିଶନ ସବୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ନିର୍ବାଚନ କମିଶନ ଆହୁରି ଦର୍ଶାଇଛନ୍ତି, ନିର୍ବାଚନ ଘୋଷଣା ହେବା ପୂର୍ବରୁ ନିର୍ବାଚନ ଅଧିକାରୀମାନେ ଭୋଟଗଣତି କେନ୍ଦ୍ର ନିରୁପଣ କରିବା ଉଚିତ। ଯେଉଁଠି ପର୍ଯ୍ୟାପ୍ତ ସ୍ଥାନ ସାଙ୍ଗକୁ ନିର୍ବାଚନ ଅଧିକାରୀଙ୍କ ସହ ଗଣତି କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀମାନେ ଠିକ୍‌ଭାବେ ଭୋଟଗଣତି କାର୍ଯ୍ୟ ସମ୍ପାଦନ କରିପାରିବେ। ଜିଲା ପରିଷଦ ନିର୍ବାଚନମଣ୍ଡଳୀୱାରି ଭୋଟଗଣତି କାର୍ଯ୍ୟ ଗୋଟିଏ ବଡ଼ ହଲ୍‌ରେ ହେବ। ବ୍ଲକ ମୁଖ୍ୟାଳୟରେ ଗଣନା ୩ ଦିନ ଧରି ଚାଲିବ, ଯେମିତି ଗୋଟିଏ ବ୍ଲକ୍ ସବୁ ଜିଲା ପରିଷଦମଣ୍ଡଳୀର ଭୋଟଗୁଡ଼ିକର ଗଣତି କାର୍ଯ୍ୟ ୩ ଦିନ ମଧ୍ୟରେ ଶେଷ ହେବ। କୌଣସି ଏକ ବ୍ଲକ୍‌ର ଜିଲା ପରିଷଦ ନିର୍ବାଚନମଣ୍ଡଳୀ ୩ରୁ ଅଧିକ ଅଛି, ସେଠାରେ ନିଶ୍ଚିତ ଭାବେ ଏକରୁ ଅଧିକ ଗଣନା କେନ୍ଦ୍ର ହେବ। ଯଦି ସେଠାରେ ଗଣନା କେନ୍ଦ୍ର ନିମନ୍ତେ ପର୍ଯ୍ୟାପ୍ତ ସ୍ଥାନ ନ ଥାଏ, ତେବେ ମହାବିଦ୍ୟାଳୟ କିମ୍ବା ଉଚ୍ଚ ବିଦ୍ୟାଳୟ କୋଠାଘରେ କେନ୍ଦ୍ର କରାଯିବ। ଏତଦ୍‌ବ୍ୟତୀତ ଗଣନା କେନ୍ଦ୍ର ନିକଟରେ ଷ୍ଟ୍ରଙ୍ଗରୁମ୍ ଲାଗି ଏକ ବଡ଼ କୋଠରି ରହିବା ଜରୁରୀ। ଗଣନା କେନ୍ଦ୍ର ଚିହ୍ନଟ ସମୟରେ ଆବଶ୍ୟକ ଚେୟାର, ଟେବୁଲ, ର୍ୟାମ୍ପ, ପରିସ୍ରାଗାର ଓ ପାନୀୟଜଳର ସୁବିଧା ଦିଗରେ ଦୃଷ୍ଟି ଦିଆଯିବ।

ପ୍ରତ୍ୟେକ ଗଣନା କେନ୍ଦ୍ରରେ ଅଗ୍ନି ନିର୍ବାପକ ଯନ୍ତ୍ର ରହିବା ଜରୁରୀ। ସୂଚନା ପ୍ରଦାନ ଲାଗି କେନ୍ଦ୍ରରେ ଆବଶ୍ୟକ ଡାକବାଜି ଯନ୍ତ୍ର (ମାଇକ୍) ବ୍ୟବସ୍ଥା କରିବା ଦରକାର। ଏକ ଆଦର୍ଶ କେନ୍ଦ୍ରର ଆକାର ୩୫'x୨୦' ଫୁଟ ହେବା ଉଚିତ; ଯେଉଁଠି ୮ ଗ୍ରାମପଞ୍ଚାୟତର ଭୋଟଗଣତି ଗୋଟିଏ ହଲ୍‌ରେ କରାଯାଇପାରିବ। ଗଣନା କେନ୍ଦ୍ର ନିକଟରେ ହୋଇଥିବା ଷ୍ଟ୍ରଙ୍ଗରୁମ୍‌ଟି ୨୪ ଘଣ୍ଟିଆ ସିସିଟିଭି ନଜରରେ ରହିବ। ଷ୍ଟ୍ରଙ୍ଗରୁମ୍ ବାହାରେ ଦ୍ୱିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ୨୪ ଘଣ୍ଟିଆ କାର୍ଯ୍ୟ କରିବ। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀଙ୍କୁ ଷ୍ଟ୍ରଙ୍ଗରୁମ୍‌ର ସୁରକ୍ଷା ପର୍ଯ୍ୟବେକ୍ଷଣ ନିମନ୍ତେ ପତ୍ର ମାଧ୍ୟମରେ ଜଣାଇ ଦିଆଯିବ। ଗୋଟିଏ ଗଣନା ଟେବୁଲ୍ ପାଇଁ ମୋଟ ୪ ଜଣଙ୍କୁ ନିୟୋଜିତ କରିବେ। ୱାର୍ଡ ମେମ୍ବର, ସରପଞ୍ଚ ଓ ସମିତି ସଭ୍ୟ ପଦ ନିମନ୍ତେ ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ କେବଳ ଜଣେ ଲେଖାଏ କାଉଣ୍ଟିଂ ଏଜେଣ୍ଟ ନିଯୁକ୍ତ କରିପାରିବେ। ଜିଲା ପରିଷଦ ସଭ୍ୟ ପଦବୀ ନିମନ୍ତେ ଲଢୁଥିବା ପ୍ରାର୍ଥୀମାନେ ଜିଲା ପରିଷଦ ନିର୍ବାଚନମଣ୍ଡଳୀରେ ଥିବା ଗ୍ରାମପଞ୍ଚାୟତ ସଂଖ୍ୟା ଅନୁସାରେ କାଉଣ୍ଟିଂ ଏଜେଣ୍ଟ ନିଯୁକ୍ତ କରିବେ। ଗଣନା ସମ୍ପର୍କିତ ସମସ୍ତ କାର୍ଯ୍ୟର ଭିଡିଓଗ୍ରାଫି କରାଯିବ ବୋଲି ରାଜ୍ୟ ନିର୍ବାଚନ କମିଶନ ସମସ୍ତ ଜିଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ମୃତକଙ୍କ ଚକ୍ଷୁଦାନ କଲେ ପରିବାର ଲୋକେ

**ଗୁଡ଼ଭେଲା,୧୩।୨(ଡି.ଏନ.ଏ.)**


ମୁରଲୀଧର

ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଅନ୍ତର୍ଗତ ଡାହିମାଳ ଗ୍ରାମର ମୁରଲୀଧର ସାହୁ(୬୮)ଙ୍କର ଶନିବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଏହା ପରେ ତାଙ୍କ ପରିବାର ଲୋକେ ମୁରଲୀଧରଙ୍କ ଚକ୍ଷୁଦାନ କରିଛନ୍ତି। ରବିବାର ପରିବାର ଲୋକଙ୍କ ଆବଶ୍ୟକ ସ୍ୱୀକୃତିପତ୍ର ପ୍ରଦାନ ପରେ ମୁରଲୀଧରଙ୍କ ଚକ୍ଷୁକୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ କର୍ତ୍ତୃପକ୍ଷ ଗ୍ରହଣ କରିଛନ୍ତି। ପରେ ଏ ନେଇ ମେଡିକାଲ କଲେଜ ଚକ୍ଷୁ ବ୍ୟାଙ୍କର ଟେକ୍ନିସିଆନ ନୀହାରିକା ମହାପାତ୍ର ମୁରଲୀଧରଙ୍କ ପରିବାରକୁ ଏକ ପ୍ରମାଣପତ୍ର ପ୍ରଦାନ କରିଥିଲେ।

ସୂଚନା ଅନୁଯାୟୀ ମୁରଲୀଧର ପ୍ରତ୍ୟେକ ଦିନ ଭଳି ନିଜ କାର୍ଯ୍ୟ ସାରି ଶନିବାର ରାତିରେ ଘରକୁ ଫେରୁଥିବା ବେଳେ ଡୁଙ୍ଗରିପାଲି ପାଖରେ ଦୁର୍ଘଟଣାର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ମୁରଲୀଧରଙ୍କ ଚକ୍ଷୁରେ ଆଉ କେହି ଦୁନିଆ ଦେଖୁ ବୋଲି ଚିନ୍ତା କରିଥିଲେ। ପରିବାରର ସାମୂହିକ ନିଷ୍ପତ୍ତି ପରେ ସେମାନେ ଚକ୍ଷୁଦାନ କରିଥିବା ମୁରଲୀଧରଙ୍କ ବଡ଼ପୁଅ ରାମ ସାହୁ ପ୍ରକାଶ କରିଛନ୍ତି।

# ଆସାମ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ରାହୁଲ ଗାନ୍ଧୀଙ୍କୁ ଆକ୍ଷେପର ପ୍ରତିବାଦ କଲା ଛାତ୍ର କଂଗ୍ରେସ**

**ଭୁବନେଶ୍ୱର,୧୩।୨(ବ୍ୟୁରୋ)**



ଉତ୍ତରାଖଣ୍ଡ ନିର୍ବାଚନ ପ୍ରଚାର ସମୟରେ ବିରୋଧୀ କଂଗ୍ରେସକୁ ଆକ୍ଷେପ କରି ଆସାମର ଭାଜପା ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା 'ରାହୁଲ ଗାନ୍ଧୀ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ପୁଅ କି ନାହିଁ ଭାଜପା କେବେ ପ୍ରଶ୍ନ କରିନାହିଁ' ବୋଲି କହିଥିଲେ। ତାଙ୍କର ଏଭଳି ଅଶାଳୀନ ମନ୍ତବ୍ୟକୁ ଦେଶବ୍ୟାପୀ କଂଗ୍ରେସ ପ୍ରତିବାଦ କରିଛି। ଭୁବନେଶ୍ୱର ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ରବିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଭାପତି ୟାସିର ନୱାଜଙ୍କ ଆହ୍ୱାନକ୍ରମେ ଛାତ୍ର କଂଗ୍ରେସର ମୁଖ୍ୟ ମୁଖପାତ୍ର ବିଶ୍ୱଭୂଷଣ ମହାପାତ୍ରଙ୍କ ନେତୃତ୍ୱରେ ବହୁ ଛାତ୍ର କଂଗ୍ରେସ କର୍ମୀ କଂଗ୍ରେସ ଭବନ ନିକଟରୁ ପଦଯାତ୍ରା କରି ମାଷ୍ଟରକ୍ୟାଣ୍ଟିନ ଛକରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ହିମନ୍ତ ବିଶ୍ୱ ଶର୍ମାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଛାତ୍ର କଂଗ୍ରେସ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ସୁଶ୍ରୀ ଅନୁଲେଖା ବୋଷ ଯୋଗଦେଇଥିଲେ। ଛାତ୍ର ନେତା କାର୍ତ୍ତିକେଶ୍ୱର କାଣ୍ଡି, ସାହାରୁଖ ଖାନ, ଉଦିତ୍ ପ୍ରଧାନ, ନିଆଜୁଲ ଇସ୍‌ଲାମ, ମହମ୍ମଦ ସମିଉଲ, ନିତେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱଭୂଷଣ କହିଛନ୍ତି, ଆସାମ ମୁଖ୍ୟମନ୍ତ୍ରୀ କେବଳ ରାହୁଲ ନୁହନ୍ତି, ଭାରତ ରତ୍ନ ରାଜୀବ ଗାନ୍ଧୀଙ୍କୁ ମଧ ଅପମାନିତ କରିଛନ୍ତି। ତାଙ୍କୁ ମୁଖ୍ୟମନ୍ତ୍ରୀ ପଦବୀରେ ବସାଇଥିବାରୁ ପ୍ରଧାନମନ୍ତ୍ରୀ ମୋଦି କ୍ଷମାପ୍ରାର୍ଥନା କରନ୍ତୁ।

# ଅଳଙ୍କାର ସହ ପିସ୍ତଲ ଜବତ, ଅଭିଯୁକ୍ତ ଗିରଫ

**ଝାରସୁଗୁଡ଼ା ଅଫିସ୍,୧୩।୨**

**କାର୍ ଅଟକାଇ ଲୁଟ୍ ଘଟଣାର ପର୍ଦ୍ଦାଫାଶ**


ଜବତ ପିସ୍ତଲ ସହ ଲୁଟ୍ ଅଳଙ୍କାର, ଗିରଫ ମୁଖ୍ୟ ଅଭିଯୁକ୍ତ।

କାର୍ ଅଟକାଇ ପିସ୍ତଲ ଦେଖାଇ ସୁନା ଅଳଙ୍କାର ସହ ଟଙ୍କା ଲୁଟ୍ ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି। ତାଙ୍କୁ ଝାରସୁଗୁଡା କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ବ୍ରଜରାଜନଗର ଗୁଆଲାପଡାର ଉମେଶ କୁମାର ଯାଦବ ଓରଫ୍ ଭାଇଜାନ। ପୋଲିସ ତାଙ୍କ ନିକଟରୁ ଲୁଟ୍ ଅଳଙ୍କାର ସହ ବ୍ୟବହୃତ ଏକ ଦେଶୀ ପିସ୍ତଲ ଜବତ କରିଛି। ଲୁଟ୍ ଅଳଙ୍କାର ମଧ୍ୟରେ ଏକ ସୁନାଚେନ୍, ବ୍ରେସ୍‌ଲେଟ୍, ମୁଦି ରହିଛି। ଲୁଟ୍‌ର ଶିକାର ହୋଇଥିବା ସମ୍ବଲପୁରର କାର୍ ମାଲିକ ନୀଳମାଧବ ମିଶ୍ରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ୍ ଓରିଏଣ୍ଟ ଥାନାରେ ଏକ ମାମଲା (ନଂ. ୨୪।୨୨) ରୁଜୁ କରିଛି। ଏହି ମାମଲାରେ ସମ୍ପୃକ୍ତ ଫେରାର୍ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଆଇଆଇସି କଲ୍ୟାଣୀ ବେହେରା କହିଛନ୍ତି।

ଗତ ୩ତାରିଖରେ ନୀଳମାଧବ ଏକ କାର୍ ଯୋଗେ କୌଣସି କାମରେ ଓରିଏଣ୍ଟ ଥାନା ଅନ୍ତର୍ଗତ ବାବାମଠିଆକୁ ଆସିଥିଲେ। ରାସ୍ତାରେ ୩ ଦୁର୍ବୃତ୍ତ କାର୍‌କୁ ଅଟକାଇ ତାଙ୍କ ମୁଣ୍ଡରେ ପିସ୍ତଲ ଲଗାଇ ଅଳଙ୍କାର ଲୁଟିନେଇଥିଲେ। କାର୍ ମାଲିକ କାହାକୁ କିଛି ନ କହି ଭୟଭୀତ ହୋଇ ସମ୍ବଲପୁର ଚାଲିଯାଇଥିଲେ। ପରେ ଗତ ୧୨ତାରିଖରେ ଓରିଏଣ୍ଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲୁଟ୍ ସମୟରେ ଦୁର୍ବୃତ୍ତମାନେ ଜଣଙ୍କୁ ଭାଇଜାନ ବୋଲି ଡାକୁଥିଲେ। ନୀଳମାଧବ ଏନେଇ ସୂଚନା ଦେବା ପରେ ପୋଲିସ ତଦନ୍ତକରି ଘଟଣାର ପର୍ଦ୍ଦାଫାଶ କରିଛି।




ବଲିଉଡ୍‌ର କେତେଜଣ ଅଭିନେତ୍ରୀ ବିବାହ ପରେ ସ୍ୱାମୀଙ୍କଠାରୁ ଛାଡ଼ପତ୍ର ନେଇଛନ୍ତି। କିଛି ଅଭିନେତ୍ରୀ ଦ୍ୱିତୀୟ ବିବାହ ମଧ କରିସାରିଛନ୍ତି। ମାତ୍ର ଅଭିନେତ୍ରୀ କରିସ୍ମା କପୁର ବିଶିଷ୍ଟ ଶିଳ୍ପପତି ସଞ୍ଜୟ କପୁରଙ୍କଠାରୁ ଅଲଗା ହେବାର ଅନେକ ବର୍ଷ ବିତିସାରିଛି। ଇତିମଧ୍ୟରେ ସଞ୍ଜୟ ଦ୍ୱିତୀୟ ବିବାହ କରି ତାଙ୍କର ନୂତନ ଜୀବନ ଆରମ୍ଭ କରିସାରିଛନ୍ତି। ମାତ୍ର କରିସ୍ମା ଆଉ ଦ୍ୱିତୀୟ ବିବାହ କରିବେ ନାହିଁ ବୋଲି ସ୍ଥିର କରିଛନ୍ତି। ଏନେଇ ଯଦିଓ ସେ ମୁହଁ ଖୋଲି କହିନାହାନ୍ତି ତାଙ୍କ ଭଉଣୀ ତଥା ଅଭିନେତ୍ରୀ କରୀନା କପୁର ଏକ ସାକ୍ଷାତକାରରେ କହିଥିଲେ ଯେ, ଲୋଲୋ ଆଉ ବିବାହ କରିବେ ନାହିଁ।



# ସଚେତନତା ହିଁ ନିଦାନ

## ଅନ୍ତର୍ଜାତୀୟ ଅପସ୍ମାର ଦିବସ



ବିଭିନ୍ନ ଶାରୀରିକ ସମସ୍ୟାର ସମାଧାନ କ୍ଷେତ୍ରରେ ସଚେତନତାକୁ ହିଁ ନିଦାନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ଗ୍ରହଣ କରାଯାଇଥାଏ। ଅପସ୍ମାର ଭଳି ସମସ୍ୟା କ୍ଷେତ୍ରରେ ସଚେତନତାକୁ ଗୁରୁତ୍ୱପୂର୍ଣ୍ଣ ବୋଲି ଚିକିତ୍ସକମାନେ ମତପୋଷଣ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଫେବୃୟାରୀ ମାସର ଦ୍ୱିତୀୟ ସୋମବାରକୁ ଅନ୍ତର୍ଜାତୀୟ ଅପସ୍ମାର ଦିବସ ଭାବେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହା ଫେବୃୟାରୀ ୧୪ ତାରିଖରେ ପଡୁଛି। ଏହି ଦିନ ସ୍କୁଲ, କଲେଜ ତଥା ବିଭିନ୍ନ ଅନୁଷ୍ଠାନରେ ଅପସ୍ମାର ମାନସିକ ସମସ୍ୟାର ନିଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥାଏ। ଏହି ଦିନ ସିଗ୍ନେଚର୍ ଅଭିଯାନ ସହ ଉକ୍ତ ସମସ୍ୟା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ବେଲୁନ୍ ଉଡ଼ାଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। କିଭଳି ଏହି ସମସ୍ୟାରୁ ମୁକ୍ତି ମିଳିପାରିବ ସେନେଇ ପରାମର୍ଶ ମଧ ପ୍ରଦାନ କରାଯାଇଥାଏ। ଏହି ସମସ୍ୟାର ଲକ୍ଷଣ ଏବଂ ସେସବୁର ନିରାକରଣ କ୍ଷେତ୍ରରେ ଉପଯୋଗୀ ଚିକିତ୍ସା ଜ୍ଞାନକୌଶଳ ମାଧ୍ୟମ ବିଷୟରେ ମଧ ଅବଗତ କରାଯାଇଥାଏ। ଅପସ୍ମାର ହେଉଛି ମସ୍ତିଷ୍କର ଏକ କ୍ରୋନିକ୍ ଅଣ-ସଂକ୍ରାମକ ସମସ୍ୟା, ଯାହା ସାରା ବିଶ୍ୱରେ ପ୍ରାୟ ୫୦ ନିୟୁତ ଲୋକଙ୍କୁ ପ୍ରଭାବିତ କରିଥାଏ। ଏହି ସମସ୍ୟା ଯୋଗୁ ବେଳେବେଳେ ଚେତନାଶକ୍ତି ହରାଇବା ସ୍ଥିତି ସୃଷ୍ଟି ହୋଇଥାଏ। ସମସ୍ୟା ଭୋଗୁଥିବା ବ୍ୟକ୍ତି ଯେକୌଣସି ସ୍ଥାନରେ ଚେତନା ହରାଉଥିବାରୁ ସଙ୍କଟଜନକ ଅବସ୍ଥା ଦେଖାଦେଇଥାଏ।


**ଷଷ୍ଠ ଜନ୍ମଦିନର ଶୁଭେଚ୍ଛା**



(ରାଣୀ)
ଲାସ୍ୟାତାପସୀ
ନାବାର୍ଡ ଅଫିସର୍ସ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
କୋଟିଏ ଆୟୁଷ ଦିଅନ୍ତୁ ଠାକୁରେ, ଓଠେ ଥାଉ ହସ ଜୀବନ ସାରା। ଆମର ଆଶିଷ ମଥାପରେ ଥାଉ, ସଭିଙ୍କର ହୁଅ ଦୁଃଖ ପାସୋରା ।
ଆଶୀର୍ବାଦ ସହ: ମାଆ-ବାପା, ଦାଦା-ଖୁଡ଼ୀ, ଜେଜେ-ଜେଜେମା, ଅଜା-ଆଈ, ଏବଂ ପରିବାରବର୍ଗ ।
ଧ-୭୦୭୭୩

**11th Marriage Anniversary**



LALU & SONIA
ବୈବାହିକ ଜୀବନ ସୁଖ ଓ ଶାନ୍ତିମୟ ହେଉ।
-:ଶୁଭେଚ୍ଛା ସହ:-
ପରିବାର ଓ ଆତ୍ମୀୟସ୍ୱଜନ ।
ଧ-୭୦୩୮୦

**ବିବାହର ରୌପ୍ୟ ବାର୍ଷିକୀ**



ରତ୍ନାକର ଓ ପ୍ରଣୟନୀ
ବିବାହ ତାରିଖ: ୧୪।୦୨।୧୯୯୭
ହାଟପଦା, କୋରାପୁଟ
ତୁମ ଦୁହିଙ୍କ ଆଗାମୀ ଦିନ କୁସୁମିତ ହେଉ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣାରୁ ଦାମ୍ପତ୍ୟ ଜୀବନ ସୁଖମୟ ହେଉ।
ଶୁଭେଚ୍ଛା ସହ: ବନ୍ଧୁ ଓ ପରିବାର
D-23140


# ଶିବଲିଙ୍ଗ ସ୍ଥାପନ କଲେ ମୁସଲମାନ ମିସ୍ତ୍ରି



**ଭୋପାଳ:** ମଧ୍ୟପ୍ରଦେଶର ମନ୍ଦସୌରରେ ବିଶ୍ୱ ବିଖ୍ୟାତ ଅଷ୍ଟମୁଖୀ ଭଗବାନ ପଶୁପତିନାଥ ମହାଦେବ ମନ୍ଦିର ରହିଛି। ଏଠାରେ ସହସ୍ରେଶ୍ୱର ମହାଦେବଙ୍କ ପ୍ରତିମା ସ୍ଥାପନ କରାଯାଇଛି। ଏହି ଶିବଲିଙ୍ଗର ଗୋଲେଇ ଏବଂ ଲମ୍ବା ୬.୫୦ ଫୁଟ। ଏହା କ୍ରେନ ସାହାଯ୍ୟରେ ସ୍ଥାପନ କରାଯାଇଛି। ଏହାର ନିର୍ମାଣ ପାଇଁ ପ୍ରଶାସନ ପ୍ରାୟସବୁ ବିଭାଗର ଇଞ୍ଜିନିୟରମାନଙ୍କୁ ଡକାଇଥିଲେ। ମାତ୍ର ଜଳାଧାରୀରେ ଏହାକୁ କେହି ସ୍ଥାପନ କରିପାରିଲେ ନାହିଁ। ଶେଷରେ ଜଣେ ମୁସଲମାନ ମିସ୍ତ୍ରି ଏହାର ଦାୟିତ୍ୱ ନେଇଥିଲେ। ଯେତେବେଳେ ଜଳାଧାରୀରେ ଶିବଲିଙ୍ଗ ସ୍ଥାପନ କରିବାକୁ ବଡ଼ ବଡ଼ ଇଞ୍ଜିନିୟର ଫେଲ ମାରିଲେ ସେହି ସମୟରେ ମୁସଲମାନ ମିସ୍ତ୍ରି ଜଣକ ଏହାକୁ ନିଜେ କରିପାରିବେ ବୋଲି ପ୍ରଶାସନକୁ ଭରସା ଦେଇଥିଲେ। ପ୍ରଥମେ ବରଫ ମଗାଇ ଏହାକୁ ଗୋଲାକାର ଭାବେ କଟାଯାଇଥିଲା। ପରେ ଏହା ଉପରେ ଶିବଲିଙ୍ଗ ରଖାଯାଇଥିଲା। ଯେମିତି ଧୀରେ ଧୀରେ ବରଫ ତରଳିଲା ସେମିତି ଶିବଲିଙ୍ଗ ଜଳାଧାରୀରେ ରହିଗଲା। ଏବେ ସମସ୍ତେ ମୁସଲମାନ ମିସ୍ତ୍ରୀ ମକବୁଲ ହୁସେନଙ୍କୁ ପ୍ରଶଂସା କରୁଛନ୍ତି। ମକବୁଲ ଗରିବ ହୋଇଥିବାରୁ ସ୍କୁଲ ମାଟି ମାଡ଼ିନାହାନ୍ତି। ସେ ସାଉଦି ଆରବରେ ୮ ବର୍ଷ ମିସ୍ତ୍ରି ଭାବରେ କାମ କରିଥିଲେ। ଏଥିସହିତ କିଛି ମନ୍ଦିର ତିଆରି କରିବା ତାଙ୍କର ଅଭିଜ୍ଞତା ଥିଲା। ସବୁଠୁ ଆଶ୍ଚର୍ଯ୍ୟର କଥା ଯାହାକୁ ଇଞ୍ଜିନିୟରମାନେ ପାରୁ ନ ଥିଲେ, ମକବୁଲ କିଛି ସମୟ ମଧ୍ୟରେ ଏହାକୁ ସମାଧାନ କରିଥିଲେ। ମକବୁଲ କୁହନ୍ତି, ଆଲ୍ଲା, ଈଶ୍ୱର ଏକ। ମୁଁ ବହୁତ ଖୁସି ଯେ, ମୋତେ ଏହି କାମ କରିବାର ସୁଯୋଗ ମିଳିଛି। ଏହି ଶିବଲିଙ୍ଗକୁ ୧୫୦୦ ବର୍ଷ ପୂର୍ବେ ଦଶପୁରର ହୋଲକର ସମ୍ରାଟଙ୍କ ରାଜୁତି କାଳରେ ଚୂନ ଆଉ ବାଲିରେ ତିଆରି କରାଯାଇଥିଲା। ଏହି ଶିବଲିଙ୍ଗ ଶିବନା ନଦୀରୁ ମିଳିଥିଲା। ଅଷ୍ଟମୁଖୀ ପଶୁପତିନାଥଙ୍କ ମୂର୍ତ୍ତି ମଧ ଶିବନା ନଦୀରୁ ମିଳିଥିଲା। ଏହି ଶିବଲିଙ୍ଗ ପାଇଁ ଜଳାଧାରୀ ଗୁଜରାଟରେ ତିଆରି କରାଯାଇଥିଲା। ଯାହାର ଓଜନ ସାଢ଼େ ୩ ଟନ ଏବଂ ଶିବଲିଙ୍ଗର ଓଜନ ଦେଢ଼ ଟନ୍।



# ଇଣ୍ଡଷ୍ଟ୍ରି ଛାଡ଼ିବାକୁ ଚାହୁଁଥିଲେ ରଶ୍ମିକା

**ମୁମ୍ବାଇ:** ସାଉଥ ଇଣ୍ଡଷ୍ଟ୍ରିର ସୁପରହିଟ ଅଭିନେତ୍ରୀ ରଶ୍ମିକା ମନ୍ଦାନା ଏବେ ଚର୍ଚ୍ଚାରେ ଅଛନ୍ତି। ସେ ଅନେକ ଫିଲ୍ମରେ ଅଭିନୟ କରିଥିଲେ, କିନ୍ତୁ ନିକଟରେ ରିଲିଜ ହୋଇଥିବା ଫିଲ୍ମ 'ପୁଷ୍ପା: ଦି ରାଇଜ' ତାଙ୍କୁ ଲୋକପ୍ରିୟତାର ଶିଖରରେ ପହଞ୍ଚାଇଛି। ଏହି ଫିଲ୍ମରେ ରଶ୍ମିକା 'ଶ୍ରୀବଲି' ଭୂମିକାରେ ଅଭିନୟ କରିଥିଲେ। ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ସହ ତାଙ୍କ ଯୋଡିକୁ ଦର୍ଶକ ପ୍ରଶଂସା କରିଥିଲେ। ଆଜିର ଦିନରେ 'ନ୍ୟାଶନାଲ କ୍ରଶ୍' ରଶ୍ମିକାଙ୍କ ହାତରେ ଅନେକ ବଡ ପ୍ରୋଜେକ୍ଟ ଅଛି। କିନ୍ତୁ ଏପରି ଏକ ସମୟ ଥିଲା ଯେତେବେଳେ ରଶ୍ମିକା ଫିଲ୍ମ ଜଗତରୁ ନିଜକୁ ଦୂରେଇ ରଖିବାକୁ ଚାହୁଁଥିଲେ। ସେ ଫିଲ୍ମ ଇଣ୍ଡଷ୍ଟ୍ରିକୁ ସବୁଦିନ ପାଇଁ ଛାଡିବାକୁ ଚାହୁଁଥିଲେ। ରଶ୍ମିକା ନିଜେ ତାଙ୍କର ଏକ ସାକ୍ଷାତକାରରେ ଏହା ପ୍ରକାଶ କରିଥିଲେ। ଫିଲ୍ମ ଇଣ୍ଡଷ୍ଟ୍ରି ଛାଡି ସେ ତାଙ୍କ ପିତାଙ୍କ ବ୍ୟବସାୟରେ ଯୋଗଦେବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଭାଗ୍ୟରେ ଆଉ କିଛି ଲେଖାଯାଇଥିଲା। ଦର୍ଶକମାନଙ୍କ ଭଲପାଇବା ତାଙ୍କୁ ଅଟକାଇଲେ ବୋଲି ସେ କହିଛନ୍ତି। ଯଦି ରଶ୍ମିକା ଅଭିନୟ କରି ନ ଥାନ୍ତେ ତେବେ ବାପାଙ୍କ ବ୍ୟବସାୟ ସମ୍ଭାଳିଥାନ୍ତେ। ଏବେ ଫିଲ୍ମ ଜଗତରେ ସେ ଜଣେ ଜଣାଶୁଣା ଅଭିନେତ୍ରୀ। ସେ ତେଲଗୁ, କନ୍ନଡ ସମେତ ହିନ୍ଦୀ ଫିଲ୍ମରେ କାମ କରିଛନ୍ତି।

# ଗୁଗଲରେ କୋଟିଏ ଟଙ୍କାର ପ୍ୟାକେଜ୍

## ଚର୍ଚ୍ଚାରେ ସଂପ୍ରୀତି ଯାଦବ



**ପାଟନା:** କୁହାଯାଏ ବିଫଳତା ହିଁ ସଫଳତାର ଆଧାର। ତେଣୁ କଠିନ ପରିଶ୍ରମ ଜାରି ରଖିଲେ ନିଶ୍ଚୟ ସଫଳତାର ଶୀର୍ଷରେ ପହଞ୍ଚି ହୁଏ। ଏକଥାକୁ ପ୍ରମାଣ କରି ଦେଖାଇଛନ୍ତି ସଂପ୍ରୀତି । ବିଭିନ୍ନ ଇଣ୍ଟରଭ୍ୟୁରେ ୫୦ ଥର ବିଫଳ ହେବା ପରେ ଏବେ ବାର୍ଷିକ ଏକ କୋଟିରୁ ଅଧିକ ପ୍ୟାକେଜ୍‌ରେ ପାଇଛନ୍ତି ଚାକିରି। ବିହାରର ସଂପ୍ରୀତି ଯାଦବଙ୍କୁ ନେଇ ଏବେ ସବୁଆଡ଼େ ଚର୍ଚ୍ଚା। କାହିଁକିନା ଏବେ ତାଙ୍କୁ ଗୁଗଲ ପକ୍ଷରୁ ବାର୍ଷିକ ୧ କୋଟି ୧୦ ଲକ୍ଷ ଟଙ୍କା ପ୍ୟାକେଜ୍‌ରେ ମିଳିଛି ଚାକିରି। ଖାଲି ସେତିକି ନୁହେଁ ଏକାବେଳକେ ଚାରି ଚାରିଟା ବଡ଼ କମ୍ପାନୀର ଅଫର ବି ରହିଛି। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ଲାଗିବ କି ସଂପ୍ରୀତିଙ୍କର ଏହି ସଫଳତା ପଛରେ ଅନେକ ଥର ବିଫଳତାର କାହାଣୀ ରହିଛି। ଅର୍ଥାତ୍ ଏହା ପୂର୍ବରୁ ସେ ୫୦ ଥର ବିଭିନ୍ନ ସ୍ଥାନରେ ଚାକିରି ନିମନ୍ତେ ସାକ୍ଷାତ୍‌କାରର ସାମ୍ନା କରିଥିଲେ ବି ବିଫଳ ହୋଇଥିଲେ। ବଡ଼ କଥା ହେଉଛି ଏତେଥର ଇଣ୍ଟରଭ୍ୟୁରେ ଫେଲ୍ ହୋଇଥିଲେ ବି ସେ ହାର୍ ମାନି ନ ଥିଲେ କି ହତୋତ୍ସାହ ହୋଇ ପଡ଼ି ନ ଥିଲେ। ବରଂ ପ୍ରତି ଥର ଇଣ୍ଟରଭ୍ୟୁରେ ବିଫଳ ହେବା ପରେ ସେ ଆହୁରି ଅଧିକ କଠିନ ପରିଶ୍ରମ କରିଥିଲେ। ସଂପ୍ରୀତି ଦିଲ୍ଲୀର ଟେକ୍ନୋଲୋଜିକାଲ ୟୁନିଭର୍ସିଟିରୁ କମ୍ପ୍ୟୁଟର ସାଇନ୍ସରେ ବି. ଟେକ୍ ଡିଗ୍ରି ହାସଲ କରିଛନ୍ତି। ଏହାପରେ ସେ ବିଭିନ୍ନ ସ୍ଥାନରେ ଚାକିରି ନିମନ୍ତେ ଆବେଦନ କରି ବିଫଳ ହୋଇଥିଲେ। ଶେଷରେ ଗୁଗଲରେ ୯ ରାଉଣ୍ଡ ଇଣ୍ଟରଭ୍ୟୁରେ ସଫଳତା ହାସଲ କରିପାରିଛନ୍ତି। ତାଙ୍କର ଏହି ସଫଳତାରେ ଆଜି ସଂପ୍ରୀତିଙ୍କ ବନ୍ଧୁ ପରିଜନଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ଲୋକେ ମଧ ବେଶ୍ ଉତ୍ସାହିତ ଅଛନ୍ତି। ତେବେ ସଂପ୍ରୀତିଙ୍କ କହିବା ଅନୁସାରେ ସଫଳତା ହାସଲ କରିବା ପାଇଁ ହେଲେ ପ୍ରଥମେ ନିଜର ଏକ ଲକ୍ଷ୍ୟ ସ୍ଥିର କରିବାକୁ ହେବ। ସେଥିପାଇଁ କଠିନ ପରିଶ୍ରମ ନିହାତି ଆବଶ୍ୟକ। ଛୋଟବେଳୁ ସେ ଗୁଗଲର ଲଣ୍ଡନ ଅଫିସରେ କାମ କରିବା ପାଇଁ ସ୍ୱପ୍ନ ଦେଖିଥିଲେ, ଯାହା ଆଜି ପୂରା ହୋଇପାରିଛି ବୋଲି ସେ କହିଛନ୍ତି।


**MISSING**



ନାମ: ଶାନ୍ତିଲତା ମାଝୀ, ବୟସ: ୫୨ବର୍ଷ, ତାରିଖ: ୦୧।୦୨।୨୦୨୨, ସମୟ: ସକାଳ ୮ଘଟିକା, ନିଖୋଜ ସ୍ଥାନ: ପାହାଳ, ଭୁବନେଶ୍ୱର, ଫୋନ୍ ନଂ.- 7205781448, 9438689362, 9668264078, 8658516702 ପାହାଳ ଥାନା କିମ୍ବା ନିକଟସ୍ଥ ପୋଲିସ୍ ଷ୍ଟେସନ୍‌କୁ ଯୋଗାଯୋଗ କରନ୍ତୁ। ଓ.ଆଇ.ସି- 9438411083.
ଧ-୨୩୧୪୨

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625


# ମନେ ପଡ଼ନ୍ତି


**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



✓ନଟବର ସାହୁ
ଗ୍ରାମ: କଞ୍ଚିଲୋ, କୋରୁଆ, କେନ୍ଦ୍ରାପଡ଼ା
ଆବିର୍ଭାବ-୧୩।୦୩।୧୯୪୫
ତିରୋଧାନ- ୦୭।୦୨।୨୦୨୦
ଆପଣ ଥିଲେ ଆମ ପାଇଁ ଆଦର୍ଶ ଓ ଆଶୀର୍ବାଦ। ଆପଣଙ୍କର ଅନୁପସ୍ଥିତିର ଶୂନ୍ୟତା ଅପୂରଣୀୟ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ସର୍ବଦା ଆମର ପଥପ୍ରଦର୍ଶକ ହୋଇ ରହିଥାଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ଶାରଳାଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ ।
ଧ-୭୧୮୭୦

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଅଶୋକ କୁମାର ସାମନ୍ତରାୟ
ପାତ୍ରପଡ଼ା, ଭୁବନେଶ୍ୱର
ଆବିର୍ଭାବ: ୧୨।୦୫।୧୯୬୧
ତିରୋଧାନ: ୨୨।୦୨।୨୦୦୫
ଆପଣଙ୍କ ଶ୍ରାଦ୍ଧୋତ୍ସବରେ ଆମର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ଆପଣଙ୍କ ନିରଳସ ଜୀବନ ଶୈଳୀ ଓ ଆଦର୍ଶ ଆମର ପାଥେୟ ହେଉ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:- ପତ୍ନୀ: ନଳିନୀ, ଝିଅ: ମୁନୁ, ଆନି, ଜ୍ୱାଇଁ: ଦୀପୁ, ବନ୍ଧୁ ଓ ପରିବାରବର୍ଗ ।
ଧ-୭୧୮୭୧

**In Loving Memory Of Our Beloved Father**



✓Bijay Kumar Mohapatra
DoB: 08/07/1949
DoD: 05/02/2022
'Nana', words can't express how much we miss you. You will always live in our hearts and prayers. Love you forever. Rest in peace & keep on blessing us.
Fondly remembered by: Julu, Nilu, Silu, Jinu, Rinu, Sara, Lara, Dimpy & family members.
ଧ-୨୩୧୧୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



✓ ସୁରେନ୍ଦ୍ର ସେନାପତି
ସ୍ଥାନ- ସାନ ବାଲିପଡ଼ା
ଆପଣଙ୍କ ଅନାବିଳ ସ୍ନେହ, ଆଦର୍ଶ ଆମମାନଙ୍କ ହୃଦୟରେ ସବୁଦିନ ପାଇଁ ସ୍ମୃତି ହୋଇ ରହିବ, ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ: ପତ୍ନି, ପୁତ୍ର, ବୋହୂ ଓ ନାତି ନାତୁଣୀମାନେ
ଧ-୨୩୧୪୩


# ୧୦ ମହଲାରୁ ପୁଅକୁ ଶାଢ଼ିରେ ଟାଙ୍ଗିଦେଲେ ମା'



**ନୂଆଦିଲ୍ଲୀ:** ଜଣେ ମା' ନିଜ ପୁଅକୁ ଏକ ଶାଢ଼ିରେ ବାନ୍ଧି ଦଶମ ମହଲାରୁ ଟାଙ୍ଗିଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଦିଲ୍ଲୀ ନିକଟସ୍ଥ ଫରିଦାବାଦର ଏହି ଭିଡିଓ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି। ସୂଚନା ଅନୁସାରେ, ମହିଳା ଜଣକ ଦଶମ ମହଲାରେ ରୁହନ୍ତି, ତାଙ୍କର ପୋଷାକ ତଳ ଫ୍ଲୋରରେ ପଡିଯାଇଥିଲା । ସେହି ଫ୍ଲୋରରେ ତାଲା ପଡିଥିଲା। ମହିଳା ଜଣକ ସେଠାକୁ ଯାଇ ପୋଷାକ ଆଣି ପାରି ନ ଥିଲେ। ଏହି କାରଣରୁ ମହିଳା ଜଣକ ପୁଅକୁ ଏକ ଶାଢ଼ିରେ ବାନ୍ଧି ପୋଷାକ ଆଣିବା ପାଇଁ ତଳକୁ ପଠାଇଥିଲେ। ଘଟଣାଟି ୬ କିମ୍ବା ୭ ଫେବୃୟାରୀର। ତେବେ ସୌଭାଗ୍ୟର କଥା ମହିଳା ଜଣକ ସୁରକ୍ଷିତଭାବେ ତାଙ୍କୁ ଉପରକୁ ଉଠାଇନେଇଥିଲେ।


**GALAXY TOWER**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

**BIDISHA FINANCE**
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, କୃଷି, ଗାଈ, ଛେଳି, ମାଛଚାଷ ଓ କୁକୁଡ଼ା ପାଳନ ଇତ୍ୟାଦି ପାଇଁ ସମସ୍ତ ପ୍ରକାର LOAN 2% ସୁଧରେ ଯୋଗାଇ ଦିଆଯାଉଛି। ଅନ୍‌ଲାଇନ୍ ସୁବିଧା, Agent ପାଇଁ Call:
M.: 8280679245 7653803952
Asrayagad, Gulaijang, Gajapati

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

**ALL EDITION - B/W (Everyday)**
for Booking Contact:
0674-2580385
8637280816,
7894447167, 9338226625


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଏପିଲେପ୍‌ସି ବୃତ୍ତାନ୍ତ



ଡା. ନିତ୍ୟାନନ୍ଦ ସ୍ୱାଇଁ

*ପ୍ରତିବର୍ଷ ଫେବୃୟାରୀ ଦ୍ୱିତୀୟ ସୋମବାର ପାଳିତ ହୋଇଥାଏ 'ଅନ୍ତର୍ଜାତୀୟ ଅପସ୍ମାର ଦିବସ' ବା 'ଇଣ୍ଟରନ୍ୟାଶନାଲ ଏପିଲେପ୍‌ସି ଡେ'। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...*



ଅପସ୍ମାର ବା ଏପିଲେପ୍‌ସି ଏକପ୍ରକାର ମସ୍ତିଷ୍କ ରୋଗ। ଏହାକୁ 'ମୃଗୀ ରୋଗ' ବୋଲି ମଧ୍ୟ କହନ୍ତି। ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିକୁ ସାଧାରଣତଃ ବାରମ୍ବାର ହଠାତ୍ ବାତ ମାରିଥାଏ। ରୋଗୀଠାରେ ମାଂସପେଶୀଗୁଡ଼ିକରେ ଘନଘନ ଆକସ୍ମିକ ସଂକୋଚନ ହେବା ସଙ୍ଗେ ସଙ୍ଗେ ସେ ମୂର୍ଚ୍ଛା ଯାଇପାରେ। ମସ୍ତିଷ୍କସ୍ଥ ସ୍ନାୟୁକୋଷର କାର୍ଯ୍ୟଧାରାରେ ବିଶୃଙ୍ଖଳା ସୃଷ୍ଟି ହିଁ ଏଭଳି ଲକ୍ଷଣ ପ୍ରକାଶ ପାଇବାର କାରଣ। ରୋଗୀ ଓ ଜନସାଧାରଣଙ୍କଠାରେ ଏପିଲେପ୍‌ସି ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନିମନ୍ତେ ପ୍ରତିବର୍ଷ ଫେବୃୟାରୀ ମାସ ଦ୍ୱିତୀୟ ସୋମବାର ପାଳିତ ହୋଇଥାଏ 'ଅନ୍ତର୍ଜାତୀୟ ଅପସ୍ମାର ଦିବସ' ବା 'ଇଣ୍ଟରନ୍ୟାଶନାଲ ଏପିଲେପ୍‌ସି ଡେ'।

ଏହି ରୋଗ ସମ୍ପର୍କରେ ବହୁ ପୂର୍ବରୁ ଜଣା। ଏପରି କି ୨୦୦୦ରୁ ଅଧିକ ବର୍ଷ ପୂର୍ବେ ଗ୍ରୀକ୍ ଚିକିତ୍ସକ ହିପୋକ୍ରାଟିସ୍ ମଧ୍ୟ ଏହି ରୋଗ ବିଷୟରେ ଉଲ୍ଲେଖ କରି 'ପବିତ୍ର ବ୍ୟାଧି' ନାମକ ଏକ ପୁସ୍ତକ ରଚନା କରିଥିଲେ। ସେ ହିଁ ସର୍ବପ୍ରଥମେ ସୂଚନା ଦେଇଥିଲେ ଯେ ଏପିଲେପ୍‌ସି ହେଉଛି ମସ୍ତିଷ୍କ ବ୍ୟାଧି। ତେବେ ଶହ ଶହ ବର୍ଷର ଅନ୍ଧବିଶ୍ୱାସ ଓ କୁସଂସ୍କାର ତଥା ଅଜ୍ଞତା ଯୋଗୁ ବ୍ୟାଧିଟିର ବୈଜ୍ଞାନିକ ଅନୁସନ୍ଧାନ ହୋଇପାରିଲାନି। ଏପିଲେପ୍‌ସି ଶବ୍ଦଟି ଆସିଛି ଗ୍ରୀକ୍ ଶବ୍ଦ 'ଏପିଲେପ୍‌ସିଆ'ରୁ। ଏପିଲେପ୍‌ସିଆର ଅର୍ଥ ହଠାତ୍ କବଳିତ କରି ପକାଇବା। ପୃଥିବୀରେ ରହିଛନ୍ତି



ପାଖାପାଖି ୫ କୋଟି ଏପିଲେପ୍‌ସି ରୋଗୀ। ସେମାନଙ୍କ ମଧ୍ୟରୁ ୯୦ ପ୍ରତିଶତ ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ବାସିନ୍ଦା। ଆମ ଭାରତରେ ଏପିଲେପ୍‌ସିରେ ଆକ୍ରାନ୍ତ ୭୫ ପ୍ରତିଶତ ରୋଗୀ ଦରିଦ୍ର ଏବଂ ଚିକିତ୍ସା ସୁବିଧାରୁ ବଞ୍ଚିତ।

**ଏପିଲେପ୍‌ସି କ'ଣ :** ବାତ ମାରିବାକୁ 'ଫିଟ୍ସ' ବୋଲି କହନ୍ତି, ଯାହା ଡାକ୍ତରୀ ଭାଷାରେ 'ସିଜର୍' କିମ୍ବା 'କନ୍‌ଭଲ୍‌ସନ୍' ଭାବରେ ପରିଚିତ। ସାଧାରଣ ଭାବରେ ଦେଖିଲେ ମସ୍ତିଷ୍କର ସ୍ନାୟୁକୋଷମାନ ସଦାସର୍ବଦା ସକ୍ରିୟ। ସେମାନେ ସେକେଣ୍ଡକୁ ଅନ୍ତତଃ ୮୦ ଥର ସ୍ନାୟୁ ସଙ୍କେତ ପ୍ରେରଣ କରିଥାନ୍ତି। ସେକେଣ୍ଡ ପ୍ରତି ପାଖାପାଖି ୮୦ ଥର ସ୍ନାୟୁ ସଙ୍କେତ ପ୍ରେରଣ କରିବା ମସ୍ତିଷ୍କ ପାଇଁ କୌଣସି ସମସ୍ୟା ସୃଷ୍ଟି କରି ନ ଥାଏ। କିନ୍ତୁ ଯେଉଁମାନଙ୍କଠାରେ ଏପିଲେପ୍‌ସି ଥାଏ, ସେମାନଙ୍କ କ୍ଷେତ୍ରରେ ଏହି ସଙ୍କେତ ପ୍ରେରଣ ସେକେଣ୍ଡ ପ୍ରତି ୮୦ ଥର ସୀମିତ ନ ରହି ହଠାତ୍ ୫୦୦ କିମ୍ବା ତତୋଧିକ ସ୍ତରକୁ ଉଠିଯାଏ। ସଙ୍କେତ ପ୍ରେରଣରେ ଅତି ସକ୍ରିୟତାର ଏପରି ସ୍ଥିତି ଉପୁଜିଲେ ପ୍ରକାଶ ପାଇଥାଏ ବାତ ମାରିବା ଲକ୍ଷଣ। ମସ୍ତିଷ୍କର କେଉଁ ଅଂଶରେ ଏହି ଅସ୍ୱାଭାବିକତା ଜାତ ହୋଇଛି ତା' ଉପରେ ନିର୍ଭର କରି ସୃଷ୍ଟି ହୋଇପାରେ ଅଲଗା ଅଲଗା ଲକ୍ଷଣ।

**ଲକ୍ଷଣ :** ଅଧାଅଧି ରୋଗୀଙ୍କ କ୍ଷେତ୍ରରେ ରୋଗର କୌଣସି କାରଣ ଠଉରେଇ ହୁଏ ନାହିଁ। ଅବଶିଷ୍ଟ କ୍ଷେତ୍ରରେ ମସ୍ତିଷ୍କର କୋମଳ ବିଦ୍ୟୁତ୍ ରାସାୟନିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼େ। ଯେପରି କି ମୁଣ୍ଡରେ ଜୋର୍‌ରେ ମାଡ଼ ବାଜିଲେ, ଶିଶୁ ଜନ୍ମ ସମୟରେ ତା'ପାଇଁ ଅମ୍ଳଜାନର ଅଭାବ ହେଲେ, ମସ୍ତିଷ୍କରେ ପ୍ରଦାହ ହେଲେ କି ମସ୍ତିଷ୍କରେ ଟ୍ୟୁମର୍ ହୋଇଥିଲେ ଏପିଲେପ୍‌ସିର ଲକ୍ଷଣମାନ ପ୍ରକାଶ ପାଇଥାଏ। ଏପିଲେପ୍‌ସିର ମଧ୍ୟ ରହିଛି ବଂଶଗତ ପ୍ରଭାବ। ଏପିଲେପ୍‌ସି ରହିଥିବା ଦୁଇଟି ପରିବାର ବିବାହ ସମ୍ପର୍କରେ ଜଡ଼ିତ ହୋଇପଡ଼ିଲେ ସନ୍ତାନମାନଙ୍କୁ ଏପିଲେପ୍‌ସି ହେବାର ଆଶଙ୍କା ଅଧିକ। ତେବେ ଯେ କୌଣସି ବ୍ୟକ୍ତି ଜୀବନରେ ଯେ କୌଣସି ସମୟରେ ଏହି ରୋଗର ଶିକାର ହୋଇପାରନ୍ତି। ଏପିଲେପ୍‌ସିର ପ୍ରକାରକୁ ଚାହିଁ ଲକ୍ଷଣ ଭିନ୍ନ ଭିନ୍ନ ହେବା ସ୍ୱାଭାବିକ। ମାତ୍ର ଏଠାରେ କେବଳ ସାଧାରଣ ଲକ୍ଷଣଗୁଡ଼ିକ ସମ୍ପର୍କରେ ଉଲ୍ଲେଖ କରାଯାଇଛି। କିନ୍ତୁ ବାତ ମାରିବା ଲକ୍ଷଣଟି ହିଁ ପ୍ରଧାନ ଓ ଏହା ଅନେକ ରୋଗୀଙ୍କ କ୍ଷେତ୍ରରେ ପରିଲକ୍ଷିତ ହୋଇଥାଏ।

ବାତ ମାରିବା ଆରମ୍ଭ ହେବା ପୂର୍ବରୁ ଯେଉଁ ସବୁ ସୂଚନା ପ୍ରକାଶ ପାଇପାରେ, ତାକୁ ଡାକ୍ତରୀ ଭାଷାରେ 'ଅରା' ବୋଲି କୁହନ୍ତି। ଗନ୍ଧ ଛାଡ଼ିବାର କିଛି କୁଆଡ଼େ ସୂଚନା ନ ଥାଇ ହଠାତ୍ ଗନ୍ଧ ବାରିବାର ଅନୁଭବ ହେବା, କୌଣସି ସୋର୍‌ଶବ୍ଦ ନ ଥାଇ ହଠାତ୍ ଶବ୍ଦ ଶୁଣିବାର ଅନୁଭବ ହେବା, ପାଟି ଭିତରେ କିଛି ନ ଥାଇ ଆକସ୍ମିକ ଭାବରେ ସ୍ୱାଦ ଅନୁଭବ କରିବା, କୌଣସି ଅସ୍ୱସ୍ତି ନ ଥାଇ ପେଟରେ ହଠାତ୍ ଅସ୍ୱସ୍ତି ଅନୁଭବ କରିବା, ଆଖି ସାମ୍ନାରେ ହଠାତ୍ ଆଲୁଅ ଚକ୍‌ମକ୍ କରିବା ଇତ୍ୟାଦି ହେଉଛି 'ଅରା'ର କେତୋଟି ଉଦାହରଣ। ଅତ୍ୟଧିକ ମାନସିକ ଚାପ, କ୍ରୋଧ, ନୈରାଶ୍ୟ, ବିରକ୍ତି ଏବଂ ଟେଲିଭିଜନ୍ ପରଦାରେ ଦୃଶ୍ୟ ପରିବର୍ତ୍ତନ ଭଳି କାରକ ମସ୍ତିଷ୍କସ୍ଥ ସ୍ନାୟୁକୋଷଗୁଡ଼ିକରେ କିପରି ମାତ୍ରାଧିକ ବିଦ୍ୟୁତ୍ ଆବେଗ ଜାତ କରିଥାଏ, ତାହା ଏଯାବତ୍ ଜଣା ନାହିଁ।


**ଚିକିତ୍ସା:** ଏପିଲେପ୍‌ସିର ପ୍ରକାର ବିବିଧ। ଏହାର ଚିକିତ୍ସା ପାଇଁ ଏକାଧିକ ଔଷଧ ଉପଲବ୍ଧ। ତେଣୁ ସ୍ନାୟୁରୋଗ ବିଶେଷଜ୍ଞଙ୍କ ପରାମର୍ଶରେ ଚିକିତ୍ସିତ ହେବା ବିଜ୍ଞତାର କାର୍ଯ୍ୟ । ଚିକିତ୍ସା କରିବା ନିମନ୍ତେ ବିଶେଷଜ୍ଞ ଡାକ୍ତର ରୋଗୀର ବୟସ, ଲିଙ୍ଗ, ବୃତ୍ତି, ଆନୁଷଙ୍ଗିକ ବ୍ୟାଧି ଓ ଲକ୍ଷଣଗୁଡ଼ିକ ବିଚାରକୁ ନେଇଥାନ୍ତି। ଔଷଧ ଚାଲୁ ରଖିବା କି ବନ୍ଦ କରିଦେବା ନିଷ୍ପତ୍ତି ଗ୍ରହଣ କରିଥାନ୍ତି। ପିଲାବେଳେ ବାତ ମାରିବା ଲକ୍ଷଣ ପ୍ରକାଶ ପାଇଥିଲେ, ବୟସ ବଢ଼ିବା ସଙ୍ଗେ ସଙ୍ଗେ ବାତ ମାରିବା ଧୀରେ ଧୀରେ କମି ପୂରାପୂରି ବନ୍ଦ ହୋଇଯିବା କିଛି ଅସମ୍ଭବ ନୁହେଁ। ତେବେ ନିୟମିତ ଚିକିତ୍ସା ସତ୍ତ୍ୱେ ଅନ୍ତତଃ ଏକ ଚତୁର୍ଥାଂଶ ରୋଗୀଙ୍କ କ୍ଷେତ୍ରରେ ଯେତେ ଯାହା ଔଷଧ ଦେଲେ ବି ଚିକିତ୍ସା ବିଶେଷ ଫଳବତୀ ହୋଇ ନ ଥାଏ। ସୀମିତ କ୍ଷେତ୍ରରେ ଅପରେଶନ ଚିକିତ୍ସାର ମଧ୍ୟ ସାହାଯ୍ୟ ନିଆଯାଇପାରେ।

**ସାବଧାନତା**

- ମନେ ରଖିବା କଥା ଯେ ରୋଗୀଠାରେ ବାତ ମାରିବା ଲକ୍ଷଣ ଅସ୍ଥାୟୀ ଏବଂ ତାହା ମନକୁ ମନ ଉପଶମ ହୋଇଯାଏ। ତେଣୁ ସେହି ବାତ ମାରିବା ସମୟରେ ହିଁ ରୋଗୀ ଉପରେ ନିଘା ରଖି ପ୍ରତିକାର କରିବା ପାଇଁ ପଡ଼େ।
- ବାତ ମାରିଲେ ରୋଗୀ ଢୁଲ୍‌କରି ପଡ଼ିଯାଇପାରେ। ତା'ର ଦେହ ଓ ମୁଣ୍ଡ ନିକଟରେ ରହିଥିବା କୌଣସି କଠିନ ପଦାର୍ଥରେ ହଠାତ୍ ବାଡ଼େଇ ହୋଇଯାଇପାରେ। ତେଣୁ ରୋଗୀକୁ ବାତ ମାରିଲା ବେଳେ ତା' ପାଖରୁ ଚେୟାର୍, ଟେବୁଲ୍ ଭଳି କଠିନ ଜିନିଷପତ୍ର ଏବଂ ଧାରୁଆ ଓ ମୁନିଆ ପଦାର୍ଥ ତୁରନ୍ତ ହଟେଇ ନେବା ଉଚିତ। ମୁଣ୍ଡ ଯେପରି ଚଟାଣରେ ବାଡ଼େଇ ନ ହେବ, ସେଥିପାଇଁ ମୁଣ୍ଡ ତଳେ ନରମ ପତଳା ତକିଆ ରଖିବା ନିରାପଦ।
- ବାତ ମାରିବା ବନ୍ଦ କରିବା ପାଇଁ ରୋଗୀକୁ ମାଡ଼ି ବସି ଧରିବା ନିରାପଦ ନୁହେଁ। ରୋଗୀକୁ କଡ଼ମାଡ଼ି ଶୁଆଇ ଦେଲେ ତା'ର ଶ୍ୱାସକ୍ରିୟା ସାବଲୀଳ ରୁହେ। ତା'ର ବେକ ଓ ଅଣ୍ଟା ପାଖରୁ ବୋତାମ କି ଗଣ୍ଠି ଫିଟେଇ ହୁଗୁଳା କରିଦେବା ଆବଶ୍ୟକ।
- ତା'ର ପାଟିରେ କୌଣସି କାଠି କି ଚାମଚ ରଖିବା ବାଞ୍ଛନୀୟ ନୁହେଁ କି ତା' ପାଟି ଭିତରକୁ ନିଜର ଆଙ୍ଗୁଠି ଭର୍ତ୍ତି କରିବା ନିରାପଦ ନୁହେଁ।
- ନିଜେ ଶାନ୍ତ ରୁହନ୍ତୁ। ଅନ୍ୟମାନେ ଶାନ୍ତ ରହିବା ପାଇଁ ପରାମର୍ଶ ଦିଅନ୍ତୁ। ରୋଗୀର ବାତ ମାରିବା ବନ୍ଦ ହୋଇ ଚେତା ଫେରି ଆସିଲେ ତା'କୁ ସାନ୍ତ୍ୱନା ଦିଅନ୍ତୁ। ବ୍ୟସ୍ତ ନ ହେବା ପାଇଁ ବୁଝାନ୍ତୁ।
- କିନ୍ତୁ ବାତ ମାରିବା ବନ୍ଦ ନ ହେଲେ, ବାରମ୍ବାର ବାତ ମାରିଲେ କିମ୍ବା ଚେତା ନ ଫେରିଲେ ଆମ୍ବୁଲାନ୍ସ ଡକାଇ ରୋଗୀକୁ ତୁରନ୍ତ ହସ୍ପିଟାଲ୍ ନେଇଯାଆନ୍ତୁ।
- ପ୍ରଥମ ଥର ବାତ ମାରିଲେ ଡାକ୍ତରଙ୍କ ସହ ପରାମର୍ଶ କରିବା ଅପରିହାର୍ଯ୍ୟ।

-'ଅଭୀପ୍ସା', ସେକ୍ଟର-୬, ପ୍ଲଟ୍ ନଂ-୧୧୩୧, ଅଭିନବ ବିଡ଼ାନାସୀ, କଟକ
ମୋ : ୯୪୩୭୭୬୬୧୧୭

## ମନୁଷ୍ୟର ରଙ୍ଗ ବଦଳାଇବ ଚିପ୍



ଜୀବଜଗତର ସୃଷ୍ଟି ଏକ ଛୋଟ ଜୀବାଣୁରୁ ଆରମ୍ଭ ହୋଇଛି। ପ୍ରାକୃତିକ ଉପାୟରେ ମଣିଷର ରଙ୍ଗ, ରୂପ ଭବିଷ୍ୟତରେ କୃତ୍ରିମ ଉପାୟରେ ବଦଳିଯିବ କି ବୋଲି ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏ ବିଷୟରେ ଅଧିକ ତଥ୍ୟ ଜାଣିବା ପାଇଁ ଜୀବବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ପରୀକ୍ଷା କରାଯାଉଛି। କିଛି ବର୍ଷ ଗବେଷଣା କରିବା ପରେ ଏଲୋନ୍ ମସ୍କ ଏପରି ଏକ ଚିପ୍ ପ୍ରସ୍ତୁତ କରିଛନ୍ତି, ଯାହା ଭବିଷ୍ୟତରେ ମଣିଷ ନିଜର ରଙ୍ଗ, ରୂପ ଏବଂ ବୁଝିବା ଶକ୍ତି କିପରି ହେବ ତାହା ସ୍ଥିର କରିବ। ତେଣୁ ଏଭଳି ଚିନ୍ତାଧାରାକୁ ନେଇ ଏକ କୃତ୍ରିମ ଜୀବ ପ୍ରସ୍ତୁତ ପାଇଁ ସେ ଲାଗି ପଡିଛନ୍ତି। ଏକ ପରିକଳ୍ପିତ ମନୁଷ୍ୟର ଶରୀର ଭିତରେ ଅନେକ ପ୍ରକାର ମେଶିନ୍ ଏବଂ ମସ୍ତିଷ୍କରେ ଏକ ଚିପ୍ ରହିବ। ଏହି ମେସିନ୍ ଏବଂ ଚିପ୍ ଦ୍ୱାରା ମଣିଷର ମାନସିକ ଓ ଶାରୀରିକ ଦକ୍ଷତା ବର୍ତ୍ତମାନ ଅପେକ୍ଷା ଢେର ଗୁଣ ବଢ଼ିଯିବ ବୋଲି ଆଶାପ୍ରକଟ କରିଛନ୍ତି ଏଲୋନ୍ ମସ୍କ। ଅନ୍ୟପକ୍ଷରେ ନ୍ୟୁରୋଲିଙ୍କରେ କାର୍ଯ୍ୟ କରୁଥିବା ବୈଜ୍ଞାନିକମାନେ ଏକ ହାଇଟେକ୍ ଚିପ୍ ପ୍ରସ୍ତୁତ କରିବାରେ ଲାଗିପଡିଛନ୍ତି। ଏହି ଚିପ୍ ମନୁଷ୍ୟ ମସ୍ତିଷ୍କର ସ୍ନାୟୁ ନେଟ୍‌ୱର୍କ ସହିତ ସିଧାସଳଖ ସଂଯୁକ୍ତ ହେବ। ଏହି ବ୍ରେନ୍ ଚିପ୍ ଟେକ୍ନୋଲୋଜି ଦୁନିଆର ସବୁଠାରୁ ବଡ ବିପ୍ଳବ ଆଣିବ ବୋଲି ଆଶା କରାଯାଉଛି। ଏହାଦ୍ୱାରା ଭିନ୍ନକ୍ଷମଙ୍କୁ ପୁନର୍ବାର ସକ୍ଷମ କରାଯାଇପାରିବ।

## ବ୍ରେକ୍‌ଫାଷ୍ଟ



ବ୍ରେକ୍‌ଫାଷ୍ଟ ବା ସକାଳ ଜଳଖିଆରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି, ଯାହା ଶରୀର ପାଇଁ ବେଶ୍ ଉପକାରୀ । ପ୍ରଥମ କଥା ହେଲା ପ୍ରତିଦିନ କେତେବେଳେ ବ୍ରେକ୍‌ଫାଷ୍ଟ କରିବେ ତାହା ନିର୍ଦ୍ଧାରଣ କରନ୍ତୁ। ସବୁବେଳେ ଯେମିତି ସେହି ସମୟରେ ବ୍ରେକ୍‌ଫାଷ୍ଟ କରିବେ, ସେଥିପ୍ରତି ଧ୍ୟାନ ଦିଅନ୍ତୁ। ବ୍ରେକ୍‌ଫାଷ୍ଟ ଖାଦ୍ୟ ତାଲିକାରେ ସବୁବେଳେ ହାଲୁକା ଖାଦ୍ୟ ସାମିଲ କରନ୍ତୁ। ସକାଳୁ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଠିକ୍ ସମୟରେ ବ୍ରେକ୍‌ଫାଷ୍ଟ ଖାଇବାକୁ ଭୁଲନ୍ତୁ ନାହିଁ। ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ଜୁସ୍ ପିଅନ୍ତୁ, କାରଣ ଏଥିରେ କ୍ୟାଲୋରି ଭରି ରହିଛି। ନିୟମିତ ବ୍ରେକ୍‌ଫାଷ୍ଟ ଖାଇଲେ ତାହା ଶରୀରକୁ ଫୁର୍ତ୍ତି ରଖିବା ସହ ମାନସିକତକାକୁ ସକାରାତ୍ମକ ରଖିଥାଏ। ଏହି ଖାଦ୍ୟ ତାଲିକାରେ ତେଲ ଜାତୀୟ ଖାଦ୍ୟ ଆଦୌ ସାମିଲ କରନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟ ହେଉଛି ଦିନର ପ୍ରଥମ ଖାଦ୍ୟ, ତେଣୁ ଏଥିରେ ଏପରି ଖାଦ୍ୟ ସାମିଲ କରନ୍ତୁ, ଯାହା ମନକୁ ଖୁସି ରଖିବା ସହ ମାନସିକତାକୁ ସୁସ୍ଥ ରଖିବାରେ ସହାୟକ ହେବ। ଯଦି ପ୍ରତିଦିନ ଆପଣ ବ୍ୟାୟାମ କରୁଛନ୍ତି ତେବେ କିଛି ସମୟ ପରେ ହିଁ ବ୍ରେକ୍‌ଫାଷ୍ଟ କରନ୍ତୁ। ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ଟଟକା ଫଳମୂଳ ଖାଆନ୍ତୁ। ଏହି ତାଲିକାରେ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଆଦୌ ସାମିଲ କରନ୍ତୁ ନାହିଁ।

## ଉପକାରୀ ଚିନାବାଦାମ

*ଚିନାବାଦାମ ଖାଇବାର ମଜା ଅଲଗା। ଏହା ଯେତିକି ସ୍ୱାଦିଷ୍ଟ ସେତିକି ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । ଜାଣନ୍ତୁ ସେ ସମ୍ପର୍କରେ...*



- ଚିନାବାଦାମ ନିୟମିତ ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ ଦୂର ହୋଇଥାଏ। ଏହା ହଜମ ଶକ୍ତି ବୃଦ୍ଧି କରିବା ସହ ଗ୍ୟାସ ଓ ଏସିଡିଟି ସମସ୍ୟାରୁ ମୁକ୍ତି ଦେଇଥାଏ। ଏହା ଦ୍ୱାରା ଫୁସ୍‌ଫୁସ୍ କ୍ୟାନସରର ଆଶଙ୍କା କମ୍ ହୋଇଥାଏ।
- ଏହାକୁ ନିୟମିତ ସେବନ କରିବା ଦ୍ୱାରା ଫୁସ୍‌ଫୁସ୍ ସୁସ୍ଥ ରହେ। ହଜମ ଶକ୍ତି ବୃଦ୍ଧି କରିଥାଏ। ଭୋକ ନ ହେବା ସମସ୍ୟା ଦୂର କରେ।
- ଏଥିରେ ପ୍ରଚୁର ପରିମାଣରେ ପ୍ରୋଟିନ୍ ଅଛି ଯାହାଦ୍ୱାରା ଶରୀରକୁ ଶକ୍ତି ମିଳେ।
- କୋଲେଷ୍ଟରଲ ମାତ୍ରାକୁ ନିୟନ୍ତ୍ରିତ କରିଥାଏ ଚିନାବାଦାମ। ଏହାକୁ ଖାଇବା ଦ୍ୱାରା ହୃଦ୍‌ରୋଗ ହେବାର ଆଶଙ୍କା କମ୍ ଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି।
- ମୁହଁରୁ ରିଙ୍କଲ୍ସ ଦୂର କରିବା ପାଇଁ ଚିନାବାଦାମ ତେଲ ମାଲିସ୍ କରନ୍ତୁ।
- ଏହାର ଉପର ଲାଲ ପରସ୍ତକୁ ଖାଆନ୍ତୁ ନାହିଁ। ଚିନାବାଦାମ ଖାଇବାର ଅଧଘଣ୍ଟା ପର୍ଯ୍ୟନ୍ତ ପାଣି ପିଅନ୍ତୁ ନାହିଁ।
- ଏହାକୁ ଆବଶ୍ୟକତାଠାରୁ ଅଧିକ ଖାଇବା ଦ୍ୱାରା ଓଜନ ବଢିବାର ଆଶଙ୍କା ରହିଛି। ଏଥିରେ ଥିବା ଲୋକ୍ଟିନ ଦ୍ୱାରା ଆର୍ଥ୍ରାଇଟିସ୍ ଭଳି ସମସ୍ୟା ଦେଖାଯାଏ।
- ଚିନାବାଦାମ ବେଶି ଖାଇବା ଦ୍ୱାରା ତ୍ୱଚା କୁଣ୍ଡାଇ ହେବା କିମ୍ବା ଆଲର୍ଜି ହେବାର ଆଶଙ୍କା ଅଛି।

## ମେଦ ବହୁଳତା ଓ ଭ୍ରାନ୍ତ ଧାରଣା

*ବର୍ତ୍ତମାନ ଅନେକଙ୍କର ମୋଟାପଣ ବା ମେଦବହୁଳତା ଚିନ୍ତାର କାରଣ ସାଜିଛି। ଏଥିରୁ ରକ୍ଷା ପାଇଁ ଅନେକ ବିଭିନ୍ନ ରାସ୍ତାକୁ ଆପଣାଉଛନ୍ତି । ତେବେ ଏହାକୁ ନେଇ ଯେଉଁ ଭ୍ରାନ୍ତଧାରଣା ରହିଛି ସେ ସମ୍ପର୍କରେ...*

ନିଜ ଲାଇଫ୍‌ଷ୍ଟାଇଲ୍‌ରେ ପରିବର୍ତ୍ତନ କିମ୍ବା ପ୍ରତିଦିନ ବ୍ୟାୟାମ ନ କରିବା ଦ୍ୱାରା ମେଦ ବହୁଳତା ବୃଦ୍ଧି ପାଉଛି ବୋଲି ଅନେକ ଭାବିଥାନ୍ତି। ହେଲେ ଏହା ସମ୍ପୂର୍ଣ୍ଣ ଭୁଲ୍ ଧାରଣା। ବରଂ ସବୁବେଳେ ଚିନ୍ତାରେ ରହିବା, ହର୍‌ମୋନ କ୍ଷରଣ ଠିକ୍ ଭାବେ ନ ହେବା, ପରିବେଶଜନିତ ସମସ୍ୟା ଆଦି ଯୋଗୁ ଓଜନ ବଢ଼ିବାର ଆଶଙ୍କା ରହିଛି। ଅନେକ ଭାବିଥାନ୍ତି କି ପତଳା ହୋଇଯିବା କିମ୍ବା ମୋଟାପଣ କମିଯିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ, ମାତ୍ର ଏପରି କିଛି ବି ହୋଇ ନ ଥାଏ। ବରଂ ଏହା ଦ୍ୱାରା ଶରୀରକୁ ଅନେକ ରୋଗ ମାଡ଼ିବସେ। ମାଂସପେଶୀଗୁଡ଼ିକ ଦୁର୍ବଳ ହୋଇ



ପଡ଼ିବା ସହ ମେଟାବୋଲିଜିମ୍‌ରେ ମଧ୍ୟ ଅନେକ ସମସ୍ୟା ଦେଖାଦିଏ। କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ମେଦ ବହୁଳତା ବଢୁଛି ଭାବିବା ଅନ୍ୟ ଏକ ଭ୍ରାନ୍ତଧାରଣା। ଯେଉଁ ପରିମାଣର ଖାଦ୍ୟ ଆମେ ଖାଉଛେ, ସେହି ଅନୁସାରେ ପରିଶ୍ରମ କଲେ ଆମ ଶରୀରରେ କ୍ୟାଲୋରି ମାତ୍ରା ସନ୍ତୁଳିତ ରହିବ। ମୋଟାପଣକୁ କମାଇବା ପାଇଁ ଅନେକ ଗୁଜବ ଶୁଣିବାକୁ ମିଳିଥାଏ। ଅନେକ ମଧ୍ୟ ଏହାକୁ ସତ ଭାବି ମେଦବହୁଳତା କମାଇବାକୁ ସେପରି ପ୍ରଣାଳୀକୁ ଅନୁସରଣ କରିଥାଆନ୍ତି। ମାତ୍ର ସେଗୁଡିକୁ ଆପଣେଇବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। କାରଣ ସେଗୁଡିକର ଓଲଟା ପ୍ରଭାବ ଶରୀର ଉପରେ ପଡିବାର ଆଶଙ୍କା ରହିଛି।

## ସ୍ୱାସ୍ଥ୍ୟ ସୂଚନା

- ଯେଉଁ ଋତୁ ହେଉ ନା କାହିଁକି ଖାଦ୍ୟପେୟ ପ୍ରତି ସବୁବେଳେ ସତର୍କ ରୁହନ୍ତୁ। ପ୍ରତିଦିନ ଏପରି ଖାଦ୍ୟ ଖାଆନ୍ତୁ ଯେପରି ତାହା ସହଜରେ ହଜମ ହୋଇପାରିବ।
- ରାତିରେ ଶୋଇବାକୁ ଯିବା ପୂର୍ବରୁ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। ଶୋଇବାକୁ ଯିବା ପୂର୍ବରୁ ଟିଭି, ମୋବାଇଲ୍ କିମ୍ବା ଲାପଟପ୍ ସଂସ୍ପର୍ଶରେ ନ ଆସିବା ଭଲ। କାରଣ ଏହାର ପ୍ରଭାବ ନିଦ୍ରା ଉପରେ ପଡିବାର ଆଶଙ୍କା ରହିଛି।
- ଅସ୍ଥି ଓ ମଜ୍ଜାକୁ ମଜ୍‌ଭୁତ କରିବାରେ ଭିଟାମିନ୍ ଡି'ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହାର ପ୍ରମୁଖ ଉତ୍ସ ହେଉଛି ସୂର୍ଯ୍ୟକିରଣ। ତେଣୁ ପ୍ରତିଦିନ କିଛି କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସନ୍ତୁ।



- ନିଜକୁ ସୁସ୍ଥ ତଥା ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ ଖାଦ୍ୟପେୟ ପ୍ରତି ନଜର ଦେବା ସହ ଦୈନନ୍ଦିନ ଜୀବନରେ ବ୍ୟାୟାମକୁ ସାମିଲ କରନ୍ତୁ।
- ଅନେକ ରୋଗର ବାହକ ବେଳେବେଳେ ପାଣି ହୋଇଥାଏ। ତେଣୁ ପାଣିକୁ ଫୁଟାଇ ପିଇବା ସ୍ୱାସ୍ଥ୍ୟ ପକ୍ଷେ ଲାଭଦାୟକ। ନ ହେଲେ ଜୀବାଣୁଗୁଡ଼ିକ ଶରୀର ମଧ୍ୟକୁ ଯାଇ ରୋଗ ସୃଷ୍ଟି କରିବାର ଆଶଙ୍କା ରହିଛି।
- ଯଦି କୌଣସି ରୋଗରେ ଆପଣ ଆକ୍ରାନ୍ତ ହେଉଛନ୍ତି, ତେବେ ତୁରନ୍ତ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ହେଲେ, ମନେରଖନ୍ତୁ ପରାମର୍ଶ ସମୟରେ ଡାକ୍ତରଙ୍କୁ ନିଜର ରୋଗ ଏବଂ ଅନ୍ୟ ସମସ୍ୟା ବିଷୟରେ ବିଶଦ ଭାବରେ ଅବଗତ କରନ୍ତୁ।

## ଆଣ୍ଟିବାୟୋଟିକ୍

ଆମେ ଅସୁସ୍ଥ ହେଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇଥାଉ। କେତେକ ରୋଗର ଉପଚାର ପାଇଁ ଆମକୁ ଆବଶ୍ୟକ ଔଷଧ ସହ ଆଣ୍ଟିବାୟୋଟିକ୍ ଖାଇବାକୁ ପଡିଥାଏ। ତେବେ ଏହାକୁ ଖାଇବା ପୂର୍ବରୁ ଆମେ କେତୋଟି ବିଷୟ ଜାଣିବା ନିହାତି ଦରକାର। ପ୍ରଥମ କଥା ହେଲା, କୌଣସି ରୋଗ ହୋଇଥିଲେ ଡାକ୍ତର ପ୍ରେସ୍‌କ୍ରିପସନ୍‌ରେ ଉଲ୍ଲେଖ କରିଥିବା ଔଷଧ ଖାଆନ୍ତୁ। ଯେଉଁ ଔଷଧକୁ ଯେତିକି ଦିନ ପର୍ଯ୍ୟନ୍ତ ଖାଇବାକୁ କହିଛନ୍ତି ତାହା ଅନୁସରଣ କରନ୍ତୁ। ମନକୁ ମନ କଦାପି କୌଣସି ଆଣ୍ଟିବାୟୋଟିକ୍ ଖାଆନ୍ତୁ ନାହିଁ। ଯଦି ଡାକ୍ତରଙ୍କ ପରାମର୍ଶ ଅନୁସାରେ ମେଡିସିନ ସହ ଆଣ୍ଟିବାୟୋଟିକ ଖାଉଛନ୍ତି ତେବେ ଔଷଧ ଖାଇବା ମନକୁ ମନ ବନ୍ଦ କରନ୍ତୁ ନାହିଁ। ଯଦି କୌଣସି ଆଣ୍ଟିବାୟୋଟିକ ଖାଇଲେ ଆପଣଙ୍କର ଆଲର୍ଜି ସମସ୍ୟା ସୃଷ୍ଟି ହେଉଛି ସେ ନେଇ ଡାକ୍ତରଙ୍କୁ ଜଣାଇବାକୁ ଭୁଲନ୍ତୁ ନାହିଁ। ଅନ୍ୟ କାହାର ପରାମର୍ଶରେ ଆଣ୍ଟିବାୟୋଟିକ ଖାଆନ୍ତୁ ନାହିଁ।



www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ବାଲେଶ୍ୱର, ସୋମବାର, ଫେବୃୟାରୀ ୧୪/୨୦୨୨ Balasore, Monday, February 14/ 2022


# ଲିଭିଂଷ୍ଟୋନ୍‌ଙ୍କୁ ୧୧.୫୦ କୋଟି


ଆଇପିଏଲ୍ ନିଲାମରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଟେବୁଲ୍।

**ବେଙ୍ଗାଲୁରୁ, ୧୩।୨ (ପି.ଟି.)**

## ଆଇପିଏଲ୍ ନିଲାମର ଦ୍ୱିତୀୟ ଦିବସ

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳାଳି ନିଲାମର ଦ୍ୱିତୀୟ ତଥା ଅନ୍ତିମ ଦିବସରେ ଇଂଲଣ୍ଡ ବ୍ୟାଟର ଲିଆମ୍ ଲିଭିଂଷ୍ଟୋନ୍ ସବୁଠାରୁ ଦାମୀ ଖେଳାଳି ବିବେଚିତ ହୋଇଛନ୍ତି। ପଞ୍ଜାବ କିଙ୍ଗ୍ସ ତାଙ୍କୁ ୧୧.୫୦ କୋଟି ଟଙ୍କା ବିନିମୟରେ କ୍ରୟ କରିଛି। ଏହି ଫ୍ରାଞ୍ଚାଇଜ୍ ଆହୁରି ମଧ୍ୟ ଓ୍ୱେଷ୍ଟଇଣ୍ଡିଜ ଫାଷ୍ଟ ବୋଲର ଓଡିନ୍ ସ୍ମିଥ୍‌ଙ୍କୁ ୬ କୋଟି ଟଙ୍କାରେ ନେଇଛି। ଭାରତର ଦ୍ୱିତୀୟ ପାହ୍ୟା ପେସ୍ ବୋଲର ଖଲିଲ ଅହମଦ ଓ ଚେତନ ସାକାରିୟା ଲୋଭନୀୟ ଦାମ୍‌ରେ ଯଥାକ୍ରମେ ୫.୨୪ କୋଟି ଏବଂ ୪.୨୦ କୋଟି ଟଙ୍କାରେ କିଣା ହୋଇଛନ୍ତି। ଅନ୍ୟ ଭାରତୀୟଙ୍କ ମଧ୍ୟରେ ଅଲରାଉଣ୍ଡର ଶିବମ ଦୁବେଙ୍କୁ ଚେନ୍ନାଇ ସୁପର କିଙ୍ଗ୍ସ ୪ କୋଟି ଟଙ୍କାରେ ନେଇଛି। ଏହି ଖେଳାଳି ଜଣକ ଭଲ ଛକା ମାରିପାରନ୍ତି। ଅନ୍ୟପକ୍ଷରେ ଗୁଜରାଟ ଟାଇଟାନ୍ସ ଅନ୍ୟ ଜଣେ ଆଉଟ ଅଫ୍ ଫେଭର ବହୁମୁଖୀ ପ୍ରତିଭା ଖେଳାଳି ବିଜୟ ଶଙ୍କରଙ୍କୁ ୧.୪କୋଟି ଟଙ୍କାରେ କ୍ରୟ କରିଛି। ସିଏସ୍‌କେ ଆହୁରି ମଧ୍ୟ ଶ୍ରୀଲଙ୍କାର ଜଣେ କମ୍ ଜଣାଶୁଣା ସ୍ପିନର ମହେଶ ଥିକ୍ସାନା (୭୦ଲକ୍ଷ ଟଙ୍କା)ଙ୍କୁ ନେଇଛି। ଗତବର୍ଷ ଜୁଲାଇରେ ଭାରତର ଶ୍ରୀଲଙ୍କା ଟୁର୍ ବେଳେ ଏହି ଖେଳାଳି ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଚେତେଶ୍ୱର ପୂଜାରା ଏଥର ଅଲୋଡ଼ା ରହିବେ ବୋଲି ପୂର୍ବରୁ ଆଶା କରାଯାଉଥିଲା, ତାହା ମଧ୍ୟ ଘଟିଲା। ଅନ୍ୟପକ୍ଷରେ ଅଜିଙ୍କ୍ୟ ରାହାନେଙ୍କୁ କୋଲକାତା ନାଇଟ ରାଇଡର୍ସ (କେକେଆର୍) ତାଙ୍କ ବେସ୍ ପ୍ରାଇସ୍ ୧ କୋଟି ଟଙ୍କାରେ କ୍ରୟ କରିଥିଲା। ରବିବାର ନିଲାମର ଅନ୍ତିମ ଦିବସ ପ୍ରଥମ ସେସନରେ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲେ ଲିଭିଂଷ୍ଟୋନ୍। ତାଙ୍କୁ ନେବା ଲାଗି ଏକକାଳୀନ ୫ଟି ଦଳ ଆଗ୍ରହ ପ୍ରକାଶ କରିଥିଲେ। ଲିଭିଂଷ୍ଟୋନ୍ ଗତବର୍ଷ ରାଜସ୍ଥାନ ରୟାଲ୍ସ ତରଫରୁ ଖେଳିଥିଲେ। ମାତ୍ର ସ୍ଲୋ ଟ୍ରାକ୍‌ରେ ତାଙ୍କ ପ୍ରଦର୍ଶନ ଭଲ ନ ଥିଲା। ମାତ୍ର ଫ୍ରାଞ୍ଚାଇଜ୍‌ଗୁଡ଼ିକରେ ସ୍ଥାନ ଉପଲବ୍ଧ ଥିବାରୁ (ଦଳ ପ୍ରତି ସର୍ବନିମ୍ନ ୧୮) ସେମାନେ ଏହି ଖେଳାଳିଙ୍କୁ ନେବାଲାଗି ଆଗ୍ରହ ପ୍ରକାଶ କରିଥିଲେ। ଦକ୍ଷିଣ ଆଫ୍ରିକା ପେସ୍ ବୋଲର


୧୧.୫୦ କୋଟିରେ ପଞ୍ଜାବ କିଙ୍ଗ୍ସ ଦଳରେ ସାମିଲ ହୋଇଥିବା ଲିଆମ୍ ଲିଭିଂଷ୍ଟୋନ୍।

ମାର୍କୋ ଜାନ୍ସେନ୍‌ଙ୍କୁ ୪.୨କୋଟି ଟଙ୍କାରେ କ୍ରୟ କରିଥିଲା ସନରାଇଜର୍ସ ହାଇଦ୍ରାବାଦ। ଗତ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରେ ଭାରତୀୟ ବ୍ୟାଟରଙ୍କୁ ଏହି ବୋଲର ଅଡୁଆରେ ପକାଇଥିଲେ। ସନରାଇଜର୍ସ ହାଇଦ୍ରାବାଦ ଓ ପଞ୍ଜାବ ପାଖରେ ଯଥାକ୍ରମେ ୨୦କୋଟି ଓ ୨୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମହଜୁଦ ରହିଥିବାରୁ ଏହି ଦୁଇ ଫ୍ରାଞ୍ଚାଇଜ୍ ମଧ୍ୟରେ ବିଡିଂ ଯୁଦ୍ଧ ଚାଲିଥିଲା। ପଞ୍ଜାବ କିଙ୍ଗ୍ସ ମୁଖ୍ୟ କୋଚ୍ ଅନିଲ କୁମ୍ବଲେ କହିଛନ୍ତି, ନିକଟରେ ଭାରତ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ପ୍ରଭାବୀ ପ୍ରଦର୍ଶନ ପାଇଁ ଓଡିନ୍ ସ୍ମିଥ୍‌ଙ୍କ ଦାମ୍ ବଢ଼ିଯାଇଥିଲା। ଉଚ୍ଚକୋଟୀର ପେସ୍ ବୋଲିଂ କରିବା ସହ ବ୍ୟାଟିଂ ବେଳେ ଲମ୍ବା ଶର୍ଟ ମଧ୍ୟ ଖେଳିଥିଲେ। ତେଣୁ ଓ୍ୱେଷ୍ଟଇଣ୍ଡିଜର ଏହି ଖେଳାଳିଙ୍କୁ ଜଣେ ଅଲରାଉଣ୍ଡର ହିସାବରେ ଦଳରେ ନିଆଯାଇଛି। ଅନ୍ୟପକ୍ଷରେ ୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ଅଧିନାୟକ ୟାଶ ଧୂଲଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ୫୦ ଲକ୍ଷ ଟଙ୍କାରେ କ୍ରୟ କରିଛି। ମୁମ୍ବାଇ ଇଣ୍ଡିଆନ୍ସ ଆଘାତପ୍ରାପ୍ତ ଇଂଲଣ୍ଡ ପେସ୍ ବୋଲର ଜୋଫ୍ରା ଆର୍ଚରଙ୍କୁ ୮ କୋଟି ଓ ସିଙ୍ଗାପୁର ଅନ୍ତର୍ଜାତୀୟ ଖେଳାଳି ଟିମ୍ ଡେଭିଡ୍‌ଙ୍କୁ ୮.୨୫ କୋଟି ଟଙ୍କାରେ କ୍ରୟ କରିଛି।


ଅରିଫ ଖାନ୍

# ଅରିଫ ଖାନ୍‌ଙ୍କୁ ୪୫ତମ ସ୍ଥାନ

## ଓ୍ୱିଣ୍ଟର ଅଲିମ୍ପିକ୍ସ

**ବେଜିଂ, ୧୩।୨ (ପି.ଟି.):** ଓ୍ୱିଣ୍ଟର ଅଲିମ୍ପିକ୍ସରେ ଭାଗ ନେଇଥିବା ଭାରତର ଏକମାତ୍ର ପ୍ରତିଯୋଗୀ ଆଲପିନ୍ ସ୍କିଅର ଅରିଫ ଖାନ୍ ଜିଆଣ୍ଟ ସ୍ଲାଲମ ଇଭେଣ୍ଟରେ ୪୫ତମ ସ୍ଥାନ ଅଧିକାର କରିଛନ୍ତି। ୟାଙ୍କିଙ୍ଗ୍ ନ୍ୟାଶନାଲ ଆଲ୍‌ପିନ୍ ସ୍କିଂ ସେଣ୍ଟରେ କଠିନ ପାଣିପାଗ ମଧ୍ୟରେ ଅନୁଷ୍ଠିତ ଏହି ଇଭେଣ୍ଟରେ ୩୧ ବର୍ଷୀୟ ଅରିଫ୍ ଦୁଇଟି ରେସ୍‌କୁ ମିଳିତଭାବେ ୨ ମିନିଟ୍ ୪୭ ସେକେଣ୍ଡରେ ଶେଷ କରିଥିଲେ। ଓ୍ୱିଣ୍ଟର ଅଲିମ୍ପିକ୍ସରେ ତାଙ୍କ ପଦାର୍ପଣରେ ଅରିଫ୍ ପ୍ରଥମ ରେସ୍‌କୁ ୧:୨୨.୩୫ ଟାଇମିଂରେ ଶେଷ କରିଥିଲେ। ରେସ୍ ଶେଷ କରିଥିବା ୫୪ ପ୍ରତିଯୋଗୀଙ୍କ ମଧ୍ୟରେ ସେ ୫୩ତମ ସ୍ଥାନ ଅଧିକାର କରିଥିଲେ। ୩୩ଜଣ ସ୍କିଅର ରେସ୍-୧ ଶେଷ କରିପାରି ନ ଥିବା ବେଳେ ଦୁଇଜଣ ଆରମ୍ଭ କରିପାରି ନ ଥିଲେ। ପ୍ରତିଯୋଗିତାରେ ୬୨ ଦେଶରୁ ମୋଟ ୮୯ ପ୍ରତିଯୋଗୀ ଭାଗ ନେଇଥିଲେ। ଦ୍ୱିତୀୟ ରେସ୍‌ରେ କିନ୍ତୁ ଅରିଫ୍‌ଙ୍କ ପ୍ରଦର୍ଶନ ଅପେକ୍ଷାକୃତ ଭଲ ରହିଥିଲା। ଏଥିରେ ସେ ୧:୨୪.୮୯ ଟାଇମିଂରେ ରେସ୍ ଶେଷ କରିଥିଲେ। ଖରାପ ପାଗ ଯୋଗୁ ଏହି ରେସ୍ ୪ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ଏଥିରେ ଭାରତୀୟ ପ୍ରତିଯୋଗୀ ରେସ୍ ଫିନିଶ କରିଥିବା ୪୫ ସ୍କିଅରଙ୍କ ମଧ୍ୟରେ ୪୪ତମ ସ୍ଥାନରେ ରହିଥିଲେ। ୯ଜଣ ସ୍କିଅର ରେସ୍ ଶେଷ କରିପାରି ନ ଥିଲେ। ମିଳିତ ସମୟ ଭିତ୍ତିରେ ସେ ଓଭର ଅଲ୍ ୪୫ତମ ସ୍ଥାନ ଅଧିକାର କରିଥିଲେ। ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ଜିତିଥିବା ସୁଇଜରଲାଣ୍ଡର ମାର୍କୋ ଓଡରମ୍ୟାଟ୍‌ଙ୍କ ମିଳିତ ସମୟଠାରୁ ସେ ୩୭.୮୯ ସେକେଣ୍ଡ ପଛରେ ରହିଥିଲେ। ଓଡରମ୍ୟାଟ୍‌ଙ୍କ ଟାଇମିଂ ୨:୦୯.୩୫ ରହିଥିଲା। ସ୍ଲୋଭେନିଆର ଜାନ୍ କ୍ରାନ୍‌ଜେକ୍ (୨:୦୯.୫୪) ଓ ଫ୍ରାନ୍ସର ମାଥ୍ୟୁ ଫେଭ୍ରେ (୨:୧୦.୬୯) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ଜିତିଥିଲେ।




# ମହାରାଷ୍ଟ୍ର ରଣଜୀ ଦଳରେ ଓସ୍ତ୍ୱାଲ, ଟାମ୍ବେ



କୌଶଲ ଟାମ୍ବେ ଓ ଭିକି ଓସ୍ତ୍ୱାଲ।

**ପୁଣେ,୧୩।୨ (ପି.ଟି.)**

ମର୍ଯ୍ୟାଦାପୂର୍ଣ୍ଣ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫି ପାଇଁ ରବିବାର ମହାରାଷ୍ଟ୍ର ଦଳ ଘୋଷଣା କରାଯାଇଛି। ଏଥିରେ ୧୯ ବର୍ଷରୁ କମ୍ ବିଶ୍ୱକପ ବିଜୟୀ ଭାରତୀୟ ଦଳର ଦୁଇଜଣ ସଦସ୍ୟଙ୍କୁ ନିଆଯାଇଛି। ସେମାନେ ହେଲେ ବାମହାତୀ ସ୍ପିନର ଭିକି ଓସ୍ତ୍ୱାଲ ଓ ଅଲରାଉଣ୍ଡର କୌଶଲ ଟାମ୍ବେ। ମହାରାଷ୍ଟ୍ର ସିନିୟର ସିଲେକ୍ସନ କମିଟି ଓସ୍ତ୍ୱାଲଙ୍କ ଉପରେ ଆସ୍ଥା ପ୍ରକଟ କରିଛି। କ୍ୟାରିବିୟନରେ ଅନୁଷ୍ଠିତ ୧୯ବର୍ଷରୁ କମ୍ ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟରେ ଏହି ଖେଳାଳି ଅନ୍ୟତମ ଶ୍ରେଷ୍ଠ ସଫଳ ବୋଲର ବିବେଚିତ ହୋଇଥିଲେ। ଅନ୍ୟପକ୍ଷରେ କୌଶଲ ଟାମ୍ବେ ଜଣେ ଅଫ୍ ସ୍ପିନର ଓ ଆକ୍ରମଣାତ୍ମକ ବ୍ୟାଟର, ଜଣେ ମ୍ୟାଚ ଫିନିଶର ମଧ୍ୟ। ଓସ୍ତ୍ୱାଲ ସୌନ୍ଦର୍ଯ୍ୟଭରା ହିଲ୍ ଷ୍ଟେଶନ ଲୋନାଭାଲାରୁ ଆସି ପୁଣେ ଉପକଣ୍ଠରେ ଅବସ୍ଥାନ କରୁଛନ୍ତି। ଜଣେ ସିନିୟର ପୋଲିସ ଅଫିସରଙ୍କ ପୁତ୍ର ଟାମ୍ବେ ହେଉଛନ୍ତି ପୁଣେ ବାସିନ୍ଦା। ମହାରାଷ୍ଟ୍ର ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍ ଜି'ରେ ସ୍ଥାନ ପାଇଛନ୍ତି। ଦଳ ଫେବୃୟାରୀ ୧୭ରୁ ଏହାର ଲିଗ୍ ମ୍ୟାଚଗୁଡ଼ିକ ହରିୟାଣାରେ ଖେଳିବ। ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ (ଏମ୍‌ସିଏ) କହିଛି ଋତୁରାଜ ଗାଏକ୍ୱାଡ ଓ୍ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ସିରିଜ ପାଇଁ ଭାରତୀୟ ଦଳ ନିମନ୍ତେ ମନୋନୀତ ହୋଇଥିବାରୁ ରଣଜୀ ଟ୍ରଫି ଲିଗ୍ ପର୍ଯ୍ୟାୟରେ ସେ ଉପଲବ୍ଧ ହେବେ ନାହିଁ।

# ବାଂଲାଦେଶ ବ୍ୟାଟିଂ କୋଚ୍ କୋଭିଡ୍ ପଜିଟିଭ

**ଢାକା, ୧୩।୨ (ପି.ଟି.):** ନବ ନିଯୁକ୍ତ ବାଂଲାଦେଶ ବ୍ୟାଟିଂ କୋଚ୍ ଜେମି ସିଡନ୍ସ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଛନ୍ତି। ଦେଶର କ୍ରିକେଟ ବୋର୍ଡ ବିସିବି ଏ ବିଷୟରେ ସୂଚନା ଦେଇଛି। ଚଳିତ ସପ୍ତାହ ପ୍ରାରମ୍ଭରେ ଦକ୍ଷିଣ ଆଫ୍ରିକାର ଆଶ୍ୱେଲ ପ୍ରିନ୍ସ ବ୍ୟାଟିଂ କୋଚ୍ ପଦରୁ ଓହରିଯିବାରୁ ତାଙ୍କ ସ୍ଥାନରେ ଅଷ୍ଟ୍ରେଲିଆର ୫୭ ବର୍ଷୀୟ ସିଡନ୍ସଙ୍କୁ ନିଯୁକ୍ତି ମିଳିଥିଲା। କୋଭିଡ୍ ପଜିଟିଭ ଚିହ୍ନଟ ହେବା ପରେ ବର୍ତ୍ତମାନ ତାଙ୍କୁ ଢାକାସ୍ଥିତ ଏକ ହୋଟେଲରେ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ତାଙ୍କ ପାଖରେ କରୋନାର ସାମାନ୍ୟ ଲକ୍ଷଣ ପ୍ରକାଶ ପାଇଥିଲା। ସିଡନ୍ସ ପୂର୍ବରୁ ୨୦୦୭ରୁ ୨୦୧୧ ପର୍ଯ୍ୟନ୍ତ ବାଂଲାଦେଶ ମୁଖ୍ୟ କୋଚ୍ ରହିଥିଲେ। ଦେଶରେ ପହଞ୍ଚିବା ପରେ ସେ ତାଙ୍କର ଅଧିକାଂଶ ସମୟ ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ୍) ମ୍ୟାଚ ଦେଖାରେ ଅତିବାହିତ କରୁଥିଲେ।

# କୁତାମଚଣ୍ଡୀ ଚାମ୍ପିୟନ

**କଣ୍ଟାପଡା, ୧୩।୨ (ଡି.ଏନ୍.ଏ.):** ନାରାୟଣୀ ୟୁଥ୍‌କ୍ଲବ ବାଇରୋଇ ପକ୍ଷରୁ ସ୍ଥାନୀୟ କେଳାପଡିଆରେ ଆୟୋଜିତ ୟୁନାଇଟେଡ୍ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ଫାଇନାଲ ମ୍ୟାଚରେ ଆୟୋଜକ ନାରାୟଣୀ ୟୁଥ୍ କ୍ଲବକୁ ୩୮ ରନରେ ହରାଇ କୁତାମଚଣ୍ଡୀ କ୍ରିକେଟ କ୍ଲବ ନିଆଁଳି ଚାମ୍ପିୟନ ହୋଇଛି। ଟସ ଜିତି କୁତାମଚଣ୍ଡୀ ବ୍ୟାଟିଂ କରି ଶୁଭେନ୍ଦୁ ପ୍ରଧାନଙ୍କ ୭୫ ଓ ଅନୀଲ ମହାପାତ୍ରଙ୍କ ୬୩ ରନ ବଳରେ ୨୦ ଓଭରରେ ୮ ଉଇକେଟ ହରାଇ ୨୧୮ ରନ ସଂଗ୍ରହ କରିଥିଲା। ବିପକ୍ଷ ଦଳର ସନ୍ତୋଷ ଓ ବଚନ ୩ ଉଇକେଟ ଲୋଖାଏଁ ନେଇଥିଲେ। ଜବାବରେ ଆୟୋଜକ ନାରାୟଣୀ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୭୯ ରନ କରିଥିଲା। ଦଳପକ୍ଷରୁ ସୌରଭ ଦାସ ୮୦ ଓ ସତ୍ୟଜିତ ସାହୁ ୨୭ ରନ କରିଥିଲେ। ବିପକ୍ଷ ଦଳର ଅସୀମା ନନ୍ଦ ୨ ଓ ସି. କାନୁନଗୋ ୩ ଉଇକେଟ ନେଇଥିଲେ। ଡାକ୍ତର ନରେନ୍ଦ୍ର ବେହେରା ମୁଖ୍ୟଅତିଥିଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫିସହ ବିଜୟୀ ଦଳକୁ ୨୦,୦୦୦ ଓ ରନର୍ସଅପ ଦଳକୁ ଟ୍ରଫି ସହ ୧୫,୦୦୦ ଟଙ୍କା ପ୍ରଦନ କରିଥିଲେ। ଶୁଭେନ୍ଦୁ ପ୍ରଧାନଙ୍କୁ ମ୍ୟାନ ଅଫ୍ ଦି ଫାଇନାଲ ପୁରସ୍କାର ପ୍ରଦାନ କରାଯାଇଥିଲା।




# ସୁପର ଓଭରରେ ଜିତିଲା ଅଷ୍ଟ୍ରେଲିଆ


ଉଇକେଟ ହାସଲ ପରେ ସାଥୀ ଖେଳାଳିଙ୍କ ସହ ଖୁସି ମୁହୂର୍ତ୍ତରେ ଜୋସ୍ ହାଜ୍‌ଲେଉଡ୍।

**ସିଡ୍‌ନୀ, ୧୩।୨**

ସ୍ଥାନୀୟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ରବିବାର ଖେଳାଯାଇଥିବା ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆ ସୁପର ଓଭରରେ ଜିତିଛି। ଏହି ମ୍ୟାଚରେ ଟସ୍ ଜିତିବା ପରେ ଶ୍ରୀଲଙ୍କା ବୋଲିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ଓଭରରେ ୬ଉଇକେଟ ହରାଇ ୧୬୪ ରନ କରିଥିଲା। ଦଳ ପକ୍ଷରୁ ଟପ୍ ସ୍କୋରର ଜୋସ୍ ଇଂଲିଶ ୪୮ (୩୨ବଲ୍, ୫ ଚୌକା) ଏବଂ ଅଧିନାୟକ ଆରୋନା ଫିଞ୍ଚ୍ ୨୫ରନ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ଦୁଷ୍ମନ୍ତ ଚାମିରା ଓ ୱାନିନ୍ଦୁ ହସରଙ୍ଗା ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଶ୍ରୀଲଙ୍କା ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ବିନିମୟରେ ସମାନ ୧୬୪ ରନ କରିବାରୁ ମ୍ୟାଚ ଟାଇ ରହିଥିଲା। ଦଳ ପକ୍ଷରୁ ଓପନର ପାଥୁମ ନିଶଙ୍କା ସର୍ବାଧିକ ୭୩ରନ (୫୩ବଲ୍, ୭ଚୌକା ଓ ୨ଛକା) ଓ ଅଧିନାୟକ ଦାସୁନ ଶାନକା ୩୪ ରନ କରିଥିଲେ। ଅଷ୍ଟ୍ରେଲିଆର ସଫଳ ବୋଲର ଜୋସ୍ ହାଜ୍‌ଲେଉଡ୍ ୨୨ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ଏହି ବିଜୟ ଦ୍ୱାରା ଅଷ୍ଟ୍ରେଲିଆ ୫ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜରେ ୨-୦ରେ ଅଗ୍ରଣୀ ଲାଭ କରିଛି। ଦୁଇ ଦଳ ମଧ୍ୟରେ ତୃତୀୟ ଟି୨୦ ମଙ୍ଗଳବାର କାନବେରାସ୍ଥିତ ମାନୁକା ଓଭାଲଠାରେ ଖେଳାଯିବ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ